# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଏକବିଂଶତମ ବର୍ଷ ସଂଖ୍ୟା-୨୬୪ Vol. 21 No-264 23 DECEMBER 2024 MONDAY BHUBANESWAR

ସୋମବାର, ୨୩ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୋଦୀଙ୍କୁ ମିଳିଲା

# କୁଏତର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ, ୨୨।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ବେସାମରିକ ସମ୍ମାନ। ଦୁଇଦିନିଆ କୁଏତ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ରବିବାର କୁଏତର ସର୍ବୋଚ୍ଚ ବେସାମରିକ ସମ୍ମାନ ଅର୍ଡର ଅଫ୍ ମୁବାରକ ଅଲ କବୀର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ବନ୍ଧୁତାର ପ୍ରତୀକ ଭାବେ କୌଣସି ରାଷ୍ଟ୍ରର ମୁଖ୍ୟ କିମ୍ବା ବିଦେଶର ରାଜ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଇଥାଏ। କୌଣସି ଦେଶଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଏହା ହେଉଛି ୨୦ତମ ଅନ୍ତର୍ଜାତୀୟ ସମ୍ମାନ। ଏଥିପୂର୍ବରୁ ବିଲ୍ କ୍ଲିଣ୍ଟନ, ପ୍ରିନ୍ସ ଚାର୍ଲ୍ସ ଓ ଜର୍ଜ ବୁଶଙ୍କ ଭଳି ବ୍ୟକ୍ତିବିଶେଷ କୁଏତର ଏହି ସର୍ବୋଚ୍ଚ ସମ୍ମାନ ପାଇ ସାରିଛନ୍ତି। କୁଏତ ଗସ୍ତର ଦ୍ୱିତୀୟ ଦିନରେ ମୋଦୀ ଏହି ସମ୍ମାନ ଗ୍ରହଣ କରିବା ପରେ ତାଙ୍କୁ ବୟାନ ପ୍ୟାଲେସ୍‌ଠାରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଗାର୍ଡ ଅଫ୍ ଅନର ପ୍ରଦାନ ସମୟରେ କୁଏତ ଅମୀର ● ପୃଷ୍ଠା ୫ ଦେଖନ୍ତୁ

## ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକ

# ମୁଖ୍ୟମନ୍ତ୍ରୀ ରଖିଲେ ୯ ଦାବି



ଭୁବନେଶ୍ୱର, ୨୨।୧୨ (ଭାସ୍କର ନ୍ୟୁଜ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୯ଟି ଦାବି ରଖିଥିବା ସୂଚନା ମିଳିଛି। ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ପାଇଁ ପ୍ରସ୍ତାବ ଦେଇଛି। ସେହିପରି ପୁଞ୍ଜିନିବେଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା, ସହରୀକରଣ ପାଇଁ ମାଷ୍ଟର ପ୍ଲାନ୍ ସହାୟତା, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାପାଇଁ ପ୍ରସ୍ତାବ ଦେଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଗୋପାଳପୁରରେ ସ୍ୱତନ୍ତ୍ର ଅର୍ଥନୈତିକ କରିଡର ● ପୃଷ୍ଠା ୫ ଦେଖନ୍ତୁ

## ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୨୨।୧୨ (ଭାସ୍କର ନ୍ୟୁଜ): ବିଜେଡିର ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୦ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ହେବ ସେ ହୃଦରୋଗରେ ପୀଡ଼ିତ ହୋଇ ଅସୁସ୍ଥ ରହିବା ସହ ଚିକିତ୍ସିତ ହେଉଥିଲେ। ତାଙ୍କ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ● ପୃଷ୍ଠା ୫ ଦେଖନ୍ତୁ









ରଘୁନାଥପୁର (ଭାସ୍କର ନ୍ୟୁଜ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାରାଦ୍ୱୀପ ଠାରେ ପ୍ଲାଷ୍ଟିକ ପାର୍କ ଉଦ୍‌ଘାଟନ କରିବାପାଇଁ ଆସନ୍ତାକାଲି ପାରାଦ୍ୱୀପ ଗସ୍ତ କାର୍ଯ୍ୟକ୍ରମ ରହିଛି । ସେ ରଘୁନାଥପୁର ଅଞ୍ଚଳ ଦେଇ ଗସ୍ତକରୁଥିବାର ସୂଚନା ପାଇବା ମାତ୍ରେ ରଘୁନାଥପୁର ବିଜେପିରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ରଘୁନାଥପୁର ଠାରେ କିପରି ବିପୁଳ ସମ୍ବର୍ଦ୍ଧନା ଦିଆଯାଇପାରିବ ସେଥିପାଇଁ ଭାରତୀୟ ଜନତାପାଟିର ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ତଥା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ଆହ୍ୱାନ କ୍ରମେ ରଘୁନାଥପୁର ବ୍ଲକ ସ୍ଥାନୀୟ ମଦନ ମୋହନ ମଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିରିଡି ବ୍ଲକର ସମସ୍ତ ମଣ୍ଡଳ ସଭାପତି ଓ କାର୍ଯ୍ୟକାରୀ ସଦସ୍ୟ ଯୋଗଦେବା ସହ ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଜେନା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଶୋକ ମହାରଣା, ବିଜେପି ଯୁବନେତା ସରୋଜ କାନ୍ତ ସ୍ୱାଇଁ, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ, ଯୁବନେତା ପ୍ରଭଞ୍ଜନ ମଲ୍ଲିକ, ଜଗନ୍ନାଥ ସ୍ୱାଇଁ, ବଳରାମ ଦଳାଇ, ଶିବ ପ୍ରସାଦ ଜେନା, ସ୍ୱରାଜ ସାମଲ, ସରୋଜ ଦାସ, ଶେଷଦେବ ସେଠୀ, ସୁଶାନ୍ତ ମହାନ୍ତି, ଲୁଭେନ୍ଦ୍ର ମିଶ୍ର, ସର୍ବେଶ୍ୱର ସ୍ୱାଇଁ, ଗଣେଶ୍ୱର ସାହୁ, ସମେତ ଶତାଧିକ କର୍ମୀ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସମ୍ବର୍ଦ୍ଧନାରେ ଯେପରି କିଛି ତ୍ରୁଟି ନରୁହେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ମିଲରଙ୍କ ମନ୍‌ମାନୀକୁ ବିରୋଧ

## ■ ଆନ୍ଦୋଳନ ପାଇଁ ଚାଷୀଙ୍କ ଚେତାବନୀ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): କଟନି ଛଟନିକୁ ନେଇ ମିଲରଙ୍କ ମନମୁଖୀ କାର୍ଯ୍ୟକୁ ମଣ୍ଡିର ଚାଷୀମାନେ ବିରୋଧ କରିଛନ୍ତି । କୁଇଣ୍ଟାଲ ପ୍ରତି ୫କେଜି କାଟିବାକୁ ଚାଷୀ ରାଜି ହୋଇଥିବା ବେଳେ ମିଲର୍ ୭କେଜି କାଟିବାକୁ ଜିଦ୍ କରିଛନ୍ତି । ମଣ୍ଡିକୁ ଆଣିଥିବା ଗାଡ଼ିକୁ ମିଲର ଫେରାଇ ନେବା ବେଳେ ଚାଷୀମାନେ ଗେଟ୍‌ରେ ତାଲା ପକାଇ ଗାଡ଼ି ଅଟକ ରଖିବା ସହ ପ୍ରଶାସନିକ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ତୁରନ୍ତ ସମାଧାନ ନହେଲେ ରାସ୍ତା ଉପରେ ଧାନରଖି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏଭଳି ଦେଖିବାକୁ ମିଳିଛି କାଲିମେଳା ଓ ତେଲରାଇ ମଣ୍ଡିରେ । ଉଭୟ ମଣ୍ଡିକୁ ଗତ ମଙ୍ଗଳବାର ଆରମ୍ଭ କରାଯାଇଥିଲା । ଶିରିଡ଼ି ସାଇ ଏସଏଚଜି, ମାଳତୀ ଏସଏଚଜି କୁ ଉଭୟ ମଣ୍ଡିରୁ ୧୫ଶହ କୁଇଣ୍ଟାଲ ଲେଖାଏଁ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି ଓ ପ୍ରଥମଦିନରେ ତେଲରାଇ, କାଲିମେଳା ପଞ୍ଚାୟତର ଟୋକନପ୍ରାପ୍ତ ଚାଷୀମାନେ ଧାନଆଣି ଗଦା କରିଥିଲେ । ମିଲର୍ ଟ୍ୟାଗ୍ ହୋଇ ନଥିବାରୁ ଧାନ ଉଠି ନଥିଲା । ଶୁକ୍ରବାର କିଛି ମିଲର ଧାନ ଉଠାଇବା ପାଇଁ ମଣ୍ଡିକୁ ଆସିଥିଲେ । କିନ୍ତୁ କୁଇଣ୍ଟାଲକୁ ୭କେଜି କଟାଯିବ ବୋଲି କହିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ । ସରପଞ୍ଚ ପୃଥ୍ୱୀରାଜ ମାଝୀ ହସ୍ତକ୍ଷେପ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା । ଚାଷୀ ସଭାପତି ମନିମୋହନ ମଣ୍ଡଳ କହିଛନ୍ତି, ଅଞ୍ଚଳର ଏଫଏକ୍ୟୁ ଧାନ କାହା ପାଖରେ ନାହିଁ । ଆମେ କୁଇଣ୍ଟାଲକୁ ୫ କେଜି କାଟି ଦେବାକୁ ରାଜି ହୋଇଥିଲେ ମଧ୍ୟ ମିଲର ୭କେଜି କଟ୍‌ନି ପାଇଁ ଜିଦ୍ ଧରିଛି । ଆଜି ମିଲରଙ୍କ ଟ୍ରକ୍ ଛଡ଼ାଯାଇ ନାହିଁ । ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ସମାଧାନ ନକଲେ ରାସ୍ତାରେ ଧାନ ଗଦାକରି ଅବରୋଧ କରାଯିବ ବୋଲି କହିଛନ୍ତି । ମଣ୍ଡିରେ ଆୟୋଜିତ ବୈଠକରେ ବିଜେପି ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ପୂର୍ବତନ ବିଜେପି ଜିଲ୍ଲା ପରିଷଦ ଉତ୍ତମ ରାୟ, କର୍ମୀ ଇ.ଭେଙ୍କେଟଶ୍ୱର ରାଓ, ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଡି, ତେଲେରାଇ ସରପଞ୍ଚ ମୁତା ସୋଡି, ଦେବା ମାଡକାମୀ, ଜଗଦୀଶ ମଣ୍ଡଳ, ଈଶ୍ୱର ମାଡକାମୀ, ସୁକୁମାର ମଜୁମଦାର, ବିମଳ ଦୋଦାର, ଭବେନ ବାଛଡ଼, ଶୁକଦେବ ମାଡକାମୀ, ରାଜେନ୍ଦ୍ର ପଡିଆମୀ, କୁମାର ଲଛମାୟା, ନାଗୁଲୁ ରାବଣା, ବି ସରସ୍ୱତୀ, ଏସ ମନ୍ମଥ ରାଓ, ହରିଚାନ୍ଦ ସର୍ଦ୍ଦାରଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ । ଏନେଇ ଯୋଗାଣ ଅଧିକାରୀ ଚିନ୍ମୟ ସାହୁଙ୍କୁ ପଚାରିବାରୁ ସେଭଳି କୌଣସି ଅଭିଯୋଗ ତାଙ୍କ ନିକଟରେ ନାହିଁ । ମିଲର ଟ୍ୟାଗ୍ ହୋଇ ନଥିବାରୁ ଧାନ ଉଠିବାରେ ବିଳମ୍ବ ହୋଇଛି । ଦିନେ ୨ଦିନ ମଧ୍ୟରେ ଧାନ ଉଠିଯିବ ବୋଲି କହିଛନ୍ତି ।

# ଅଧ୍ୟାପକଙ୍କ ପିଏଚ୍‌ଡି ଲାଭ

ଆଳି (ଭାସ୍କର ନ୍ୟୁଜ୍): ଜୀବନରେ ସଂପର୍କ ହେବାପାଇଁ କୌଣସି ସଂକ୍ଷିପ୍ତ ପଥ କିମ୍ବା କୌଣସି ବିକଳ୍ପ ନାହିଁ କେବଳ କଠୋର ପରିଶ୍ରମ ଓ ଅଧ୍ୟବସାୟ ହିଁ ଜଣଙ୍କୁ ଶିଖର ସୋପାନରେ ପହଞ୍ଚାଇ ପାରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଅଧ୍ୟାପକ ଡଃ ସତ୍ୟବ୍ରତ ମଲ୍ଲିକ୍ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ର ବାହାର ସୁବଳା ଗ୍ରାମର ବାସିନ୍ଦା କ୍ଷୀରୋଦ ମଲ୍ଲିକ ଓ ପ୍ରମିଳା ମଲ୍ଲିକଙ୍କ ମଧ୍ୟମ ପୁତ୍ର ଡଃ ସତ୍ୟବ୍ରତ ମଲ୍ଲିକ ନାନା ବାଧାବିଘ୍ନରେ ସମ୍ମୁଖୀନ ହୋଇ ମଧ୍ୟ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଅନ୍ୟତମ 'ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ' ରୁ ଇଂରାଜୀରେ ଡକ୍ଟରେଟ ଉପାଧିରେ ସମ୍ମାନିତ ହୋଇ ସାରା ଓଡ଼ିଶା ଓ ବିଶେଷ କରି କେନ୍ଦ୍ରାପଡ଼ା ବାସୀଙ୍କୁ ଗୌରବନିତ୍ୱ କରିଛନ୍ତି । ମାର୍ଶାଘାଇ କଲେଜରୁ ସ୍ନାତକ ଡିଗ୍ରୀ ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ




ରୁ ଏମ୍.ଏ ଡିଗ୍ରୀ ହାସଲ କଲାପରେ ୨୦୧୭ ମସିହାରେ ନେସନାଲ ଏଲିଜିବିଲିଟୀ ଟେଷ୍ଟ ଏବଂ ୨୦୧୮ ମସିହାରେ 'ଭାଏଭା' ଟେଷ୍ଟ ରେ ଉତ୍ତୀର୍ଣ୍ଣ ହୋଇ ପ୍ରଫେସର ବିନ୍ଦୁ ସିଂ ଙ୍କ ତତ୍ତ୍ୱାବଧାନରେ 'ଫ୍ଲୋରା ଆଣ୍ଡ ଫନା ଇନ୍ ଦି ସିଲେକ୍ଟେଡ ୱାର୍କ ଅଫ ରସକିନ୍ ବଣ୍ଡ' ବିଷୟରେ ଗବେଷଣା କରି ୧୪ ଡିସେମ୍ବର ୨୦୨୪ ରେ ବିଶ୍ୱବିଦ୍ୟାଳୟ ର ୧୦୪ ତମ ଦିକ୍ଷାନ୍ତ ସମାହାରରେ ଡକ୍ଟରେଟ୍ ଉପାଧି ଗ୍ରହଣ କରିଛନ୍ତି । ରସକିନ୍ ବଣ୍ଡଙ୍କ ଦ୍ୱାରା ରଚିତ ହିମାଳୟର ଗଡୱାଲ୍ ଅଧିବାସୀଙ୍କ ଜୀବନ ଶୈଳୀ, ସେଠାକାର ଜୈବିକ ବିବିଧତା, ବିଭିନ୍ନ ପ୍ରକାର ପକ୍ଷୀ,ପଶୁ ଓ ପତଙ୍ଗଙ୍କର ମନମୁଗ୍ଧକର ପରିବେଶ, ବିଭିନ୍ନ ପ୍ରକାର ଔଷଧୀୟ ଗୁଣକାରୀ ଗୁଳ୍ମ ଓ ହିନ୍ଦୁ ଧର୍ମାଳମ୍ବୀଙ୍କ ର ଲୁକାୟିତ ଧର୍ମସ୍ଥଳୀ ପ୍ରଭୃତି ବିଷୟରେ ଇଂରାଜୀ ଭାଷାରେ ଉଚ୍ଚକୋଟୀର ରିସର୍ଚ୍ଚ କରି ସେ ଏହି ପଦବୀରେ ଅଳଙ୍କୃତ ହୋଇଛନ୍ତି । ସେ ଏହି ଶ୍ରେୟ ନିଜ ପିତା ମାତା କ୍ଷୀରୋଦ ମଲ୍ଲିକ ଏବଂ ପ୍ରମିଳା ମଲ୍ଲିକ, ଭାଇ ପବିତ୍ର ମଲ୍ଲିକ ଦାସଙ୍କୁ ଉତ୍ସର୍ଗ କରିଛନ୍ତି । ବର୍ତ୍ତମାନ ଡଃ ସତ୍ୟବ୍ରତ ମଲ୍ଲିକ ମାର୍ଶାଘାଇ କଲେଜ ରେ ଅଧ୍ୟାପକ ଅଛନ୍ତି ।

# ଏମ୍‌ଭି ଭିଲେଜ୍‌ଗୁଡିକୁ ମିଳିବ ନୂଆଁ ନାଁ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଦୀର୍ଘ ୬୦ ବର୍ଷ ପରେ ନୂଆ ପରିଚୟ ପାଇବ ମାଲକାନଗିରି ଜିଲ୍ଲାର ଏମ୍ ଭି ଗାଁ ଗୁଡିକ । ଆଉ ନମ୍ବର ନୁହେଁ, ନାଁରେ ଗାଁକୁ ଚିହ୍ନଟ କରିବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା ।

## ସରକାର ପୂରଣ କରିବେ ନିର୍ବାଚନୀ ପ୍ରତିଶ୍ରୁତି







ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହ ପ୍ରଶାସନ ଆଲୋଚନା କରୁଛି । ଲୋକଙ୍କ ମତ ଅନୁସାରେ ନାଁ ଦେବାକୁ ସରକାରଙ୍କୁ ସୁପାରିସ କରାଯିବ ବୋଲି ସୂଚନା ମିଳିଛି । ଗୃହଯୁଦ୍ଧ ଯୋଗୁଁ ବାଂଲାଦେଶରୁ ବିସ୍ଥାପିତ ହୋଇଥିଲେ ଲକ୍ଷ ଲକ୍ଷ ପରିବାର । ସେହି ପରିବାରଙ୍କୁ ତତ୍କାଳୀନ କେନ୍ଦ୍ର ସରକାର ଭାରତରେ ଶରଣ ଦେଇଥିଲେ । ଏହିକ୍ରମରେ ମାଲକାନଗିରି ଜିଲ୍ଲାରେ ହଜାର ହଜାର ପରିବାର ଥଇଥାନ ହୋଇଥିଲେ । ଜମି ଯୋଗାଇ ଦେଇ ବସତି ସ୍ଥାପନ କରିବା ପରେ ଗାଁକୁ ନାଁ ବଦଳରେ ନମ୍ବର ଦେଇଥିଲେ ସରକାର ତେଣୁ ଗାଁଗୁଡ଼ିକୁ ମାଲକାନଗିରି ଭିଲେଜ୍ (ଏମ୍‌ଭି) ଏବଂ ମାଲକାନଗିରି ପୋଟେରୁ ଭିଲେଜ୍ (ଏମ୍‌ପିଭି) ବୋଲି କୁହାଗଲା । ପ୍ରତ୍ୟେକ ଗାଁକୁ ଗୋଟିଏ ଗୋଟିଏ ନମ୍ବର ମିଳିଲା । ବର୍ତ୍ତମାନ ଜିଲ୍ଲାରେ ୨୧୪ଟି ଏମ୍‌ଭି ଗ୍ରାମ ରହିଛି । ନମ୍ବର ବଦଳରେ ନାଁ ଦେବାକୁ ଗ୍ରାମବାସୀ ବହୁ ବର୍ଷ ହେଲା ଦାବି କରିଆସୁଥିଲେ । ଗାଁର ନାଁ ପାଇଁ ଲୋକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ରହିଥିଲା । ଯାହାକୁ ଗତ ନିର୍ବାଚନରେ ପ୍ରମୁଖ ପ୍ରସଙ୍ଗ କରିଥିଲା ବିଜେପିର ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ ସହ କେନ୍ଦ୍ର ମନ୍ତ୍ରୀ ଏବଂ ଜାତୀୟସ୍ତରର ନେତା ଲୋକଙ୍କ ଦାବିକୁ ସମ୍ମାନ ମିଳିବା ଗାଁକୁ ନୂଆ ନାଁ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏପରିକି ଅନେକ ଗାଁକୁ ରାଜସ୍ୱ ମାନ୍ୟତା ଦିଆଯିବ ବୋଲି କହିଥିଲେ । ବିଜେପି ସରକାରକୁ ଆସିବା ପରେ ମାଲକାନଗିରି ଜିଲ୍ଲାକୁ ଦୁଇଥର ଗସ୍ତ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପ-ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀ ଦାବି ପୂରଣ ହେବ ବୋଲି କହିଥିଲେ । ତେଣୁ ନିର୍ବାଚନର ୬ମାସ ପରେ ଏ ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି । କେଉଁ ଗାଁର କ'ଣ ନାଁ ରହିବ ସେଥିପାଇଁ ପ୍ରଶାସନ ସିଧାସଳଖ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛି । ଯେମିତି ଏମ୍‌ଭି-୧ ଗାଁକୁ ଗୌରାଙ୍ଗପୁର, ଏମ୍‌ଭି-୨ ଗାଁକୁ ମାଧବପୁର, ଏମ୍‌ଭି-୩ ଗାଁକୁ ଠାକୁରପାଲୀ, ଏମ୍‌ଭି- ୪ ଗାଁକୁ ଶ୍ୟାମପୁର, ଏମ୍‌ଭି-୫ ଗାଁକୁ ଜଗତପାଲୀ, ଏମ୍‌ଭି-୬ ଗାଁକୁ ରାମଗୁଡା, ଏମ୍‌ଭି-୭ ଗାଁକୁ ଜଗନ୍ନାଥପାଲୀ, ଏମ୍‌ଭି-୮ ଗାଁକୁ ରବୀନ୍ଦ୍ରନଗର, ଏମ୍‌ଭି-୯ ଗାଁକୁ ବିବେକାନନ୍ଦପାଲୀ, ଏମ୍‌ଭି-୧୦ ଗାଁକୁ କଲ୍ୟାଣପୁର ବୋଲି ନାଁ ଦେବାକୁ ଆଲୋଚନା ହୋଇଛି । ସେହିପରି ଏମ୍‌ପିଭି-୧୦ ଗାଁକୁ ଦୁର୍ଗାପୁର, ଏମ୍ ?ପିଭି- ୧୨ ଗାଁକୁ ଅଶୋକନଗର, ଏମ୍ ?ପିଭି-୧୪ ଗାଁକୁ ଭୋଳାନାଥପୁର, ଏମ୍ ?ପିଭି-୨୦କୁ ସତ୍ୟନଗର, ଏମ୍ ?ପିଭି-୨୭କୁ ଗୌରୀପୁର ବୋଲି ନାଁ ଦିଆଯିବ ବୋଲି ଜଣାପଡ଼ିଛି । ଏହାବ୍ୟତୀତ ଅନେକ ଗାଁକୁ ରାଜସ୍ୱ ଗାଁର ମାନ୍ୟତା ମିଳିବ । ପ୍ରଶାସନ ତରଫରୁ ସର୍ଭେ ଚାଲିଛି । ସ୍ଥାନୀୟ ବଙ୍ଗୀୟ ସମାଜ ମଧ୍ୟ ନାମକରଣରେ ସହଯୋଗ ନିମନ୍ତେ ତାଲିକା ପ୍ରସ୍ତୁତ କରୁଛି । ସରକାରୀ ଅନୁମୋଦନ ପରେ ସମସ୍ତ ରେକର୍ଡରେ ନୂଆ ନାଁ ଉଲ୍ଲେଖ କରାଯିବ। ସେହିପରି ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଅନୁସାରେ ବିଦ୍ୟାଳୟରେ ବଙ୍ଗୀୟ ଭାଷା ଶିକ୍ଷକଙ୍କ ନିଯୁକ୍ତିକୁ ମଧ୍ୟ ସରକାର ସବୁଜ ସଂକେତ ଦେଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀଙ୍କୁ ପେନ୍‌ସିଲ୍ ସ୍କେଚ୍ ଉପହାରଦେଲେ ସାମ୍ବାଦିକ

କୋରାପୁଟ(ଭାସ୍କର ନ୍ୟୁଜ୍): ଶେଷ ହୋଇଛି କୋରାପୁଟରେ ପାଞ୍ଚଦିନ ଧରି ଚାଲିଥିବା ଜାତୀୟ ସ୍ତରୀୟ ଆଦିବାସୀ ମହୋତ୍ସବ ପରବ । ପରବ ୨୦୨୪ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା । ଏହି ଅବସରରେରେ କୋରାପୁଟର ସାମ୍ବାଦିକ ସୌମ୍ୟ ରଞ୍ଜନ ସାହୁ, ତ୍ରିଲୋଚନ ମହାରଣା ଓ ସି ଏଚ ଭଗବତୀ ଆଚାରୀ ଉପ ମୁଖ୍ୟମନ୍ତ୍ରୀଙ୍କ ଏକ ପେନସିଲ ତିଆରି ସ୍କେଚ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପେନସିଲ ତିଆରି ସ୍କେଚକୁ ଦେଖି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ । କୋରାପୁଟ ଜିଲ୍ଲା ହେଉଛି ସୌନ୍ଦର୍ଯ୍ୟର ଗନ୍ତାଘର । ଏଠାରେ ଭରି ରହିଛି ବଣ ପାହାଡ଼ ଘେରା ସୁନ୍ଦର ସବୁଜିମା ସାଙ୍ଗକୁ ମନଲୋଭା ଦୃଶ୍ୟ । କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପରବ ୨୦୨୪ର ଉଦଘାଟନ ଉତ୍ସବରେ ଯୋଗଦେଇ ୮୦ କୋଟି ଟଙ୍କାର ରାଶି ଘୋଷଣା କରିଥିଲେ । ଉଦଯାପନି ଉତ୍ସବରେ ଯୋଗଦେବାକୁ ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କୋରାପୁଟ ଜିଲ୍ଲାର ବିଭିନ୍ନ



ପର୍ଯ୍ୟଟନ ସ୍ଥଳୀ ବୁଲି ଦେଖିବା ପରେ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ପାଇଁ ସହାୟତା ରାଶି ଅଶୀ କୋଟିରୁ କିଭଳି ଶହେ କୋଟି କରାଯାଇ ପାରିବ ସେ ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି କହିଛନ୍ତି । ଆଗାମୀ ଦିନରେ କୋରାପୁଟ ଜିଲ୍ଲା ଇକୋ ଟୁରିଜମ ହବ ହେବ ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ: ୫ ଯାଏଁ ବୁଲିବ ସଚେତନତା ରଥ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ରବିବାର ଦିନ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଥିବା ଏହି ରଥକୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ । ଜିଲ୍ଲା ପାଣି ପଂଚାୟତ କ୍ଷେତ୍ରୀୟ ଅଧିକାରୀ,କେନ୍ଦୁଝର ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ରଥ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ପାଣି ପଂଚାୟତ ଗ୍ରାମଗୁଡିକୁ ଅତିକ୍ରମ କରିବ ବୋଲି ଜଣାପଡିଛି । ପାଣି ପଂଚାୟତ ପକ୍ଷ ଡିସେମ୍ବର ୨୨ ରୁ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଜଳସେଚନ ସୁବିଧା ଓ ସୁପରିଚାଳନା ନିମନ୍ତେ ଚାଷୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ । ଏହି ରଥ ଜିଲ୍ଲା ପରିକ୍ରମା କରିବା ପରେ ପାଣି ପଂଚାୟତ ପକ୍ଷର ଉଦ୍‌ଯାପନୀ ଦିବସରେ କେନ୍ଦୁଝର ମୁଖ୍ୟାଳୟରେ ପହଁଚିବ ବୋଲି ଜଣାପଡିଛି । ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ,କ୍ଷୁଦ୍ର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ସୁଧାଂଶୁ ଶେଖର ସାହୁ,ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ ସହଦେବ ସେଠୀ,କାନ୍‌ଝାରୀ ଏସ୍‌ଡିଓ ଇଂ ଚର୍ତୁଭୂଜ ନାୟକ,କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (୧) ଇଂ ସୁକେସ୍ମିତା ନାୟକ,ସହକାରୀ ନିର୍ବାହୀ ଯନ୍ତ୍ରୀ(୨) ଇଂ ନେପାଳ କୁମାର ସାହୁ,ସହକାରୀ ଯନ୍ତ୍ରୀ ଇଂ ମଙ୍ଗୁଳି ଚରଣ ସିଂ,ଇଂ ଚିତ୍ତରଞ୍ଜନ ଜେନା,ଇଂ ଆନନ୍ଦ କୁମାର ମଣ୍ଡଳ,ବିଭାଗୀୟ ଅଧିକାରୀ ସୁଶିଲ କୁମାର ସେଠୀ, କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ପାଣି ପଂଚାୟତ କର୍ମକର୍ତ୍ତା,କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ଆଳୁ ଚାଷ ପ୍ରତି ମହିଳା ଚାଷୀଙ୍କ ବଢୁଛି ଆଗ୍ରହ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଥିବାବେଳେ ଆଳୁ ଦର ହୁ ହୁ ହୋଇ ବଢ଼ି ଚାଲିଛି । ରାଜ୍ୟ ସରକାର କେତେବେଳ ପଶ୍ଚିମବଙ୍ଗ ତ କେତେବେଳେ ଉତ୍ତରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି । ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ଷ୍ଟେଟ ପ୍ଲାନରେ ସବ୍‌ସିଡ ଦରରେ କିଲୋ ପ୍ରତି ୧୦ ଟଙ୍କା ଦରରେ ଉନ୍ନତମାନର ଆଳୁ ବିହନ ଯୋଗାଇଛନ୍ତି । ଅଧିକ ଅମଳକ୍ଷମ କୁଫ୍ରି ଜ୍ୟୋତି ଓ କୁଫ୍ରି ପୋଖରାଜ ଆଳୁ ବିହନ ଓଡିଶା ରାଜ୍ୟ ବହିନ ନିଗମ ମାଧ୍ୟମରେ ଅଣାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଆଳୁ ଚାଷ କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ୭୫୦୦ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଣ କରାଯାଇଛି । ଚାଷୀଙ୍କୁ ସର୍ବନିମ୍ନ ୨୫ ଡିସିମିଲ ପାଇଁ ୧୩୦ କେଜି ବିହନ ଏବଂ ସର୍ବାଧିକ ୫୦ ଡିସିମିଲ ପାଇଁ ୨୬୦ କେଜି ଆଳୁ ବିହନ ଯୋଗାଇ ଦିଆଯାଇଛି । ଧାନ ଚାଷ ପରେ ଚାଷୀମାନେ ବିଭିନ୍ନ ଋତୁକାଳୀନ ପନପରିବା ଲଗାଇବା ସହ ଆଳୁ ଚାଷ କରିଛନ୍ତି । ବଜାରରେ ଆଳୁର ଚାହିଦା ତଥା ଚାଷ ପାଇଁ ଉପଯୋଗୀ ଜମି ଥିବାରୁ ଏହି ଚାଷ କରି ଦୁଇ ପଇସା ରୋଜଗାର କରିବାକୁ ସେମାନେ ଆଶା ରଖିଛନ୍ତି । ଜିଲ୍ଲାରେ ଚଳିତ ବର୍ଷ ୫୭୫ ହେକ୍ଟର ଜମିରେ ରବି ଋତୁରେ ଆଳୁ ଚାଷ ହୋଇଛି । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସବ୍‌ସିଡ ଦରରେ ଚାଷି ମାନଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଛି । ଅମଳ ପରେ ଚାଷୀ ଯେପରି ପ୍ରକୃତ ମୂଲ୍ୟ ପାଇ ପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ କ୍ଲଷ୍ଟରରୁ ଶୀତଳଭଣ୍ଡାର ପର୍ଯ୍ୟନ୍ତ ଆଣିବାକୁ ପରିବହନ ଦର ଅଧା ସରକାର ବହନ କରିବେ ଏବଂ ଶୀତଳଭଣ୍ଡାରେ ଆଳୁ ସଂରକ୍ଷଣ କରାଯିବା ବାବଦ ଖର୍ଚ୍ଚ ମଧ୍ୟ ସରକାର ଅଧା ବହନ କରିବେ । ସେହିପରି ଶୀତଳଭଣ୍ଡାରର ବିଦ୍ୟୁତ୍ ଖର୍ଚ୍ଚର ୫୦ ପ୍ରତିଶତ ବିଲ ସରକାର ବିହନ କରିବେ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି । ସାହାରପଡା ବ୍ଲକ ରାଇଡିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ଶିଆଳିଯୋଡା ଗ୍ରାମର ହେମଲତା ମହାନ୍ତ,ପଦ୍ମାବତର ମହାନ୍ତ,ମଲ୍ଲାରପଦା ଗ୍ରାମ ପଂଚାୟତର ଖୁଣ୍ଟାପିଙ୍ଗୁଆ ଗ୍ରାମର ମୀନା ମହାନ୍ତ,ଦିଗପଶି ଗ୍ରାମ ପଂଚାୟତର ଚୁଆପାଣି ଗ୍ରାମର ରମେଶ ଚନ୍ଦ୍ର ମହାନ୍ତ ବିହନ ନେଇ ଆଳୁ ଚାଷ କରିଛନ୍ତି । ଏ ବର୍ଷ ଭଲ ଆଳୁ ଚାଷ ହେବ ବୋଲି ସେମାନେ କହିଛନ୍ତି ।

# ସର୍ବଭାରତୀୟସ୍ତରରେ ପୁଣି ଚିକିଟି ପୌର ପରିଷଦ ପୁରସ୍କୃତ

ଚିକିଟି (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ପୌର ପରିଷଦ ହେବାକୁ ଯାଉଛି ଚିକିଟି ପୌର ପରିଷଦ । ଏହି ପୌର ପରିଷଦ ପ୍ରତିବର୍ଷ ନିଜର ସ୍ଥିତି ଜାହିର କରି ସର୍ବ ଭାରତୀୟ ସ୍ତରରେ ନିଜର ପରିଚୟକୁ ରଖି ଆସୁଥିବାବେଳେ ଗତ ୧୯.୧୨.୨୦୨୪ ରିଖରେ ନୂଆଦିଲ୍ଲୀରେ ନିଜର ପରିଚୟକୁ ଆହୁରି ସୁଦୃଢ଼ କରିପାରିଛି । ସୂଚନା ପ୍ରକାରେ ଗତଦିନରେ ନୂଆଦିଲ୍ଲୀ ଠାରେ ଥିବା ହାବିଟାଟ କେନ୍ଦ୍ରରେ ଅନ୍ତର୍ଜାତୀୟ ତଥା ୟୁନାଇଟେଡ଼୍, ନେସନର ଅଧିକାଂଶ ସର୍ବେକ୍ଷଣ ବିଭାଗର ପଦାଧିକାରୀଙ୍କ ଗହଣରେ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ ପୁରସ୍କାର ପ୍ରାପ୍ତି ଲାଭ କରିଥିଲା । ଏହି ଅବସରରେ ଭାରତୀୟ ଗୃହ ଓ ସହରାଞ୍ଚଳ ବିକାଶ ଓ ସ୍ୱଚ୍ଛ ଭାରତ ମିସନ ବିଭାଗର ନିର୍ଦ୍ଦେଶକ ଆଙ୍ଗେଲା ଲୁସିଗି, ଯୁକ୍ତରାଷ୍ଟ୍ର ପରିବେଶ ବିକାଶ ଭାରତ ପକ୍ଷରୁ ମାରିଟିନା ଆମଡୋଲା ବାଥଏମ,




ନରବେଗୀ ଏମବାସୀ ନୂଆ ଦିଲ୍ଲୀର ଡ଼ା. ବାଳକ୍ରୀଷ୍ଣା ପୀଶୁପତି, ସର୍ବଭାରତୀୟ ୟୁନାଇଟେଡ଼୍ ଏନଭାଓରମେଣ୍ଟ ଡେଭେଲପ ମେଣ୍ଟ ପ୍ରୋଜେକ୍ଟର ଭାରତୀୟମୁଖ୍ୟ ସୁନିତା ନରନି ଏବଂ ସେଣ୍ଟର ଅଫ ସୋସିଆଲ ଏଜୁକେସନର ମୁଖ୍ୟମାନଙ୍କ ଗହଣରେ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲଓ ଚିକିଟି ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଚିକିଟି ପୌର ପରିଷଦର ସମସ୍ତ କର୍ମଚାରୀ ମାନେ ମଧ୍ୟ ଯୋଗଦାନ କରିଥିଲେ । ଏହି ପୁରସ୍କାର ପୌର ପରିଷଦର ସମସ୍ତ ବାସିନ୍ଦା ଆଉ ସଫାଇ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ହେତୁ ସମ୍ଭବ ହୋଇ ପାରିଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରକାଶ କରିଛନ୍ତି ।

# ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ



ବ୍ରହ୍ମପୁର (ଭାସ୍କର ନ୍ୟୁଜ) ନାଟ୍ୟଶ୍ରୀ ଫାଉଣ୍ଡେସନ ତରଫରୁ ମଞ୍ଚନାଟକର ସୁନାମଧନ୍ୟ ନାଟ୍ୟକାର ନାଟ୍ୟଶ୍ରୀ ସ୍ୱର୍ଗତ ରଘୁନାଥ ମିଶ୍ରଙ୍କ ୯୭ତମ ଜନ୍ମ ଜୟନ୍ତୀ ଉତ୍ସବ ବ୍ରହ୍ମପୁର ଗିରି ମାର୍କେଟ ସ୍ଥିତ ପ୍ରକାଶମ ହଲରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ତଥା ସ୍ୱର୍ଗତ ରଘୁନାଥ ମିଶ୍ରଙ୍କ ସୁପୁତ୍ର ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଶନିବାର ମଧ୍ୟାହ୍ନ ନାଟ୍ୟଶ୍ରୀଙ୍କ ଜୀବନୀ ଉପରେ ନାଟ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନା ଚକ୍ରରେ ଅଧକ୍ଷତା କରି ନାଟ୍ୟଶ୍ରୀଙ୍କ କୀର୍ତ୍ତି ଓ କୃତି ସବୁବେଳେ ଅମର ବୋଲି ମେଜର ରମା ରମଣ ପାଢ଼ୀ ନିଜ ବକ୍ତବ୍ୟରେ କହିଥିଲେ । ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ଆଲୋଚକ ବନମାଳୀ ପାଣିଗ୍ରାହୀ, ନାଟ୍ୟ ଗବେଷକ ବାୟାମନୁ ଚର୍ଚ୍ଚି ,ମଦନ ମିଶ୍ର,ରମେଶ ମହାରଣା,ନାଟ୍ୟ ସଂଗଠକ ଅନିଲ ପାତ୍ର,ଡା.ମିହୀର ତ୍ରିପାଠୀ, ବିଚିତ୍ରାନନ୍ଦ ବେବର୍ତ୍ତା,ରାମଚନ୍ଦ୍ର ସାସମଲ ,କୈଳାସ ପାଣିଗ୍ରାହୀ,ଲିଙ୍ଗରାଜ ନାହାକ ,ପ୍ରଦୀପ ଶତପଥୀ,ସୁନିଲ ସ୍ୱାଇଁ, ଆରତୀ ପାତ୍ର,ସରୋଜ ପଣ୍ଡା,ନାରାୟଣ ମହାକୁଡ଼ ପ୍ରମୁଖଙ୍କ ସହ ଅନେକ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ତରଫରୁ ନାଟକ'ଭିନ୍ନ ଏକ ସହଯାତ୍ରୀ' ମଂଚସ୍ଥ ହୋଇଥିଲା । ପଞ୍ଚାନନ ଦାସଙ୍କ ରଚିତ ମଳୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ନାଟକରେ ମାନସ କୁମାର ପରିଡା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ରାଜେଶ ମଲିଆ,ମଳୟ ମହାନ୍ତି,ବିରଞ୍ଚି ଦାସ,କରୁଣାକର ସାମଲ,ପ୍ରଦୀପ ପାଇକରାୟ, ଜ୍ୟୋତି ରଞ୍ଜନ ରାୟ, କାହ୍ନୁ ଚରଣ ପ୍ରଧାନ,ଅନନ୍ୟା ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ । ଆଲୋକ ସଜ୍ଜାରେ ରାକେଶ ଶତପଥୀ ସହଯୋଗ କରିଥିଲେ । ନାଟକ ପୂର୍ବରୁ ନାଟ୍ୟଶ୍ରୀ ଫାଉଣ୍ଡେସନ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ସଭାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଗଂଜାମ ଜିଲ୍ଲା ବିଜେଡି ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଟ୍ୟକାର ପ୍ରଫେସର ମେଜର ରମା ରମଣ ପାଢୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା,ଛତ୍ରପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ନାରାୟଣ ରେଡ୍ଡି,ନାଟ୍ୟଶ୍ରୀ ଫାଉଣ୍ଡେସନ ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା,ନାଟ୍ୟ ସଂଗଠକ ଅନିଲ ପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ନାଟ୍ୟଶ୍ରୀଙ୍କ ୯୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ରାଜ ଗୋପାଳ ପାଢ଼ୀ ଓ ସୁବାସ ଚନ୍ଦ୍ର ସାହୁଙ୍କୁ ନାଟ୍ୟଶ୍ରୀ ରଘୁନାଥ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବ୍ରହ୍ମପୁର ସହରର ସମସ୍ତ ନାଟ୍ୟ ଅନୁଷ୍ଠାନ ମୁଖିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅମୂଲ୍ୟ ଅନମୋଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜ ଗୋପାଳ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ପାତ୍ର ସଂଯୋଜନା କରିଥିଲେ । ନାଟ୍ୟଶ୍ରୀ ଫାଉଣ୍ଡେସନ ଏବଂ ବ୍ରହ୍ମପୁର କଳାକାର ଏକତା ମଂଚର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଉପସ୍ଥିତ ରହି ଗଣିତ ଦିବସ ଉପଲକ୍ଷେ ଅଭିଭାଷଣ ଦେଇଥିଲେ । ବିଦ୍ୟାଳୟ ଆଚାର୍ଯ୍ୟା ସତ୍ୟପ୍ରିୟ ମହାନ୍ତି ଏହି ଦିବସର ତାତ୍ପର୍ଯ୍ୟ ତଥା ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଉପରେ ଆଲୋକପାତ କରିଥିଲେ । ଏଥିନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାରେ ୪୧୦ ଜଣ ଭାଇ ଭଉଣୀ ଭାଗ ନେଇଥିଲେ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ମଧ୍ୟରେ ପଣିକିଆ ଓ ଗଣିତ କୁଇଜ ପ୍ରତିଯୋଗିତା, ତୃତୀୟ ଶ୍ରେଣୀ ସଂଖ୍ୟା ଓଲଟାଗଣନା ପ୍ରତିଯୋଗିତା, ଚତୁର୍ଥ ଶ୍ରେଣୀର ପଣିକିଆ ପ୍ରତିଯୋଗିତା, ପଞ୍ଚମ ଶ୍ରେଣୀର ଖାଦ୍ୟ ପ୍ରସ୍ତୁତି ଗାଣିତିକ ଆଧାର ପ୍ରତିଯୋଗିତା, ଷଷ୍ଠ ଶ୍ରେଣୀ ଗାଣିତକ ଆକୃତି ରଙ୍ଗୋଲି ପ୍ରତିଯୋଗିତା, ସପ୍ତମ ଶ୍ରେଣୀ ଗଣିତ ଚାର୍ଟ ପ୍ରତିଯୋଗିତା, ଅଷ୍ଟମ ସୂତ୍ର ସଂଗ୍ରହ ପ୍ରତିଯୋଗିତା, ନବମ ଶ୍ରେଣୀ ଗଣିତ ପତ୍ରବାଚନ ପ୍ରତିଯୋଗିତା, ଦଶମ ଶ୍ରେଣୀର ପ୍ରଶ୍ନମଞ୍ଚ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଲମ୍ବୋଦର ମହାନ୍ତ, ଜଗନ୍ନାଥ ମହାନ୍ତ, ସତ୍ୟପ୍ରିୟ ମହାନ୍ତି, ମନୋରଂଜନ ପରିଡା, ଅମୂଲ୍ୟ ରାଉତ, କୁଳମଣି ମହାନ୍ତ, ମଞ୍ଜୁଶ୍ରୀ ରାଉତ, ସ୍ନେହଲତା ସାହୁ, ଦେବାଶିଷ ସାମଲ, ବିଶ୍ୱବନ୍ଦିତା ଦାସ, ହରିପ୍ରିୟା ଓଝା, ସସ୍ମିତା ଦୋରା, ଶୁଭ୍ରତା ସାହୁ, ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ପୁଷ୍ପଲତା ମିଶ୍ର, ସଂଘମିତ୍ରା ବିଶ୍ୱାଳ ଓ ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।



# ସୀମାନ୍ତରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୪ ମୃତ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦରଭା ଘାଟିରେ ଓଲଟିଲା ଯାତ୍ରୀ ବୋଝେଇ ଟ୍ରକ୍, ଫଳରେ ୪ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ଟ୍ରକ୍‌ରେ ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀ ବସିଥିଲେ । ପ୍ରତି ଶନିବାର ଦିନ ଚନ୍ଦାମେଟା ଗ୍ରାମରୁ ଲୋକେ କଲେଙ୍ଗ ସାପ୍ତାହିକ ହାଟକୁ ଟ୍ରକ୍‌ରେ ଯାଇଥାନ୍ତି । ଆଜି ମଧ୍ୟ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ଲୋକ ଟ୍ରକ୍‌ରେ ବସି କଲେଙ୍ଗ ସାପ୍ତାହିକ ହାଟକୁ ଯାଉଥିଲେ । ତେବେ ଦରଭା ଘାଟିରେ ଭାରସାମ୍ୟ ହରାଇ ଟ୍ରକ୍‌ଟି ରାସ୍ତାରୁ ତଳକୁ ଖସି ପଡ଼ିଥିଲା । ଯାହାଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରୁ ୩ ଜଣ ମହିଳା ଏବଂ ଜଣେ ପୁରୁଷ ଥିବା ଜଣାପଡ଼ିଛି । ତେବେ ଦୁର୍ଘଟଣା ସ୍ଥଳରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ସିଆରପିଏଫ କ୍ୟାମ୍ପ ରହିଛି । ଦୁର୍ଘଟଣା ଖବର ପାଇ ତୁରନ୍ତ ସିଆରପିଏଫ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ନିଜର କ୍ୟାମ୍ପକୁ ନେଇ ଚିକିତ୍ସା କରାଇଥିଲେ । ଘଟଣାସ୍ଥଳଟି ଶୂନଶାନ ହୋଇଥିବା ବେଳେ ଏହି ଅଞ୍ଚଳ ନକ୍ସଲ ପ୍ରବଣ ଭାବେ ପରିଚିତ । ଏହାସତ୍ତ୍ୱେ ଯବାନମାନେ ନିଜର ଜୀବନକୁ ବାଜିରେ ଲଗାଇ ଆହତମାନଙ୍କୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି ।



କଟକ(ଭାସ୍କର ନ୍ୟୁଜ୍): ରବିବାର କାଉବାଟୀ ଷଷ୍ଠିଯମସ୍ଥିତ ଓଡ଼ିଶା ସମ୍ମିଳନୀ କକ୍ଷଠାରେ କଟକ ମହାନଗର ଶାନ୍ତି କମିଟିର ସଭାପତି, ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀର ଆଗାମୀ ପାଞ୍ଚବର୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତକୁମାର ତ୍ରିପାଠୀ ଏହି ନିର୍ବାଚନକୁ ପରିଚାଳନା କରିଥିଲେ । ଏଥିରେ ସଭାପତି ଭାବେ ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଜିଲାରା ଦାସ, କୋଷାଧ୍ୟକ୍ଷ ମହେଶ୍ୱର ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ଏହା ଫଳରେ ଶ୍ରୀ ଦାସ ୬୫ ଥର ନିମନ୍ତେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହେବା ସହ ୨୦୨୯ ନିମନ୍ତେ ତାଙ୍କର କାର୍ଯ୍ୟକାଳ ବଢ଼ିଲା । ୧୯୮୩ ମସିହା ଅକ୍ଟୋବର ୮ ତାରିଖରେ ମଙ୍ଗଳାବାଗସ୍ଥିତ କାଠଗଡ଼ିଆ ମନ୍ଦିର ପ୍ରାଙ୍ଗଣରେ କଟକ ମହାନଗର ଶାନ୍ତି କମିଟି ଗଠିତ ହୋଇଥିଲା । ବୈଠକରେ ୧୦/୧୫ଟି ମଣ୍ଡପର ପଦାଧିକାରୀମାନଙ୍କ ମଧ୍ୟରେ ଶ୍ରୀ ଦାସ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ପକ୍ଷରୁ ଏଥିରେ ଯୋଗ ଦେଇଥିଲେ । ଶ୍ରୀ ସାହୁ ସଭାପତି ହେବାପରେ ଉଭୟଙ୍କ ମଧ୍ୟରେ ସମନ୍ୱୟ ଏବଂ ଉତ୍ତମ ସମ୍ପର୍କ କାରଣରୁ ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଶାନ୍ତି କମିଟି ଆଜି ସୁ-ସଂଗଠିତ ହୋଇଛି । ଉଭୟଙ୍କ ପ୍ରଚେଷ୍ଟାରେ ଅନେକ ସାହି-ସାହି ମଧ୍ୟରେ ଉପୁଜି ଥିବା ବିବାଦ ସ୍ଥାୟୀ ସମାଧାନ ମଧ୍ୟ ହୋଇପାରିଛି । ଆଜିର ନିର୍ବାଚନ ଫଳାଫଳ ତା'ର ହେଉଛି ଜ୍ୱଳନ୍ତ ଉଦାହରଣ ।



**ଷଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲରେ କେନ୍ଦ୍ରମନ୍ତ୍ରୀ**

## 'ଭାରତୀୟ ଶିକ୍ଷା ବ୍ୟବସ୍ଥାର ପରମ୍ପରାକୁ ଆଗକୁ ବଢ଼ାଇଛି ଡିଏଭି': ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ସ୍ତମ୍ଭ ଥିଲେ । ସମାଜ ନିର୍ମାଣ ପାଇଁ ସେ ଶିକ୍ଷାକୁ ଏକ ମାଧ୍ୟମ କରିଥିଲେ । ଡିଏଭି ଭାରତୀୟ ଶିକ୍ଷା ବ୍ୟବସ୍ଥାର ସମାନ ପରମ୍ପରାକୁ ଆଗକୁ ବଢ଼ାଇଛି । ଡିଏଭି ଗବେଷଣା ଆଜି ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ରାଷ୍ଟ୍ରୀୟ ନୀତିର ଏକ ଅଂଶ ହୋଇଛି ବୋଲି ରବିବାର ଭୁବନେଶ୍ୱର ଠାରେ ଷଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି, ଡିଏଭି ଏକ ଭଲ ମଣିଷ ତିଆରି କାରଖାନା । ଦେଶରେ ସ୍କୁଲ ଶିକ୍ଷା ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଡିଏଭି କାମ କରୁଛି । ଛାତ୍ରଛାତ୍ରୀଙ୍କ ପାଠପଢା, ବିଜ୍ଞାନ ପ୍ରତି ଆକର୍ଷଣ ବଢ଼ାଇବା, ଖେଳ ସହ ସାଂସ୍କୃତିକ ବ୍ୟକ୍ତିତ୍ୱ ତିଆରି କରିବାରେ ଡିଏଭି କାମ କରୁଛି । ବର୍ତ୍ତମାନ ଓଡ଼ିଶାରେ ୬୦ଟି ଡିଏଭି ସ୍କୁଲ ଚାଲୁଛି । ୨୦୩୬ ସୁଦ୍ଧା ଓଡ଼ିଶା ଯେତେବେଳେ ଭାଷା ଭିତ୍ତିକ ରାଜ୍ୟ ଭାବରେ ୧୦୦ ବର୍ଷ ପୂରଣ କରିବ, ସେତେବେଳେ ଓଡ଼ିଶାରେ ଡିଏଭି ସ୍କୁଲ ସଂଖ୍ୟା ୧୦୦ରେ ପହଂଚିବା ପାଇଁ ଶିକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହା ଦ୍ୱାରା ଦୁର୍ଗମ ଅଞ୍ଚଳରେ ସାମାନ୍ୟ ଗରିବ ଘରର ପିଲା ମାନେ ଡିଏଭି ସ୍ତରର ପାଠପଢ଼ାର ସୁଯୋଗ ପାଇବେ । ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପାଇବା ସହ ଇଂରାଜୀକୁ ଅତିରିକ୍ତ ବିଷୟ ଭାବେ ଗ୍ରହଣ କରିବା ପାଇଁ ଡିଏଭିକୁ ପରାମର୍ଶ ଦେଇଛନ୍ତି । ସେହିପରି ଏହି ୟୁନାଇଟେଡ୍ ଫେଷ୍ଟିଭାଲର ପ୍ରଦର୍ଶନୀରେ ଶ୍ରୀ ପ୍ରଧାନ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ ।



ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ପରଲୋକ ପରେ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ

## ନବୀନଙ୍କ ସମୟରେ ରାଜ୍ୟର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଆଜି ଟ୍ୱିଟ ମାଧ୍ୟମରେ ପ୍ରକାଶ କରିଥିବା ଇଣ୍ଡିଆ ଷ୍ଟେଟ ଫରେଷ୍ଟ ରିପୋର୍ଟରେ ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ଓଡିଶା ଦେଶର ସମସ୍ତ ରାଜ୍ୟ ମାନଙ୍କ ତୁଳନାରେ ଉଭୟ କ୍ଷେତ୍ରରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି । ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି, ଗତ କିଛି ବର୍ଷ ଧରି ଲଗାତର ଭାବେ ଏହି ଦୁଇ କ୍ଷେତ୍ରରେ ଓଡିଶା ପ୍ରଭାବଶାଳୀ ପ୍ରଦର୍ଶନ କରି ଆସୁଛି ଓ ଏହା ନବୀନ ସରକାରଙ୍କ ଅନେକ ଉପଲବ୍ଧି ମଧ୍ୟରୁ ଅନ୍ୟତମ ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଏହାର ସ୍ୱୀକାରୋକ୍ତି । ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ, ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ସ୍ଥାନ ପାଇଥିବା ପ୍ରଥମ ୩ ରାଜ୍ୟ ମଧ୍ୟରେ ପ୍ରଥମ ସ୍ଥାନରେ ଛତିଶଗଡ଼ ୬୮୪ବର୍ଗ କିଲୋମିଟର, ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଉତ୍ତର ପ୍ରଦେଶ ଓ ଓଡିଶା ଉଭୟ ୫୫୯ ବର୍ଗ କିଲୋମିଟର ଓ ତୃତୀୟ ସ୍ଥାନରେ ରାଜସ୍ଥାନ ୩୯୪ ବର୍ଗ କିଲୋମିଟର ବୃଦ୍ଧି ରେକର୍ଡ କରିଛି । ସେହିପରି, ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ୨୪୨ ବର୍ଗ କିଲୋମିଟର ବୃଦ୍ଧି କରି ପ୍ରଥମ ସ୍ଥାନରେ ମିଜୋରାମ, ୧୮୦ ବର୍ଗ କିଲୋମିଟର ବୃଦ୍ଧି କରି ଗୁଜୁରାଟ ଦ୍ୱିତୀୟ ସ୍ଥାନରେ ଓ ୧୫୨ ବର୍ଗ କିଲୋମିଟର ବୃଦ୍ଧି କରି ଓଡିଶା ତୃତୀୟ ସ୍ଥାନରେ ରହିଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଜାତୀୟ ସ୍ତରରେ ଓଡିଶାର ପ୍ରଦର୍ଶନକୁ ସ୍ପଷ୍ଟ ଦର୍ଶାଉଛି । ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ କେବଳ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ନୁହେଁ, ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ଜାତୀୟ ସ୍ତରରେ ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିଛି । ଏଥିପାଇଁ କେନ୍ଦ୍ର ସରକାର, ନୀତି ଆୟୋଗ ଓ ଆରବିଆଇ ଭଳି ସଂସ୍ଥା ନବୀନ ସରକାରଙ୍କ ଉପଲବ୍ଧିକୁ ସ୍ୱୀକାର କରିଛନ୍ତି ବୋଲି ଡ଼ଃ ମହାନ୍ତି କହିଛନ୍ତି ।

## ଧାନ କିଣାରେ ସ୍ୱଚ୍ଛତା ପାଇଁ ବିଜେପି କୃଷକ ମୋର୍ଚ୍ଚାର ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ହେଉଥିବା ଧାନ କିଣା ରେ ସ୍ୱଚ୍ଛତା ପାଇଁ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଏହି ବୈଠକରେ ୩୦ଟି ରାଜସ୍ୱ ଜିଲ୍ଲାର ପେଡ଼ିପେକରମେଂଟ କମିଟିର ଚାଷୀ ପ୍ରତିନିଧି ଓ ବରିଷ୍ଠ ଚାଷୀ ନେତା ମାନେ ସାମିଲ ହୋଇଛନ୍ତି । ରାଜ୍ୟରେ ସ୍ୱଚ୍ଛତାର ସହ କେମିତି ଧାନ କିଣା ହେବ, କଟନୀ ଛଟନୀ ବନ୍ଦ ସହ ଚାଷୀ କେମିତି ସୁବିଧାରେ ଧାନ ବିକିବ, ଡିଲର ମାନଙ୍କ ଦାଦାଗିରି ବନ୍ଦ ହେବ, ଚାଷୀ ୪୮ ଘଂଟା ଭିତରେ ତାର ପ୍ରାପ୍ୟ ପାଇବ ସେ ନେଇ ଏହି ବୈଠକରେ ଆଲୋଚନା ହୋଇଛି । ଓଡିଶାରେ ଥିବା ୪୧୯୩ ଟି ଧାନ ମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କର୍ମୀ ମାନେ ଜଗିବା ସହ ଧାନ ବିକ୍ରି ପ୍ରଣାଳୀର ତଦାରଖ କହିବା ପାଇଁ ହୋଇଛି ନିଷ୍ପତି ହୋଇଥିବା ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି ।

## ବେଆଇନ୍ ସ୍କୁଲ୍ ସ୍ଥାନାନ୍ତରଣକୁ ଶିକ୍ଷା ବିଭାଗର ନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସତ୍ୟନଗର ସ୍ଥିତ ଜାଭିୟର୍ସ ସ୍କୁଲ କର୍ତ୍ତୃପକ୍ଷ ସରକାରଙ୍କ ନୀତି ନୀୟମକୁ ସଂପୂର୍ଣ୍ଣ ଉଲ୍ଲଂଘନ କରି ବେଆଇନ୍ ଭାବେ ସ୍କୁଲ୍‌କୁ ବନ୍ଦ କରିବାକୁ ନିଷ୍ପତି ନେଇ ୬୦୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଖଣ୍ଡଗିରୀ ସ୍ଥିତ ଶାଖାକୁ ନେବାକୁ ଜବରଦସ୍ତି ଚାପ ପ୍ରୟୋଗ କରି ଧମକ ଚମକ ଦେଉଥିବାର ଖବର ପାଇ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର କର୍ମକର୍ତ୍ତା ସଂପୃକ୍ତ ସ୍କୁଲର ଅଭିଭାବକମାନଙ୍କ ସହ ଆଲୋଚନା କରି ଆଇନ୍ ଅନୁଯାୟୀ ଯାହା ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ତତକ୍ଷଣାତ୍ ମାନ୍ୟବର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦାଖଲ କରିଥିଲେ, ତଦନୁଯାୟୀ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭାଗୀୟ ତଦନ୍ତ କରି ସ୍କୁଲ୍ କର୍ତ୍ତୃପକ୍ଷ ବେଆଇନ୍ ଭାବେ ଏହି ପଦକ୍ଷେପ ନେଉଛନ୍ତି ବୋଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦାଖଲ କରିବାପରେ, ନିର୍ଦ୍ଦେଶକ ଙ୍କ ତରଫରୁ ସ୍କୁଲ ବନ୍ଦ କରାଯାଇ ପାରିବନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଥିବା ସଂକ୍ରାନ୍ତରେ ଆଜି ଏକ ପ୍ରେସ ବିବୃତିରେ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ର ସଭାପତି ଭୁମୋହନ ପଟ୍ଟନାୟକ ଜଣାଇଛନ୍ତି । ଏହି ସମ୍ମିଳନୀରେ ମହାସଂଘ ଉପସଭାପତି ଶଙ୍କର ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ମିଶ୍ର, ତାପସ ଦାସ୍, ଆର୍ତ୍ତତ୍ରାଣ ପାତ୍ର, ଶିଶିର ସାହୁଙ୍କ ସହ ଜାଭିୟର୍ସ ଅଭିଭାବକ ସଂଘର ସଭାପତି ପ୍ରଦୀପ ପ୍ରଧାନ, ସମ୍ପାଦକ ଶ୍ରୀକାନ୍ତ ବେହେରାଙ୍କ ସହ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

## ପୋଲିସ୍ ସ୍କାଡକୁ ଆକ୍ରମଣ ଅଭିଯୋଗରେ ୩ ଗିରଫ

କଟକ(ଭାସ୍କର ନ୍ୟୁଜ୍): ଗଞ୍ଜେଇ ଚାଲାଣ ବେଳେ ସ୍ୱତନ୍ତ୍ର ସ୍କ୍ୱାର୍ଡକୁ ଆକ୍ରମଣ ଘଟଣାରେ ତିଗିରିଆ ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହାସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ କହିଛନ୍ତି । କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ଚୋରା ଗଞ୍ଜେଇ କାରବାର ଉପରେ ରୋକ ଲଗାଇବା ପାଇଁ ନୂତନ ଭାବେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ହୋଇଛି । କୌଣସି ସୂତ୍ରରୁ ଖବର ପାଇ ତିଗିରିଆ ଥାନା ନୂଆପାଟଣା ଡାକ ଘର ପଛ ପଟେ ଥିବା ଏକ ଦୁଇ ମହଲା ଘରେ ଚଢାଉ କରିଥିଲା । ଏହି ଚଢାଉ ପାଇଁ ଆସୁଥିବା ପୁଲିସ ଉପରେ ମାଫିଆ ଆକ୍ରମଣ କରିଥିଲେ । ମାଫିଆମାନେ ପ୍ରଥମେ ଦୁର୍ବ୍ୟବହାର ଏବଂ ପରେ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିଥିଲେ । ଫଳରେ ଉଭୟ ପୋଲିସ ଓ ଗଞ୍ଜେଇ ମାଫିଆଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲେ । ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିବା ବେଳେ ପୁଲିସ ଏହି ଘଟଣାରେ ଦୁଇ ଜଣ ଯୁବକ ଓ ଜଣେ ମହିଳାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ତିଗିରିଆ ଥାନା ପଙ୍କାଳ ଗାଁର ସିଦ୍ଦିକ ଅହମ୍ମଦ ଖାଁ, ମହମ୍ମଦ ତୟବ ଏବଂ କନ୍ଧମାଳ ଜିଲ୍ଲା ମହିଳା ତପସ୍ୱିନୀ ଦିଗଲ । ବାକି ଏହି ଘଟଣାରେ ସାମିଲ ଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

**ନୂଆ ମୁଖ୍ୟ ଶାସନ ସଚିବ ଚୟନ ପ୍ରସଙ୍ଗ**

## ସରକାର ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ: ଆଇନମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆ ମୁଖ୍ୟ ଶାସନ ସଚିବ କିଏ ହେବେ ତାକୁ ନେଇ ଆଇନ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ଯାହା ଆଧାର ଥାଏ ମୁଖ୍ୟ ଶସନ ସଚିବଙ୍କ ଚୟନ ପ୍ରକ୍ରିୟାରେ ସେଇଆ ରହିବ । କଣ ହେବ ତାକୁ ନେଇ ଗଣମାଧ୍ୟମ ଚର୍ଚ୍ଚା କରୁଛି । ସରକାର ଠିକ ସମୟରେ ଠିକ ନିଷ୍ପତ୍ତି ନେବେ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

## 'ଆଇନଜୀବୀଙ୍କ କଲ୍ୟାଣ ପାଇଁ ଆମ ସରକାର ଦୃଢ ସଂକଳ୍ପବଦ୍ଧ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଆଇନଜୀବୀ ମାନଙ୍କ କଲ୍ୟାଣ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀଙ୍କ ଦେହାନ୍ତ କିମ୍ବା ଅବସରକାଳୀନ ସହାୟତା ରାଶିକୁ ଦୁଇ ଗୁଣା ବୃଦ୍ଧି କରାଯାଇଛି । ପୂର୍ବରୁ ଏହା ବାର୍ଷିକ ୫ କୋଟି ଥିବାବେଳେ ଆମ ସରକାର ଚଳିତ ବଜେଟରେ ଏହି ରାଶିକୁ ବୃଦ୍ଧି କରି ୧୦ କୋଟି କରିଛନ୍ତି । ଏହି ୧୦ କୋଟି ଅର୍ଥରାଶି ରାଜ୍ୟ ସରକାରଙ୍କ ତରଫରୁ ଓଡିଶା ଆଡ଼ଭୋକେଟ ୱେଲଫେୟାର ଟ୍ରଷ୍ଟ କୁ ପ୍ରଦାନ କରାଯାଇଛି । ଏଥିରେ ଆଇନଜୀବୀ ବନ୍ଧୁ ମାନେ ପୂର୍ବ ସହାୟତା ରାଶି ୪.୫ ଲକ୍ଷ ବଦଳରେ ଦୁଇଗୁଣା ରାଶି ଅର୍ଥାତ୍ ୯ ଲକ୍ଷ ଟଙ୍କା ସହାୟତା ରାଶି ପାଇବେ ବୋଲି ମନ୍ତ୍ରୀ କହିଛନ୍ତି ।

## ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ ସ୍ମରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ଗାଳ୍ପିକ, ଔପନ୍ୟାସିକ, ସାହିତ୍ୟସାଧକ ମହାପାତ୍ର ନୀଳମଣି ସାହୁଙ୍କ ଜନ୍ମ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି । ସେହିପରି ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଔପନ୍ୟାସିକ ତଥା ଗାଳ୍ପିକ ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଅଚ୍ୟୁତ ସାମନ୍ତଙ୍କୁ ୬୪ତମ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକର ଖ୍ୟାତି ସମ୍ପନ୍ନ ଆଲାଏନ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ରବିବାର ଆଲାଏନ୍‌ସ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୪ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମୁଁ ନିରନ୍ତର ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିଆସୁଛି । ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତଙ୍କ ସହ ଗୋଆ ରାଜ୍ୟପାଳ ପି. ଏସ୍. ଶ୍ରୀଧରନ୍ ପିଲାଇ, ନିତି ଆୟୋଗ ସଦସ୍ୟ ତଥା ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟ କୁଳାଧିପତି ପଦ୍ମ ଭୂଷଣ ଡ. ବିଜୟ କୁମାର ସାରସ୍ୱତ, ଭାରତୀୟ ଖେଳକୁଦ ସଂଘର ଉପସଭାପତି ପଦ୍ମଶ୍ରୀ ଅଞ୍ଜୁ ବବି ଜର୍ଜଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣାଟକ ବିଧାନ ପରିଷଦ ଅଧ୍ୟକ୍ଷ ବାସବରାଜ ଶିବଲଙ୍ଗାପ୍ପା ହେରାଟି, କର୍ଣ୍ଣାଟକ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ, ଆଇଟି ଓ ବିଟି ବିଭାଗ ମନ୍ତ୍ରୀ ପ୍ରିୟାଙ୍କ ମଲ୍ଲିକାର୍ଜୁନ ଖଡ଼୍‌ଗେ, ଏରୋନଟିକ ଡେଭେଲପମେଣ୍ଟ ଏଜେନ୍‌ସୀ ଗଭର୍ଣ୍ଣିଂ ବଡ଼ି ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ ଓ ଆଲାଏନ୍‌ସ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପ୍ରେମାନନ୍ଦ ସେଟ୍ଟୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## 'ସାଇବର ନିରାପତ୍ତା ପ୍ରତି ସଚେତନତା ଲୋଡ଼ା'

କଟକ(ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ ଅଫ୍ କଟକ ମିଡଟାଉନ ଓ ଇନରହୁଇଲ୍ କ୍ଲବର ମିଳିତ ଆନୁକୂଲ୍ୟରେ ସାଇବର ନିରାପତ୍ତା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବକ୍ତା ଭାବେ ସାଇବର ଥାନା ଅଧିକାରୀ ରଶ୍ମିତା ଜେନା ଯୋଗଦେଇ ସାଇବର ନିରାପତ୍ତା ପ୍ରତି ସଚେତନତା ଲୋଡ଼ା ବୋଲି କହିଥିଲେ । ସାଇବର ଅପରାଧରୁ ସୁରକ୍ଷିତ ରହିବା, ସୋସିଆଲ ମିଡିଆ ବ୍ୟବହାର, ଅନଲାଇନ ସପିଂ, ଅଜଣା କଲ, ସିମ୍ ଠକେଇ, ଅନଲାଇନ ଆର୍ଥିକ କାରବାର, ସାଇବର ସ୍ପେସରେ ପିଲାଙ୍କ ସୁରକ୍ଷା, କେୱାଇସି ଅପଡେଟ, ଲୋନ ଆପ, ଚାକିରୀ, ମାଟ୍ରିମୋନିଆଲ ଠକେଇ, ସର୍ଚ୍ଚ ଇନ୍ ବ୍ୟବହାର ସମୟରେ ସତର୍କତା ଆଦି ଉପରେ ସେ ବିସ୍ତୃତ ଭାବେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ । କ୍ଲବ ସଭାପତି ଡ. ଆଶୁତୋଷ ଦେବତାଙ୍କ ପୌରୋହିତ୍ୟ ଏବଂ ଇନର ହୁଇଲ କ୍ଲବର ଉପାଧ୍ୟକ୍ଷା ପ୍ରଭାତୀ ମହାନ୍ତି ଓ ସମ୍ପାଦିକା ସଂଯୁକ୍ତା ମଲ୍ଲିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

**ଓଡ଼ିଶା ସାମ୍ବାଦିକ ୟୁନିୟନ୍‌ର ୫୩ତମ ପ୍ରତିଷ୍ଠା ଦିବସ ସମାରୋହ**

## ସାମ୍ବାଦିକଙ୍କ ସୁରକ୍ଷା, ସୁବିଧା ଓ ଅଧିକାର ପ୍ରଦାନ କରିବା ଆମର ଦାୟିତ୍ୱ: ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ସାମ୍ବାଦିକ ବନ୍ଧୁମାନେ ଖବର ପ୍ରସାରଣ ସହ ବିଭିନ୍ନ କାର୍ଯ୍ୟରେ ଗୁରୁ ଦାୟିତ୍ୱ ନିର୍ବାହ କରୁଛନ୍ତି । ଓଡ଼ିଶାର ଅଧିକାରରେ ସାମ୍ବାଦିକ ବନ୍ଧୁମାନଙ୍କର ବି ଦାୟିତ୍ୱ ଅଛି । ଏହି ସାମ୍ବାଦିକ ବନ୍ଧୁମାନଙ୍କର ସୁରକ୍ଷା, ଅଧିକାର ଓ ସୁବିଧା ପାଇଁ ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣିବା ସହ ସେମାନଙ୍କୁ ବିଧିବିଦ୍ଧ ଭାବରେ ମାନ୍ୟତା ପ୍ରଦାନ କରିବା ତଥା ପେନସନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ)ର ୫୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସାମ୍ବାଦିକମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସଂଘର୍ଷକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା ଓଡ଼ିଶା ସାମ୍ବାଦିକ ୟୁନିୟନର କାର୍ଯ୍ୟ ପ୍ରଶଂସନୀୟ । ଆମ ଦେଶର ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି । ତେବେ ସମ୍ବିଧାନ ପ୍ରଣୟନ ହେବା ପରେ ଦେଶରେ ପ୍ରଥମ କରି ଯେଉଁ ନିର୍ବାଚନ ହୋଇଥିଲା, ତାହା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଗଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସମ୍ବିଧାନର ସଂଶୋଧନ କରାଇଥିଲେ, ଯାହାର ବଡ ଶିକାର ହୋଇଥିଲେ ସାମ୍ବାଦିକ । ବାକ୍ ସ୍ୱାଧୀନତାକୁ ସଂଶୋଧନ କରାଗଲା, ଯେଉଁ ସଂଶୋଧନ ଥିଲା ସମାଲୋଚନାରୁ ବଞ୍ଚିବା ପାଇଁ । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରତିଭାବାନ ଯୁବ ସାମ୍ବାଦିକମାନଙ୍କୁ ସାମ୍ବାଦିକ ପୁରସ୍କାରରେ ସମ୍ମାନିତ କରିଥିଲେ ।

## 'ପଲ୍ଲୀକବି' ନନ୍ଦକିଶୋର ବଳଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ପଲ୍ଲୀକବି' ନନ୍ଦକିଶୋର ବଳଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ଓଡ଼ିଆ କବି ତଥା ଶିଶୁ ସାହିତ୍ୟିକ 'ପଲ୍ଲୀକବି' ନନ୍ଦକିଶୋର ବଳଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

### ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ ହେବ

## ପିଏମ୍ ମୋଦିଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯିବ । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ଓଡିଶାର ଗୌରବ, ମାନ ମର୍ଯ୍ୟାଦା ବଢୁ ସେଥିରେ ଲାଗିଛନ୍ତି । ଆମ ସମସ୍ତଙ୍କ ଦାୟିତ୍ୱ ଅତିଥି ଦେବୋ ଭବ, ଭୁବନେଶ୍ୱର ସ୍ୱଚ୍ଛତା ଏବଂ ସୁସଜ୍ଜିତ କରିବା ଏବଂ ଦୀପାବଳିର ବାତାବରଣ ତିଆରି କରିବା ପାଇଁ ଓଡିଶାବାସୀଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

## ଅମୃତଧାରା ମେଗା ରକ୍ତ ଦାନ ଶିବିରରେ ୨୩୨ ୟୁନିଟ୍ ସଂଗ୍ରହ



କଟକ(ଭାସ୍କର ନ୍ୟୁଜ୍): ଅମୃତଧାରା ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିରର ଆଜି ଉଦଯାପନ ସମାରୋହ ସ୍ଥାନୀୟ ସେଲଟର ଛକ ସ୍ଥିତ ବିଧାୟିକାଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଧାୟିକା ସୋଫିଆ ଫିରଦୋସଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୨୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ପୂର୍ବତନ ବିଧାୟକ ମହମ୍ମଦ ମୋକିମ ସମସ୍ତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଭିନ୍ନ ସଂଗଠନ, କଂଗ୍ରେସ କାର୍ଯ୍ୟକର୍ତ୍ତା, ଏନସିସିର ସମସ୍ତ ଛାତ୍ରଛାତ୍ରୀ ଓ କୋଲୋନେଲ, ମହିଳା, ଯୁବକଙ୍କୁ ବିଧାୟିକା ସୋଫିଆ ଫିରଦୋସ ଆନ୍ତରିକ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଏସ.ସି.ବି ମେଡିକାଲ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଓ ଟିମ ସଦସ୍ୟମାନଙ୍କର ନିଷ୍ଠାପର ସହଯୋଗ ପାଇଁ ବିଧାୟିକା ଧନ୍ୟବାଦ ଜଣାଇଥିଲେ । ମୋକିମ ଫାଉଣ୍ଡେସନ ଓ ଓଡିଶା ପ୍ରାନ୍ତିୟ ମାରୱାରୀ ଯୁବା ମଞ୍ଚର ସହଯୋଗ ପାଇଁ ସମସ୍ତ ସଭ୍ୟମାନଙ୍କୁ ମଧ୍ୟ ବିଧାୟିକା ଧନ୍ୟବାଦ ଜଣାଇଛନ୍ତି । ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପସାୟତ, ଶରତ ଚନ୍ଦ୍ର ଶେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ଜେ କାମେଶ୍ୱର ରାଓ, ଲିଜା ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପ୍ରବାସୀ ଭାରତୀୟମାନେ ପୁରୀ ଭୁବନେଶ୍ୱର ସମେତ ତିରିଶରୁ ଅଧିକ ପର୍ଯ୍ୟଟନ କ୍ଷେତ୍ର ବୁଲିବେ । ଓଡ଼ିଶାର ବିକାଶ ସଂଗେ ତାଙ୍କୁ ଯୋଡିବାକୁ ଯାହା ପ୍ରକ୍ରିୟା, ଓଡିଶା ସରକାର ସମସ୍ତ ପ୍ରସ୍ତୁତି ସାରିଛନ୍ତି । ଜାନୁଆରୀ ୧, ୨ ଏବଂ ତିନି ତାରିଖରେ ଚୂଡାନ୍ତ ପର୍ଯ୍ୟାୟର ସମୀକ୍ଷା ହେବ । ମୁଖ୍ୟମନ୍ତ୍ରୀ ଏହାକୁ ସମୀକ୍ଷା କରିବେ । ପ୍ରବାସୀ ଭାରତୀୟମାନେ ଓଡିଶାକୁ ଥରେ ଆସିଲେ, ଓଡିଶାର ଆକର୍ଷଣ ତାଙ୍କ ହୃଦୟକୁ ସବୁବେଳେ ବାନ୍ଧି ରଖିବ, ସେଭଳି ଏକ ପ୍ରସ୍ତୁତିର ଲକ୍ଷ ନେଇ ଚାଲିଛୁ ବୋଲି ମନ୍ତ୍ରୀ କହିଛନ୍ତି ।

## 'ଜନ ଆନ୍ଦୋଳନ କ୍ଷେତ୍ରରେ ଲକ୍ଷ୍ମୀଧର ମହାନ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




କଟକ(ଭାସ୍କର ନ୍ୟୁଜ୍): ଏସ୍‌ୟୁସିଆଇ (ସି) ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ତଥା ଏଆଇୟୁଟିୟୁସି କଟକ ଜିଲ୍ଲା ପୂର୍ବତନ ସଭାପତି ଲକ୍ଷ୍ମୀଧର ମାହାନ୍ତିଙ୍କ ସ୍ମରଣ ସଭା ଗାନ୍ଧି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏସ୍‌ୟୁସିଆଇ (ସି) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ଏହି ସ୍ମରଣ ସଭାରେ ଏସ୍‌ୟୁସି ଆଇ (ସି) କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡ଼ିଶା ରାଜ୍ୟ ସଂପାଦକ ଶଙ୍କର ଦାସଗୁପ୍ତ, କେନ୍ଦ୍ରୀୟ କମିଟି ସଦସ୍ୟ ଦ୍ୱାରିକାନାଥ ରଥ, ରାଜ୍ୟ କମିଟି ସଦସ୍ୟ ଛବି ମହାନ୍ତି ଯୋଗଦେଇ ଥିଲେ । ଶ୍ରୀ ଲକ୍ଷ୍ମୀଧର ମହାନ୍ତି ରେଭେନ୍ସା କଲେଜରେ ଅଧ୍ୟୟନ କଲା ବେଳେ ଏଆଇଡିଏସ୍‌ଓ ସହିତ ଯୁକ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ ଜରୁରୀକାଳୀନ ପରିସ୍ଥିତି ବେଳେ ଗୋପବନ୍ଧୁ ଶତବାର୍ଷିକୀ କାମ ସହ ସଂଶ୍ଳିଷ୍ଟ ହୋଇଥିଲେ । ଭାରତୀୟ ଜୀବନବୀମା ନିଗମ କଟକ ଶାଖାରେ କାମ କରୁଥିବା ବେଳେ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଗ୍ରହଣ କରି ସେ ଏସ୍‌ୟୁସିଆଇ (ସି) ଦଳ ସହ ଯୁକ୍ତ ହୋଇଥିଲେ । ସେ ତାଙ୍କ ପୈତୃକ ଗ୍ରାମ ଅଳାଣ୍ଡ ସହ ବିରିଡି ବ୍ଲକ ଅଞ୍ଚଳରେ ସଂଗଠନ ବିସ୍ତାର ଓ ଜନ ଆନ୍ଦୋଳନ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦଳ ଉଦ୍ୟମରେ ୧୯୮୨ ବନ୍ୟା ଘାଇ ଓ ୧୯୯୯ ମହାବାତ୍ୟା ସମୟରେ ମାସ ମାସ ଧରି ଚାଲିଥିବା ରିଲିଫ କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ ବୋଲି ବକ୍ତା ମାନେ ମତ ଦେଇଥିଲେ । ସଭାର ପ୍ରାରମ୍ଭରେ ଜିଲ୍ଲା କମିଟି ସଦସ୍ୟ ବବି ବଳବନ୍ତ ରାୟ ପ୍ରୟାତ ଲକ୍ଷ୍ମୀଧର ମାହାନ୍ତିଙ୍କ ଉପରେ ଶୋକ ପ୍ରସ୍ତାବ ପାଠ କରିଥିଲେ । ଏହି ସ୍ମରଣ ସଭାରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ଯୁଗଳ କିଶୋର ନାୟକ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, କ୍ଷୀରୋଦ ରାଉତ, ଶ୍ୟାମସୁନ୍ଦର ଦାସ, ପ୍ରଭାତ ଦାସ, ଶର୍ମିଷ୍ଠା ନାଥ ପ୍ରମୁଖ ଲକ୍ଷ୍ମୀଧର ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ଦଳର ରାଜ୍ୟ କମିଟି ସଦସ୍ୟ ତଥା ଏଆଇଡିଏସ୍‌ଓର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶିବାଶିଷ ପ୍ରହରାଜ, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ଦୀପକ ଦାସ ପ୍ରମୁଖଙ୍କ ସମେତ ଦଳର ଶତାଧିକ କର୍ମୀ ସମର୍ଥକ ଏହି ସଭାରେ ଉପସ୍ଥିତ ଥିଲେ । ଶେଷରେ ଏସ୍‌ୟୁସି ଆଇ (ସି) ଅଫିସ୍ ସଂପାଦକ ଖଗେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଅଦିନିଆ ବର୍ଷା ଉଜାଡ଼ିଲା ଫସଲ

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଲୋଡ଼ା

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓ ଅବପାତର ପ୍ରଭାବରେ ଓଡ଼ିଶାରେ ୨/୩ଦିନର ଲଗାଣ ବର୍ଷା ଚାଷୀକୁଳର ସୁନେଲି ଆଶାକୁ ଚୁରମାର୍ କରିଦେଇଛି। ଏହି ଅଦିନିଆ ବର୍ଷା ଧାନ ଓ ପରିବା ଫସଲକୁ ଉଜାଡ଼ି ଦେଇଛି। ବିଲ ଓ ଖଳାରେ ଅମଳ ହୋଇ ରହିଥିବା ଧାନ ସମ୍ପୂର୍ଣ୍ଣ ଭିଜି ଯାଇଥିବା ବେଳେ ଜମି ଉପରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି। ଚଳିତ ବର୍ଷ ଭଲ ଫସଲ ହୋଇଥିବାରୁ ଆର୍ଥିକ ଦିଗରୁ କିଛିଟା ଲାଭବାନ ହେବାକୁ ଆଶା ବାନ୍ଧିଥିବା ଚାଷୀଙ୍କ ମେରୁଦଣ୍ଡକୁ ଲଘୁଚାପଜନିତ ବର୍ଷା ଶକ୍ତ ଆଘାତ ଦେଇଛି। ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ବର୍ଷା ସହିତ କୋହଲା ପବନ ଖରିଫ୍ ଧାନ ଫସଲରେ ବିପୁଳ କ୍ଷତି ପହଞ୍ଚାଇଥିବାର ଖବର ମିଳିଛି। ବର୍ଷା ଆଶଙ୍କାରେ ଚାଷୀମାନେ ଖୁବ୍ ତରବରିଆରେ ଜମିରୁ ଧାନ କାଟିଆଣି ଖଳାରେ ଜମାଇଥିଲେ। ଆଉ କେତେକ ଜମିରେ ପାଚିଲା ଧାନ କଟା ନ ହୋଇ ପାରି ରହିଯାଇଥିଲା। ସେହି ସମସ୍ତ ଧାନ ଲଗାଣ ବର୍ଷାରେ ଭିଜି ନଷ୍ଟ ହୋଇଥିବାର ସୂଚନା ମିଳିଛି। ସେହିପରି ମଣ୍ଡିରେ ଗଚ୍ଛିତ ଥିବା ବସ୍ତାବସ୍ତା ଧାନ ମଧ୍ୟ ଓଦା ହୋଇଯାଇଥିବାର ଅଭିଯୋଗ ହୋଇଛି। ଅଳ୍ପ କିଛିଦିନ ପୂର୍ବେ ସାମୁଦ୍ରିକ ଝଡ଼ 'ଦାନା'ର ପ୍ରଭାବରୁ ଚାଷୀ ଅଣ୍ଟା ସଳଖି ନଥିବା ବେଳେ ପୁଣି ଥରେ ଅଦିନିଆ ବର୍ଷା ସେମାନଙ୍କ କ୍ଷତିକୁ ଦ୍ୱିଗୁଣିତ କରିଛି। ଅମଳ ହୋଇଥିବା ଧାନ ଓଦା ରହିଲେ ତାହା ଗଜା ହେବାର ସମ୍ଭାବନା ରହିଛି। ସେହିପରି ଅଧିକାଂଶ ଧାନର ମୂଳ ରଙ୍ଗ ମଧ୍ୟ ବଦଳିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବନାହିଁ। ଶୁକ୍ରବାର ସକାଳ ଠାରୁ ରାଜ୍ୟବ୍ୟାପୀ ବର୍ଷା ଆରମ୍ଭ ହୋଇ ଶନିବାର ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ଲାଗି ରହିଥିଲା। ଏହି ସମୟ ମଧ୍ୟରେ ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, କଟକ, ନୟାଗଡ଼, ଗଞ୍ଜାମ, ପୁରୀ, କୋରାପୁଟ, ମାଲକାନଗିରି, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଅଧିକ ବର୍ଷା ରେକର୍ଡ କରାଯାଇଛି। କୃଷି ପ୍ରଧାନ କଟକ ଜିଲ୍ଲାର ଚାଷୀମାନେ ସାଧାରଣତଃ ଧାନ ଚାଷ ଉପରେ ଅଧିକ ନିର୍ଭରଶୀଳ ଥିବାବେଳେ ଅଦିନିଆ ବର୍ଷା ଯୋଗୁଁ ଲୁହ ଗଡ଼ାଉଥିବାର ଲକ୍ଷ୍ୟ କରାଯାଉଛି। ସେହିପରି ପୁରୀ ଜିଲ୍ଲାରେ ଶୁଖିଲା ବିଲରେ ଏବେ ବର୍ଷା ପାଣି ଜମି ରହିଥିବାରୁ ଚାଷୀଙ୍କ ବର୍ଷକର ପରିଶ୍ରମ ବୃଥା ଯିବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ନିତିଦିନିଆ ପନିପରିବା ଚାଷ କ୍ରମଶଃ ହ୍ରାସ ପାଉଥିବା ବେଳେ ଏବଂ ବିଭିନ୍ନ ପରିବା ଦର ଆକାଶଛୁଆଁ ଥିବା ସମୟରେ ଶୀତ ଦିନିଆ ପରିବା ଉତ୍ପାଦନକୁ ସମସ୍ତେ ଚାହିଁ ରହିଥିଲେ। ମାତ୍ର ଅଦିନିଆ ବର୍ଷା ସେହି ଆଶାକୁ ଧୂଳିସାତ୍ କରିଛି। ଗୋଟିଏ ପଟେ ପାଚିଲା ଧାନର କ୍ଷତି, ଅନ୍ୟପଟେ ବିଲରେ ପନିପରିବା ବର୍ଷାରେ ପଚି ଷଢ଼ିଯିବା ଚିନ୍ତାର କାରଣ ସାଜିଛି। ବିଭିନ୍ନ ଜିଲ୍ଲାରେ ଫୁଲକୋବି, ବନ୍ଧାକୋବି, ବାଇଗଣ, ଲଙ୍କା, ଟମାଟେ, ମଟର ଆଦି ପରିବା ସହ ଗେଣ୍ଡୁ ଓ ରଜନୀଗନ୍ଧା ଫୁଲ ଚାଷ ମଧ୍ୟ ବର୍ଷା ମାଡ଼ରେ ନଷ୍ଟ ହୋଇଥିବାର ଖବର ମିଳିଛି। ବିଲ ଓ ଖଳାରେ ବତୁରା ହୋଇଥିବା ଧାନ ସମ୍ପର୍କରେ ଚାଷୀଙ୍କୁ ଆଶ୍ୱାସନା ବାଣୀ ଶୁଣାଇ ରାଜ୍ୟ ସମବାୟ ମନ୍ତ୍ରୀ କହିଛନ୍ତି ଯେ, ଖରାରେ ଧାନ ଶୁଖିବା ପରେ ସରକାର ତାହା ଗ୍ରହଣ କରିବେ। ମଣ୍ଡି ଆସନ୍ତା ଫେବୃୟାରୀ ପର୍ଯ୍ୟନ୍ତ ଖୋଲା ଥିବାରୁ ସମସ୍ୟା ସୃଷ୍ଟି ହେବନାହିଁ। ୨/୪ଟା ଖରାମାଡ଼ ପରେ ଓଦା ଧାନ ଶୁଖିଯିବ, ତେଣୁ ବ୍ୟସ୍ତ ହେବାର କିଛି ନାହିଁ ବୋଲି ମନ୍ତ୍ରୀ ମତ ରଖିଛନ୍ତି। ତେବେ ପାଣିପାଗ ଦପ୍ତରର ସୂଚନା ଅନୁଯାୟୀ ଆସନ୍ତା ସପ୍ତାହରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଭଳି କ୍ଷେତ୍ରରେ ଚାଷୀଙ୍କ ଦୁରବସ୍ଥା ଆହୁରି ବୃଦ୍ଧି ପାଇବା କିଛି ଅସମ୍ଭବ ନୁହେଁ। ତେଣୁ ବର୍ତ୍ତମାନର କ୍ଷତି ଭରଣା ସହ ସମ୍ଭାବ୍ୟ ସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରଶାସନ ଜାଗ୍ରତିଆର୍ ରହିବା ଏକାନ୍ତ ଜରୁରି।



# ନିୟନ୍ତ୍ରଣର ରଜ୍ଜୁରେ ମହତାକାଂକ୍ଷାର ଅଭିମନ୍ତ୍ର




ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦


ପ୍ରତ୍ୟେକ ମଣିଷର ଜୀବନ ଅବଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଆକାଂକ୍ଷା, ଯାହା ଭାବନାରେ ବହନ କରୁଥିବା ସାଧାରଣ ମନୋଭାବ ମଧ୍ୟରୁ ଗୋଟିଏ। ଆକାଂକ୍ଷା ହେଉଛି ଆଶା ବା ଈପ୍ସିତ ଇଚ୍ଛା, ଯାହା ପ୍ରତ୍ୟେକ ମଣିଷର ଜୀବନରେ ଉଦ୍ଦେଶ୍ୟର ଏକ ସାଧାରଣ ଉତ୍ସ। ବିଶେଷତଃ ମଣିଷ ଯେଉଁ ବ୍ୟକ୍ତିଙ୍କ ନିକଟତର କିମ୍ବା ପ୍ରିୟ ବୋଲି ଭାବୁଥାଏ ବା ଯେଉଁ କାର୍ଯ୍ୟର ସଫଳତା ପାଇଁ ପ୍ରୟାସ କରିଥାଏ, ସେହିଠାରେ ଆକାଂକ୍ଷାର ସ୍ତର ବୃଦ୍ଧି ହୋଇଥାଏ। ମଣିଷ କାହା ସହିତ ଆକାଂକ୍ଷା କରିଥାଏ ଓ କେଉଁ ପରିପ୍ରେକ୍ଷୀରେ କେଉଁ ଉଦ୍ଦେଶ୍ୟରେ କରିଥାଏ ତାହା ବ୍ୟକ୍ତିକୁ ସୂଚନା ଦେଇଥାଏ ଯେ ତାହାର ସୀମାଠାରୁ ଅଧିକ ଆଶା କରିବା ପାଇଁ ମଣିଷ ଅଧିକାର ସାବ୍ୟସ୍ତ କରିଥାଏ। ସ୍ଥିତି ପରିସ୍ଥିତି ବା ଉଦ୍ଦେଶ୍ୟମୂଳକ ଭାବେ ଯେତେବେଳେ ଆକାଂକ୍ଷା ଫଳପ୍ରସୂ ହୋଇପାରି ନଥାଏ ସେତେବେଳେ ମଣିଷ ସକଳ ସୁଖ ହରାଇଥାଏ ଓ ଯାହା ପାଇଲୁ ନାହିଁ ସେଥିରେ ଉଦାସ ଅନୁଭବ କରିଥାଏ। ଆକାଂକ୍ଷା ଦୁଇଟି ଦିଗରେ ନିୟନ୍ତ୍ରଣ ସୃଷ୍ଟି କରେ, ଗୋଟିଏ ହେଉଛି ମଣିଷ କ୍ରମାଗତ ଭାବରେ ଅସତ୍ୟ କିମ୍ବା ଅବାସ୍ତବ ଭାବରେ ପ୍ରତିକ୍ରିୟା କରିଥାଏ ବାସ୍ତବତାକୁ କୌଣସି ଉପାୟରେ ସାବ୍ୟସ୍ତ କରିବା ପାଇଁ ଓ ଅନ୍ୟଟି ହେଉଛି, ଅଧିକାଂଶ ସମୟରେ ଯେଉଁମାନେ ପ୍ରତ୍ୟେକ ପରିସ୍ଥିତିରେ ନିଶ୍ଚିତ ଆଶା ରଖିଥାନ୍ତି, ସେମାନେ ପ୍ରକୃତରେ ଅନୁଭବ କରିନଥାନ୍ତି ଯେ ଉକ୍ତ ଆକାଂକ୍ଷାକୁ କେତେକ ପରିସ୍ଥିତିରେ ଦୃଢ଼ ନିଶ୍ଚୟ ରଖିବା ଠିକ୍ ନୁହେଁ। ଆକାଂକ୍ଷା ମଣିଷକୁ ସକାରାତ୍ମକ କାର୍ଯ୍ୟକଳାପ କରିବାର ମାନସିକତାକୁ ପରିବର୍ତ୍ତନ କରିଥାଏ, ମାତ୍ର ଯେତେବେଳେ ବାସ୍ତବତାରୁ ବହୁଦୂରରେ ମଣିଷ ଧାବମାନ ହୋଇଥାଏ, ସେତେବେଳେ ଉକ୍ତ ଆକାଂକ୍ଷା ମଣିଷକୁ କେବଳ କଷ୍ଟ ଦେଇଥାଏ। ମଣିଷ ସମାଜରେ ବ୍ୟକ୍ତି ଏକ ସୁନ୍ଦର ଦୁନିଆରେ ବଞ୍ଚିବାକୁ ଚାହେଁ, କିନ୍ତୁ ଦୁନିଆକୁ ଉଚିତ୍ କର୍ମରେ ଓ ବାସ୍ତବତା ବିଷୟରେ ଚିନ୍ତା କରିବା ଉଚିତ୍। ଆକାଂକ୍ଷାକୁ ଆଶାବାଦୀ ହେବାରେ କୌଣସି ଭୁଲ ନାହିଁ, କିନ୍ତୁ କୌଣସି ପ୍ରକାରେ ମଧ୍ୟ ଘଟିବାକୁ ଥିବା ସବୁଠାରୁ ଖରାପ ଘଟଣା ବିଷୟରେ ଚିନ୍ତା କରିବା ଉଚିତ୍ ଓ ସେଥିରୁ ଶିକ୍ଷା ଲାଭ କରିବା ଉଚିତ୍। ପ୍ରୟାସ ଅଧିକାଂଶ କ୍ଷେତ୍ରରେ ସଫଳତାର କଳ୍ପନା କରିବାର କ୍ଷମତା ଉପରେ ନିର୍ଭର କରିବା ଉଚିତ୍। ଦକ୍ଷତାର 'ବର୍ଦ୍ଧିତ' ଦୃଷ୍ଟିକୋଣ ଗଭୀର ବିଶ୍ୱାସ ଓ ସଫଳତାର ପ୍ରୟାସ ସହିତ ଜଡ଼ିତ। ଅତୀତର ବିଫଳତାକୁ ଦକ୍ଷତାର ଅଭାବର ସୂଚକ ଭାବରେ ବ୍ୟାଖ୍ୟା କରିବା ପରିବର୍ତ୍ତେ, ପ୍ରୟାସର ଅଭାବରେ ବିଫଳତାକୁ ବ୍ୟାଖ୍ୟା କରିବାର ସମ୍ଭାବନା ଅଧିକ ହୋଇଥାଏ। ଅନ୍ୟମାନଙ୍କ ଅପେକ୍ଷା ସର୍ବୋତ୍ତମ, ଭଲ ହେବା, ଚତୁର, ଧନୀ, ଅଧିକ ଲୋକପ୍ରିୟ, ଅଧିକ ଉତ୍ପାଦନକାରୀ, ଇତ୍ୟାଦି ଇତ୍ୟାଦି ହେବା ପାଇଁ ଯାହା ଥାଏ ଆକାଂକ୍ଷାର ଶେଷ ସୋପାନ।

ଆକାଂକ୍ଷାର ଉକ୍ତ ଶେଷ ସୋପାନରୁ ସୃଷ୍ଟି ହୋଇଥାଏ ଉଚ୍ଚାକାଂକ୍ଷା, ଯାହାର ଘନତା ଓ ପରିସୀମାରେ ମଣିଷ ବିବେକ, ସ୍ୱାର୍ଥ କର୍ତ୍ତବ୍ୟ ଓ ନିଷ୍ଠାକୁ ନିୟନ୍ତ୍ରିତ କରିନଥାଏ। ଉଚ୍ଚାକାଂକ୍ଷା ପ୍ରତ୍ୟେକ ମଣିଷର ଜୀବନର ସର୍ବଶ୍ରେଷ୍ଠ ସମ୍ପଦ ଓ ଉକ୍ତ ସମ୍ପଦକୁ ଆଧାର କରି ମଣିଷ କେତେ କ'ଣ ସ୍ୱପ୍ନ ଦେଖିଥାଏ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ। ମାତ୍ର ଯେତେବଳେ ଉଚ୍ଚାକାଂକ୍ଷା ପରିମିତ ପରିଧି ଓ ବାସ୍ତବତା ଉପରେ ଧାବମାନ ହୋଇଥାଏ, ସେତେବଳେ ଏହା ହୋଇଥାଏ ଫଳପ୍ରସୂ ଓ ଯେତେବେଳେ ଏହା ନିୟନ୍ତ୍ରିତ ରେଖାରୁ ବିଚ୍ୟୁତି ହୋଇଥାଏ ସେତେବଳେ ଉଚ୍ଚାକାଂକ୍ଷା ଦୁର୍ଘଟଣାଗ୍ରସ୍ତ ହୋଇଥାଏ। ଉଚ୍ଚାକାଂକ୍ଷାକୁ ସାକାର କରିବା ପାଇଁ ବ୍ୟକ୍ତିକୁ ଅନେକ ପରିଶ୍ରମ ଓ ସକାରାତ୍ମକ ଦୃଷ୍ଟିକୋଣକୁ ଆଧାର କରିବା ଉଚିତ୍, ତେବେ ଯାଇ ନିଷ୍ଠା ଓ ନୀତି ନିୟମର ପରିଶ୍ରମରେ ଉଚ୍ଚାକାଂକ୍ଷା ସକାରାତ୍ମକ ପ୍ରତିବଦ୍ଧତାକୁ ସାକାର କରିଥାଏ। ଅନେକ କ୍ଷେତ୍ରରେ ବର୍ତ୍ତମାନ ସମାଜରେ ବ୍ୟକ୍ତି ଅତି ସହଜରେ ବା ଅତି ସରଳ ଉପାୟରେ ତଥା ସ୍ୱଳ୍ପ ସମୟର ଅବଧିରେ ନକାରାତ୍ମକ ଉଚ୍ଚାକାଂକ୍ଷାକୁ ସାକାର କରିବା ପାଇଁ ଚେଷ୍ଟିତ। ବର୍ତ୍ତମାନ ମଣିଷ ବିଶେଷତଃ ଧନ, ପ୍ରତିପତ୍ତି, ଯଶ, ଗୌରବ ଆଦି ପାଇଁ ଅସୁମାରି ଆଶାକୁ ପାଥେୟ କରି ଉଚ୍ଚାକାଂକ୍ଷାରେ ନିଜକୁ ନିମର୍ଜିତ କରୁଅଛି। ତେବେ ପିଲାଟିଏ ପାଠପଢି ସଂଘର୍ଷ କରି ଶିକ୍ଷାକୁ ହୃଦୟଙ୍ଗମ କରି ସମାଜରେ ପ୍ରତିଷ୍ଠିତ ହେବା ଓ ସେଥିରେ ଉଭୟ ପିଲା ଓ ବାପା ମା'ମାନେ ସହଯୋଗ କରିବା ଉଚିତ୍। ଯଦ୍ୱାରା ସୃଜନଶୀଳତା, ଅଭିଜ୍ଞତା, କର୍ତ୍ତବ୍ୟପରାୟଣତା ଆଦି ନିହିତ ରହିଥାଏ, ଯାହା ପରବର୍ତ୍ତୀ ସମୟରେ ଜୀବନର ଉଚ୍ଚାକାଂକ୍ଷାକୁ ଚରିତାର୍ଥ କରିଥାଏ। ମାତ୍ର ଅନେକ କ୍ଷେତ୍ରରେ ଉଭୟେ ପିଲା ଓ ବାପା ମା'ମାନେ ଅସଦ୍ ଉପାୟ ଅବଲମ୍ବନ କରି ସଂସ୍କାର ସଂସ୍କୃତି ନୀତି ନିଷ୍ଠା ନିୟମ ଆଦିକୁ ବିସର୍ଜନ କରି ଉତ୍କର୍ଷର ଫଳକୁ ଉପଭୋଗ କରିବା ପାଇଁ ଉଚ୍ଚାକାଂକ୍ଷା କରିଥାନ୍ତି ଓ ସେଥିରେ କେତେକ ସଫଳ ହୋଇଥାନ୍ତି ଓ କେତେକ ଅସଫଳ ହୋଇଥାନ୍ତି ଯାହା ଥାଏ ଦୁର୍ଘଟଣାର ପୁନରାବୃତ୍ତି ଓ ଉଚ୍ଚାକାଂକ୍ଷାର ଅବକ୍ଷୟ। ଉଚ୍ଚାକାଂକ୍ଷା ସର୍ବାଦୌ ସ୍ୱାଗତଯୋଗ୍ୟ, ଯାହା ଥାଏ ସକାରାତ୍ମକ ଦୃଷ୍ଟିକୋଣ ଓ ସମାଜର ହିତ ତଥା ନିଜର କର୍ତ୍ତବ୍ୟର ନିଷ୍ଠା। ମାତ୍ର ଉଚ୍ଚାକାଂକ୍ଷା ଯେତେବେଳେ ହୋଇଥାଏ ସମାଜର ଅହିତ ଓ ସ୍ୱାର୍ଥର ଅବାଞ୍ଛିତ ଫଳ, ସେତେବେଳେ ଉକ୍ତ ଉଚ୍ଚାକାଂକ୍ଷା ମଣିଷକୁ ଅଧିକ କଷ୍ଟ ଓ ଦୁଃଖ ଦେଇଥାଏ। ସେତେବଳେ ମଣିଷ ଭୁଲି ଯାଇଥାଏ ନିଷ୍ଠୁର ନିୟମର ତାଡନା ଓ ବ୍ୟବସ୍ଥିତ ପରିମାର୍ଜିତ ସୃଷ୍ଟିର ଆବାହନ। ଯେତେବେଳେ ଉଚ୍ଚାକାଂକ୍ଷା ଦୁର୍ଦ୍ଦିନକୁ ବହନ କରିଥାଏ, ସେତେବେଳେ ମଣିଷ କେବଳ ଅନୁତାପରେ ଜର୍ଜରିତ ହୋଇଥାଏ ଓ ସମ୍ପୂର୍ଣ୍ଣ ପରିବାର ଓ ପରିଜନ ସେଥିରେ ଲୀନ ହୋଇଥାନ୍ତି ଯାହାଥାଏ କର୍ମର ଫଳ ବୋଲି ଆଖ୍ୟା ଓ ଭାଗ୍ୟର ବିଡମ୍ବନା।

ଉଚ୍ଚାକାଂକ୍ଷାର ସୁବ୍ୟବସ୍ଥିତ ଧାରଣାର ପରିଧିରେ ଚଳଚଞ୍ଚଳ କରୁଥିବା ମଣିଷ ନିଶ୍ଚିତ ଭାବରେ ଶିକ୍ଷା କରିବା ଉଚିତ୍ ମହାତାକାଂକ୍ଷା। ଆକାଂକ୍ଷାକୁ ନିୟନ୍ତ୍ରଣର ନିୟନ୍ତ୍ରିତ ପରିବେଷ୍ଟନ ମଧ୍ୟରେ ପରିମାର୍ଜିତ ଦୃଷ୍ଟିଭଙ୍ଗୀରେ ବିଚାର କରିବା ଉଚିତ। ମହାତାକାଂକ୍ଷା ମଣିଷକୁ ଉଦାର ଓ ସମାଜର ହିତ ପାଇଁ ଉଦ୍ଦିଷ୍ଟ ହୋଇଥାଏ ବୋଲି ଏ ସମାଜ ଅନେକ ଉଦାହରଣରେ ଉପନୀତ ହୋଇଛି ଓ ଉକ୍ତ ସ୍ଥିତି ଦ୍ୱାରା ମଣିଷ ଉତ୍ଥାନର ଅଗ୍ରଭାଗରେ ଉପବେଶନ କରିଥାଏ କାରଣ ଏଥିରେ ନଥାଏ ଗ୍ଲାନି ଓ ନିହିତ ଉଦ୍ଦେଶ୍ୟ। ଯେଉଁଠି ଉଦ୍ଦେଶ୍ୟରେ ଥାଏ କିଛି ନକାରାତ୍ମକ ଚିନ୍ତାଧାରା ଓ ପ୍ରିୟାପ୍ରୀତି ମନୋଭାବ, ସେଇଠି ମହାତାକାଂକ୍ଷାର ଅଖ ଗୁଡିକ ଦୁର୍ବଳ ହୋଇଯାଏ ଓ ସମ୍ପୂର୍ଣ୍ଣ ସ୍ଥିତି ଦୋହୋଲି ଯାଇଥାଏ। ମହାଭାରତରେ ଧୃତରାଷ୍ଟ୍ରଙ୍କର ମହାତାକାଂକ୍ଷା ମଧ୍ୟରେ ଥିଲା ସ୍ୱାର୍ଥନ୍ୱେଷୀ ମନୋଭାବ, ଅଭିଳାଷ ଓ ତାହାର ପରିଣାମ ହିଁ ଧୃତରାଷ୍ଟ୍ରଙ୍କ ସହ ସମଗ୍ର କୌରବ ଓ ପାଣ୍ଡବ ସମାଜକୁ ଭୋଗ କରିବାକୁ ପଡିଲା। ମହାଭାରତ ଯୁଦ୍ଧରେ ମହାତାକାଂକ୍ଷାର ଅଭିନୟରେ ଯେ କେବଳ କୌରବ ଓ ପାଣ୍ଡବ ମାନଙ୍କର କ୍ଷତି ହୋଇଥିଲା ତାହା ନୁହେଁ ବରଂ ଉକ୍ତ ସମୟର ସମଗ୍ର ଜାତିକୁ ତାହାର କ୍ଷତ ସହ୍ୟ କରିବାକୁ ପଡିଥିଲା କାରଣ ମହାତାକାଂକ୍ଷାରେ ଥିଲା ନିହିତ ସ୍ୱାର୍ଥର ସମାହାର। ସେଠାରେ ଆକାଂକ୍ଷାର ଅଗ୍ରଗତି ହୋଇ ଉଚ୍ଚାକାଂକ୍ଷାରେ ପଦାର୍ପଣ କରି ମହାତାକାଂକ୍ଷାର ଉତ୍କର୍ଷ ପରିବର୍ତ୍ତେ ବିଲୟର ଧ୍ୱନିକୁ ଆମନ୍ତ୍ରଣ ହୋଇଥିଲା। ସେଦୃଷ୍ଟିରୁ ବିଚାର କଲେ ମହାତାକାଂକ୍ଷାର ମହତ୍ତ୍ୱକୁ ପ୍ରତିପାଦନ କରିବା ଉଚିତ୍ ଯାହା ସମସ୍ତଙ୍କର ହିତ ପାଇଁ ଉଦ୍ଦିଷ୍ଟ ଓ ସମଗ୍ର ମାନବ ଜାତି ସେଥିରୁ ପାଇପାରିବ ଅମୃତର ସନ୍ଧାନ। ଭାରତୀୟ ମୁକ୍ତି ସଂଗ୍ରାମରେ ମହାତାକାଂକ୍ଷାର ଅଭିଳାଷ ନେଇ ଯେଉଁ ନେତୃତ୍ୱ ଗଠନମୂଳକ ଅଭିସନ୍ଧିରେ ଭାରତୀୟମାନଙ୍କୁ ବାନ୍ଧି ପାରିଥିଲେ ଓ ବିଦେଶୀଙ୍କୁ ପରାଜୟ କରିଥିଲେ, ତାହା ଥିଲା ଜାତି ପାଇଁ ନିର୍ବିକାର ମହାତାକାଂକ୍ଷା। ମଣିଷ ସମାଜ ସବୁବେଳେ ଯଦି ସ୍ୱାର୍ଥକୁ ଆଧାର କରି ନିଜର ଉନ୍ନତିକୁ ଅଗ୍ରାଧିକାର ଦେଇ ଆକାଂକ୍ଷା, ଉଚ୍ଚାକାଂକ୍ଷା ଓ ମହାତାକାଂକ୍ଷାର ସଦୁପଯୋଗ ନକରିପାରେ, ତେବେ ଜୀବନର ଅର୍ଦ୍ଧାଧିକ ସମୟ କେବଳ ଦୁଃଖ କଷ୍ଟ ଓ ଆତ୍ମିକ ତଥା ଅହେତୁକ ଯନ୍ତ୍ରଣାରେ ଆତଯାତ ହେବ। ତେଣୁ ବାସ୍ତବ ଜୀବନକୁ ଚରିତାର୍ଥ କରିବାକୁ ହେଲେ ଦରକାର କେବଳ ବିବେକର ପ୍ରଶ୍ନର ଯଥାଯଥ ଉତ୍ତର ଓ ବିବେକର ନିର୍ଦ୍ଦେଶକୁ ଅନୁପାଳନ କଲେ ମଣିଷର ଆକାଂକ୍ଷା ଉଚ୍ଚାକାଂକ୍ଷା ଓ ମହାତାକାଂକ୍ଷାର ସଫଳ ରୂପାୟନ ନିଶ୍ଚିତ ଭାବରେ ହୋଇପାରିବ। ମଣିଷ ସମାଜ ନିକଟରେ ସୁପ୍ତ ହୋଇଥିବା ମହାତାକାଂକ୍ଷାର ଉପଯୁକ୍ତ ପ୍ରୟୋଗ କରିବା ଉଚିତ, ଯେଉଁଠି ମାନବଜାତି ଉପଲବ୍ଧି କରିବ ମଣିଷ ଜୀବନର ଉଦ୍ଦେଶ୍ୟ। ଅତଏବ ଆକାଂକ୍ଷା, ଉଚ୍ଚାକାଂକ୍ଷା ଓ ମହାତାକାଂକ୍ଷାର ସୀମା ମଧ୍ୟରେ ମଣିଷ ଧାବମାନ କରୁ ଓ ତାହାର ନିୟନ୍ତ୍ରଣର ରଜ୍ଜୁ ବିବେକର ତରାଜୁରେ ଅଭିମନ୍ତ୍ରିତ କରି ମହାତାକାଂକ୍ଷାର ବାସ୍ତବ ରୂପରେଖକୁ ପ୍ରତିପାଦନ କରୁ।

# ଏଡ୍‌ସ ଭୟାବହତା




ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯


ଗତ ମାସ... ଲା ୧ ତାରିଖ ଦିନ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏଡ୍‌ସ ମହାମାରୀର ଭୟାବହତା ବୋଧ ହୁଏ କାହାରିକୁ ଅଛପା ନାହିଁ। ସାଂପ୍ରତିକ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱର ଧମକ ଭାବେ ଉଭା ହୋଇଥିବା ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱରୁ ଏଡ୍‌ସ ମହାମାରୀର ମୂଳୋତ୍ପାଟନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ସେଥିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଆବଶ୍ୟକ କରେ। କହିବା ବାହୁଲ୍ୟ ଯେ, ଆଫ୍ରିକୀୟ ରାଷ୍ଟ୍ରଗୁଡିକ ବାହାରେ ଏଡ୍‌ସ ପ୍ରଭାବିତ ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତ ହେଉଛି ଅନ୍ୟତମ। ଉଲ୍ଲେଖଯୋଗ୍ୟ ଯେ, ୨୦୨୩-୨୪ ସୁଦ୍ଧା ଦେଶରେ ମୋଟ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ୧୬ଲକ୍ଷ ୮୯ ହଜାରରେ ପହଞ୍ଚିଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ଯାହାକି ପୂର୍ବବର୍ଷ ତୁଳନାରେ ୬.୩ ପ୍ରତିଶତ ଅଧିକ। ଯାହା ଏବେ ଉଦ୍‌ବେଗର କାରଣ। ଦେଶରେ ହରିଆନା, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜରାଟ, ଆଦି ରାଜ୍ୟରେ ପୂର୍ବବର୍ଷ ତୁଳନାରେ ଏଡ୍‌ସ ବା ଏଚ୍ଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ହରିଆନାରେ ଗତ ପାଞ୍ଚବର୍ଷ ମଧ୍ୟରେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ୱିଗୁଣ ହୋଇଥିବାବେଳେ ପଞ୍ଜାବ ଓ ହିମାଚଳ ପ୍ରଦେଶରେ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଉଲ୍ଲେଖନୀୟ ଭାବେ ଆକ୍ରନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା କୁହାଯାଏ। ଆମ ରାଜ୍ୟରେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ୨୫୦୦ ବୃଦ୍ଧି ପାଇଥିବାବେଳେ ଚାରୋଟି ଜିଲ୍ଲା ତଥା ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ସମ୍ବଲପୁର ଜିଲ୍ଲାର ସ୍ଥିତି ଗମ୍ଭୀର ରହିଥିବା ସରକାରୀ ତଥ୍ୟ କହେ। ରାଜ୍ୟରେ ବର୍ଷକ ମଧ୍ୟରେ ୨୫୫୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୩,୪୩୭ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଲୋକସଂଖ୍ୟା ଦୃଷ୍ଟିରୁ ପ୍ରତି ୭୦୦ ଜଣରେ ଜଣେ ଆକ୍ରାନ୍ତ ହେଉଥିବା ପରିସଂଖ୍ୟାନରୁ ଜଣାପଡିଥିବାବେଳେ ବର୍ଷକୁ ପ୍ରାୟ ୪୦୦ରୁ ୫୦୦ ଜଣଙ୍କର ମୃତ୍ୟୁ ଘଟୁଥିବା ଓ ସାକ୍ସ ସୂତ୍ରରୁ ଜଣାଯାଇଛି। ଗତ ୨୦୨୩ ନଭେମ୍ବର ସୁଦ୍ଧା ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦,୮୮୬ ଥିବାବେଳେ ଚଳିତ ବର୍ଷ ଏହି ଅବଧି ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୬୩,୪୩୭ରେ ପହଞ୍ଚିଥିବା ରିପୋର୍ଟ କହେ। ସେହିପରି ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୯,୧୫୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରେ ୭୯୯୪, ଖୋର୍ଦ୍ଧାରେ ୪୨୧୦ ଏବଂ ସମ୍ବଲପୁରରେ ୩୮୦୭ ଜଣ ଚିହ୍ନଟ ହୋଇଅଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରେ ୪୨,୫୦୨ ପୁରୁଷ, ୨୦,୯୪୫ ଜଣ ମହିଳା ଓ ୨୩,୪୭୧ ଜଣ ଯୁବବର୍ଗ ରହିଛନ୍ତି। ଏହା ନିଃସନ୍ଦେହ ଯେ, ଦେଶରେ ଗତ ଚାରି ଦଶନ୍ଧି ଧରି ବ୍ୟାପକ ସଚେତତନତା ଓ ବିଭିନ୍ନ କାର୍ଯ୍ୟକ୍ରମ ସତ୍ତ୍ୱେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନିଶ୍ଚିତ ଭାବେ ଚିନ୍ତାଜନକ। ଜାତୀୟ ଏଡ୍‌ସ୍ କଂଟ୍ରୋଲର ସଂଗଠନ ପକ୍ଷରୁ ଟେଷ୍ଟ ଆଣ୍ଡ ଟ୍ରିଟ୍ (ପରୀକ୍ଷା ଏବଂ ଚିକତ୍ସା) ଜାରି ରହିଥିବାବେଳେ ଜୀବନସାରା ଆକ୍ରାନ୍ତଙ୍କୁ ମାଗଣା ଚିକିତ୍ସା ପ୍ରଦାନ ହେଉଛି ସବୁଠାରୁ ବଡ ଉପଲବ୍ଧ। ପୂର୍ବରୁ ଲୋକଲଜ୍ୟା ଭୟରେ ଚିକିତ୍ସା ପାଇଁ କେହି ଆକ୍ରାନ୍ତ ଆଗେଇ ଆସୁନଥିବାବେଳେ ଏବେ କିନ୍ତୁ ତାହା ଅତୀତ ହୋଇଯାଇଛି। ଯାହାର ପରିଣତି ସ୍ୱରୂପ ୨୦୧୦ ମସିହା ପରଠାରୁ ଏଡସ୍ ମୃତ୍ୟୁ ୮୦ ପ୍ରତିଶତ ହ୍ରାସ ପାଇଛି। ସେହିପରି ମାଗଣା ଚିକିତ୍ସା ଦ୍ୱାରା ଗତ ଦଶନ୍ଧି ମଧ୍ୟ ବାର୍ଷିକ ହାରାହାରୀ ୪୪ପ୍ରତିଶତ ମାମଲା ହ୍ରାସ ପାଇଥିବା କୁହାଯାଏ। ଏହା ସତ୍ତ୍ୱେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ରହିଛି। ଏଚଆଇଭି/ଏଡ୍‌ସ ନିରାକଷ୍ଟ କ୍ଷେତ୍ରରେ ବ୍ୟାପକ ସଚେତନତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଏହା ନିସନ୍ଦେହରେ କୁହାଯାଇପାରେ କିନ୍ତୁ ଏହା ସତ୍ତ୍ୱେ ଯୌନ କର୍ମୀ, ଯାଯାବର, ନିଶାସକ୍ତଙ୍କୁ ବ୍ୟାପକ ସଚେତନତା କରିବାର ଆବଶ୍ୟକ ରହିଛି। କ୍ଷଣିକ ସୁଖ ପାଇଁ ଏଡ୍‌ସ ମହାମାରୀ ଜୀବନ ନେଉଛି। ଅସୁରକ୍ଷିତ ଯୌନ ସମ୍ଭୋଗ, ବ୍ୟବହୃତ ସିରିଞ୍ଜରେ ନିଶା ସେବନ, ଆଦି ଏଡ୍‌ସ ସଂକ୍ରମଣର ମୂଳକାରଣ ହୋଇଥିବାବେଳେ ଏଥିପ୍ରତି ସଚେତନ ରହିବା ଜରୁରୀ। ଏହି ସଚେତନତା କେବଳ ଅପବାଦ, ଲୋକଲଜ୍ୟା, ଘୃଣାରୁ ସୁରକ୍ଷିତ ରଖିବ ନାହିଁ, ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିପାରିବ। ଯଥାର୍ଥ ସ୍ୱାସ୍ଥ୍ୟ ସଚେତନତା ଶୃଙ୍ଖଳିତ ଜୀବନଶୈଳୀ ଏହି ମାରାତ୍ମକ ମହାମାରୀକୁ ମୂଳୋପାଟନ କରିବା ଏକ ସୁସ୍ଥ ଓ ସୁଖୀ ସମାଜ ଗଠନରେ ସହାୟକ ହୋଇପାରିବ। ଏଡ୍‌ସର ଶୂନ୍ୟ ସମାଜ ଗଠନ ପାଇଁ ଯୁବବର୍ଗ ସଂକଳ୍ପବଦ୍ଧ ହେବା ଜରୁରୀ। ଅନ୍ୟଥା ବିଶୃଙ୍ଖଳା ଜୀବନ ଶୈଳୀ ଜୀବନ ନେବା ସାର ହେବ।

# ପ୍ରାର୍ଥନା ଆଉ କାମ...




ମନୋଜ କୁମାର ବେହେରା
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧


ପ୍ରାର୍ଥନା ଆଉ କାମ ଦୁହେଁ ମିଶିକରି ଚାଲିଥାନ୍ତି। ଯେତେବେଳେ ଆମେ ପ୍ରାର୍ଥନା କରିଥାଉ ଆଉ ଆମେ ନିଜର ପ୍ରାର୍ଥନାର ଉତ୍ତର ପାଇଁ କାମ ମଧ୍ୟ କରିବା ଦରକାର। ଏହା ମାନୁଛୁ ଯେ ଜୀବନ୍ତ ଦାନା ପରମେଶ୍ୱରଙ୍କ ଆଡୁ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଦାନାକୁ ଉତ୍ପନ୍ନ କରିବା ଆଉ ଏହାର କ୍ଷେତି କରିବା ମନୁଷ୍ୟର କାମ ଅଟେ। ଡିକ୍ ଶେଫର୍ଡ ଜଣେ ଭଲ ପ୍ରଚାରକ ଥିଲେ। ତାଙ୍କୁ ଗୋଟିଏ କାହାଣୀ ବହୁତ ଭଲ ଲାଗୁଥିଲା। ଜଣେ ଲୋକ ଥିଲେ ଯାହାକୁ ଗୋଟଏ ଜମି ଦିଆ ଯାଇଥିଲା। ସେ ସେହି ଜମିରେ ବହୁତ ପରିଶ୍ରମ କଲେ। ସେହି କ୍ଷେତରୁ ଗୋଡି, ପଥର, କଣ୍ଟା ବୁଦା, ଅନାବନା ଘାସ ଲତା ଇତ୍ୟାଦି ସବୁ ସଫା କରିଦେଲେ। କ୍ଷେତରେ ସାର, ପାଣି ଦେଲେ ଆଉ ସେହି କ୍ଷେତରେ ବହୁତ ସୁନ୍ଦର ଫୁଲ, ପରିବା ଚାଷ କଲେ। ଆଉ ଠିକ୍ ସମୟରେ ସେଥିରେ ସୁନ୍ଦର ଫୁଲ ଆଉ ପରିବା ବାହାରିଲା। ଗୋଟିଏ ଦିନ ସନ୍ଧ୍ୟା ବେଳେ ସେ ନିଜର ବଗିଚାକୁ ଜଣେ ସାଙ୍ଗକୁ ଦେଖାଉ ଥିଲେ। ସାଙ୍ଗ ଜଣଙ୍କ ଭଗବାନଙ୍କର ପରମ ଭକ୍ତ ଥିଲେ। ସାଙ୍ଗ ଏହା ଦେଖିକରି କହିଲେ,ଏହା ପ୍ରକୃତରେ ବଡ ଆଶ୍ଚର୍ଯ୍ୟର କଥା ହେଲା କି, ପରମେଶ୍ୱର ଏତେ ଛୋଟ ଜମିରେ କେତେ କାମ କରିପାରିବେ ? ହଁ କି ନାହିଁ ! ଯିଏ ଏହି ଜାଗାରେ ବହୁତ କଠିନ ପରିଶ୍ରମ କରିଥିଲେ, ସେ ଏହା ଶୁଣି ଉତ୍ତର ଦେଲେ...ହଁ...ସାଙ୍ଗ...ତୁମେ ଠିକ୍ କଥା କହୁଛ ! କିନ୍ତୁ ତୁମକୁ ସେହି ସମୟରେ ଏହି ଜମିକୁ ଦେଖିବାର ଥିଲା ଯେତେବେଳେ ଏହି ଜମି କେବଳ ପରମେଶ୍ୱରଙ୍କ ପାଖରେ ଥିଲା। ପରମେଶ୍ୱରଙ୍କର ଦାନ ଆଉ ମନୁଷ୍ୟର ଶ୍ରମ ଦୁହିଁଙ୍କର ସଙ୍ଗ ହେବା ଆବଶ୍ୟକ। ବିଶ୍ୱାସ ଯେମିତି କାର୍ଯ୍ୟ ବିନା ଶବ ଅଟେ, ସେମିତି ହିଁ ପ୍ରାର୍ଥନା ମଧ୍ୟ ପରିଶ୍ରମ ବିନା ଯେମିତି ମରି ପଡି ରହିଥିବ। ଯେତେବେଳେ ଆମେ ବିନତୀ କରିଥାଉ ଆମେ ଦୁଇଟା ମୂଳ ସତ୍ୟ ସ୍ୱୀକାର କରିଥାଉ କି ପରମେଶ୍ୱରଙ୍କ ବିନା ଆମେ କିଛି କରିପାରିବା ନାହିଁ, ଆଉ ଏହା ମଧ୍ୟ ଯେ ଆମର ଚେଷ୍ଟା ଏବଂ ସହଯୋଗ ବିନା ପରମେଶ୍ୱର ଆମ ପାଇଁ କିଛି କରିପାରିବେ ନାହିଁ।


# ଡିଜିଟାଲ ଡ୍ରଗ୍ସ




ଡା. ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩


ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି। ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି। ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା'। ଅର୍ଥାତ୍ ନଜାଣି ନବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢ଼ଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ। କିଛିଦିନ ହେବ ବିଶେଷ ଭାବରେ ଟିନ୍‌ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି। କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟଶୈଳୀକୁ ଅନୁସରଣ କରୁଛନ୍ତି। ଏ କ୍ଷେତ୍ରରେ କିଛି ଜଣ ପିଲା ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇଥିବାର ଖବର ମିଳିଛି। ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ। ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ୍ୟ କୁହାଯାଏ। ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନୀ ସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ। ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନମିଳେ, ତେବେ ଡ୍ରଗ୍ସ ଅଭାବରେ ହେଉଥିବା ଲକ୍ଷଣ ଗୁଡ଼ିକ ଦେଖାଯାଏ। ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ। ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ। ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡ଼ିଓ ଓ ଭିଡ଼ିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି। ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବପିଢ଼ି ନୁହଁନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ। ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଂଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା। କାରଣ ଉଚ୍ଚ ଧ୍ୱନୀ ବା ସଂଗୀତ କିମ୍ବା କଥାବର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ। ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ୍ୟ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ୍ୟ ରହିଛି।

ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡ଼ିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ। ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ଼ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ। ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି ଅନୁଭବ ହୁଏ, ମାଂସପେଶୀ ଟାଣି ହୋଇଗଲା ଭଳି ମନେହୁଏ। ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ୍ୟ କୁହାଯାଏ। ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତାହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାବ କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି। ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍‌ନିଟିଭ ବିହେଭିଅର ଥେରାପି) ନେବା ଉଚିତ। ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ ନିଜ ଖାଇବା ପିଇବାକୁ ମଧ୍ୟ ଏକ ପ୍ରକାର ଭୁଲି ଯାଇଥାନ୍ତି। ସେମାନଙ୍କ ଶରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ। ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ଼ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ। ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିବା ସ୍ଥାନ ଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ ଯାହାପାଇଁ କି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ। ଅନେକ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି। ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢ଼ଙ୍ଗରେ ଚାଲିଥାଏ। ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ। ବିଶେଷକରି କାନ ଝିଲ୍ଲି କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ୍ୟ ରହିଥାଏ। ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ। ଅନେକ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ସଠିକ ସମୟରେ ନିଦ ହୋଇନଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ଚିଡ଼ା ବ୍ୟବହାର ମଧ୍ୟ ଦେଖାଇଥାଏ। ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ। ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ବି ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ବି ଅଛି। ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ। ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ। ଏହା ଯେପରି ଅନ୍ୟ ମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ଣ୍ଣିଂୱାର୍କ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ୍ୟ ଏହାର ସାହାରା ନେଇଥାନ୍ତି ଯାହାକି ଆଦୌ ଠିକ ନୁହେଁ। ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନକରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ। କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ୍ୟ କରିଥାଏ। ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଂଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ।



ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ରଘୁନାଥପୁର(ଭାସ୍କର ନ୍ୟୁଜ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାରାଦ୍ୱୀପଠାରେ ପ୍ଲାଷ୍ଟିକ ପାର୍କ ଉଦଘାଟନ କରିବା ପାଇଁ ସୋମବାର ପାରାଦ୍ୱୀପ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ରଘୁନାଥପୁର ଅଞ୍ଚଳ ଦେଇ ଗସ୍ତକରୁଥିବା ସୂଚନା ପାଇବା ମାତ୍ରେ ରଘୁନାଥପୁର ବିଜେପିରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ରଘୁନାଥପୁରରେ କିପରି ବିପୁଳ ସମ୍ବର୍ଦ୍ଧନା ଦିଆଯିବ ସେଥିପାଇଁ ଭାରତୀୟ ଜନତାପାର୍ଟିର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ତଥା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ଆହ୍ୱାନ କ୍ରମେ ରଘୁନାଥପୁର ବ୍ଲକ ସ୍ଥାନୀୟ ମଦନ ମୋହନ ମଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତିରିତି ବ୍ଲକ୍‌ର ମଣ୍ଡଳ ସଭାପତି ଓ କାର୍ଯ୍ୟକାରୀ ସଦସ୍ୟ ଯୋଗଦେବା ସହ ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଜେନା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଶୋକ ମହାରଣା, ବିଜେପି ଯୁବନେତା ସରୋଜ କାନ୍ତ ସ୍ୱାଇଁ, ଟିକିଣ୍ଡା ସରପଞ୍ଚ ବିଷ୍ଣୁ ଚରଣ ସେଠୀ, ଯୁବନେତା ପ୍ରଶାନ୍ତ ମଲ୍ଲିକ, ଜଗନ୍ନାଥ ସ୍ୱାଇଁ, ବଳରାମ ବରାଳ, ଶିବ ପ୍ରସାଦ ଜେନା, ସ୍ୱରାଜ ସାମଲ, ସରୋଜ ଦାସ, ଶେଷଦେବ ସେଠୀ, ସୁଶାନ୍ତ ମହାନ୍ତି, ଭୁବେନ୍ଦ୍ର ମିଶ୍ର, ସର୍ବେଶ୍ୱର ସ୍ୱାଇଁ, ଗଣେଶ୍ୱର ସାହୁ, ସମେତ ଶତାଧିକ କର୍ମୀ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସମ୍ବର୍ଦ୍ଧନାରେ ଯେପରି କିଛି ତ୍ରୁଟି ନରହେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।



# ସମସ୍ୟା ଘେରରେ ଲାଲବାହାଦୂର ବିଦ୍ୟାପୀଠ: ବିପଦସଙ୍କୁଳ ଏମ୍‌ସିଏଲ୍ ଗୃହ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସାଉପୁର ଗ୍ରାମପଂଚାୟତ ଓରିକଣ୍ଡାସ୍ଥିତ ଲାଲବାହାଦୂର ବିଦ୍ୟାପୀଠ ନାନା ସମସ୍ୟା ଘେରରେ ରହିଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ରୋଷ ଘର ଓ ଏମସିଏଲ ଗୃହ ରହିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ସମସ୍ୟା ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ରାଭିଭାବକ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଲାଲବାହାଦୂର ବିଦ୍ୟାପୀଠ ଓରିକଣ୍ଡା ଗତ ୧୯୬୮ ମସିହାରେ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟର ୧୦ଟି ଶ୍ରେଣୀରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ୧୦ଟି ଶିକ୍ଷକ ପଦବୀ ମଞ୍ଜୁର କରିଥିଲେ। ମାତ୍ର ସମ୍ପ୍ରତି ଏହି ବିଦ୍ୟାଳୟରେ ୮ଜଣ ଶିକ୍ଷକ ରହିଥିବା ଜଣାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ଦାସ ଗତ ଅକ୍ଟୋବର ୩୧ ତାରିଖରୁ କାର୍ଯ୍ୟରୁ ଅବସର ଗ୍ରହଣ କଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ବିଦ୍ୟାଳୟର ସରକାରୀ କାଗଜପତ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଥିବାର ଜଣାଯାଇଛି। ସେହିପରି ବିଦ୍ୟାଳୟରେ ଦୀର୍ଘ ସମୟ ହେଲା ରାଷ୍ଟ୍ର ଭାଷା ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଛାତ୍ରଛାତ୍ରୀ ରାଷ୍ଟ୍ରଭାଷା ହିନ୍ଦି ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟରେ ୨ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ୧୦ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ୧୦ଟି ଶ୍ରେଣୀ କକ୍ଷର ଆବଶ୍ୟକତା ରହିଛି। ମାତ୍ର ବିଦ୍ୟାଳୟରେ ୫ଟି ଶ୍ରେଣୀ କକ୍ଷ ରହିଛି। ୫ଟି ଶ୍ରେଣୀ କକ୍ଷରେ ୧୦ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ କିଭଳି ଭାବେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବ ତାହା ସହଜେ ଅନୁମେୟ। ଆଜବେଷ୍ଟ ଛାତ୍ରଗୃହଟିର ଛାଉଣିଟି ଖାଇ ଜରାଜୀର୍ଣ୍ଣ ଅବସ୍ଥାରେ। ଟିକିଏ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ଗଳଡି ଖେଳୁଛି। ବିପଦସଙ୍କୁଳ ଗୃହକୁ ଭାଙ୍ଗିବା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପ୍ରଶାସନ ତରଫରୁ ତୁରନ୍ତ ବିଦ୍ୟାଳୟର ସମସ୍ୟାକୁ ସମାଧାନ କରାଯିବା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ବରାଳ, ଉଲ୍ଲାସ ଚନ୍ଦ୍ର ମହାନ୍ତି, ଦୀପକ ମହାପାତ୍ର, ଟୀମାକାନ୍ତ ନାୟକ, ଗୌରାଙ୍ଗ ମଲ୍ଲିକ, ପ୍ରଦୀପ୍ତ କିଶୋର ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ବିଶେଷ ଦୃଢ଼ ଦାବି କରିଛନ୍ତି।

# ନିମ୍ନମାନର କାମ ଦର୍ଶାଇ ଠିକାଦାରଙ୍କୁ ବ୍ଲାକ୍‌ମେଲ୍



ଅଭିଯୋଗ ହୋଇନଥିବା ବେଳର ରାସ୍ତା



ଅଭିଯୋଗ ହବାବେଳର ରାସ୍ତା

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ସଂପ୍ରତି ବିଭିନ୍ନ ଗଣମାଧ୍ୟମର ଦ୍ୱାହିଦେଇ କେତେକ ବ୍ୟକ୍ତି ହେଉଥିବା ଉନ୍ନତି ମୂଳକ କାମରେ ହସ୍ତକ୍ଷେପ କରିବା ସହ ଠିକାଦାରମାନଙ୍କ ପାଖରୁ ମୋଟା ଅଙ୍କର ଚାନ୍ଦା ମାଗୁଛନ୍ତି। ଯଦି ସେମାନେ ଟଙ୍କା ଦେବାକୁ ମନା କରୁଛନ୍ତି ବା ଚାନ୍ଦା କମ ପଡ଼ିଯାଉଛି। ତାହାହେଲେ ସେମାନେ ତାଙ୍କ ପେପର ହେଉକି ସାମାଜିକ ଗଣମାଧ୍ୟମରେ ନିଜର ଭାବମୂର୍ତ୍ତି ଦେଖାଇ ନିମ୍ନମାନର କାମ ହେଉଥିବା କହି ଖବର କରୁଛନ୍ତି। ଯାହା ଏବେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗତ କିଛିଦିନ ତଳେ ପଟ୍ଟାମୁଣ୍ଡାଇ-ରାଜନଗର ଉପରେ ରାସ୍ତା କାମରେ ଏପରି କରି ଚାନ୍ଦା ନେଇଥିଲେ। ଚାନ୍ଦା ଦେଇ ଠିକାଦାର ଉକ୍ତ କାମ ଅତ୍ୟନ୍ତ ନିମ୍ନମାନର କରିଥିଲେ। ଫଳରେ ଉକ୍ତ ରାସ୍ତାର ଉପରିଭାଗ ଚାନ୍ଦା ମଗାଯାଇଛି ସେଠାରୁ ଖରାପ ହୋଇ ଏବେ ଯାତାୟତରେ ଘୋର ଅସୁବିଧା ହେଉଛି। ସୂଚନାଥାଉକି ଚାଷ ଜମିକୁ ପାଣି ଯୋଗାଇ ଦେବାକୁ ଉଡିଶା ଲେବ୍ରେଡ଼ିରେ ମାଳିପୁର, ଉଦୟପୁର, ଓଙ୍ଗରାଇ ସବ୍ ମାଇନର କାର୍ଯ୍ୟ ଠିକାଦାର ସଠିକ ଢଙ୍ଗରେ କାମ କରିଚାଲିଥିବା ବେଳେ କେତେକ ବ୍ୟକ୍ତି ତାଙ୍କୁ ଚାନ୍ଦା ମାଗିଥିଲେ। ସେ ଚାନ୍ଦା ଦେବାକୁ ମନା କରିଦେଇଥିଲେ। ଫଳରେ ରବିବାର ଉକ୍ତ କାମ ବିରୋଧରେ କେତେକ ବ୍ୟକ୍ତି ଖବରକାଗଜରେ ଭୁଲ ଖବର ପ୍ରସାରଣ କରି ମୁଖ୍ୟମନ୍ତ୍ରୀ ଓ ଭିଜିଲାନ୍ସ ଧ୍ୟାନ ଦେଇଥିବା ଜଣାପଡିଛି। ଚଳିତ ବର୍ଷ ଚାଷ ସମୟରେ କେନାଲ ପାଣି ଚାଷ ଜମିରେ ମାଡ଼ି ସୁରୁଖୁରରେ ଚାଷ ହୋଇଥିବା ବେଳେ ଚାଷୀଙ୍କ ପକ୍ଷରୁ କୌଣସି ଅଭିଯୋଗ ନଥିବା ବେଳେ ଉକ୍ତ ବ୍ୟକ୍ତି ଜଣଙ୍କ କଣ ପାଇଁ ଏତେ ବ୍ୟସ୍ତ ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଗତ ମାର୍ଚ୍ଚ ମାସରେ ଟ୍ରେନେଜ କାମ ଚାଲୁଥିବା ବେଳେ ଠାକୁରଙ୍କୁ ୧ ଲକ୍ଷ ଚାନ୍ଦା ନେଇ ତାଙ୍କ ଉଡ, ଗୋଡି ନେଇଯାଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏବେ ବି ସେହି ବ୍ୟକ୍ତି ଜଣେ ଗଣମାଧ୍ୟମରେ ରହିବା ସହିତ ସରକାରୀ ଦଳର ନେତା ବୋଲି କହି ବିଭିନ୍ନ ଦପ୍ତରରୁ ଚାନ୍ଦା ଆଦାୟ କରୁଥିବା ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ମୁଣ୍ଡରେ ବନ୍ଧୁକ ଲଗାଇ ବ୍ୟବସାୟୀଙ୍କଠାରୁ ଲୁଟ୍

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବାଙ୍କୀ-କଟକ ମୁଖ୍ୟରାସ୍ତା ଭୁଇ ଗଣ୍ଡିଆ ବାଙ୍କ ନିକଟରେ ବନ୍ଧୁକ ସାହାଯ୍ୟରେ ତିନିଜଣ ଦୁର୍ବୃତ୍ତ ଜଣେ ମାଛ ବ୍ୟବସାୟୀଙ୍କ ଠାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଖବରରୁ ପ୍ରକାଶ କଟକ ମହାନଗର ନିଗମ ଅନ୍ତର୍ଗତ ଷଷ୍ଠପୁର ଗ୍ରାମର ଛକାଡି ସିଠ ନିଜ ବାଇକ ଯୋଗେ କଟକ ଅଭିମୁଖେ ମାଛ ଗୋଦାମକୁ ଯାଉଥିବା ବେଳେ ତିନି ଦୁର୍ବୃତ୍ତ ଏକ ବାଇକରେ ଆସି ଚିହ୍ନଗିଆ ବାଙ୍କ ନିକଟରେ ଛକାଡିଙ୍କ ମୁଣ୍ଡରେ ଜଣେ ବନ୍ଧୁକ ଲଗାଇଥିବା ବେଳେ ଅନ୍ୟ ଜଣେ ଦୁର୍ବୃତ୍ତ ପକେଟରୁ ଦଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ବାଙ୍କୀ ଦିଗରେ ପଳାଇଥିଲେ। ସେମାନେ ଏକ କଳାରଙ୍ଗର ବାଇକରେ ଆସିଥିଲେ ଏବଂ ସମସ୍ତେ ନିଜର ମୁହଁକୁ ଶାଗଡଶ୍ ମାଧ୍ୟମରେ ଘୋଡାଇ ନେଇଥିଲେ। ଏ ସଂକ୍ରାନ୍ତରେ ଗୋଡ଼ିସାହି ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ଚୋରି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଚିତାପେଟଲପୁର ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ ଅବସରପ୍ରାପ୍ତ ସେନା କର୍ମଚାରୀ ମଦନ ମୋହନ ମଲ୍ଲିକଙ୍କ ଘରେ କିଏ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଚୋରି କରିଛନ୍ତି। ଶନିବାର ପୁତୁରାବୋହୂ ଘରକୁ ଆସି ଦେଖିଲେ ସମସ୍ତ ଘରର ତାଲା ଭଙ୍ଗା ହୋଇ ପଡିଛି ଏବଂ ତାଙ୍କୁ ଖବର ଦେଇଥିଲେ। ଖବର ପାଇ କଟକରୁ ଆସି ଘର ଦେଖିବା ପରେ ଅସ୍ତରଙ୍ଗ ଥାନାରେ ମଦନ ମୋହନ ମଲ୍ଲିକ ଥାନାରେ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ରବିବାର ଦିନ ଅସ୍ତରଙ୍ଗ ଥାନାର ସବ୍‌ଇନ୍ସପେକ୍ଟର ଦିପକ ସାମାନ୍ତସିଂହାର, ଏଏସଆଇ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ, ପୁରୀ ସାଇଣ୍ଟିଫିକ୍ ଟିମ୍‌ର ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଆଟେଣ୍ଡାଣ୍ଟ ବିଶ୍ୱଜିତ ସାହୁ, କ୍ୟାମେରା ମ୍ୟାନ ରମେଶ ଚନ୍ଦ୍ର ବାରିକି ପହଞ୍ଚି ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଅସ୍ତରଙ୍ଗ ଥାନାରେ କେସ୍ ନଂ ୨୫୭/୨୪ ମାମଲା ରୁଜୁ କରି ତଦନ୍ତ ଚାଲୁ ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ନିମାପଡ଼ାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସ୍ଥାନୀୟ ସାଇଲୋଟସ୍ ମଣ୍ଡପ ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘସ୍ଥାୟୀ କରିବାକୁ ଯୋଜନା କରାଯାଇଛି। ଜଳସେଚନ ପରିଚାଳନା ମାଧ୍ୟମରେ ସମସ୍ତେ ମିଳିମିଶି ସୁଷମ ତଥା ସମାନୁପାତିକ ଜଳ ବଣ୍ଟନକୁ ଗୁରୁତ୍ୱ ଦେଲେ ଜଳ ବଣ୍ଟନ ଜନିତ ବିବାଦର ଆପୋଷ ସମାଧାନ ହୋଇପାରିବ। ସେଚାଞ୍ଚଳରେ ଥିବା କ୍ଷେତ୍ର ନାଳୀ ନିଷ୍କାସନ ନାଳୀର ଉତ୍ତମ ରକ୍ଷଣାବେକ୍ଷଣ ଦ୍ୱାରା ଖରିଫ ଋତୁର ବଳକା ଜଳକୁ ସଂଚୟ କରି ରବିଋତୁରେ ଉପଯୋଗ ହୋଇପାରିବ ବୋଲି ଅଧିକାରୀମାନେ ସଚେତନତା ବାର୍ତ୍ତା ଦେଇଛନ୍ତି। ଜଳସେଚନ ବିଭାଗ ନିମାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳେଇ, ଗୋପ-ବଳଙ୍ଗା ଜଳ ସେଚନ ଅଧୀକ୍ଷଣ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ନିମାପଡ଼ା ଜଳ ସେଚନ ସହକାରୀ ଯନ୍ତ୍ରୀ ହେମାମାଳିନୀ ପତି, ଗୋପ ଗଣେଶ୍ୱରପୁର ସେକ୍ସନ୍ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା, ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସାଂସଦ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଉପ-ମୁଖ୍ୟମନ୍ତ୍ରୀ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁଙ୍କ ସମେତ କୃଷି ଅଧିକାରୀ, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଳସେଚନ କର୍ମଚାରୀ ଭାଗିରଥୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଜଳର କିପରି ସୁପରିଚାଳନା କରାଯିବ, ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀମାନେ ଉପକୃତ ହେବା ସହ ବଳକା ପାଣିକୁ ସଞ୍ଚିତ ରଖି ରବିଋତୁରେ ବିନିଯୋଗ କରିବେ ସେ ସଂପର୍କରେ ଅଧିକାରୀ ମତ ଦେଇଥିଲେ। ଗଣେଶ୍ୱରପୁର ସେକ୍ସନ୍ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରାଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ ଚାଷୀ ଓ ପାଣି ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ।

# ଭୁବନ ଫରେଷ୍ଟ ରେଞ୍ଜ ଷ୍ଟେଜର ଟ୍ରେଞ୍ଚ ଖୋଳା ନାଁରେ ୧୮ ଲକ୍ଷ ଟଙ୍କାର ମହାଦୁର୍ନୀତି: ଭିଜିଲାନ୍ସ ତଦନ୍ତ ଦାବି

ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ସେକ୍ସନ ସୁନାଝରି ସଂରକ୍ଷିତ ଜଙ୍ଗଲ ଷ୍ଟେଜର ଟ୍ରେଞ୍ଚ ଖୋଳା ପାଇଁ ମନରେଗା ଯୋଜନାରେ ଅସିଥିବା ୧୮ ଲକ୍ଷ ଟଙ୍କା ଅଟେ। କାମ ନକରି ସମ୍ପୂର୍ଣ୍ଣ ଆତ୍ମସାତ କରାଯାଇଥିବା ସାମାଜିକ ବନୀକରଣ ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧିକାରୀ, ଅନୁଗୁଳ ଆରସିସିଏଫ, ଭୁବନେଶ୍ୱର ପିସିସିଏଫ୍‌ଙ୍କ ସମେତ ଭିଜିଲାନ୍ସ ଡିଜିଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଅଭିଯୋଗ ପତ୍ରରୁ ପ୍ରକାଶ ଯେ, ଭୁବନ ଫରେଷ୍ଟ ରେଞ୍ଜରେ ସାମାଜିକ ବନୀକରଣ ଓ ମନରେଗା ଯୋଜନାରେ ବ୍ୟାପକ ହେରାଫେରି ଓ ଦୁର୍ନୀତି କରାଯାଇଛି। ରାକେଶ କୁମାର ଦଳେଇ ଏଠାରେ ରେଞ୍ଜର ଭାବେ ଯୋଗଦେବା ପରଠାରୁ ଦୁର୍ନୀତି, ଅନିୟମିତତା ଚରମ ସୀମାରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ସେକ୍ସନ ସୁନାଝରି ସଂରକ୍ଷିତ ଜଙ୍ଗଲରେ ଷ୍ଟେଜର ଟ୍ରେଞ୍ଚ ଖୋଳା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ୧୮ ଲକ୍ଷ ଟଙ୍କା ଆସିଥିବା ବେଳେ ୧୮ ଟଙ୍କାର କାମ ନକରି ସମ୍ପୂର୍ଣ୍ଣ ଫଲ୍ସ ବିଲ୍ କରି ଭୁବନ ରେଞ୍ଜର, ଜିରାଳ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ମିଳିତ ଭାବେ ସମସ୍ତ ଅର୍ଥ ଆତ୍ମସାତ୍ କରିଅଛନ୍ତି। ୨୦୨୨-୨୩ ବର୍ଷ ଯାହିତାହି ଭାବେ ୨୦ଲକ୍ଷ ଟଙ୍କାର ଯେଉଁ କାମ କରାଯାଇଥିଲା ସେହି ଫଟୋକୁ ଦେଖାଇ ସମ୍ପୂର୍ଣ୍ଣ ୧୮ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି। ଅନୁରୂପ ଭାବେ ୨୦୨୧-୨୨ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସାମାଜିକ ବନୀକରଣ ଯୋଜନାରେ ମାଳୁଆ ଗୋଗାରୁ କଂସରଗୋଡ଼ା, କଂସରଗୋଡାରୁ ଗବଗୋଡା, ଦୟଣୀଚିଲିରୁ ଗବଗୋଡା, ଅନଳରୁ ଓଡ଼ିଶ, ବର୍ଣ୍ଣନାରୁ ଅନଳ, ବାଲିମେଡ଼ୁ କେଶରପୁର, ମହିଳା ମହାବିଦ୍ୟାଳୟରୁ ୨ ନଂ ଗୁଡ଼ି କଲୋନୀ ବସ୍ତି, ଭୁବନ ବାଇପାସ୍ ଅନନ୍ତପୁର ପର୍ଯ୍ୟନ୍ତ ଯାହି ତହି କାମ କରି ସିଂହଭାଗ ଅର୍ଥ ଆତ୍ମସାତ କରାଯାଇଥିଲା। ଶାମନରୁ ବାଇପାସ ପର୍ଯ୍ୟନ୍ତ ବନୀକରଣ କାର୍ଯ୍ୟରେ ନିୟୋଜିତ ୱାଚରଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗ ଆଣି ସେମାନଙ୍କୁ ବାହାର କରିଦେଇ ଅନ୍ୟ ଲୋକଙ୍କ ନାମରେ ୨୦୨୩-୨୦୨୪ ଜାନୁଆରୀରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୩ ମାସର ଫଲ୍ସ ବିଲ୍ କରାଯାଇ ଅର୍ଥ ଆତ୍ମସାତ କରାଯାଇଛି। ଆଶ୍ଚର୍ଯ୍ୟ ଜନକ ଭାବେ ୩ ମାସ ପରେ ସେହି ୱାଚରଙ୍କୁ ପୁନର୍ବାର ନିୟୋଜିତ କରାଯାଇଥିଲା। ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ, ଯଦି ସେହି ୱାଚରମାନେ ଠିକ୍‌ରେ କାମ କଲେନି ବୋଲି ତାଙ୍କୁ ବାହାର କରାଯାଇଥିଲା, ତେବେ କେଉଁ କାରଣରୁ ପୁନର୍ବାର ନିୟୋଜିତ କରାଗଲା। ଏହି ସାମାଜିକ ବନୀକରଣରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରାଯାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ଭିଜିଲାନ୍ସ ବିଭାଗ ଏହି ଦୁର୍ନୀତିରେ ତଦନ୍ତ କରି ଦୁର୍ନୀତିଗ୍ରସ୍ତ ରେଞ୍ଜର, ଫରେଷ୍ଟରଙ୍କ ପ୍ରତି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ନିମାପଡ଼ା-ଗୋପ ରାସ୍ତାରେ ସିରିଜ୍ ଦୁର୍ଘଟଣା: ୫ ଆହତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ଗୋପ ରାସ୍ତାରେ ସିରିଜ ଦୁର୍ଘଟଣାରେ ୫ ଯୁବକ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ହେଉଥିବା ବେଳେ ନିମାପଡ଼ା ଥାନା ପୋଲିସ ଦୁର୍ଘଟଣା ସ୍ଥଳରୁ ଗାଡି ବାଇକ୍ ଓ କାର୍‌କୁ ଜବତ କରିଛି। କାର୍‌ଟିର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଆହତଙ୍କ ଅବସ୍ଥା ଗୁରୁତର ରହିଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ମଧ୍ୟାହ୍ନ ସମୟରେ ଏକ କାର୍ ଓଡ଼ି-୦୨-ବିକ୍ୟୁ-୫୩୩୫ ଦ୍ରୁତ ବେଗରେ ଗୋପ ପଟୁ ଆସୁଥିବା ବେଳେ ସର୍ବୋଦୟ ଛକ ନିକଟରେ ଗୋପ ଥାନା ବେଗୁନିଆ ଗ୍ରାମର ରତନ କୁମାର ପଣ୍ଡା ଓ ତାଙ୍କ ସାଙ୍ଗ ଏକ ବୁଲେଟ୍ ବାଇକ୍‌ରେ ଆସୁଥିବା ବେଳେ ପଛପଟୁ ଧକ୍କା ଦେଇଥିଲା। ରତନ ଓ ତାଙ୍କ ସାଙ୍ଗ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସେହି କାର୍ ନିମାପଡ଼ା ବ୍ଲକ ଗୋଗୋଶାଳିବା ପଞ୍ଚାୟତ କାଡ଼ଆପଲସା ଗ୍ରାମର ବିଶ୍ୱନାଥ କୁମାର ବେହେରା ଓ ଅନ୍ୟ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଛି। ଖବର ପାଇ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ସଦଳବଳେ ଦୁର୍ଘଟଣା ସ୍ଥଳରେ ବାଇକ୍ ଓ କାର୍‌କୁ ଜବତ କରିଛନ୍ତି। କାର୍‌ରେ ଥିବା ୪ଜଣ ଯୁବକଙ୍କୁ ସ୍ଥାନୀୟ ଲୋକମାନେ ଅଟକ ରଖିଥିଲେ। ପୋଲିସ ଅଟକ ଯୁବକଙ୍କୁ ଉଦ୍ଧାର କରିଛି। କାର୍ ଚାଳକ ପରିଚୟ ମିଳିନଥିବା ବେଳେ ଆହତ ହୋଇ କ୍ୟାପିଟାଲ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା ଶୁଣିବାକୁ ମିଳିଛି। ବଡ଼ଦିନ ନିକଟ ହୋଇ ଆସୁଥିବା ବେଳେ କୋଣାର୍କ ପର୍ଯ୍ୟଟନ ସ୍ଥଳକୁ ହଜାର ହଜାର ସଂଖ୍ୟକ ଗାଡ଼ି ନିମାପଡ଼ା-ଗୋପ ଦେଇ ଯାତାୟାତ କରୁଛନ୍ତି। ଦ୍ରୁତ ଗାଡ଼ିଚାଳନା କାରଣରୁ ଦୁର୍ଘଟଣା ବଢୁଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଛି।

# ଶିମିଳିପାଳ ସଂରକ୍ଷିତ ଅଞ୍ଚଳରେ ଅବୈଧ ଶିକାର: ୩ ଗିରଫ



ବାରିପଦା(ଭାସ୍କର ନ୍ୟୁଜ): ଶିମିଳିପାଳ ବନ୍ୟଜୀବ ସଂରକ୍ଷିତ ଅଞ୍ଚଳରେ ଅବୈଧ ଶିକାର କରୁଥିବା ଅଭିଯୋଗରେ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ପଥରଖାନି ଗ୍ରାମରୁ ଧରାଯାଇଥିଲା। ସେମାନଙ୍କ ନିକଟରୁ ଅବୈଧ ହତିଆର ଜବତ ହୋଇଛି। ଗିରଫ ଅଭିଯୁକ୍ତ(୧)ବୈଗୋ ହୋ (ବୈଗୋ), ବୟସ-୫୨ବର୍ଷ (୨) ଗଂସା ହୋ (ଜଡା), ବୟସ- ୩୬ ବର୍ଷ, ପିତା-ଗୋସା ହୋ(୩) ଗୋସା ହୋ (ଲୋଲା), ବୟସ-୨୦ବର୍ଷ, ପିତା-ବୈଗୋ ହୋ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ତଲସୋକେଇ ଗ୍ରାମ କପ୍ତିପଦା ବ୍ଲକ୍ ଅଞ୍ଚଳର। ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି ଯେ, ଏମାନେ ବନ୍ୟଜୀବ ଶିକାର କରି ଅବୈଧ ହତିଆର ବ୍ୟବହାର କରୁଥିଲେ। ଏମାନଙ୍କ ଉପରେ ବନ୍ୟଜୀବ ସଂରକ୍ଷଣ ଆଇନ ଏବଂ ଅସ୍ତ୍ର ଆଇନ ଅନୁଯାୟୀ କଠୋର ମାମଲା ରଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଆସନ୍ତା କିଛି ଦିନ ମଧ୍ୟରେ ଅଦାଲତ ଜିମା କରାଯିବ। ବନ ବିଭାଗ ଏବଂ ପୋଲିସର ସଫଳ ଅଭିଯାନ ଅଞ୍ଚଳରେ ବନ୍ୟଜୀବ ସୁରକ୍ଷା ନେଇ ପ୍ରଶଂସା ସୃଷ୍ଟି କରିଛି। ସିମିଳିପାଳରେ ଅବୈଧ ଶିକାର ଏବଂ ହତିଆର ରଖିବା ନେଇ ଚିନ୍ତା ବଢ଼ିଛି।

# ଅଦିନିଆ ବର୍ଷା ଉଜାଡିଲା ଧାନ: ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଅଦିନିଆ ବର୍ଷା ଉଜାଡିଦେଲା ଧାନ। ଚାଷଜମିରେ ଏବେ ଆଣ୍ଠୁଏ ଲେଖାଏଁ ପାଣି। କଟା ଯାଇଥିବା ଧାନ ଏବେ ପାଣିରେ ଭାସୁଛି। ଚାଷୀର ବର୍ଷକର ଭରସା ଏବେ ତିନିଦିନିଆ ଲଗାଣ ବର୍ଷା ଭାଙ୍ଗିଦେଇଛି। ଗଞ୍ଜାମ, ଖୋର୍ଦ୍ଧା ପୁରୀ, କଟକ, ଜଗତସିଂହପୁର, ବାଲେଶ୍ୱର ସବୁଠି ସମାନ ଅବସ୍ଥା। ଏଭଳି ସ୍ଥିତିରେ ଗଞ୍ଜାମର ବିଭିନ୍ନ ଅଞ୍ଚଳ ବୁଲି ଚାଷ ଜମିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି ରାଜ୍ୟ ସଡକ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଯେଉଁ ସମୟରେ ଚାଷୀ ତାର ଅମଳ ଧାନକୁ କାଟି ମଣ୍ଡିରେ ନେଇ ବିକ୍ରି କରିଥାନ୍ତା ସେହି ସମୟରେ ଧାନ ବିଲରେ ବର୍ଷା ପାଣିରେ ବୁଡି ରହିଛି ଅମଳ ହୋଇଥିବା ଏକର ଏକର ଧାନ। ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀ ଏବେ ଚିନ୍ତାରେ। ଗଞ୍ଜାମ ୨୩ ତାରିଖରୁ ଧାନ ମଣ୍ଡିରେ ବିକ୍ରି ହେବା ନେଇ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଧାନ ଅମଳ କିପରି ହେବ ସେନେଇ ଚିନ୍ତାରେ ଚାଷୀ। ସେପଟେ ବର୍ଷା ପାଣିରେ ବୁଡି ରହିବା ଯୋଗୁଁ ଧାନର ରଇଛ ମାନରେ କମିପାରେ। ସରକାର ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ଘୋଷଣା କରିଥିବା ବେଳେ ମାନ କମିଲେ ସେହି ମୂଲ୍ୟରେ ଧାନ ବିକ୍ରି ହେବ କି ନାହିଁ ସେନେଇ ମଧ ଚାଷୀ ଚିନ୍ତାରେ। ରବିବାର ସକାଳୁ ସକାଳୁ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳନ୍ଥରା, କୁକୁଡାଖଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଧାନ ବିଲର ସ୍ଥିତି ଦେଖିଛନ୍ତି ମନ୍ତ୍ରୀ। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା ମଧ କରିଛନ୍ତି ମନ୍ତ୍ରୀଙ୍କ ସହ କନିଷ୍ଠ ତହସିଲଦାର କବିରାଜ ପ୍ରଧାନ, କୃଷି ଅଧିକାରୀ ଶୁଭଶ୍ରୀ ଜେନା। କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବ। ଆଉମଧ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।

# ଗାର୍ଡୱାଲ୍‌କୁ ଟପି ରେଲ୍ ବ୍ରିଜ୍‌କୁ ଧକ୍କା ଦେଲା ଟ୍ରକ୍




ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ-ବାଙ୍କୀ ମୁଖ୍ୟରାସ୍ତା ଦେଇ ରାମଦାସପୁର ଶିଳ୍ପାଞ୍ଚଳକୁ ଯାଉଥିବା ଏକ ଟ୍ରକ ବାରଙ୍ଗ ଷଣ୍ଢପୁରରେ ଥିବା ରେଲୱେ ଗାର୍ଡ ୱାଲକୁ ଟପି ରେଲୱେ ଓଭର ବ୍ରିଜକୁ ଧକ୍କା ଦେଇ ବିପଦପୂର୍ଣ୍ଣ ଭାବେ ଅଟକି ରହିଥିଲା। ଟ୍ରକଟି ଲୁହା ବ୍ରିଜ୍ ତଳେ ଚାପିହୋଇ ଆଗକୁ ନା ପଛକୁ ଯାଇପାରିନଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଚାଳକ ଟ୍ରକକୁ ପଛକୁ ଆଣିବାରେ ସଫଳ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଏହି ରାସ୍ତା ଦେଇ ରାମଦାସପୁର ଶିଳ୍ପାଞ୍ଚଳକୁ ତଥା ବାଙ୍କୀ ଓ ଆଠଗଡ଼କୁ ବଡ ବଡ ଭାରିଯାନ ଯାତାୟତ କରିଥାନ୍ତି। ମାତ୍ର ଭାରିଯାନ ଗୁଡିକ ଅଧିକ ଉଚ୍ଚରେ ମାଲ ପରିବହନ ନକରିବା ପାଇଁ ରେଲ ବିଭାଗ ପକ୍ଷରୁ ଅଣ୍ଡର ପାସ୍‌ର କିଛି ମିଟର ପୂର୍ବରୁ ଦୁଇ ପାର୍ଶ୍ୱରେ ଗାର୍ଡ ୱାଲ ପୋତାଯାଇଛି। କାରଣ ଏହି ଗାର୍ଡ ୱାଲକୁ ବ୍ରିଜ୍‌ର ଉଚ୍ଚତା ସହ ସମାନ ରଖାଯାଇଥାଏ। ଫଳରେ କୌଣସି ଭାରୀଯାନ ଏହି ଗାର୍ଡୱାଲକୁ ସ୍ପର୍ଶ କଲେ ତାହା ବ୍ରିଜ୍‌ରେ ବାଜିବ ବୋଲି ସତର୍କ କରାଇ ଦେଇଥାଏ। ହେଲେ ରବିବାର ଦୁଇଟି ଟ୍ରକ କ୍ଷମତାଠୁ ଅଧିକ ମାଲ ନେଇ ରାମଦାସପୁର ଶିଳ୍ପାଞ୍ଚଳକୁ ଯାଉଥିବା ବେଳେ ଡ୍ରାଇଭର ଗାର୍ଡ ୱାଲକୁ ଟପି ବ୍ରିଜ୍‌କୁ ଧକ୍କା ଦେଇଥିଲା। ଅଧିକ ଉଚ୍ଚରେ ମାଲ ବୋଝେଇ କରି ଯାଉଥିବା ଭାରୀଯାନଗୁଡିକ ବାରମ୍ବାର ଗାର୍ଡୱାଲକୁ ଧକ୍କା ଦେବା ଫଳରେ ସେଗୁଡିକ ବଙ୍କା ହୋଇଯାଇଛି। ଫଳରେ ଅଧିକ ଉଚ୍ଚରେ ମାଲ ନେଇ ଯାଉଥିବା ଟ୍ରକଗୁଡିକ ଗାର୍ଡ ୱାଲକୁ ଟପି ବ୍ରିଜରେ ଧକ୍କା ଖାଉଛନ୍ତି। ଏଣୁ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷ ସମସ୍ତ ଭାରୀଯାନକୁ ଏହି ରାସ୍ତା ଦେଇ ନ ଯିବା ପାଇଁ ନୋ-ଏଣ୍ଟ୍ରି ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଗାର୍ଡୱାଲର ମରାମତି କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ଧ୍ୟାନ ଦ୍ୱାରା ସବୁ ସମସ୍ୟାର ସମାଧାନ ସମ୍ଭବ: ଶ୍ରୀ ଶ୍ରୀ ରବିଶଙ୍କର

କୋଣାର୍କ(ଭାସ୍କର ନ୍ୟୁଜ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସ୍ଥିତ ସୂର୍ଯ୍ୟମନ୍ଦିର ପରିସରରେ ଗତ ୨୧ ତାରିଖ ବିଶ୍ୱ ଧ୍ୟାନ ଦିବସ ପାଳନ ଅବସରରେ ୟୁନାଇଟେଡ ନେସନ ଏବଂ ଭାରତ ସରକରଙ୍କ ମିଳିତରେ ଘୋଷଣା ଅନୁଯାୟୀ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧ୍ୟାନ ହେଉଛି ଯୋଗର ଏକଅଙ୍ଗ। ଗୁରୁଦେବ ଶ୍ରୀ ଶ୍ରୀ ରବଶଙ୍କର କହିଛନ୍ତି ଧ୍ୟାନ ଦ୍ୱାରା ମନରେ ଶାନ୍ତି ଆସିଥାଏ ଏବଂ ଏକ ଶାନ୍ତିପୂର୍ଣ୍ଣ ଲୋକ, ଏକ ଶାନ୍ତିମୟ ସମାଜ ଗଠନ ହୋଇଥାଏ। ଗୁରୁଦେବଙ୍କ ନେତୃତ୍ୱରେ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନ ୧୮୦ ଦେଶରେ ୮୦୦ ମିଲିଅନ ଜୀବନକୁ ପ୍ରଭାବିତ କରିପାରିଛି। ଏହି ଅବସରରେ କୋଣାର୍କର ହୃଷୀକେଶ ବରାଳଙ୍କ ନେତୃତ୍ୱରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କୋଣାର୍କର ଯୁବ ବ୍ୟକ୍ତିମାନେ ସମବେତ ହୋଇ ସାମୂହିକ ଭାବେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଯୋଗ ଓ ଧ୍ୟାନ ପ୍ରଦର୍ଶନ କରିଥିଲେ। ଦୈନନ୍ଦିନ ଜୀବନରେ ଧ୍ୟାନକୁ ଆପଣାଇ ସୁସ୍ଥ ସମାଜ ଗଠନ ଦିଗରେ ସହଯୋଗ କରିବା ପାଇଁ ଲୋକଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ବାଲେଶ୍ୱର ଚାନ୍ଦିପୁର ବେଳାଭୂମିରେ ସଫେଇ ଅଭିଯାନ




ବାଲେଶ୍ୱର: ପରିବେଶ ଓ ସମାଜର ଉନ୍ନତି ପାଇଁ ଟାଟା ଗ୍ରୁପ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସାମାଜିକ ଦାୟିତ୍ୱବୋଧ ଓ ସ୍ଥାୟିତ୍ୱ ପ୍ରତି ନିଜର ପ୍ରତିବଦ୍ଧତାର ଅଂଶସ୍ୱରୂପ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ସିଏସ୍‌ଆର ଟିମ୍ ଚାନ୍ଦିପୁର ସମୁଦ୍ର ବେଳାଭୂମିରେ ଏକ ବିରାଟ ସଫେଇ ଅଭିଯାନ ଆୟୋଜନ କରିଥିଲା। ସଫେଇ ଅଭିଯାନରେ ବରିଷ୍ଠ ନେତୃତ୍ୱ ଟିମ୍ ସହ ୧୭୫ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରି ପରିବେଶ ସଂରକ୍ଷଣ ପ୍ରତି ନିଜର ସମର୍ପଣ ପ୍ରଦର୍ଶନ କରିଥିଲେ। ସୌନ୍ଦର୍ଯ୍ୟରେ ଭରା ଚାନ୍ଦିପୁର ବେଳାଭୂମିରୁ ଆବର୍ଜନା ଓ ଅଳିଆ ହଟାଇବା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶ ସନ୍ତୁଳନକୁ ପ୍ରୋତ୍ସାହିତ କରିବା ଉପରେ ଏହି ସଫେଇ ଅଭିଯାନରେ ଗୁରୁତ୍ୱାରୋପ କରାଯାଇଥିଲା। ଅଭିଯାନରେ ୨୫ରୁ ଅଧିକ ବସ୍ତା ଅଳିଆ ସଂଗ୍ରହ କରାଯାଇଥିଲା ଯାହା ସାମୂହିକ ପ୍ରୟାସର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ଆଲୋକପାତ କରୁଛି। ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିଜଦାସ ବସାକ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପରେ କର୍ମଚାରୀଙ୍କ ସମ୍ପୃକ୍ତି ଉପରେ ଆଲୋକପାତ କରି କହିଥିଲେ ଯାହା ପରିବେଶ ଏବଂ ସମାଜ ଉପରେ ବହୁତ ପ୍ରଭାବ ପକାଇଥାଏ। ଏହାବ୍ୟତୀତ ଭାରତର ଦାୟିତ୍ୱବାନ ନାଗରିକ ହିସାବରେ ପରିବେଶ ରକ୍ଷଣାବେକ୍ଷଣ ଦିଗରେ ସକ୍ରିୟ ପଦକ୍ଷେପ ନେବା ଆମର କର୍ତ୍ତବ୍ୟ ବୋଲି ସେ କହିଥିଲେ।

# ଧାମନଗର ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବନ୍ଧୁମିଳନ



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ମହାବିଦ୍ୟାଳୟରେ ୨୦୧୬-୨୦୨୪ ମସିହାରେ ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଉଭୟ ଅଧ୍ୟୟନ କରିଥିବା ଓ ଅଧ୍ୟୟନରତ ଥିବା ଛାତ୍ରଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭା ମୁଖ୍ୟ ଅଧକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟଅତିଥି, ସନ୍ଦୀପ କୁମାର ଘୋଷ ମୁଖ୍ୟବକ୍ତା ଭାବେ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ନୈତିକ ଶିକ୍ଷା ସହ ଗୁରୁ ଶିଷ୍ୟ ପରମ୍ପରା ଏବଂ ସଂପର୍କ ପ୍ରସଙ୍ଗ ଉପରେ ଭାବଗର୍ଭକ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧ୍ୟାପକ ଚିନ୍ମୟ ଜେନା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ଡ.ପ୍ରଶାନ୍ତ କୁମାର ପରିଡ଼ା ସ୍ୱାଗତ ସମ୍ଭାଷଣ ସହିତ ସଭା ପରିଚାଳନା, ଅଧ୍ୟାପିକା ଡ. ବିଶ୍ୱଜିତା ବାରିକ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ହରିପ୍ରିୟା ସେଠୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନବାଗତ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ମିଳନ ପର୍ବରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସହ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ନିଜ ନିଜର ଅଭିଜ୍ଞତା ଆଦାନ ପ୍ରଦାନ କରିବା ସହ କଲେଜରେ ବିତିଥିବା ସ୍ମରଣୀୟ ମୁହୂର୍ତ୍ତକୁ ପୁନଃ ସ୍ମରଣ କରିଥିଲେ। ସାଂପ୍ରତିକ ସାହିତ୍ୟରେ ଛାତ୍ରଛାତ୍ରୀଙ୍କ ଭୂମିକା ଶୀର୍ଷକ ଉପରେ ବିଭାଗୀୟ ଅଧ୍ୟାପକ-ଅଧ୍ୟାପିକା ମାର୍ଗଦର୍ଶନ ପୂର୍ବକ ଆଲୋଚନା କରିଥିଲେ। ସବୁଜ ପରିବେଶ ଲକ୍ଷ୍ୟରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନରତ ଛାତ୍ରଛାତ୍ରୀ ବୃକ୍ଷ ଚାରା ଉପହାର ପ୍ରଦାନ କରିଥିଲେ। ଜିଜ୍ଞାସୁ ଦାଶ, ଚାନ୍ଦ ମହମ୍ମଦ, ଇତିଶ୍ରୀ ବାରିକ ପ୍ରଭୃତି ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଦୀପକ କୁମାର ଜେନା, ଅଜୟ କୁମାର ବେହେରା, ଶର୍ମିଷ୍ଠା ସାହୁ, ବୈଶାଖୀ ବେହେରା, ନମ୍ରତା ମହାରଣା, ଅନ୍ନପୂର୍ଣ୍ଣା ସାହୁ, ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ଛାତ୍ର ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟକ ଓ ପିକନିକ୍ ପ୍ରେମୀଙ୍କ ପାଇଁ ଆକର୍ଷଣୀୟ ବାଲିଦିହା ଡ୍ୟାମ୍



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ସହରଠାରୁ କେବଳ ୧୭ କିଲୋମିଟର ଦୂରତାରେ ଅବସ୍ଥିତ ବାଲିଦିହା ଡ୍ୟାମ, ଦୁଃଖ ବିଷାଦ ହେଉ ଅବା ମାନସିକ ଶାନ୍ତିର କଥା ହେଉ ଏହା ଏକ ସଂଜୀବନୀ। ମଧ୍ୟମ ଜଳସେଚନ ପ୍ରକଳ୍ପ ଭାବରେ ଲୋକଙ୍କ ମଧ୍ୟରେ ବେଶ୍ ଜଣାଶୁଣା। ୧୯୧୨ ମସିହାରେ ଭଞ୍ଜ ସାମ୍ରାଜ୍ୟର ପ୍ରଜା ବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଉତ୍କୃଷ୍ଟ କୃଷି ସାଧନ ଓ ରାଜ୍ୟରେ କୃଷକଙ୍କ ମଙ୍ଗଳର ଉଦ୍ଦେଶ୍ୟରେ ଏଇ ଡ୍ୟାମ ନିର୍ମାଣ କରାଇଥିଲେ। ଏଇ ଡ୍ୟାମକୁ ୧୧୨ବର୍ଷ ବୟସ ହୋଇଛି ଏବଂ ବୟସର ଅପରାହ୍ନରେ ୧୧୨ ବର୍ଷ ବୟସରେ ଏହା ସ୍ଥାନିତ ହୋଇଛି ବିଶ୍ୱ ପର୍ଯ୍ୟଟନ ତାଲିକାରେ। ଜିଲ୍ଲାର ଏଇ ଐତିହାସିକ ପର୍ଯ୍ୟଟନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ପାର୍ବତ୍ୟ କୃଷକମାନଙ୍କୁ ପାଣି ଯୋଗାଇ ଜଳ ସମ୍ପଦର ନିୟାମକ ଭାବରେ କାର୍ଯ୍ୟ କରୁଛି। ସେପଟେ ଡ୍ୟାମ୍ ଘେରି ଥିବା ପାର୍ଶ୍ୱବର୍ତ୍ତୀ ପର୍ବତମାଳା ଓ ହରିତ ଜଙ୍ଗଲ ଏହି ସ୍ଥାନକୁ ପର୍ଯ୍ୟଟନ ଏବଂ ପିକନିକ ମାନଚିତ୍ରରେ ଏକ ମୁଖ୍ୟ ଗନ୍ତବ୍ୟରେ ପରିଣତ କରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ଆବିର୍ଭାବ ବାଲିଦିହା ଡ୍ୟାମର ସୌନ୍ଦର୍ଯ୍ୟ ଦୃଶ୍ୟମାନ ମାତ୍ର ନୁହେଁ; ସକାଳ ବା ସନ୍ଧ୍ୟାର ମଧୁର ଉଦୟଗାମୀ ଓ ଅସ୍ତଗାମୀ ସୂର୍ଯ୍ୟାଲୋକରେ ଏହାର ଦୃଶ୍ୟ ଏକ ସ୍ୱର୍ଗୀୟ ଅନୁଭବ ଦେଇଥାଏ। ଡ୍ୟାମର ପାଖରେ ଅବସ୍ଥିତ ଏକ ଉଚ୍ଚ ପର୍ବତଶୃଙ୍ଗରୁ ସମଗ୍ର ଡ୍ୟାମ ଏବଂ ପର୍ଯ୍ୟବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟ ଦେଖାଯାଏ। ପର୍ବତମାଳାର ରୂପ ଓ ଜଙ୍ଗଲର ହରିତ ସତେଜ ସବୁଜିମା ଏହି ସ୍ଥାନକୁ ଛାୟାଚିତ୍ର ପ୍ରେମୀ ଓ ପର୍ଯ୍ୟଟକମାନଙ୍କ ପାଇଁ ଉପଯୁକ୍ତ ଗନ୍ତବ୍ୟରେ ପରିଣତ କରିଛି। ବଣଭୋଜି ପାଇଁ ଏହି ଡ୍ୟାମ ଶୀତକାଳରେ ପିକନିକ ପ୍ରେମୀଙ୍କ ପାଇଁ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇରହିଛି। ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟର ସାକ୍ଷାତ୍କାର କରିବା ପାଇଁ ଏଠାରେ ଭିଡ଼ କରନ୍ତି। ଡ୍ୟାମର ନିରାବତା ଏବଂ ପରିବେଶ ଏକ ରମଣୀୟ ଅନୁଭବ ଦେଇଥାଏ। ଏହି ସ୍ଥାନରେ ପର୍ଯ୍ୟଟନ ସୁବିଧାକୁ ଅଧିକ ବୃଦ୍ଧି କରିବା ପାଇଁ ପାଖରେ ଅବସ୍ଥିତ ସିମିଳିପାଳ ଇକୋ କଟେଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହା ଡ୍ୟାମରୁ କେବଳ ୫ କିଲୋମିଟର ଦୂରରେ ଅବସ୍ଥିତ ଥିବାରୁ ପର୍ଯ୍ୟଟକମାନେ ଅସୁବିଧା ବା ହୋଟେଲ୍ ସନ୍ଧାନର ଚିନ୍ତା ବିନା ଏଠାରେ ଆନନ୍ଦ ଉପଭୋଗ କରିପାରନ୍ତି। ବାଲିଦିହା ଡ୍ୟାମ କେବଳ ଏକ ଜଳ ସିଞ୍ଚନ ପ୍ରକଳ୍ପ ନୁହେଁ; ଏହା ଏକ ପ୍ରକୃତି ଆଶ୍ଚର୍ଯ୍ୟର ନମୁନା ଓ ପର୍ଯ୍ୟଟନ ସ୍ଥଳୀ ଭାବେ ମୟୁରଭଞ୍ଜର ଗର୍ବ। କିନ୍ତୁ ଚଳିତ ପର୍ଯଟନ ଋତୁରେ ଅନେକ ଦର୍ଶକ ଶୁଖିଲା ପଡିଥିବା ଡ୍ୟାମ କୁ ଦେଖି ଦୁଃଖ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ, ବିଭାଗୀୟ ବ୍ୟବସ୍ଥା ଏଥିପ୍ରତି ଅଧିକ ଯତ୍ନବାନ ହେଲେ ପର୍ଯ୍ୟଟନରୁ ବିପୁଳ ରାଜସ୍ୱ ଜିଲ୍ଲା କୋଷାଗାରକୁ ଆସିବା ସହିତ କିଛି ଲୋକ ଆତ୍ମନିର୍ଭରଶୀଳ ହୋଇପାରିବେ।

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜଳସେଚନ ବିଭାଗ ଫୁଲବାଣୀ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ୨୦୨୪-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଭ ଦିବସରେ ମୁଖ୍ୟ ଅତିଥି ଡ.ପ୍ରଣବ କିଶୋର ପଟ୍ଟନାୟକ , ଏ.ଡି. ଭି.ଓ ସମ୍ମାନୀୟ ଅତିଥି ସୁଭାଷିନୀ ପ୍ରଧାନ ଙ୍କ ସହିତ ନିର୍ବାହୀ ଯନ୍ତ୍ରୀ ହିତିଶ କୁମାର ସାହୁ, ବେଣୁଧର ସାହୁ (ଏ.ହେଚ.ଓ) ଇନ୍‌ଚାର୍ଜ,ଏସଡିଓ ଅମରେନ୍ଦ୍ର ଭୋଇ ମଞ୍ଚାସୀନ ରହି ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ, ପାଣିକୁ କିପରି ସଞ୍ଚୟ ରଖିବା ଏହାକୁ ସଦୁପଯୋଗ କରିବା ଠିକ୍ ସମୟରେ କୃଷି କାର୍ଯ୍ୟ ରେ ବ୍ୟବହାର କରିବା ଏବଂ ସରକାରଙ୍କର ଯେଉଁ ସବୁ ସୁବିଧା ଚାଷୀମାନଙ୍କ ପାଇଁ ରହିଛି ତାହାକୁ କିପରି ସଠିକ୍ ଭାବରେ କାର୍ଯ୍ୟ କରିବା ମତ୍ସ୍ୟଜୀବୀମାନଙ୍କ ପାଇଁ ବିଭିନ୍ନ ସ୍କିମ୍ ବିଷୟରେ ଜାଣିବା ଓ ବ୍ୟବହାର କରିବା ଉପରେ ମତ ପ୍ରକାଶ ଦେଇଥିଲେ । ଉକ୍ତ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନରେ ଦିବସ ପାଇଁ ହୋଇଥିବା ସ୍କୁଲ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରଥମ,ଦ୍ୱିତୀୟ,ତୃତୀୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଏହିଦିବସରେ ପାଣି ପଞ୍ଚାୟତର ସଭ୍ୟ ସଭ୍ୟା,ଜୁନିଅର ଇଂଜିନିୟର ଜୀବନ ମଲ୍ଲିକ ଓ କର୍ମଚାରୀମାନେ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

## |||| ଗୋନାସିକା କେନ୍ଦୁଝର ମହୋତ୍ସବର ଚତୁର୍ଥ ସନ୍ଧ୍ୟା ||||

# ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଚିତ୍ତାକର୍ଷକ ନୃତ୍ୟ ଏବଂ ଶୁଭୋଦୀପ ଓ ଅନନ୍ୟାଙ୍କ ସଂଗୀତରେ ଝୁମିଲେ ଦର୍ଶକ






କେନ୍ଦୁଝର(ଭାସ୍କର ନ୍ୟୁଜ୍): ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ବର୍ଷାରେ ବାଧାପ୍ରାପ୍ତ ହେବା ପରେ ଚତୁର୍ଥ ସନ୍ଧ୍ୟାରେ ଦୁଲୁକିଛି ଗୋନାସିକା କେନ୍ଦୁଝର ମହୋତ୍ସବର ମଞ୍ଚ। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଆସାମର କଳାକାର ମାନଙ୍କ ଦ୍ୱାରା ବିହୁ ନୃତ୍ୟ ଏବଂ ଗୁଜରାଟର କଳାକାରମାନଙ୍କ ଦ୍ୱାରା ଡାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା । ସମସ୍ତ ନୃତ୍ୟ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା ବେଳେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ତାକର୍ଷକ କଳାତ୍ମକ ନୃତ୍ୟ ସମୟରେ ଦର୍ଶକଙ୍କ ତାଳି ବନ୍ଦ ହେବାର ନାଁ ନେଇ ନଥିଲା। ଗୋନାସିକା ମହୋତ୍ସବର ପୂର୍ବ ବର୍ଷରୁ ଚାଲି ଆସୁଥିବା ପରମ୍ପରା ଅନୁଯାୟୀ କେନ୍ଦୁଝର ଜିଲ୍ଲାପରିଷଦର ମାନ୍ୟବର ସଭ୍ୟ ସଭ୍ୟା ମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକପ୍ରତିନିଧି ହିସାବରେ ନିଜ ଅଞ୍ଚଳର ଉନ୍ନତି ଓ ଲୋକଙ୍କ ସେବାରେ ନିଜକୁ ନିରନ୍ତର ନିୟୋଜିତ କରି ରଖିଥିବାରୁ ଆଶିଷ ଚକ୍ରବର୍ତ୍ତୀ, ଛଇଳବାଳା ନାୟକ, କେଦାର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ସୌଭାଗ୍ୟ ମଞ୍ଜରୀ ନାୟକ, ରୁନୁ ମହାନ୍ତ, ଶାନ୍ତିଲତା ରଣା, ଅରୁଣ କୁମାର ବାରିକ, ଶଶିକାନ୍ତ ଖିଲାର, ଡମ୍ବରୁଧର କୁଦାଦା ଓ ଲକ୍ଷ୍ମୀଧର କିଷାନଙ୍କୁ ସମ୍ମାନପୂର୍ବକ ମଞ୍ଚ ଉପରକୁ ପାଛୋଟି ନିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜାତୀୟସ୍ତରର ଏକ ଟିଭି ଚ୍ୟାନେଲର ଡ୍ୟାନ୍ସ ରିଏଲିଟି ଶୋ।'ରେ ସଫଳତା ପୂର୍ବକ ଫାଇନାଲରେ ପ୍ରତିଦ୍ୱନ୍ଦିତା କରିଥିବା କେନ୍ଦୁଝରର ଝିଅ ସୁଶ୍ରୀ ଚିରଶ୍ରୀ ସାଗରିକାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାର ଅନ୍ତିମ ପର୍ଯ୍ୟାୟରେ ବଲିଉଡ୍ କଳାକାର ଶୁଭଦୀପ ଦାସ ଓ ଅନନ୍ୟା ପାଲଙ୍କ ସଂଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ ଆମୋଦିତ କରିଥିଲା । ସୂଚନାଯୋଗ୍ୟ ଆସନ୍ତାକାଲି ଗୋନାସିକା କେନ୍ଦୁଝରର ଅନ୍ତିମ ସନ୍ଧ୍ୟା ଉଦଯାପନୀ ସମାରୋହରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ୪୮୬କେଜି ଗଞ୍ଜେଇ ଜବତ, ୩ ଗିରଫ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ପୋଲିସ ଦୁଇଟି ସ୍ଥାନରୁ ୪୮୬ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, କୋରାପୁଟ ସଦର ଥାନା ପୋଲିସ କାର୍ ସହ ୧୬୧ କେଜି ଗଞ୍ଜେଇ ଜବତ କରିଛି । ଏଥିସହିତ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ପଡୋଶୀ ଆନ୍ଧ୍ର ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ ମୁଚିଙ୍ଗପୁଟ ଥାନା ବରଦା ଗାଁର ପର୍ଶୁରାମ ଭାନୁଗୁ(୩୪) ବୋଲି ଜଣାପଡିଛି । ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ କୋରାପୁଟ ସଦର ଥାନା ପୋଲିସ ବିଳମ୍ବିତ ରାତି ପ୍ରାୟ ୧୨ଟାରେ କୋଲାବନଗର-ପେଟା ରାସ୍ତାର ଗାଡି ମୋଟର ଯାଂଚ କରୁଥିଲା। ଏହି ସମୟରେ ଏକ କାର (ଏପି୦୯ବିଏମ୍୨୦୨୧) ଆସୁଥିବା ଦେଖି ଅଟକାଇଥିଲା । ତେବେ ପୋଲିସକୁ ଦେଖି କାର ଦ୍ରୁତଗତିରେ ଚାଲିଯାଇଥିଲା । ପୋଲିସ ପିଛା କରି ସଲମନଗୁଡା ଛକରୁ କାବୁ କରିଥିଲା । ପରେ ଯାଂଚ କରିବାରୁ ସେଥିରେ ୭ଟି ବସ୍ତାରେ ଗଞ୍ଜେଇ ରହିଥିବା ପୋଲିସ ଦେଖିବାକୁ ପାଇଥିଲା । ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ଏହା ୧୬୧କିଲୋ ହୋଇଥିଲା । ଏହାପରେ ଅଭିଯୁକ୍ତ କାର୍ ଚାଳକ ପର୍ଶୁରାମ ଭାନୁଗୁଙ୍କୁ ଗିରଫ କରିଥିଲା ପୋଲିସ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୬ଲକ୍ଷ ୧୦ହଜାର ଟଙ୍କା ହେବ ବୋଲି ସଦର ଥାନା ଅଧିକାରୀ ରୁନୁ ମାଝି କହିଛନ୍ତି । ଏଥିସହ ଅଭିଯୁକ୍ତ ଜଣକ କୋଲାବରୁ ଗଞ୍ଜେଇ କିଣି ବାହାର ରାଜ୍ୟକୁ ଚାଲାଣ କରୁଥିବା ନେଇ ସ୍ୱୀକର କରିଥିବା କହିଛନ୍ତି ଥାନା ଅଧିକାରୀ । ଏନେଇ ଥାନାରେ ଏକ ମାମଲାର ରୁଜୁ କରି ଅଭିଯୁକ୍ତ ପର୍ଶୁରାମକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ସେହିପରି ନନ୍ଦପୁର ବ୍ଲକର ପାଡୁଆ ଥାନା ପୋଲିସ ଏକ ବୋଲେରୋରୁ ୩୨୫ କିଲୋ ଗଞ୍ଜେଇ ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରିଛି । ପାଡୁଆ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା । ଏହି ସମୟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଏସଆଇ ହିମାଂଶୁ ବେନିଆ ଏବଂ ଅନ୍ୟ କର୍ମଚାରୀ ବାଡେଲ ନିକଟସ୍ଥ ଗୋଡିପୁଟ ଛକରେ ଯାନବାହାନ ଯାଂଚ କରିଥିଲେ । କିଛି ସମୟ ପରେ ଏକ ବୋଲେରୋ (ଓଡି୧୦ଜେ୪୯୪୮) କୁ ପୋଲିସ ଅଟକାଇ ଯାଂଚ କରିବାରୁ ଭିତରେ ଗଞ୍ଜେ ଥିବା ଜଣାପଡିଥିଲା । ପରେ ପୋଲିସ ବୋଲେରୋ ଓ ଗଞ୍ଜେଇ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରି ଥାନାକୁ ନେଇଥିଲା । ଭାରପ୍ରାପ୍ତ ତହସିଲଦାର ଦୁର୍ଗାପ୍ରସାଦ ଦୋରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେ ଓଜନ କରାଯିବାରୁ ଏହା ୩୨୫କିଲୋ ବୋଲି ଜଣାପଡିଥିଲା । ଏହି ଗଞ୍ଜେଇ ଆନ୍ଧ୍ର ସୀମାନ୍ତ ଜଲ୍ଲୁପୁଟରୁ ବ୍ରହ୍ମପୁରକୁ ଚାଲାଣ ହେବାର ଯୋଜନା ଥିଲା ବୋଲି ପୋଲିସ କହିଛି । ଏହି ମାମଲାରେ ସେମିଳିଗୁଡା ଥାନା ଅଧୀନସ୍ଥ କଙ୍ଗରା ଗ୍ରାମର ଗୁରୁ ଖରା ଓ ଗାମ ଜିଲ୍ଲା ଗଙ୍ଗାପୁର ଥାନା ଅଧୀନସ୍ଥ ଜଡାବନ୍ଧ ଗାଁର ରୋହିତ ଜେନାଙ୍କୁ ଗିରଫ କରାଯାଇଛି। ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢଉ କରାଯାଇଥିବା ବେଳେ ତଦନ୍ତକାରୀ ଅଧିକାରୀ ଏସଆଇ ଟୁନା ଶବର ଏନେଇ ଅଧିକ ତଦନ୍ତ କରୁଛନ୍ତି ।

# ପଞ୍ଚା ପରବ ପାଳିଲେ ଆଦିବାସୀ ସଂପ୍ରଦାୟ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ପ୍ରାୟ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଦୀର୍ଘ ବର୍ଷ ଧରି ଜଙ୍ଗଲ ଜମି ପଟ୍ଟା ପାଇଁ ସଂଘର୍ଷ କରିଆସୁଥିବା ଏହି ଆଦିବାସୀମାନେ ଶେଷରେ ନିଜର ହକ୍ ହାସଲ କରିଥିଲେ । ଏଥିପାଇଁ ଜିଲ୍ଲାର ହଜାର ହଜାର ଆଦିବାସୀ ଏକ ବିରାଟ ରାଲି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ ୨୩ ଦିନ ଧାରଣା ଦେଇଥିଲେ । ଯାହାଫଳରେ ସରକାର ଏମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିବାକୁ ବାଧ ହୋଇଥିଲେ । ଜିଲ୍ଲାର ୧୯୭ ଜଣ ଜଙ୍ଗଲ ଜମି ପଟ୍ଟା ପାଇଥିଲେ । ତେବେ ଏହି ପଟ୍ଟା ପାଇବା ପରେ ଆଦିବାସୀଙ୍କ ଖୁସି କହିଲେ ନସରେ ଏହାକୁ ନେଇ ଉତ୍ସବ ମନାଇଥିଲେ । କାଳିମେଳା ବ୍ଲକ ତେଲରାଇ ପଞ୍ଚାୟତର ଡଗୋଣ୍ଡ ଓ ସିଙ୍ଗାଭରମ ଗ୍ରାମର ଶତାଧିକ ଆଦିବାସୀ ଏକତ୍ର କରି ହୋଇ ଏକ ବିରାଟ ରାଲି କରିଥିଲେ । ଏଥିସହ ଜଙ୍ଗଲ ଜମି ପଟ୍ଟାର ଅବିକଳ ଏକ ବୋର୍ଡ ନିର୍ମାଣ କରି ଗାଁ ମୁଣ୍ଡରେ ମାରିଥିଲେ । ଜଙ୍ଗଲ, ଜମି, ଜଳ ସେମାନଙ୍କର ଅଧିକାର ବୋଲି କହିବା ସହ ଏଥିରେ କେହି ଖିଲାପ କଲେ ସେ ଗ୍ରାମସଭାରେ ଦଣ୍ଡ ଭୋଗିବ ବୋଲି ଚେତାବନୀ ଦେଇଥିଲେ। ଏହି ସଫଳତାକୁ ସେମାନେ 'ପଞ୍ଚା ପରବ (ପାଣ୍ଡୁମ)' ଭାବେ ପାଳନ କରିଥିଲେ । ଗାଁ ମୁଣ୍ଡରେ ଗ୍ରାମଦେବୀଙ୍କୁ ଉପାସନା କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ନାଚଗୀତ ରେ ଗାଁ ଦୁଲୁକି ଥିଲା । ଭୋଜି ଭାତର ଆୟୋଜନ ମଧ୍ୟ ହୋଇଥିଲା । ଜମି ପଟ୍ଟାରେ ରହିଥିବା ସମସ୍ତ ନିୟମକୁ ଯେଭଳି ଲୋକେ ମାନିବେ ସେ ନେଇ ଶପଥ ବି ନେଇଥିଲେ। ଏହିଭଳି ପ୍ରତିବର୍ଷ ଆଜିର ଦିନକୁ 'ପଞ୍ଚା ପରବ' ଭାବେ ପାଳନ କରିବେ ବୋଲି ଗ୍ରାମବାସୀ କହିଛନ୍ତି ।

## ବ୍ୟାଙ୍କର୍ସ କୋର୍ କମିଟି ବୈଠକ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଜିଲ୍ଲା ବ୍ୟାଙ୍କର୍ସ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ କରିଥିଲେ । ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାର ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ନେଇ ଆଲୋଚନା କରିଥିଲେ । ଜିଲ୍ଲାର ୧୪୧ ବିଭିନ୍ନ ବ୍ୟାଙ୍କର ଶାଖା ଖୋଲା ଯାଇଥିବା ବେଳେ ଯେଉଁ ପଂଚାୟତରେ ବର୍ତ୍ତମାନ ସୁଦ୍ଧା ଶାଖା ଖୋଲାଯାଇ ନାହିଁ ସେଠାରେ ତୁର' ବ୍ୟାଙ୍କ ଶାଖା ଖୋଲିବାକୁ ପରାମର୍ଶ ଦେଇଥିଲେ । ଚଳିତବର୍ଷ ହିତାଧିକାରୀଙ୍କୁ କେଉଁ ଯୋଜନାରେ ଋଣ ଦିଆଯାଇଛି ତାହା ସମୀକ୍ଷା କରିଥିଲେ । ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଋଣ ପ୍ରଦାନ ପାଇଁ ୫୯୦୦.୦୨ କୋଟି ଟଙ୍କା ଲକ୍ଷ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୨୬୩.୫୯ କୋଟି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ ସିସି କ୍ୟାମେରା ଏବଂ ଟେଲିଫୋନ ସଂଯୋଗ, ପୋଲିସ ଟୋଲ ଫ୍ରି ନମ୍ବର ଏବଂ ସୁରକ୍ଷା ସମ୍ବନ୍ଧିତ ଗାଇଡ ଲାଇନ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦିଆଯାଇଥିଲା । ତୁର' ଲକ୍ଷ ଧାର୍ଯ୍ୟ ପୂରଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ ଏଲଡିଏମ ଦେବେନ୍ଦ୍ର କୁମାର ତ୍ରିପାଠି, ନାବାର୍ଡ ଏମଡିଏମ ଦେବେନ୍ଦ୍ର ପ୍ରଧାନ, ଏମପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ବାର୍ଷିକ କାର୍ଯ୍ୟ ଖସଡା ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା ।

# ତଣ୍ଡିକଣା-ଏରଞ୍ଚର ଆଧା ରାସ୍ତାକାମ ଛାଡି ପଳାଇଲେ ଠିକାଦାର




♦ ସବୁଦିନ ଛୋଟମୋଟ ଦୁର୍ଘଟଣା
♦ ବିଧାୟକ ଶୁଣ ଗୁହାରି

କଣ୍ଟାପଡା(ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଉରାଡ଼ ପଞ୍ଚାୟତ ତଣ୍ଡିକଣା ଠାରୁ ଭାୟା ପୋହଳ ଦେଇ ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଏରଞ୍ଚ ପର୍ଯ୍ୟନ୍ତ ୫ କିମିରୁ ଉର୍ଦ୍ଧ୍ୱରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇ ପ୍ୟାକେଜ ନମ୍ବର ଓ. ଆର. ୦୭-୩୫୪ ୩ କୋଟି ୨୨ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ପ୍ରକଳ୍ପକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବାବେଳେ ଉକ୍ତ କାମଟି ଏମ. ଏସ. ବ୍ରାଞ୍ଚୋ ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ଼ ଏମ.ଡ଼ି. ବ୍ରିଜେସ କୁମାର ନାମରେ ଥିବାବେଳେ ଏହି ରାସ୍ତା କାର୍ଯ୍ୟ ୨୨. ୧୧. ୨୦୨୨ ରୁ ଆରମ୍ଭ ହୋଇ ୨୧. ୮. ୨୦୨୩ ରେ ଶେଷ ହେବ ବୋଲି ଟେଣ୍ଡରରେ ଉଲ୍ଲେଖ କରାଯାଇଛି । ହେଲେ ରାସ୍ତାର ସମୟସୀମା ୧୬ ମାସ ହେବ ପୁରିସାରି ଥିଲେ ମଧ୍ୟ ରାସ୍ତାକାମ ନିର୍ମାଣ କରିବା ତ ଦୂରର କଥା ଠିକାଦାର ୪ ମାସ ହେବ କାମ ଛାଡି ଛୁ । ଯାହାଫଳରେ ଉକ୍ତ ରାସ୍ତା ଟି ଅଧାପନ୍ତରିଆ ହୋଇ ପଡିରହିଥିବାରୁ ପ୍ରତ୍ୟେକ ଦିନ ଛୋଟମୋଟ ଦୁର୍ଘଟଣା ଘଟିବା ସହ ଉକ୍ତ ରାସ୍ତା ଦେଇ ବିଭିନ୍ନ ପଂଚାୟତକୁ ଯାଉଥିବା ମୋ ବସ ଏକପ୍ରକାର ବନ୍ଦ ହୋଇଯାଇଛି । ରାସ୍ତାଟିର ନିର୍ମାଣ ସମୟ ସୀମା ଶେଷ ହୋଇଯାଇଥିଲେ ମଧ୍ୟ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣର ସମୟ ସୀମା ବଢ଼ାଇ ଦିଆଯାଇଥିଲା । ସେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟ ଶେଷ ହୋଇସାରିଲାଣି । ଠିକାଦାର ପଳାଇଥିବାରୁ ଏବେ ଗ୍ରାମ୍ୟ ଉନୟନ ବିଭାଗର ଅଧିକାରୀ ମାନେ ଉପରକୁ ହାତ ଟେକି ବସିଛନ୍ତି । ଏହି ରାସ୍ତା ଦେଇ ଅଡସପୁରରୁ ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଓ କୁଲଶ୍ରୀ ବ୍ରିଜ ଦେଇ ହଜାର ହଜାର ଗାଡି ଯାତାୟାତ କରିଥାଏ । ଯେତିକି ନୂତନ ରାସ୍ତା ନିର୍ମାଣ କରାଯାଇଛି, ସେ ମଧ୍ୟ ଭଗ୍ନ ଅବସ୍ଥାରେ ପଡ଼ିରହିଛି । ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧି ଓ ଜନସାଧାରଣ ' ଶୁଣ ବିଧାୟକ ଆମ ଗୁହାରି ' ବୋଲି କହୁଛନ୍ତି । ଏମିତିକି ବିଧାୟକ ଛବି ମଲିକ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଚାପ ପକାଇ କାମଟି ପୁନର୍ବାର କରିବାକୁ ଦାବି ହେଉଛି । ଏହି ରାସ୍ତା କାମ ପାଇଁ ଉକ୍ତ ବିଭାଗର ଉପରିସ୍ଥ ଅଧିକାରୀ ମାନେ ବାରମ୍ବାର ଆସୁଥିଲେ ମଧ୍ୟ କାମ କରାଯାଉନାହିଁ । ଏଠାରେ ସୂଚନା ଥାଉକି ପୂର୍ବତନ ବିଧାୟକ ଡ଼ା. ପ୍ରମୋଦ କୁମାର ମଲିକ କଟକ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଥିବା ବେଳେ ରାସ୍ତା ନିର୍ମାଣ ପାଇଁ ୧୬. ୪. ୨୦୨୩ ତାରିଖରେ ଶିଳାନ୍ୟାସ କରିଥିଲେ । ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ସୋନାଲି ନନ୍ଦଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାର ଜଣକ ଜାନୁଆରୀ ମାସରେ ଶେଷ କରିବେ ବୋଲି ଲିଖିତ ଆକାରରେ ଲେଖିକି ଦେଇଛି । ଯଦି ଏଥିରେ ବ୍ୟତିକ୍ରମ ହୁଏ ନିୟମ ଅନୁଯାୟୀ ସମ୍ପୃକ୍ତ ଠିକାଦାର ପ୍ୟାକେଜକୁ ବାତିଲ କରାଯିବ ।

## ଅଦନିଆ ବର୍ଷାରେ ଆଛେରା ଧାନ ନଷ୍ଟ



କଣାସ (ଭାସ୍କର ନ୍ୟୁଜ୍) : ଦୁଇଦିନ ଧରି ଅଦିନିଆ ବର୍ଷା ହେବା ଦ୍ୱାରା ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ଶାରଦ ଧାନ ଫସଲ ଓ ପରିବା ଫସଲ ବ୍ୟାପକ ନଷ୍ଟ ହୋଇଛି । ଏଥିସହିତ ଚିଲିକା ଉପକୂଳର ଗୋପୀନାଥପୁର, କଦୁଆ, ଦୋଛିଆଁ, ବଡାଲ, ଗଡଖାରଦ, ଦେଇପୁର, ଗଡିଶାଗୋଦା, ଯାମଳଗୋଦା, ଆଳିବାଡ, ଖଣ୍ଡହତା, ସାହୁପଡା, ଚୁପୁରିଙ୍ଗି ପଞ୍ଚାୟତର ଚାଷୀମାନେ ଖରାଟିଆ ଧାନ ଚାଷ ପାଇଁ ଜମିରେ ଆଛେରା ଧାନ ପକାଇଥିଲେ । ବର୍ଷା ଫଳରେ ଆଛେରା ଜମିରେ ପାଣି ଲହଡି ମାରୁଥିବାରୁ ଧାନମଞ୍ଜି ପଚି ନଷ୍ଟ ହୋଇଯିବାର ସମ୍ଭାବନା ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି ।

# ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ




## ୨୦୩୦ ସୁଦ୍ଧା ମ୍ୟାଲେରିଆ ମୁକ୍ତ ହେବ କନ୍ଧମାଳ

କନ୍ଧମାଳ(ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ ପୌର ପରିଷଦ ଠାରେ ଆଜି ବିଧାୟକ ଉମାଚରଣ ମଲ୍ଲିକଙ୍କ କରକମଳରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମଲ୍ଲିକ କହିଲେ ଯେ କନ୍ଧମାଳ ଜିଲ୍ଲାରେ ଗୋଟିଏ ସମୟରେ ମ୍ୟାଲେରିଆ ଏକ ମାରାତ୍ମକ ରୋଗଥିଲା । ସରକାରଙ୍କର ସଫଳ ପ୍ରୟାସ ବଳରେ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀର ସଦୁପଯୋଗ କରି ମ୍ୟାଲେରିଆ ଏବଂ ଭେକ୍ଟର ବାହିତ ରୋଗର ମୁକାବିଲାରେ ସରକାରଙ୍କୁ ସହଯୋଗ କରନ୍ତୁ ଏବଂ ନିଜକୁ ମଧ୍ୟ ରକ୍ଷା କରନ୍ତୁ । ଅନ୍ୟତମ ଅତିଥି ମୁଖ୍ୟ ଉନ୍ନୟନ ଅଧିକାରୀ- ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ କହିଲେ ଯେ ମ୍ୟାଲେରିଆ ଏବଂ ଡେଙ୍ଗୁ ପରି ରୋଗରୁ ରକ୍ଷା ପାଇବାକୁ ହେଲେ ଏହି ମଶାରୀର ସଠିକ ବ୍ୟବହାର କରିବାକୁ ପଡିବ । ଗର୍ଭବତୀ ମା' ଓ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ମ୍ୟାଲେରିଆ ଅତ୍ୟନ୍ତ ବିପଦପୂର୍ଣ୍ଣ ଏମାନଙ୍କୁ ମଶାରୀ ଦ୍ୱାରା ସୁରକ୍ଷା ପ୍ରଦାନ କରିବା ଏକାନ୍ତ ଜରୁରି । ସରକାର ସବୁ ପରିବାରକୁ ମଶାରୀ ଯୋଗାଇ ଦେଉଛନ୍ତି, ଏହାର ଯେପରି ସଦୁପଯୋଗ ହେବ ସେଥିପ୍ରତି ସଚେତନ ହେବା ସହିତ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାକୁ ମ୍ୟାଲେରିଆ ଏବଂ ଡେଙ୍ଗୁ ମୁକ୍ତ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାଢୀ କହିଥିଲେ, ଏହି ମଶାରୀରେ କୀଟନାଶକର ପ୍ରଭାବ ତିନି ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ରହିଥାଏ । ଗର୍ଭବତୀ ମା' ଓ ଶିଶୁମାନଙ୍କ ପାଇଁ ଏହି ମଶାରୀ ନିରାପଦ ଅଟେ । ମଶାରୀ ବ୍ୟବହାର ଦ୍ୱାରା ମଶା ତଥା ଅନ୍ୟାନ୍ୟ କୀଟପତଙ୍ଗ ମଶାରୀ ଭିତରେ ପ୍ରବେଶ କରିପାରନ୍ତି ନାହିଁ । ଏହି ମଶାରୀକୁ ୨୦ରୁ ୨୫ ଥର ପର୍ଯ୍ୟନ୍ତ ଧୂଆଯାଇ ପାରିବ । ପ୍ରତିଥର ହାଲୁକା ଭାବରେ ଧୋଇଲେ କୀଟନାଶକ ବିଶେଷ ନଷ୍ଟ ହୁଏ ନାହିଁ । ସାଦା ଥଣ୍ଡା ପାଣିରେ ଧୋଇଲେ ଭଲ । ସାବୁନ ବା ଡିଟରଜେଣ୍ଟ ପାଉଡ଼ର ବ୍ୟବହାର କରିବା ନିଷେଧ ଏବଂ ଧୋଇ ସାରିବା ପରେ ଛାଇରେ ଶୁଖାଇବା ଉଚିତ । ଆହୁରି ମଧ୍ୟ କହିଥିଲେ ଯେ ବହୁ ସମୟରେ ଏହାର ଦୁରୁପଯୋଗ ମଧ୍ୟ ନଜରକୁ ଆସିଥାଏ, ଏହି ମଶାରୀର ଦାମ୍ ଅଧିକ ଏହାକୁ ବଜାରରେ ପାଇପାରିବେ ନାହିଁ ତେଣୁ ଏହାର ସଦୁପଯୋଗ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, କନ୍ଧମାଳ ଶ୍ରୀ ଧର୍ମେନ୍ଦ୍ର ତଣ୍ଡି କହିଲେ ଯେ ୨୦୩୦ ସୁଦ୍ଧା କନ୍ଧମାଳ ଜିଲ୍ଲାକୁ ମ୍ୟାଲେରିଆ ମୁକ୍ତ କରିବାକୁ ଟାର୍ଗେଟ କରାଯାଇଛି । ମଶାରୀ ବଣ୍ଟନ ଏହାର ଏକ ଅଂଶ । ଏହାକୁ ହାସଲ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । କୁମୁଦ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଡି. ପି.ଏମ. ଶ୍ରୀ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ପୌରପରିଷଦ ଅଧକ୍ଷା ପାୟେଲ ବେହେରା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର, ଡା. ଅରବିନ୍ଦ ଦାସ, ସସ୍ମିତା କୁମାରୀ ବେହେରା, ନିବେଦିତା ମହାନ୍ତିଙ୍କ ସମେତ ଅଙ୍ଗନୱାଡି ଓ ଆଶା କର୍ମୀ, ହିତାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଗଡ଼ିଲା ପାଣି ପଞ୍ଚାୟତ ରଥ

ବାରିପଦା (ଭାସ୍କର ନ୍ୟୁଜ୍) : ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ, ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ତରଫରୁ ଚଳିତ ମାସ ୨୨ ଠାରୁ ଆଗାମୀ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ସମଗ୍ର ମୟୂରଭଞ୍ଜରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ସେହି ପରିପ୍ରେକ୍ଷୀରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ରବିବାର ଦିନ ସକାଳେ ପାଣିପଞ୍ଚାୟତ ସଚେତନତା ରଥ ଉଦ୍‌ଘାଟିତ ହୋଇଥିଲା । ଯାହା ଏହି ପକ୍ଷରେ ଜିଲ୍ଲାର ପ୍ରତ୍ୟେକ ବିଭାଜନରେ ମଧ୍ୟ ବୁଲିବା ସହିତ ଜନସାଧାରଣ ମାନଙ୍କୁ ପାଣି ପଂଚାୟତର କାର୍ଯ୍ୟକାରିତା, ଉପାଦେୟତା ବିଷୟରେ ଅବଗତ କରାଇବା ସହିତ କୃଷିଜୀବୀଙ୍କ ଗୁଣାତ୍ମକ ମାନ ବୃଦ୍ଧି, ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ବିଷୟରେ ବୁଝାଇବାରେ ସହାୟକ ହେବ । ଇତ୍ୟବସରରେ, ବାରିପଦା ଉପଖଣ୍ଡ ଅନ୍ତର୍ଗତ ବାଲିଡିହା ଜଳ ବିଭାଜିକା ଠାରେ ଏକ ବିଭାଜନ ସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, ଅତିରିକ୍ତ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ଇଂ ସୁରେଶ କୁମାର ଦାଶ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ନିର୍ବାହୀ ଯନ୍ତ୍ରୀ, ପ୍ରସନ୍ନ ଦାସ, କାଳ ପାଣିପଞ୍ଚାୟତ ସମ୍ପାଦକ, ଯଜ୍ଞ ମହାନ୍ତି, ବାଲିଡିହା ପ୍ରକଳ୍ପ ସମ୍ପାଦକ ଦାଶରଥି ପାଣ୍ଡେ, ସୁନେଇ ପ୍ରକଳ୍ପ ସମ୍ପାଦକ, ବିରଞ୍ଚି ନାରାୟଣ ପାତ୍ର, ବାଲିଡିହା ପ୍ରକଳ୍ପ ସହ ସମ୍ପାଦକ, ସହଦେବ ସିଂ, କାଳ ପ୍ରକଳ୍ପ ସହ ସମ୍ପାଦକ ସର୍ବେଶ୍ୱର ରାଉତ ପ୍ରମୁଖ ମଂଚାସୀନ ଥିଲେ । କେବଳ ସରକାରୀ ବ୍ୟବସ୍ଥା କିମ୍ବା ଚାଷୀଙ୍କର ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା ଜଳସେଚନ ପ୍ରଣାଳୀର ଉତ୍ତମ ରକ୍ଷଣାବେକ୍ଷଣ ଓ ସୁପରିଚାଳନ ଭାବେ ଚାଲିବ ବୋଲି ଭାବିବା ଅସମ୍ଭବ । ଏଣୁ ଏହାର ସମାଧାନ ନିମନ୍ତେ ପ୍ରତ୍ୟକ୍ଷ ଯୋଗଦାନ ଓ ସହଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ଉପଲବ୍ଧ ସେଚ ଜଳର ସୁପରିଚାଳନା, ସୁଷମ ବଣ୍ଟନ ଓ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଇଂ ଦାଶ ପ୍ରକାଶ କରିଥିଲେ । ନିଜ ବକ୍ତବ୍ୟରେ ଅତିଥିମାନେ, ଅନଲାଇନ୍ ବ୍ୟବସ୍ଥାରେ ଅଭିଯୋଗର ସମାଧାନ କରିବା, ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ କରିବାରେ ମଧ୍ୟ କାର୍ଯ୍ୟ କରୁଛି, ବନ୍ୟା ସମ୍ପର୍କରେ ସମୟଭିତ୍ତିକ ପ୍ରାକ୍ ସ୍ଥିତିର ସଠିକ ଆକଳନ କରିବା, ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ଅନଲାଇନ୍ ବ୍ୟବସ୍ଥାରେ ଜଳ ଆବଣ୍ଟନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ବିଭାଗୀୟ ବିଭିନ୍ନ କାର୍ଯ୍ୟର ତଦାରଖ ବ୍ୟବସ୍ଥାକୁ ଦକ୍ଷତାର ସହ ନିର୍ବାହ କରିବା, ଭୂତଳ ଜଳର ସଠିକ ମାତ୍ରା ଜାଣିବା, ଜଳ ସଂରକ୍ଷଣ, ଜଳ ସମ୍ପଦର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଅଧିକ ଜ୍ଞାନ ସମ୍ପନ୍ନ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ସହଭାଗିତାକୁ ଜଳସମ୍ପଦ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି କହିଥିଲେ ଏବଂ ଜଳର ଅପଚୟ ନ କରି ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଏସ୍.ଡି.ଓ ଇଂ ପ୍ରଭାତ କୁମାର ସେଠୀ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ମଞ୍ଚକୁ ନିମନ୍ତ୍ରଣ କରିଥିଲେ, ପରେ ଅଧିକ୍ଷଣ ଯନ୍ତ୍ରୀ ଇଂ ଗଜେନ୍ଦ୍ର ନାୟକ ସଭା ପରିଚାଳନା କରିଥିବା ବେଳେ ଜଳସେଚନ ବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଶେଷ କରି ପାଣି ପଞ୍ଚାୟତ ଆଇନରେ ଆବଶ୍ୟକ ସଂଶୋଧନ କରାଯାଇ ଜଳ ବ୍ୟବହାର କରୁଥିବା କୃଷକଙ୍କ କ୍ଷେତ୍ରରେ ପତି ବା ପତ୍ନୀଙ୍କୁ ପାଣି ପଞ୍ଚାୟତର ସଦସ୍ୟା ଭାବେ ନିୟୋଜିତ କରାଯାଇଛି । ମେଗା ଲିଫ୍ଟ ପ୍ରକଳ୍ପ ଗୁଡିକ ଅଧିନରେ ପାଣି ପଞ୍ଚାୟତ ଯୋଜନା ଗଠନ କରାଯାଇଛି । ପାଣି ପଞ୍ଚାୟତଗୁଡିକର କାର୍ଯ୍ୟାବଳୀ ସମ୍ପର୍କରେ ଜାଣିବା ପାଇଁ ସୂଚନା ଓ ପ୍ରଯୁକ୍ତି ଆଧାରରେ ଇ-କାଡ୍ ଭଳି ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଏହି ପଦକ୍ଷେପକୁ ଆହୁରି ଆଗକୁ ନେବା ଏବଂ ସମସ୍ତଙ୍କ ମଧ୍ୟରେ ପାଣି ପଞ୍ଚାୟତର ଗୁରୁତ୍ୱ ଓ ପାଣି ପଞ୍ଚାୟତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଜଳ ସମ୍ପଦର ସୁରକ୍ଷା ଏବଂ ପାଣି ପଞ୍ଚାୟତଗୁଡିକର କାର୍ଯ୍ୟକୁ ଆହୁରି ଆଗକୁ ନେବାରେ ସହାୟତା କରୁଥିବା ସମସ୍ତ ସହଭାଗୀ ଅନୁଷ୍ଠାନର ସହଯୋଗରେ ଏହି ବାର୍ଷିକ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ ବୋଲି ଜଳସମ୍ପଦ ବିଭାଗ ତରଫରୁ ଜଣାଯାଇଛି । ସୂଚନା ଥାଉକି, ଆସନ୍ତା ୨୯ ତାରିଖରେ ଏହି ପାଣିପଞ୍ଚାୟତର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ, ବାରିପଦା ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେବ ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ବାଲିମେଳା/କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହର ସ୍ଥିତ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ଡିଭିଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ପ୍ରଥମେ ମଞ୍ଚରେ ଉପସ୍ଥିତ ଥିବା ଅତିଥିଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଉକ୍ତ ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ କୁନି କୁନି ପିଲାମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ରବିବାର ଦିନ ବାଲିମେଳା ନିକଟସ୍ଥ ସୁର୍ଲୁକୋଣ୍ଡା ବ୍ୟାରେଜ ଠାରେ ପୋଟେରୁ ଜଳ ସେଚନ ବିଭାଜନ ଦ୍ୱାରା ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ପାଇଁ ବ୍ୟାପକ ଆୟୋଜନ କରାଯାଇଥିବା ବେଳେ ବିଭିନ୍ନ ପାଣି ପଞ୍ଚାଯତ ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ । ପୋଟେରୁ ଜଳ ସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ.ପୀତବାସ ସେଠୀ ଆଜିର ସଭାରେ ସଭାପତିତ୍ୱ କରିବା ସହ ଜଳର କିପରି ସଦୁପଯୋଗ ହେବ ଏନେଇ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକ ବନ୍ଧୁଙ୍କୁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ଏବଂ ପୋଟେରୁ ଜଳ ସେଚନ ପ୍ରକଳ୍ପର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ କାଡ଼ା ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ସରୁପ ମାଝୀ ମାଲକାନଗିରି ପାଣି ପଞ୍ଚାୟତର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଏହାକୁ ସୁଦୃଢ କରିବା ପାଇଁ କୃଷକମାନଙ୍କ ଭୂମିକା ବିଷୟରେ କୃଷକ ଭାଇମାନଙ୍କୁ ଅବଗତ କରାଇଥିଲେ । ଏହି ସଭାରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପ ସଭାପତି ପତିତପାବନ ବୈଦ୍ୟ , ମାଲକାନଗିରି ବିଧାୟକ ପ୍ରତିନିଧି ଏସ୍ ମହେଶ୍ୱର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇସାକ ଖୋସଲା , ସରପଞ୍ଚ ଦୁଡାମେଟା ମାଧବ ମାଡ଼ି ଏବଂ ସହକାରୀ ଯନ୍ତ୍ରୀ,ଉଦ୍ୟାନ କୃଷି ବିଭାଗ ଦିଗାମ୍ବର ମାଡକାମୀ, ସାମ୍ବାଦିକ ନିରଂଜନ ମଲ୍ଲ ଏବଂ ଶିବ ଦତ୍ତ ସାହୁ ପ୍ରମୁଖ ଯୋଗ ଦେଇ ପାଣି ପଞ୍ଚାୟତ ପକ୍ଷ ପାଳନର ବିଶେଷତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ବିଶେଷ ଆଲୋକପାତ କରାଇଥିଲେ । ଶେଷରେ ପୋଟେରୁ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ଇଂ.ଅଭିମନ୍ୟୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।





ତିହିଡି(ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ବିଶ୍ୱନାଥ ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ସୁପ୍ରଭା ପାଣି ଯୋଗଦେଇ ପ୍ରତିଯୋଗିତା ଦ୍ୱାରା ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶର ବୃଦ୍ଧି ଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ସମିତିସଭ୍ୟ ନକୁଳ ଚନ୍ଦ୍ର ବାରିକ, ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ମୀନକେତନ ସେନାପତି ଯୋଗଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ, ଲଲାଟେନ୍ଦୁ ମହାପାତ୍ର ଅତିଥି ପରିଚୟ ଓ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ । ପ୍ରଧାନଶିକ୍ଷକ ପଣ୍ଡା ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବାଳକ ବିଭାଗର ଚାମ୍ପିୟନ ରାହୁରାଜ ବଳ, ବାଳିକା ବିଭାଗର ଚାମ୍ପିୟନ ବିଷ୍ଣୁପ୍ରିୟା ପଣ୍ଡା, ସାଂସ୍କୃତିକ ବିଭାଗର ଚାମ୍ପିୟନ ହରିନାରାୟଣ ବାରିକଙ୍କ ସମେତ ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ନୃସିଂହ ଚରଣ ପଣ୍ଡା, ସୁବାସ ଚନ୍ଦ୍ର ଦାସ, କ୍ରୀଡା ଶିକ୍ଷକ ଅଭୟ କୁମାର ସେନାପତି, ଭାଗିରଥି ବେହେରା, ଦାଉଦ ଅଲ୍ଲୀ ସାହାଜି, ଶିକ୍ଷା କର୍ମଚାରୀ ବାଇଧର ଜେନା, ଅଶୋକ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଙ୍ଗିରିପୋଷି ରେଞ୍ଜରେ ହାତୀର ମୃତ୍ୟୁ, କାରଣ ଅସ୍ପଷ୍ଟ



ବାରିପଦା(ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ରେଞ୍ଜ ଅଧୀନସ୍ଥ ଗୋଲାମୁଣ୍ଡାକାଟା ନିକଟରେ ରବିବାର ସକାଳେ ଏକ ୫ ବର୍ଷ ବୟସର ମାଈ ହାତୀର ମୃତଦେହ ଠାବ ହୋଇଛି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ଦ୍ରୁତଗତିରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଅଧିକାରିକ ସୂଚନା ଅନୁସାରେ, ବ୍ୟବଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଗତ କିଛି ସମୟ ଧରି ହାତୀମାନଙ୍କ ଚଳଚଳନ ବଢ଼ିଥିବା ତଥ୍ୟ ମିଳିଥିଲା। ଏହି ମୃତ୍ୟୁ ନୂଆନୁହେଁ। ଗତ କିଛି ମାସ ମଧ୍ୟରେ ବାଙ୍ଗିରିପୋଷି ରେଞ୍ଜରେ ୩ଟି ହାତୀର ମୃତ୍ୟୁ ଘଟିବା ମଧ୍ୟରେ ଏହା ଆଉ ଏକ ନୂଆ ଅଘଟଣା ରୂପେ ଚିହ୍ନଟ ହୋଇଛି। ଏହା କାହିଁକି ଘଟୁଛି, ଏନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷଜ୍ଞ ମାନେ କରୁଛନ୍ତି ଜଳବାୟୁ ପରିବର୍ତ୍ତନ, ଜନବସତିର ବୃଦ୍ଧି, ବେଆଇନ କ୍ରସର, ମାତ୍ରାଧିକ ବ୍ଲାଷ୍ଟିଂ, ଜଙ୍ଗଲର ସଂକୋଚନ ଇତ୍ୟାଦି ଏହାର ପ୍ରମୁଖ କାରଣ ହୋଇପାରେ। ହାତୀମାନଙ୍କ ଅଚାନକ ମୃତ୍ୟୁ ଆଗରୁ କୌଣସି ଶିକାରୀ କାରଣରୁ ହୋଇଥିବା ସନ୍ଦେହ ମଧ୍ୟ କରାଯାଉଛି। ତେବେ ବ୍ୟବଛେଦ ରିପୋର୍ଟ ଆସିବା ପରେ ଏହି ସଂପୃକ୍ତ ତଥ୍ୟ ପ୍ରକାଶିତ ହେବାର ଅପେକ୍ଷା। ବନ ବିଭାଗ ପକ୍ଷରୁ ସ୍ଥାନୀୟ ନାଗରିକ ଓ ପ୍ରକୃତି ପ୍ରେମୀମାନଙ୍କୁ ଅନୁରୋଧ କରାଯାଇଛି ଯେ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସହଯୋଗ କରନ୍ତୁ। ଏହା ସହ, ଅନାବଶ୍ୟକ ରହସ୍ୟର ସୃଷ୍ଟି ତଥା ଶବ୍ଦ ପ୍ରସାରଣ କରି ଜନସମୁଦାୟରେ ଭୟ ତିଆରି କରନ୍ତୁ ନାହିଁ। ଅଭୟାରଣ୍ୟର ହାତୀ ମୃତ୍ୟୁ ଘଟଣା ତଦନ୍ତ ଓ ସମସ୍ୟାର ମୂଳ କାରଣ ଖୋଜିବା ଏବେ ବନ ବିଭାଗର ପ୍ରାଥମିକତା। ସମ୍ପୂର୍ଣ୍ଣ ତଥ୍ୟ ଆସିଲେ ହାତୀମାନଙ୍କ ଜୀବନର ରକ୍ଷା ପାଇଁ ନୂତନ କାର୍ଯ୍ୟପଦ୍ଧତି ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂଚନା।

## ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ଚିନ୍ତାରେ ଚାଷୀ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏ ଯାଏ ଖୋଲିନାହିଁ ଧାନ ମଣ୍ଡି। ମଣ୍ଡି ଖୋଲିବାକୁ ଆହୁରି ୨ ସପ୍ତାହରୁ ଅଧିକ ଦିନ ବାକି। ଜାନୁୟାରୀ ୭ରେ ଧାନ ମଣ୍ଡି ଖୋଲିଲେ ବି ଧାନ କିଣୁ କିଣୁ ଜାନୁୟାରୀ ଦ୍ୱିତୀୟ ସପ୍ତାହ ହୋଇଯିବ। ଏ ପଟେ ବାରମ୍ବାର ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ଅସ୍ତରଙ୍ଗ ବ୍ଲକର ୬୦ଭାଗ ଅମଳ ହୋଇ ସାରିଲାଣି। ଚାଷୀ ବିଲରୁ ଆରମ୍ଭ କରି ଖଳା ପର୍ଯ୍ୟନ୍ତ ଧାନ ଗଦା କରି ରଖିଛନ୍ତି। ଅନେକ ଚାଷୀ ବିଲରୁ ବାକିଥିବା ଧାନ କାଟି ଦେଇଥିଲେ ବି ଘରକୁ ଆଣି ପାରିନାହାନ୍ତି। ଅଦିନିଆ ବର୍ଷାରେ ଧାନ ସମ୍ପୂର୍ଣ୍ଣ ଓଦା ହୋଇଯାଇଛି। ଦୁଇଦିନ ହେଲା ବର୍ଷାରେ ଧାନ ଭିଜୁଛି। ୨୦ଦିନ ପୂର୍ବରୁ ମଧ୍ୟ ଅଦିନିଆ ବର୍ଷାରେ ପାଚିଲା ଧାନ ଭିଜିଥିଲା। ବାରମ୍ବାର ବର୍ଷାରେ ଧାନ ଭିଜିବା ଓ ପାଣିରେ ବୁଡ଼ିରହିବା ଫଳରେ ଧାନ କେଉଁଠି ଗଜା ତ କେଉଁଠି ଧାନ ମଇଳା ହୋଇଛି। ଧାନର ମାନ ଖରାପ ହେବା ନିଶ୍ଚିତ। ଏପରିସ୍ଥିତିରେ ଏଫ୍‌ଏକ୍ୟୁ ମାନର ଧାନ ଅମଳ ଚାଷୀଙ୍କ ପାଇଁ ଏକପ୍ରକାର ଅସମ୍ଭବ ହୋଇଯାଇଛି। ଚାଷୀଟିଏ ମଣ୍ଡିରେ ଧାନ ବିକ୍ରି କରି କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ପାଇବାକୁ ଆଶା ରଖିଥିବା ବେଳେ ବର୍ଷା ସବୁକିଛି ବିଗାଡି ଦେଇଛି। ଚଳିତ ବର୍ଷ ରାଜ୍ୟ ସରକାର କେବଳ ଏଫ୍‌ଏକ୍ୟୁ ମାନର ଧାନ ହିଁ କିଣିବେ ବୋଲି ସ୍ପଷ୍ଟ କରିଛନ୍ତି। ଯାହା ଏବେ ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ମଣ୍ଡିକୁ କେବଳ ଏଫ୍‌ଏକ୍ୟୁ ମାନର ଧାନ ଆଣିବା ପାଇଁ କଡାକଡ଼ି ନିର୍ଦ୍ଦେଶ ରହିଛି। ବିଶେଷ କରି ଧାନରେ ଆଦ୍ରତା, କାଠି, କୁଟା, ଗୋଡି ଓ ଅଗାଡି ଆଦି ନଥିବା ଦରକାର। ଧାନର ମାନ ନିର୍ଦ୍ଧାରଣ ପାଇଁ ୪ଜଣ ସରକାରୀ କର୍ମଚାରୀ (କ୍ୱାଲିଟି ଆନାଲିଷ୍ଟ, ପରଚେଜ ଅଫିସର, ମଣ୍ଡିର ନୋଡାଲ ଅଧିକାରୀ ଓ ମିଲର ପ୍ରତିନିଧି)ଉପସ୍ଥିତ ରହିବେ। ଏଫ୍‌ଏକ୍ୟୁ ଧାନର ବ୍ୟତିକ୍ରମ ଘଟିଲେ ସମ୍ପୃକ୍ତ ଚାଷୀ ମଣ୍ଡିରୁ ଧାନ ଫେରାଇ ନେବେ। କିନ୍ତୁ ବିଲରେ ଏବେ କଟା ହୋଇ ରଖାଯାଇଥିବା ଧାନ ସମ୍ପୂର୍ଣ୍ଣ ଓଦା। ଅମଳ କରି ଅଣାଯାଇଥିବା ଧାନକୁ ଶୁଖାଇଲେ ମଧ୍ୟ ଆଦ୍ରତା ଓ ଅଗାଡି ରହିବ। ଏପରି ସ୍ଥଳେ ଚାଷୀ ଧାନର ଏଫ୍‌ଏକ୍ୟୁ ମାନକୁ ନେଇ ଅଡୁଆରେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅନେକ ପଞ୍ଚାୟତରେ ଚାଷୀଙ୍କ ଧାନ କଟାଯାଇ ବିଲରେ ପଡିଛି। ଯାହା ଏବେ ସମ୍ପୂର୍ଣ୍ଣ ଭାବେ ଓଦା ହୋଇଯାଇଛି। କଣ୍ଟାପଡା ଅଞ୍ଚଳର ଚାଷୀ ଶରତ ଦୀକ୍ଷିତି କହିଛନ୍ତି, ଧାର କରଜ କରି ଏ ବର୍ଷ ୩ଏକର ଧାନ ଚାଷ କରିଥିଲି। ସବୁ ଧାନ ଓଦା ହୋଇଯାଇଛି। ଏ ସବୁ ଗଜା ହୋଇଯିବ। କ'ଣ କରିବି ବୁଦ୍ଧିବାଟ ଦିଶୁନି। ସରକାର ଆମ କଥା ଚିନ୍ତା କରି ଏଫ୍‌ଏକ୍ୟୁ ଉପରେ କୋହଳ କରିବା ଆବଶ୍ୟକ। ସେହି ଗାଁର ଚାଷୀ ଶରତ ଓଝା କହିଛନ୍ତି, ସାଢ଼େ ୩ ଏକର ଜମିରେ ଏ ବର୍ଷ ଧାନ ଚାଷ କରିଥିଲି। ସବୁ ଧାନ କଟା ହୋଇ ବିଲରେ ପଡିଛି। ବର୍ଷା ଯୋଗୁଁ ଧାନ ସବୁ ଓଦା ହୋଇ ନଷ୍ଟ ହୋଇଗଲାଣି। ଏଫ୍‌ଏକ୍ୟୁ ମାନର ଧାନ ଆସିବ କେଉଁଠୁ। ଧାରକରଜ କରି ଚାଷ କରିଥିଲି। ଏଫ୍‌ଏକ୍ୟୁ ମାନର ଧାନ ଅମଳ କରିହେବନି। ଏବେ କଟକଣା ଅପେକ୍ଷା ବାଧ୍ୟ ହୋଇ ଆମେ ବେପାରୀଙ୍କୁ ବିକି ଦେବୁ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଏଥର କଟ୍‌ନିଛଟ୍‌ନି ହେବନାହିଁ। କିନ୍ତୁ ଏଫ୍‌ଏକ୍ୟୁ ମାନ ଏ ବର୍ଷ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଲଗାଣ ବର୍ଷା ପରେ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣିବା ଚାଷୀଙ୍କ କ୍ଷେତ୍ରରେ ଏକପ୍ରକାର ଅସମ୍ଭବ ହୋଇପଡିଛି। ତେଣୁ ମାନକୁ ବିଶେଷ ଗୁରୁତ୍ୱ ନଦେଇ ଧାନ କିଣିବା ବ୍ୟବସ୍ଥା କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଅନ୍ୟପଟେ ଅସ୍ତରଙ୍ଗ ବ୍ଲକର ପରିବା ଝୁଡି କୁହାଯାଉଥିବା ବେଗୁନିଆବସ୍ତ, ଓସ୍ତପୁର, ବେଣୀପୁର ଅଞ୍ଚଳରେ ଅନେକ ଶୀତଦିନିଆଁ ଫସଲ ଯଥା କୋବି, କାକୁଡି, ବିନ୍ସ ସବୁ ଫସଲ ନଷ୍ଟ ହେବାକୁ ବସିଛି। ଧାନ ନଷ୍ଟ, ପରିବା ନଷ୍ଟ ସବୁ କିଛି ନଷ୍ଟ ଋଣ ସୁଝିବେ କେମିତି ଚାଷୀ ଚିନ୍ତାରେ। ଲଘୁଚାପ ବର୍ଷା ସିନା ଚାଲିଗଲା ତା'ର ପଦଚିହ୍ନ ଚାଷୀର ଆଖିରେ ଲୁହ ଛାଡି ଦେଇଗଲା।



## ପ୍ରଭୁ ଗୋରେଖନାଥଙ୍କ ହୁଣ୍ଡି ଗଣତି ଶେଷ
## ୧୪ଲକ୍ଷ ୭୪ହଜାର ୪୫ ଟଙ୍କା ଆୟ



ରଘୁନାଥପୁର(ଭାସ୍କର ନ୍ୟୁଜ୍) : ଜଗତସିହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ଅନ୍ତର୍ଗତ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୁତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ହୁଣ୍ଡିର ୩ ଦିନ ଧରି ଯଥା ୧୮, ୧୯, ୨୦, ତାରିଖ ପର୍ଯ୍ୟନ୍ତ ଟଙ୍କା ଗଣତି କାର୍ଯ୍ୟ ଚାଲିଥିଲା। ଶେଷ ପର୍ଯ୍ୟାୟର ଗଣତି ପରେ ମୋଟ ୧୪ଲକ୍ଷ ୭୪ହଜାର ୪୫ଟଙ୍କା ଆୟ ହୋଇଥିବା ଗଣତିରୁ ଜଣାପଡିଛି। ଏନଡାମେଣ୍ଟ ଇନ୍ସପେକ୍ଟର ଶକ୍ତି ପ୍ରସାଦ ନାୟକ ଓ ପୀଠର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଗଣତିରେ ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ କର୍ମଚାରୀ ଓ ସମାଜ ବିକାଶ ମିଶନ ଅନୁଷ୍ଠାନର ପିଲାମାନେ ଓ ପୀଠର କର୍ମଚାରୀ ସାମିଲ ହୋଇ ଗଣତିରେ ସହଯୋଗ କରିଥିଲେ। ହୁଣ୍ଡିରୁ ଆୟ ହୋଇଥିବା ସମସ୍ତ ଅର୍ଥରାଶି ତିର୍ତ୍ତୋଲ ସ୍ଥିତ ଇକୋ ବ୍ୟାଙ୍କରେ ପ୍ରଭୁ ଗୋରେଖନାଥଙ୍କ ଆକାଉଣ୍ଟରେ ଡିପୋଜିଟ୍ ହୋଇଥିବା ଜଣାଯାଇଛି।

## ଜିଲ୍ଲାସ୍ତରୀୟ ଜାତୀୟ ଗଣିତ ଦିବସ ପାଳିତ

ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଜାତୀୟ ଗଣିତ ଦିବସ, ୨୦୨୪ ପାଳନ ଉପଲକ୍ଷେ ବାରିପଦାସ୍ଥିତ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏକ ଗଣିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣିତଜ୍ଞ ଶ୍ରୀନିବାସ ରାମାନୁଜମଙ୍କ ସ୍ମୃତିଚାରଣ କରାଯାଇଥିଲା। ଜିଲ୍ଲା ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ କନିଷ୍ଠ ବର୍ଗରେ ବାରିପଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାମୁହିଁର ସପ୍ତମ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ଦାଶ, ବାରିପଦା ବ୍ଲକ ଅନ୍ତର୍ଗତ ମହେଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଧୁବନର ଅଷ୍ଟମ ଶ୍ରେଣୀ ଛାତ୍ରୀ ଧାନିମଣି ମାରାଣ୍ଡି ଓ ଉକ୍ତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ମିନାକ୍ଷୀ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ନବମ ଓ ଦଶମ ଶ୍ରେଣୀର ବରିଷ୍ଠ ବର୍ଗରେ ବେତନଟୀ ବ୍ଲକ ଅନ୍ତର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ବେତନଟୀର ଦଶମ ଶ୍ରେଣୀ ଛାତ୍ରୀ ଅଲିଭା ରାଉତ, ବାରିପଦା ଅନ୍ତର୍ଗତ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅଭିନାଶ ବେହେରା ଓ ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବନଦୁର୍ଗା ଉଚ୍ଚ ବିଦ୍ୟାଳୟ, ଇଟାମୁଣ୍ଡିଆର ନବମ ଶ୍ରେଣୀ ଛାତ୍ର ରିତେଶ ମହାନ୍ତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଆୟୋଜକ ବିଦ୍ୟାଳୟର ଗଣିତ ଶିକ୍ଷକ ମନୋଜ ପରିଡା ଓ ବିଚାରକ ଭାବେ ଗଣିତ ଶିକ୍ଷକ ନୟନ ଗିରି ଓ ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗଣିତ ଶିକ୍ଷକ ଦୀପକ ରାମ, ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ଜେନା, ଶିକ୍ଷକ ଅଂଶୁମାନ ପାଣିଗ୍ରାହୀ, ଗଣିତ ଶିକ୍ଷୟିତ୍ରୀ ଜ୍ୟୋର୍ତିଦେବୀ, ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




## ଲଗାଣ ବର୍ଷାରେ ୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଫୁଲକୋବି ନଷ୍ଟ, ଚାଷୀ ମୁଣ୍ଡରେ ଚଡ଼କ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକରେ ଶୁକ୍ର ଓ ଶନିବାର ଦୁଇଦିନ ଧରି ଲଗାଣ ବର୍ଷା ବିଭିନ୍ନ ସ୍ଥାନରେ ହୋଇଛି। ଏହି ବର୍ଷା ଚାଷୀମାନଙ୍କୁ ସର୍ବଶ୍ୱାନ୍ତ କରାଇଛି। ବର୍ଷକର ଖାଦ୍ୟ ପାଇଁ ଧାନଚାଷ କରିଥିବା ଚାଷୀଙ୍କ ଠାରୁ ଆହାର ଛଡାଇ ନେଇଥିବା ବେଳେ କେତେକ ଚାଷୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଫୁଲକୋବି ଚାଷ କରିଥିଲେ। କିନ୍ତୁ ଏହି ଲଗାଣ ବର୍ଷା କ୍ଷେତରେ ହସୁଥିବା ଦୁଇ ନମ୍ବର ଧଳା ଧଳା କୋବିକୁ ନଷ୍ଟ କରିଦେଇଛି। ଲକ୍ଷାଧିକ ଟଙ୍କା କରଜ କରି କୋବି ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନିଆଳୀରେ ଉଦ୍ୟାନ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୋବି ଚାଷୀମାନଙ୍କ ପାଖରେ କେହି ବି ପହଞ୍ଚି ନାହାନ୍ତି। ଦୁଇଦିନ ଲଗାଣ ବର୍ଷାରେ କୋବି ଗୁଡିକରେ ପୋକ ଲାଗିବା ଆରମ୍ଭ ହେଲାଣି ବୋଲି ଚାଷୀ କହିଛନ୍ତି। ଏଭଳି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଉକ୍ତ ବ୍ଲକ ଅଧିନସ୍ତ ନିଆଳି, ହଳଦିବସନ୍ତ, ଜଲାରପୁର, ରାଣୀଓଳା, ସିଠାଳ, ଏକବାରୁଆଁ, ପହଂଗା, ସଡ଼ାନ୍ଧ, ବିନିଶପୁର, ଲୁଣି ଗାଁ, କପାସି, କୃଷ୍ଣପ୍ରସାଦ ଆଦି ଅଞ୍ଚଳରେ ୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷୀମାନେ କୋବି ଲଗାଇଥିଲେ। ହେଲେ କୋବି ଗୁଡିକ ନଷ୍ଟ ହୋଇଯାଇଥିବାରୁ ନିଆଳି ଉଦ୍ୟାନ ବିଭାଗ ପକ୍ଷରୁ ଉକ୍ତ ଜାଗାଗୁଡିକୁ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



## ବିଜେପିରେ ମିଶିଲେ ହେମନ୍ତ
### ସ୍ୱାଗତ କଲେ ବ୍ଲକ ଅଧକ୍ଷା ଓ ବହୁ ପଞ୍ଚାୟତ ପ୍ରତିନିଧି



କଣ୍ଟାପଡ଼ା(ଭାସ୍କର ନ୍ୟୁଜ୍) : କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଉତ୍ତାରଣ ପଞ୍ଚାୟତ ସରପଞ୍ଚ ହେମନ୍ତ କୁମାର ମଲ୍ଲିକ ବିଜେପିରେ ମିଶିବା ଏକପ୍ରକାର ସୁନିଶ୍ଚିତ ହୋଇଯାଇଛି। ଆଜି କଣ୍ଟାପଡ଼ା ଡାକବଙ୍ଗଳା ପରିସରରେ ବ୍ଲକ ଅଧକ୍ଷା ସୁଶ୍ରୀ ଜିନା ଭୋଇ ଉତ୍ତାରଣ ସରପଞ୍ଚ ହେମନ୍ତ କୁମାର ମଲ୍ଲିକକୁ ସ୍ୱାଗତ କରିଥିଲେ। ହେମନ୍ତ ବିଜେପିରେ ମିଶିବା ପୂର୍ବରୁ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଉପାଧ୍ୟକ୍ଷ ଯତୀନ୍ଦ୍ର ନାଥ ବରାଳଙ୍କ ନେତୃତ୍ୱରେ କଣ୍ଟାପଡ଼ା ଡାକବଙ୍ଗଳାରେ ମିଶ୍ରଣପର୍ବ ହୋଇଥିଲା। ଉତ୍ତାରଣ ସରପଞ୍ଚ ହେମନ୍ତ କୁମାର ମଲ୍ଲିକ ବିଜପିରେ ସାମିଲ ହୋଇଥିଲେ। କଣ୍ଟାପଡ଼ା ବ୍ଲକ ବିଜେପିର ବରିଷ୍ଠ ନେତା ଲୋକେଶ କୁମାର ମହାପାତ୍ର, ବରିଷ୍ଠ ନେତା ଦ୍ୱାରିକାନାଥ ଦାସ, ସରପଞ୍ଚ ସଂଘ ସଭାପତି ସଞ୍ଜୟ କୁମାର ରାଉତରାୟ, ସମ୍ପାଦକ ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ର କୁମାର ସ୍ୱାଇଁ, ସରପଞ୍ଚ ଅଭିଷେକ ମହାପାତ୍ର, ବିଜେପି ନେତା ପ୍ରତ୍ୟୁଷ କୁମାର ମହାନ୍ତି, ବସୁ ରାଉତ, କାଳନ୍ଦୀ ସେନାପତି, ଅଡଶପୁର ପଞ୍ଚାୟତ ସେବା ସମବାୟ ସମିତିର ପୂର୍ବତନ ସଭାପତି କବି ପ୍ରସାଦ ଖଟୋଇ, ବ୍ରାହ୍ମଣସାଇଲୋ ସେବା ସମବାୟ ସମିତି ସଭାପତି ସୁର ପାତ୍ର ଉପସ୍ଥିତ ଥିଲେ। ଉତ୍ତାରଣ ସରପଞ୍ଚ ଶ୍ରୀ ମଲ୍ଲିକଙ୍କୁ ଉରାଡ଼ ସମିତି ସଭ୍ୟ ପ୍ରତିନିଧି ନିରଞ୍ଜନ ରାଉତ ସ୍ୱାଗତ କରିଥିଲେ।

## ଲୋଇସିଂହ ପୂର୍ବତନ ସରପଞ୍ଚଙ୍କ ପରଲୋକ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ କୋଇଲଗା ଗ୍ରାମର ତୁଳା ମଣି ବାରିକ (୮୭)ଙ୍କ ଶନିବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ କିଛିଦିନ ଧରି ବ୍ରେନ ହେମୋରେଜରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତୁଳା ମଣି ବାରିକ ସ୍ୱର୍ଗତ ବିଜୁ ପଟ୍ଟନାୟକ ସହିତ ରାଜନୀତି କରୁଥିଲେ ଓ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରିୟ ଥିଲେ। ଲୋଇସିଂହ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ଲୋଇସିଂହ ପଞ୍ଚାୟତ ଅଞ୍ଚଳରେ ତୁଳାମଣି ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳି ଯାଇଛି। ଲୋଇସିଂହ ଗ୍ରାମ ପଞ୍ଚାୟତ କୋଇଲଗା ଗ୍ରାମ ଶ୍ମଶାନ ଘଟରେ ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ମୁଖାଗ୍ନି ଦେଇଥିଲେ ତାଙ୍କର ବଡ଼ ନାତି ପ୍ରଶାନ୍ତ ବଢେଇ।



## ସ୍ୱାମୀର ମୃତ୍ୟୁକୁ ସହି ନପାରି ସ୍ତ୍ରୀର ମୃତ୍ୟୁ

ତାଳଚେର(ଭାସ୍କର ନ୍ୟୁଜ୍) : ଆଜି ଜନୈକ ସ୍ୱାମ ର ଅସ୍ୱାଭିକ ଭାବେ ମୃତ୍ୟୁ ଘଟିବାର କେଇ ଘଣ୍ଟା ପରେ ତାଙ୍କ ଧର୍ମପତ୍ନୀଙ୍କ ମୃତ୍ୟୁ ଘଟିବା ଘଟଣା ତାଳଚେରରେ ଆଲୋଚନାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ ଯେ ତାଳଚେର ଜମ୍ବୁବଣିଆ ସାହିର ଗୋକୁଳି ଭୁତିଆ ଅରଫ ଛିଡାଭାଇ (୭୨)ଦୀର୍ଘଦିନ ଧରି ରୋଗରେ ପୀଡିତ ଥିଲେ ତେବେ ସେ ରୋଗଗ୍ରସ୍ତ ଥାଇ ମଧ୍ୟ ନିଜେ ପରିଶ୍ରମ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ, ତେବେ ଆଜି ସକାଳ ୮ବେଳେ ଚା' ଜଳଖିଆ ଖାଇବା ପରେ ନିଜ ଶୋଇବା ଘରକୁ ଯାଇ ଫ୍ୟାନ୍‌ରେ ରଶି ଲଗାଇ ଦେଇଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ମେଡ଼ିକାଲ ନେଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଖବର ଚାରିଆଡ଼େ ପ୍ରଚାର ହେବା ସହ ରୋଗରେ ପୀଡିତ ଥିବା ତାଙ୍କ ଧର୍ମପତ୍ନୀ ଚତୁରୀ ଭୁତିଆ (୬୫)ଙ୍କ ପାଖରେ ଖବରଟି ପହଞ୍ଚି ଯାଇଥିଲା। ଏହି ଖବରରେ ମ୍ରିୟମାଣ ହୋଇ ତାଙ୍କ ସ୍ତ୍ରୀ ଚତୁରୀ ଏହାକୁ ସହଜରେ ଗ୍ରହଣ କରିପାରି ନଥିଲେ, ହଠାତ୍ ସେ ଅସୁସ୍ଥତା ହୋଇପଡ଼ି ଥିଲେ। ତାଙ୍କୁ ମଧ୍ୟ ସେହି ମେଡ଼ିକାଲକୁ ନେଇ ଯାଇଥିଲା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଗୋଟିଏ ପଟେ ସ୍ୱାମୀର ଶବ ବ୍ୟବଚ୍ଛେଦ କରାଯାଉଥିବା ବେଳେ ଅନ୍ୟପଟେ ସ୍ତ୍ରୀର ମୃତଦେହ ପଡିଥିବା ଏକ ଦୁଃଖଦ ପରିବେଶ ସୃଷ୍ଟି କରିଥିଲା। ଏହି ଖବର ପାଇ ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେହିପରି ପୌରପରିଷଦର ନଗରପାଳ ପବିତ୍ର ଭୁତିଆ ଉପସ୍ଥିତ ରହି ଉଭୟ ମୃତ ଦମ୍ପତିଙ୍କୁ ସହର ପରିକ୍ରମା କରାଇ ଶ୍ମଶାନ ଘାଟକୁ ନେଇ ଶେଷକୃତ କରାଯାଇ ଥିଲା। ଏହି ଖବର ସହରରେ ଶୋକର ଛାୟା ଖେଳିଯାଇଛି। ପୋଲିସ ମୃତ ଗୋକୁଳିଙ୍କୁ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ପୂର୍ବ ଛାତ୍ରଙ୍କୁ ନେଇ ବୈଠକ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମା ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ପୂର୍ବ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ବୈଠକ ଓ ସହ ଭୋଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜିର ବୈଠକରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପଟ୍ଟନାୟକ ବୈଠକର ଆଭିମୁଖ୍ୟ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଗତ ବର୍ଷରେ ପାଳିତ ହୋଇଥିବା ବିଦ୍ୟାଳୟର ରଜତ ଜୟନ୍ତୀକୁ ସଫଳ କରିଥିବାରୁ ସମସ୍ତ ଶ୍ରେୟ ପୂର୍ବ ଛାତ୍ରଛାତ୍ରୀଙ୍କୁ ଦେବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପରିପେକ୍ଷୀରେ ପୂର୍ବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପୂର୍ବ ଛାତ୍ର ପରିଷଦ ଗଠନ କରାଯାଇଥିଲା। ଅନ୍ୟମାନଙ୍କୁ ନେଇ ଶୈକ୍ଷିକ ପରିଷଦ, ସାଂସ୍କୃତିକ ପରିଷଦ, ବିଦ୍ୟାଳୟ ଉନ୍ନୟନ ପରିଷଦ ଓ ପର୍ଯ୍ୟାବରଣ ପରିଷଦ ଗଠନ କରାଯାଇଥିଲା। ବିଦ୍ୟାଳୟର ଉନ୍ନତି ଓ ପ୍ରତ୍ୟେକ କାର୍ଯ୍ୟକ୍ରମରେ ପୂର୍ବ ଛାତ୍ରମାନଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ଥିବା ପ୍ରଧାନ ଆଚାର୍ଯ୍ୟ କହିଥିଲେ ଓ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ସକ୍ରିୟ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଶ୍ୱ ରଞ୍ଜନ ସାହୁ ଓ ଯୁଗ୍ମ ସମ୍ପାଦକ ବିରେନ କୁମାର ଚୌଧୁରୀ ମଞ୍ଚାସିନ ଥିଲେ। ଆଜିର କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ନାୟକ ପରିଚାଳନା କରିଥିଲେ । ଶ୍ରୀରଙ୍ଗା ଚରଣ ବିଷୋୟୀ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦ୍ରଭାନୁ ଗୌଡ଼ ଧନ୍ୟବାଦ ପ୍ରଦାନ କରିଥିଲେ । ଆଜିର ସମସ୍ତ କାର୍ଯ୍ୟକ୍ରମକୁ ଲଛମନ ମୁଦୁଲି, ବନମାଳୀ ହରିଜନ, ମହେଶ୍ୱର ସାହୁ, ଦିନମଣୀ ହରିଜନ, ମକୁନ୍ଦ ଜାନି, ଜମ୍ବୁବତୀ ହରିଜନ, ଶାରଳା ଭତ୍ରା, ରଶ୍ମିତା ପୂଜାରୀ, ପ୍ରଶାନ୍ତ ବିଷୋୟୀ, ବୁଦ୍ଧ ମୋହନ ପ୍ରଧାନୀ, ପାଉଡରି ବେହେରା, ତ୍ରିନାଥ ଭତ୍ରା ଓ ନଳିନୀ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

## ରାଶିଫଳ

ସୋମବାର, ୨୩ ଡିସେମ୍ବର ୨୦୨୪



**ମେଷ:** ଆଜି ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରିରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ। ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ।



**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ।



**କର୍କଟ :** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣଙ୍କର ବ୍ୟବସାୟ ବଢିବ । ବାଣିଜ୍ୟ ଅଂଶଗ୍ରହଣ ଲାଭବାନ ହେବ। ସୁଧ ଇତ୍ୟାଦିରୁ ଆୟ ଅର୍ଥରେ ପରିପୂର୍ଣ୍ଣ ହେବ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ । ପରିବାରରେ ଏକ ଆନ୍ତରିକ ପରିବେଶ ରହିବ । ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ ।



**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ । ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ । ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ । ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ମନରେ ଭୟ ରହିବ ।




**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ। ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ । ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ । ଦୋଷତ୍ରୁଟି ଅନୁଭବ କରିବେ ।



**ବିଛା:** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ। ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା' ସହିତ ସମ୍ପର୍କ ବୃଦ୍ଧି ପାଇବ।




**ଧନୁ :** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ। ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ । ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ । ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ । ସେମାନଙ୍କ ଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ । ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ । ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ । ଆଜି ଆପଣ ବହୁତ ଭାବପ୍ରବଣ ହେବେ।



**ମୀନ:** ଆଜି ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି । ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ । ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ।



ଜ୍ୟୋତିଷ ଚର୍ଚ୍ଚା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନବରଙ୍ଗପୁର(ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁରର ସମ୍ମିଳନୀ ପ୍ରକୋଷ୍ଠରେ ବିଦ୍ୟାଳୟ ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆନ୍ତ-ବିଭାଗୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଡ .ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ସନ୍ତୋଷ କୁମାର ପଣ୍ଡା ଉପସ୍ଥିତ ସମସ୍ତ ସଭ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ନବରଙ୍ଗପୁର ଉପସ୍ଥିତ ସଦସ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଗଣ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ସି.ଡି.ପି.ଓ.ଗଣ ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁରର ଚକ୍ଷୁ ବିଶେଷଜ୍ଞ ତଥା ଜିଲ୍ଲା ସୁନେତ୍ର କାର୍ଯ୍ୟକ୍ରମର ଜିଲ୍ଲା କାର୍ଯ୍ୟକ୍ରମ ସଂଚାଳିକା, ଡଃ. ଶାନ୍ତ୍ୱନା ସାହିକା ପ୍ରଧାନ,ସୁନେତ୍ର କାର୍ଯ୍ୟକ୍ରମ ଅଧିନସ୍ଥ ବିଦ୍ୟାଳୟ ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶଦ ଭାବେ ଉପସ୍ଥାପନା କରିଥିଲେ ।ଚଳିତ ମାସଠାରୁ ଜିଲ୍ଲାର ସମସ୍ତ ବ୍ଲକରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଚିକିତ୍ସା ନିମନ୍ତେ ଶିବିର ଆୟୋଜନ କରାଯିବ ।ଶିବିର ନିମନ୍ତେ ଦୃଷ୍ଟିଶକ୍ତି ସମସ୍ୟା ଥିବା ଛାତ୍ର ଛାତ୍ରୀଙ୍କ ଚିହ୍ନଟ କରି ପାଇଁ ଉକ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ଦାୟିତ୍ୱ ଦିଆଯିବ । ଏହି ଚିହ୍ନଟୀକରଣ କରୁଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁଣାତ୍ମକ ତାଲିମ୍ ଦେବା, ବାରମ୍ବାର ଚକ୍ଷୁ ସମସ୍ୟା ଭୋଗୁଥିବା ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଚିକିତ୍ସା ସେବା ଦେବା, ଉପଯୁକ୍ତ ସମୟରେ ଚଷମାପ୍ରଦାନ ଏବଂ ଏହି ଚିହ୍ନଟୀକରଣ ପ୍ରକ୍ରିୟାର ଗୁଣବତ୍ତା ରକ୍ଷା କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ। ସର୍ବଶେଷରେ, ଶ୍ରୀ ସୁଶାନ୍ତ ପ୍ରହରାଜ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଅମଳଧାନ ନଷ୍ଟ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଧାନ ଅମଳ ସମୟରେ ଗଜପତି ଜିଲ୍ଲାରେ ଗତ ୨୦ ଦିନ ମଧ୍ୟରେ ଦୁଇ ଦୁଇଥର ଝିପିଝିପି ବର୍ଷା ଚାଷୀଙ୍କ ଲାଗି କାଳ ହୋଇଛି । ଗଜପତି ଜିଲ୍ଲାର ମୁଖ୍ୟତଃ ଗୋଷାଣି ବ୍ଲକରେ ବ୍ୟାପକ ଅମଳ ଧାନ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଛି । ବହୁ ଧାନ ଖଳାରେ ଗଛିତ ଥିବା ଅବସ୍ଥାରେ ଭିଜିଯାଇଥିବା ବେଳେ ଅନେକ କ୍ଷେତରେ ପାଚିଲା ଧାନ ଗଛଗୁଡିକ ଭିଜିଯାଇଛି । ଏପରି ଅବସ୍ଥାକୁ ନେଇ ଚାଷୀମାନେ ଆଜି ଦଳ ଦଳ ହୋଇ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରିବାକୁ ଦ୍ୱାରସ୍ଥ ହୋଇଥିବାର ପରିଲିକ୍ଷିତ ହୋଇଥିଲା। ଅଧିକାରୀମାନଙ୍କୁ ଅମଳ ଧାନର ନଷ୍ଟ ଏବଂ ସରକାର ଏଫଏକ୍ୟୁ ଅନୁସାରେ ଧାନର ଗୁଣବତ୍ତା ନଦେଖି ଉଚିତ ମୂଲ୍ୟରେ ଧାନ କ୍ରୟ କରିବା ସମ୍ପର୍କରେ ଲିଖିତ ଓ ମୌଖିକ ଭାବେ ଜଣାଇଛନ୍ତି ।ଅଗରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଡଗାଁ ଗ୍ରାମାଞ୍ଚଳର ଏକ ଚାଷୀ ଦଳ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ବର୍ଷା ଯୋଗୁଁ ଧାନ ନଷ୍ଟ ହୋଇଥିବା ଏବଂ ଏନେଇ ସରକାରୀ ସହାୟତା ସମ୍ପର୍କରେ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମିଞ୍ଜ ନଷ୍ଟ ହୋଇଥିବା ଧାନର ଆକଳନ କରାଯାଇ ସମସ୍ତ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯିବ ବୋଲି କହିଛନ୍ତି । ସେହିପରି କଣ୍ଟାଗଡ ପଞ୍ଚାୟତର ଚାଷୀଗଣ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ବି.ଏଲେୟା ରେଡ୍ଡିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କଣ୍ଟାଗଡ ପଞ୍ଚାୟତର ଆରିବା, ଜାକରବନ୍ଧ ଲଣ୍ଡାହାତୀ, ଅଡାସିଂ, କଣ୍ଟାଗଡ ଆଦି ଗ୍ରାମାଞ୍ଚଳରେ ଶହ ଶହ ଅମଳ ଧାନ ଗୁଡିକ ନଷ୍ଟ ହୋଇଥିବାର ଜଣାଇଛନ୍ତି ।

## ଲାଠୋର ପୋଲିସ ଦ୍ୱାରା ୯ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଲାଠୋର ପୋଲିସ ଦ୍ୱାରା ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ସୂଚନା ଅନୁସାରେ ଲାଠୋର ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଚଢ଼ାଉ କରି ୫ ଜଣ ପୁରୁଷ ୪ ଜଣ ମହିଳା ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ଉଦ୍ଧାର ଶ୍ରମିକ ମାନେ ଖପ୍ରାଖୋଲ ଥାନା ଅନ୍ତର୍ଗତ କପସିପାଲି ଗ୍ରାମର ବୋଲି ଜଣାପଡିଛି। ଉଦ୍ଧାର ଶ୍ରମିକ ମାନଙ୍କୁ ତାଙ୍କ ଘରେ ପୋଲିସ୍ ଛାଡିଥିବା ସୂଚନା ଦେଇଛି। ଏହା ସହ ଲାଠୋର ଥାନା ଅର୍ନ୍ତଗତ ଫୁଲଝର ଗ୍ରାମର ଦାଦନ ସର୍ଦ୍ଦାର ରବି ପୁଟେଲ (୨୯) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।



# ସ୍ୱାସ୍ଥ୍ୟଗତ ସମସ୍ୟାରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ଆବେଦନ ମଞ୍ଜୁର

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ବଦଳି ପାଇଁ ଆବେଦନ ପରେ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିବା ସତ୍ତ୍ୱେ ଏକାଧିକ ଅସୁସ୍ଥ ଶିକ୍ଷକଙ୍କ ବଦଳି ହୋଇପାରୁନଥିବା ବିଷୟରେ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ ହୋଇଥିଲା, ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ତତ୍ପରତା ଦେଖାଇ ଅପେକ୍ଷାରେ ଥିବା ୬ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି କରିଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ଏକାଧିକ ଶିକ୍ଷକ ନିଜର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ନିଜର ଘର ନିକଟକୁ ବଦଳାଇ ଲାଗି ଆବେଦନ କରିଥିଲେ। ଏହି ଆବେଦନ କରି ଅନେକ ପ୍ରଚେଷ୍ଟା ପରେ ଶିକ୍ଷା ବିଭାଗ ପକ୍ଷରୁ ମୋଟ ୧୦ ଜଣ ଶିକ୍ଷକଙ୍କୁ ବଦଳି ପାଇଁ ଅନୁମତି ଦେଇଥିଲେ। ଗତ ଅଗଷ୍ଟ ମାସରେ ଏହି ବଦଳି ପାଇଁ ଆଦେଶ ଆସିଥିବା ବେଳେ ୧୦ ଜଣ ଶିକ୍ଷକଙ୍କ ମଧ୍ୟରୁ ୬ ଜଣ ଶିକ୍ଷକ ଅନ୍‌ଲାଇନ ମାଧ୍ୟମରେ ନିଜର ନିକଟସ୍ଥ ବିଦ୍ୟାଳୟ ଚୟନ କରିଥିବା ବେଳେ ଅନ୍ୟ ୪ ଜଣ ଏହି ପ୍ରକ୍ରିୟା ପୂରଣ କରିନଥିଲେ। ତେବେ ନିୟମ ଅନୁଯାୟୀ ଯେଉଁମାନେ ଅନଲାଇନ ମାଧ୍ୟମରେ ବିଦ୍ୟାଳୟ ଚୟନ କରିଥିଲେ ସେମାନଙ୍କ ବଦଳି ହେବା କଥା, କିନ୍ତୁ ଏହାକୁ ମାସ ମାସ ସମୟ ବିତି ଯାଇଥିଲେ ମଧ୍ୟ ଆବେଦନକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ବଦଳି ହେଉନଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଆମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଶ୍ୱନାଥ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଏବିଷୟରେ ତୁରନ୍ତ ପଦକ୍ଷେପ ନେଇ ଆସନ୍ତା ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହାପରେ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ ୬ ଜଣଙ୍କ ବଦଳି ନିର୍ଦ୍ଦେଶ ଦେଇଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏହାସହ ଉକ୍ତ ୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କୁ ଆଗାମୀ ଦିନରେ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟତୀତ କୌଣସି ଅତିରିକ୍ତ ଦାୟିତ୍ୱ ପ୍ରଦାନ ନ କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି। କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ଅନ୍ୟ କୌଣସି ଦାୟିତ୍ୱକୁ ସେମାନେ ସୂଚାରୁ ରୂପେ ତୁଲାଇବା କଷ୍ଟକର ହୋଇ ପଡିବ। ଏଣୁ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ଅପିଲ କରିଛନ୍ତି।

# ଗୁରୁକୃପା ପକ୍ଷରୁ ଭିବେରା- ୨୦୨୪ ଉଦ୍‌ଘାଟିତ




ଉମରକୋଟ(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରମୁଖ ଶିକ୍ଷା ଅନୁଷ୍ଠାନ ଗୁରୁକୃପା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ ଭିଭେରା ୨୦୨୪ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବ ୪ ଦିନ ଧରି ଚାଲିବାକୁ ଥିବାବେଳେ, ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ, ଅବସରପ୍ରାପ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ସୁରେନ୍ଦ୍ର ନାଥ ଦାଶ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଉମରକୋଟ ଥାନା ଅଧିକାରୀ ତପନ କୁମାର ପତି, ବରିଷ୍ଠ ନେତା ମନୋରଞ୍ଜନ ତ୍ରିପାଠୀ,ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନର ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ,ପ୍ରାକ୍ତନ ଟୀକାକାରଣ ଅଧିକାରୀ କୁସୁମ ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଯୋଗୁଁ ଅନୁଷ୍ଠାନରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ହେବା ସହ ଆଗାମୀ ଦିନରେ ନିଜ ନିଜର ଲକ୍ଷ୍ୟ ପୁରଣ କରିପାରିବେ ବୋଲି ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିଜ ବକ୍ତବ୍ୟ ରେ କହିଥିଲେ । ସେହିପରି ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁଷ୍ଠାନର ପରିଚାଳନା କମିଟିକୁ ଅବସର ପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼କ୍ଟର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗୁରୁ କୃପା ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ,ସମ୍ପାଦକ ଶ୍ରୀମତୀ ସାଗରିକା ପଟ୍ଟନାୟକ,ପ୍ରୋଗ୍ରାମ କୋଅର୍ଡିନେଟର ଇଂ. ଚନ୍ଦନା ମଲ୍ଲିକ ,ଅଧକ୍ଷା ବଚପନ୍ ଏ ପ୍ଲେ ସ୍କୁଲ ଶ୍ରୀମତୀ ଦୀପା ପାଲ , ଗୁରୁ କୃପା ପବ୍ଲିକ ସ୍କୁଲ ଅଧକ୍ଷା ଶ୍ରୀମତୀ ସ୍ୱପ୍ନା ପାଣିଗ୍ରାହୀ ଅଧକ୍ଷ ,ଗୁରୁକୃପା କଲେଜ ଅଫ୍ ମେଡିକାଲ ସାଇନ୍ସ ,ଡ. ଦେବୀ ପ୍ରସାଦ କର ଶ୍ରୀ ସୁଧାଂଶୁ ଶେଖର ଟହଲ,ଅଧକ୍ଷ,ଗୁରୁକୃପା ହାଇଏର ସେକେଣ୍ଡାରୀ ସ୍କୁଲ,ପଙ୍କଜ ମିଶ୍ର ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ଶାନ୍ତିଲତା ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଗୁରୁକୃପା ମହାବିଦ୍ୟାଳୟର ଅଧାପିକା, ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ ର ଉପସଭାପତି ତଥା ଗୁରୁ କୃପା ଅନୁଷ୍ଠାନ ର ପ୍ରୋଗ୍ରାମ କୋର୍ଡିନେଟର ଇଂ. ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଗୁରୁକୃପା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ କର୍ମକର୍ତ୍ତା ଓ ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ ହୋଇ ଥିଲା। ଏହିଭଳି କାର୍ଯ୍ୟକ୍ରମ ପାଇଁ ସମ୍ମାନିତ ଅତିଥି ପ୍ରକ୍ତାନ ଟୀକାକରଣ ଅଧିକାରୀ ଶ୍ରୀମତୀ କୁସୁମ ନାୟକ ଆୟୋଜକ ଗୁରୁକୃପା ଶିକ୍ଷା ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଏବଂ ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥି, ଜନସାଧାରଣ ଏବଂ ଅଭିଭାବକ ମାନଙ୍କୁ ଶିକ୍ଷୟତ୍ରୀ ହମିଦା ସତାର ହିଂଗୋରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ରାଷ୍ଟ୍ରୀୟ ସଂଗୀତ ସହ ଆଜିର କାର୍ଯ୍ୟକ୍ରମକୁ ସମାପ୍ତ ଘୋଷଣା କରାଯାଇଥିଲା ।

## ଝୁଲନ୍ତା ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ଦିନକୁ ଦିନ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଆଜି ଏଇଭଳି ଏକ ଘଟଣା ସାମନା କୁ ଆସିଛି। ବ୍ଲକର ଆଲମଣ୍ଡା ଗ୍ରାମ ନିକଟ ଏକ ମନ୍ଦିର ପାଖ ଗଛରେ ରସି ଲଗାଇ ଜଣେ କପଡା ବ୍ୟବସାୟୀ ଆତ୍ମହତ୍ୟା କରିଥିବା ଜଣାପଡିଛି ।ମୃତକ ହେଲେ ଅଲ୍ଲିକ ଲାଛା ବୟସ ୪୭। ଖବର ନେବାରେ ଜଣା ପଡିଛିକି ଅଲ୍ଲିକ ଲାଛା ଆଜି ସକାଳେ ନିଜ ଗ୍ରାମ ଆଲମଣ୍ଡାରୁ କୁମ୍ଭାରୀପୁଟ ବଜାରକୁ କପଡା ବେପାର କରିବାକୁ ବାହାରିଥିଲେ। ହେଲେ ଗ୍ରାମ ଠାରୁ ମାତ୍ର ଅଧା କିଲୋମିଟର ଦୂର ରାସ୍ତାକଡରେ ସିଏ ବ୍ୟବହୃତ କରୁଥିବା ଓମିନି ଗାଡ଼ି ଥିବା ବେଳେ ଏକ ଗଛରେ ତାଙ୍କ ମୃତ ଦେହ ଝୁଲୁଥିବା ଦେଖି କିଛି ଲୋକ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ଶୁଣି ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବନ୍ଧୁଗାଁ ପୋଲିସ ପହଁଞ୍ଚି ମୃତ ଦେହ ଉଦ୍ଧାର କରି ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣା ପଡିଛି। ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ଏହା ଆତ୍ମହତ୍ୟା ନାଁ ହତ୍ୟା ତାହା ଏବେ ସନ୍ଦେହ ଘେରରେ ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି।

# ସନମୁଣ୍ଡା ବିଟ ଅଞ୍ଚଳରେ ୫ଟିକିଆ ହାତୀପଲ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଲାଠୋର ରେଞ୍ଜ ଅନ୍ତର୍ଗତ ସନମୁଣ୍ଡା ବିଟ ଅଞ୍ଚଳ ରେ ୫ ଟିକିଆ ହାତୀ ପଲ ଅଛନ୍ତି। ହାତୀପଲ ବେଲପଡ଼ା ବ୍ଲକ ଗମ୍ଭାରୀ ପଞ୍ଚାୟତ କଂଶାପଲା ପାହାଡ଼ ନିକଟରେ ରହିଛନ୍ତି । ଫଳରେ ଲୋକେ ଭୟଭୀତ ହେଉଛନ୍ତି । ବନ ବିଭାଗ ହାତୀ ପଲ ଉପରେ ନଜର ରଖିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ କରୁଛି । ଏହି ହାତୀପଲରେ ଦୁଇ ମାଈହାତୀ, ଗୋଟିଏ ଦନ୍ତା ହାତୀ ଓ ଦୁଇଟି ଶାବକ ରହିଛନ୍ତି । ହାତୀ ପଲକୁ ଘଉଡ଼ାଇବା ପାଇଁ ବନ କର୍ମଚାରୀ ସାମିଲ ଥିବା ସନମୁଣ୍ଡା ବିଟ ବାନପାଳ ପ୍ରକାଶ କରିଛନ୍ତି ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ମୁନିଗୁଡା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଚାଳନା କମିଟି ସଭାପତି ମୋହନ କୁମାର ସାହୁଙ୍କ ଅଧକ୍ଷତାରେ ୨୩ତମ ବାର୍ଷିକ ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବେଦାନ୍ତର ବାହ୍ୟବିଭାଗ ର ମୁଖ୍ୟ ଭଗବାନ ହୋତା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଓ କୋରାପୁଟ ବିଭାଗ ଧର୍ମ ଜାଗରଣ ପ୍ରମୁଖ ପ୍ରଭାତ ମହାପାତ୍ର ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ତପନ କୁମାର ସାହୁ ଓ ପ୍ରଧାନ ଆଚାର୍ଯ୍ୟ ସୁବାସଚନ୍ଦ୍ର ଲେଙ୍କା ମଞ୍ଚାସୀନ ଥିଲେ। ପ୍ରଥମେ ବରଣ୍ୟ ଅତିଥିମାନେ ଦୀପ ପ୍ରଜ୍ୱଳନ କଲାପରେ ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଉପସ୍ଥିତ ଅତିଥିମାନେ ବିଦ୍ୟାଳୟର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ କଳା , କ୍ରୀଡ଼ା ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ବିଜୟ ମିଶ୍ର, କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ,ସଦସ୍ୟା ଲକ୍ଷ୍ମୀପ୍ରିୟା ପାଢୀ,କେ ଗୀତାକୁମାରୀ ଓ ସମସ୍ତ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।। ଅକ୍ଷୟ କୁମାର ରଥ,ବିଜୟ ମିଶ୍ର ଏବଂ ତ୍ରିନାଥ ପାତ୍ର ମଞ୍ଚର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କନଗାଁ କ୍ଲଷ୍ଟରର ମାସିକ ବୈଠକ

ବରଗଡ଼(ଭାସ୍କର ନ୍ୟୁଜ): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ସପ୍ତମ ମାସିକ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପିପଲଖୁଣ୍ଟା ଠାରେ ଅନୁଷ୍ଠିତ ହୋଇଯାଇଛି । କନଗାଁ ସିଆରସିସି କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ସୁରେନ୍ଦ୍ର ବୁଧିଆ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଭାଷା ଓ ଗଣିତର ଶିକ୍ଷଣ ଫଳାଫଳ, ପାଠ୍ୟ ଯୋଜନାର ସୋପାନ, ଏକକ ଓ ବହୁ ଶ୍ରେଣୀରେ ଶିକ୍ଷାଦାନ, ସି ଆର ଏ ପଦ୍ଧତି, ଡିକୋଡିଂ, ଶିକ୍ଷଣ ସୋପାନ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ମଧ୍ୟାହ୍ନ ଭୋଜନ ପରେ ସିଆରସିସି କେଦାରନାଥ ସାହୁ ଶିକ୍ଷଣ ସାମଗ୍ରୀ ନେଇ ଭଗ୍ନାଂଶ ଓ ଭଗ୍ନସଂଖ୍ୟା ବିଷୟରେ ଆଦର୍ଶ ଶିକ୍ଷାଦାନ ପ୍ରଦାନ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ଲଳିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଡାଙ୍ଗସୋରଡା ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମୁନିଗୁଡି/ଚନ୍ଦ୍ରପୁରର(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମପଞ୍ଚାୟତ ସଦର ମହକୁମାରେ ଥିବା ଏସଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ୟାମ ଘନ ଭୁୟାଁ,ସମ୍ମାନିତ ଅତିଥି ଭାବେସରପଞ୍ଚ ଅନିତା ଶବର,ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଶ୍ରୁର ବାଳକୃଷ୍ଣ ବିହାରୀ, ରାଇବିଜି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ୍, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ଗଣ ମାଧ୍ୟମ ପ୍ରତିନିଧି ବିଜୟ ପ୍ରସାଦ ଉଲାକା, ହାଡ଼ିପା ଗୌଡ଼ ପ୍ରମୁଖ ଉପସ୍ଥିତଥିଲେ। ପ୍ରଥମେ ଅତିଥିମାନେ ଜଗନ୍ନାଥଙ୍କ ଫଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପରେପରେ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରି ମଞ୍ଚାସିନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ପରେ ସ୍କୁଲର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯେପରି ଭଲ ପାଠ ପଢି ନିଜ ଭବିଷ୍ୟତ ନିଜେ ଗଢି ମନୁଷ୍ୟ ହେବା ଲକ୍ଷରେ ଉପଦେଶ ଦେଇଥିଲେ। ସ୍କୁଲର ସୁବିଧା ଅସୁବିଧା ବିଷୟରେ ମଧ୍ୟ ଆଲୋକପାତ କରିଥିଲେ । ଏହା ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ସୁରଥ କୁଶୁଳିଆ ଓ ଖେଳ ଶିକ୍ଷକ ଦୁର୍ଗାପ୍ରାସାଦ ନାୟକ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁରଥ କୁସୁଳିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଜଗନ୍ନାଥ ଉତ୍ତରକବାଟ, ରାମଚନ୍ଦ୍ର ମିଣିଆକା, ରବୀନ୍ଦ୍ର କୁମାର ବିହାରୀ, କଣ୍ଟ ଗୋମାଙ୍ଗ, ପ୍ରାଣକୃଷ୍ଣ ପ୍ରଧାନ,ଶିକ୍ଷୟିତ୍ରୀ ସୋନାଲି ଦୋରା,ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୩୫ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବାଗଦେବୀ ସରସ୍ୱତୀ ଓ ଭାରତ ମାତାଙ୍କ ଉଦ୍ଦେଶ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ବେଦ ପାଠ ପରେ ସ୍ୱାଗତ ସଂଗୀତ ତତ୍‌ସହିତ ଭାରତ ମାତାଙ୍କ ବନ୍ଦନା ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଦ୍ୟାଳୟର ସମ୍ପାଦକ ଟି. ଶିବଶଙ୍କର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଉପେନ୍ଦ୍ର କହଁର ଯୋଗ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ସମ୍ପାଦକ ଜାତୀୟ ଲେଖକ ମଞ୍ଚର ଡଃ ଲକ୍ଷ୍ମଣ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉମା ମଲ୍ଲିକ ଯୋଗ ଦେଇ ମାନବିକତାର ଶିକ୍ଷାସହ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ମୋବାଇଲରେ ଗେମ ନଖେଳିବାକୁ ଏବଂ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ,ଚାକିରି କ୍ଷେତ୍ରରେ ମନନିବେଶ ନକରି ନିଜ ଭିତରେ ଥିବା ପ୍ରତିଭାକୁ ବାହାରକୁ ଆଣିବା ପାଇଁ ଚେଷ୍ଟା କରନ୍ତୁ । ଏଥିପାଇଁ ଉପସ୍ଥିତ ଅଭିଭାବକ ମାନେ ନିଜ ନିଜ ପିଲାଛୁଆଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଅଭିଭାବକ ମାନେ ନିଜ ପିଲାମାନଙ୍କୁ ସତ୍‌ପଥରେ ନେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ସଭାପତି ଶ୍ରୀ ମଲ୍ଲିକ ଶିଶୁ ମନ୍ଦିର ଏକ, ଆଦର୍ଶ ଅନୁଷ୍ଠାନ ଯାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଏକ ମାର୍ଗ ବୋଲି ମତ ପୋଷଣ କରିଥିଲେ । ଅନ୍ୟ ମଞ୍ଚାସୀନ ଅତିଥିବୃନ୍ଦ କହିଥିଲେ ଯେ ଶିଶୁ ମନ୍ଦିରର ଆଦର୍ଶ ଶିକ୍ଷା ତଥା ଚରିତ୍ର ଗଠନର ସହାୟକ ପରି ଶିକ୍ଷାଗ୍ରହଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଏ । ସେହିପରି ମୁଖ୍ୟବକ୍ତା ଶ୍ରୀ ପଣ୍ଡା କହିଲେ ପ୍ରତ୍ୟେକ ମନୁଷ୍ୟ ଧର୍ମ ମାର୍ଗରେ ପରିଚାଳିତ ହୋଇ ସତ ମାର୍ଗରେ ଗତି କରିବା ବୋଲି ମନ୍ତବ୍ୟ ରଖିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ପଟ୍ଟନାୟକ, ଫିରିଙ୍ଗିଆ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାଧ୍ୟାପିକା ହରପ୍ରିୟା ମିଶ୍ର, ପ୍ରିୟନାଥ ଶର୍ମା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପରିଚାଳକ ରମେଶ ଚନ୍ଦ୍ର ସାହୁ,ଅମିୟ କୁମାର ଦାଶ, ବିଶ୍ୱରଞ୍ଜନ ଦାଶ, କୈଳାସ ଚନ୍ଦ୍ର ଧଳଙ୍କ ସମେତ ବହୁ ଗୁଣି ଜ୍ଞାନୀ ଓ ପୂର୍ବତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହା ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ସାମନ୍ତରାୟ କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ ।



## ଗଞ୍ଜେଇ ଚାଷ ନଷ୍ଟ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ନୂଆଗୁଡା ପଞ୍ଚାୟତର ପଲ୍ଲୀଗୁଡା ଅଞ୍ଚଳରେ ବେଆଇନ ଭାବେ ଲଗାଯାଇଥିବା ଗଞ୍ଜେଇ ଗଛକୁ ଚିତ୍ରକୋଣ୍ଡା ପୋଲିସ ଦ୍ୱାରା କାଟି ନଷ୍ଟ କରାଯାଇଛି। ସମ୍ପୂର୍ଣ୍ଣ ବେଆଇନ ଗଞ୍ଜେଇ ଚାଷ ଉପରେ ରୋକ ଲଗାଇବାକୁ ପୋଲିସ ବିଭାଗ ଅହରହ ଅଭିଯାନ ଚଳାଇଥିଲେ ମଧ୍ୟ ଗଞ୍ଜେଇ ଚାଷ ବଢିବାରେ ଲାଗିଥିବା ଦେଖିବାକୁ ମିଳୁଛି । ଏ ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୂଆଗୁଡା ପଞ୍ଚାୟତ ପଲିଗୁଡା ଅଞ୍ଚଳରୁ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ଚଢଉ କରି ପ୍ରାୟ ୧୩ ଏକର ଜମିରେ ଚାଷ ହୋଇଥିବା ୧୯,୫୦୦ ବେଆଇନ ଗଞ୍ଜେଇ ଗଛଗୁଡିକୁ କାଟି ପୋଡି ନଷ୍ଟ କରି ଦେଇଛି। ଏ ସଂକ୍ରାନ୍ତିରେ କେହି ଗିରଫ ହୋଇନଥିବାବେଳେ ଚିତ୍ରକୋଣ୍ଡା ଥାନାରେ ୨୧୪ /୨୪ ରେ ଏକ ଏନଡିପିଏସ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶ୍ରୀ ମେଲକା ପ୍ରକାଶ କରିଛନ୍ତି।

# ଉପଖଣ୍ଡସ୍ତରୀୟ 'ଚଇତି' ଇଡିତାଲ ଉଦ୍‌ଘାଟିତ




ଗୁଣୁପୁର(ଭାସ୍କର ନ୍ୟୁଜ): ଗୁଣପୁର ମାଟିର କଳା, ସଂସ୍କୃତି ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତେବେ ଏହି ଚଇତି ଇଡିତାଲ ସାଂସ୍କୃତିକ ମହୋତ୍ସବ ଆଦିବାସୀ ଲୁକ୍କାୟୀତ କଳା, ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଉପଖଣ୍ଡସ୍ତରିୟ 'ଚଇତି' ଇଡିତାଲର ପ୍ରଥମ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମର ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ କହିଥିଲେ ।ଗୁଣୁପୁର ତହସିଲ୍ କାର୍ଯ୍ୟାଳୟ ନିକଟ ପଡିଆ ଠାରେ ଚଇତି ଇଡିତାଲ କମିଟି ଅଧକ୍ଷ ତଥା ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୌରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ରାୟଗଡା ଜିଲ୍ଲାପାଳଙ୍କ ସମେତ ସମ୍ମାନିତ ଅତିଥିଭାବେ ଭାମିନି ଦ୍ୱିତିୟ ଆଇଆରବିଏନ କ୍ୟାମ୍ପ କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ , ଗୁଣୁପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଚଇତି ଆବାହକ ତଥା ଜିଆଇଇଟି ବିଶ୍ୱବିଦ୍ୟାଳୟ ଉପସଭାପତି ଡକ୍ଟର ଚନ୍ଦ୍ର ଧ୍ୱଜ ପଣ୍ଡ ଅତିଥି ଭାବେ ମଞ୍ଚାସୀନ ରହିଥିଲେ।ଏହାପରେ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଆ ସୌରା ଓ ଡଙ୍ଗରିଆ କନ୍ଧଙ୍କ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ନାଚ ଗୀତରେ ମଞ୍ଚ ଦୁଲୁକିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗୋ ଓ ତାଙ୍କ ସହଯୋଗୀ କଳାକାରଙ୍କୁ ନେଇ ମଞ୍ଚରେ ଚାଙ୍ଗୁ ବାଦ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଚଇତି ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ଆଜି ମଞ୍ଚରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ କଳାକାରମାନେ ଏହି ଉତ୍ସବ ରେ ବିପୁଳ ମାତ୍ରାରେ ସାମିଲ୍ ରହିଥିଲେ। ଗୁଣୁପୁର ଉପଖଣ୍ଡର ବିଭିନ୍ନ ସ୍ଥାନରୁ ହଜାର ହଜାର ଦର୍ଶକ ଏହି ଉତ୍ସବରେ ସାମିଲ୍ ରହିଥିଲେ। ଲୋକଙ୍କ ନିମନ୍ତେ ବିଭିନ୍ନ ଷ୍ଟଲ ଗୁଡିକ ତିଆରି ହୋଇଛି। ଏହି ଷ୍ଟଲରେ ବିଭିନ୍ନ ସରକାରୀ ଯୋଜନା ଗୁଡିକୁ ନେଇ ଲୋକଙ୍କୁ ସଚେତନ କରିବା , ଚାଷୀଙ୍କ ନିମନ୍ତେ କୃଷି ସମ୍ପର୍କୀତ ଉପକରଣ ନେଇ ସଚେତନ କରିବା ଏହାସହ ଷ୍ଟଲ୍ ଗୁଡିକରେ ସୁସ୍ୱାଦ ଖାଦ୍ୟ , ଘରୋଇ ଉପକରଣ ଜିନିଷ , ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଇଥିଲା। ବାହାରୁ ଆସିଥିବା ବିଭିନ୍ନ ବ୍ୟବସାୟୀମାନେ ଉତ୍ସବରେ ସାମିଲ୍ ହୋଇ ଷ୍ଟଲଗୁଡିକରେ ବ୍ୟବସାୟ କରିଥିଲେ। ଉତ୍ସବ ରେ ସମସ୍ତ ସରାକାରୀକଳର ମାନ୍ୟଗଣ୍ୟ ବ୍ୟକ୍ତି ବରିଷ୍ଠ ପଦାଧିକାରି ଯୋଗଦାନ କରିଥିଲେ।


# 'ଭକ୍ତଙ୍କ ଗୁହାରୀ ଶୁଣନ୍ତି ମା' ବିଡ୍ରୀ ଠାକୁରାଣୀ'



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ଠାରୁ ୧୨ କିଲୋମିଟର ଗଲେ ନବରଙ୍ଗପୁର ଯିବା ରାସ୍ତାରେ ପଡ଼େ ଏହି ଅଞ୍ଚଳର ଆରାଧ୍ୟା ଦେବୀ ମା'ବିଡ୍ରି ଠାକୁରାଣୀଙ୍କ ପୀଠ । ଏଠାରେ ଖୋଲା ଆକାଶ ତଳେ ଭାସ୍କେଲ ନଦୀ କୂଳରେ ଏକ ଗଛ ମୂଳରେ ମା'ଙ୍କ ଆସ୍ଥାନ । ଏଠାରେ ମା' ବିରାଜମାନ ହୋଇ ଭକ୍ତଙ୍କ ଦୁଃଖ ଦୂର କରିବାରେ ସବାର ହୋଇଛନ୍ତି । ଅଞ୍ଚଳର ଯେକୌଣସି ଶୁଭକାର୍ଯ୍ୟ ହେଲେ ମା'ଙ୍କ ନିକଟରୁ ପୂଜାର୍ଚ୍ଚନା କରି ଶୁଭ ମନାସି କାର୍ଯ୍ୟ ଶୁଭାରମ୍ଭ କରାଯାଇଥାଏ । ଏଠାରେ ଭକ୍ତଟିଏ ପହଞ୍ଚି ନିଜର ମନସ୍କାମନା ପାଇଁ ମା'ଙ୍କ ଦର୍ଶନ କରି ଆଶିଷ ଲାଭ କରେ । ମା'ଙ୍କ ନାମ ସ୍ମରଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି । ମା'ଙ୍କ ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତ ଏଠାକୁ ଆସି ପୂଜା ଅର୍ଚ୍ଚନା କରି ଗୁହାରି ଜଣାନ୍ତି ।ଭକ୍ତର ଅନ୍ତର କଥା ମା'ଅନୁଭବ କରି ସମସ୍ୟାର ସମାଧାନ କରିଥାନ୍ତି । ଏଥିପାଇଁ ଏଠାରେ ଭକ୍ତିରେ ନଡ଼ିଆ କଦଳୀ ବିଭିନ୍ନ ଫଳମୂଳ ସହ ମାନସିକ କରି ବଳି ଚଢ଼ାଯାଇଥାଏ । ପୂଜକ ଭକ୍ତର ଦୁଃଖକୁ ଆଦିବାସୀ ଭାଷାରେ ଅତି ସୁନ୍ଦର ଭାବେ ମା' ଙ୍କ ନିକଟରେ ଉପସ୍ଥାପନ କରି ଚାଉଳ ଏକ ତିରମୁଖ ସ୍ତମ୍ଭ କରି ଉପରେ ଏକ ଗୁଆକୁ ରଖି ମା'ଙ୍କ ଆବାହନ କରେ । ଯଦି ଭକ୍ତର ଦୁଃଖ ମା'ବୁଝନ୍ତି ତେବେ କିଛି ସମୟପରେ ସେହି ଗୁଆଟି ଧିରେଧିରେ ନିମ୍ନଗାମୀ ହୋଇ ଖସି ପଡେ ଏମିତି ହେଲେ ଭକ୍ତର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି ।ପରେ ନଡ଼ିଆ ସହ ପୂଜା ଫୁଲ ଚାଉଳ ସିନ୍ଦୂର ସେଠାରୁ କାଢି ପୂଜାରୀ ଭକ୍ତଙ୍କ ହାତରେ ଦିଏ ପରେ ଏହାକୁ ଏକ ପୁଡିଆ କରି ସବୁବେଳେ ନିଜ ପକେଟରେ ବା ଘରେ ରଖିଲେ ମଙ୍ଗଳ ହୁଏ । ସମସ୍ତ କାର୍ଯ୍ୟ ସିଦ୍ଧି ହୁଏ ବୋଲି କିମ୍ବଦନ୍ତୀ ରହିଛି । ମା'ଙ୍କ ଦର୍ଶନ ପାଇଁ ପଡୋଶୀ ଛତିଶଗଡ଼ ସହ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କଳାହାଣ୍ଡିରୁ ଭକ୍ତ ଆସି ମା'ଙ୍କ ଶୁଭାଶିଷ ଲାଭ କରିଥାନ୍ତି। ଯେଉଁ ଭକ୍ତମାନଙ୍କ ମନୋସ୍କାମନା ପୁରଣ ହୁଏ ସେହି ଭକ୍ତମାନେ ଏଠାରେ ଆସି ଭୋଜିଭାତ କରିଥାନ୍ତି। ନୂତନ ବର୍ଷରେ ମଧ୍ୟ ଏଠାରେ ବହୁ ଭକ୍ତ ଆସି ମା'ଙ୍କ ଶୁଭାଶିଷ ଲାଭ କରିବା ସହ ଭୋଜିଭାତ କରିଥାନ୍ତି ।

## ବିବେକାନନ୍ଦ ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବରଗଡ (ଭାସ୍କର ନ୍ୟୁଜ): ବରଗଡ ଗୋଷ୍ଠୀ ଶିକ୍ଷାଧିକାରୀ ଡକ୍ଟର ସୁରେନ୍ଦ୍ର ସାହୁଙ୍କ ଉଦ୍ୟମରେ ଆରମ୍ଭ କରାଯାଇଥିବା ଇଗ୍ନିଟେଡ୍-୫୦ କାର୍ଯ୍ୟକ୍ରମ ଆଜି ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଡକ୍ଟର ସଂଗୀତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଜ୍ଞ ଶିକ୍ଷକ ଭୁବନେଶ୍ୱର ସାହୁ,ଝସକେତନ ସାହୁ ,ସୁବ୍ରତ ପଲାଇ,ସଂଗୀତା ପାଢି,ରୁବି ଭୋଇ,ରାଜଶ୍ରୀ ପୁରୋହିତ ଯୋଗଦାନକରି ଗଣିତ ଓ ବିଜ୍ଞାନ ବିଷୟରେ ବରଗଡ ବ୍ଲକର ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ଦେଇଥିଲେ ।ଏଡିଇଓ ଜ୍ୟୋତିକାନ୍ତ ସାହୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁରୂପେ ସଂପାଦିତ ହୋଇଥିଲା।





ଏରସମା(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତ ସ୍ଥିତ ବୃନ୍ଦାବନ ବିହାରୀ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ପାଠ ପଢ଼ି ବଡ଼ ମଣିଷ ହବାକୁ ପରାମର୍ଶ ଦେଇ ଥିଲେ। ଜଗତସିଂହପୁର ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତା ନିଖିଲ କୋକୁଲ୍ଲା, ଗୋଡା ପଞ୍ଚାୟତ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ସମିତି ସଭ୍ୟ ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ପ୍ରତାପ ସାହୁ, ରବୀନ୍ଦ୍ରନାଥ ନାୟକ, ବିଷ୍ଣୁ ଚରଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ମଧୁସ୍ମିତା ସାମଲ, ସାରଦା ପ୍ରସନ୍ନ ବାରିକ, ସୌମ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ, ରଶ୍ମି ରଞ୍ଜନ ମହାନ୍ତି, ପୁଷ୍ପା ଦାସ, ଅମିତ ରଞ୍ଜନ ମନ୍ତ୍ରୀ, ରାନୀ ଦାସ ପ୍ରମୁଖ ଗତ ବର୍ଷ + ୨ ପରୀକ୍ଷାର କୃତି ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀତା କାଣ୍ଡି, ଭାଷା ସାହିତ୍ୟରେ କାଜଲ ନାୟକ, କ୍ରୀଡାରେ ଆକାଶ ସେନାପତିଙ୍କୁ ତାଙ୍କ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା।

## ବାରିପଦା ଗୁଳିକାଣ୍ଡକୁ ପୂରିଛି ୩୧ ବର୍ଷ
# ସ୍ମୃତିସଭାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବାରିପଦା:(ଭାସ୍କର ନ୍ୟୁଜ): ଅନାବୃତ ଇତିହାସର ଅବ୍ୟକ୍ତ ସେ କାହାଣୀ ଆଜି ବି ମନେ ପଡିଗଲେ ବାରିପଦାବାସୀଙ୍କ ମନରେ ଭୟର ସିହରଣ ସୃଷ୍ଟି ହୁଏ। କାଳର କରାଳ ସ୍ରୋତରେ ପ୍ରବାହମାନ ବର୍ଷ ପରେ ବର୍ଷ ବିତିଗଲିଣି ୩୧ ବର୍ଷ, ତିନି ଦଶନ୍ଧିରୁ ଉର୍ଦ୍ଧ ସମୟ। ସେଦିନ ୧୯୯୩ ମସିହାର ଡିସେମ୍ବର ମାସର ୨୨/୨୩ ତାରିଖ ଥିଲା,ଏଇ ଦୁଇଟି ଦିନ ବାରିପଦା ବାସୀଙ୍କ ପାଇଁ ଥିଲା କଳାଦିବସ। ସେଦିନ ଡିସେମ୍ବର ୨୨ ତାରିଖ ପୋଲିସ୍ ଗୁଳିରେ ରତିକାନ୍ତ ମହାନ୍ତି ପ୍ରାଣ ହରାଇ ଥିଲେ। ସେଦିନ ଆବାଳବୃଦ୍ଧବନିତା, ଯୁବକ, ଛାତ୍ର ସମସ୍ତେ ପୋଲିସ୍‌ର ଏଇ ବର୍ବରତାକୁ ତୀବ୍ର ନିନ୍ଦା କରିଥିଲେ। ତହିଁ ପରଦିନ ୨୩ ଡିସେମ୍ବର କୁଲଦୀପ୍ ସାଏ ନାମକ ଆଉଜଣେ ଯୁବକ ପୋଲିସ୍ ଗୁଳିରେ ପ୍ରାଣ ହରାଇଥିଲେ ଓ ସହିଦ ହୋଇଥିଲେ। ଦୀର୍ଘ ୩୧ ବର୍ଷ ଧରି ବାରିପଦାବାସୀ ଦୁଇ ସହିଦ ପୁଅଙ୍କ ସ୍ମୃତିରେ ତାଙ୍କର ଅକାଳ ବିୟୋଗକୁ ମନେପକାଇ ଆସୁଛନ୍ତି। ପ୍ରତିବର୍ଷ ପରି ଏ ବର୍ଷ ମଧ ଆଜିର ଦିନରେ ଏଇ ଦୁଇ ବିପ୍ଳବୀ ଯୁବଛାତ୍ର ନେତାଙ୍କୁ ଅଶ୍ରୁଜଳ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଆଉ ଏଇ ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ସଭାପତିତ୍ୱ କରିଛନ୍ତି ଏମ୍.ସି.ସି ବ୍ୟାଙ୍କର ଅଧକ୍ଷ ସୁବ୍ରମନ୍ୟମ ମହାନ୍ତି ଓ ସଂଯୋଜନା କରିଥିଲେ ପୂର୍ବତନ କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି। ଆୟୋଜିତ ସ୍ମୃତି ସଭାରେ ପ୍ରଥମେ ସହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ଉପସ୍ଥିତ ଭୂୟସୀ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି,ଏମ୍.ଡି.ସି ର ପୂର୍ବତନ ଅଧକ୍ଷ ଡ଼ା: ଦେବାଶିଷ ମାରାଣ୍ଡି,ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି,ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା,ଉପ ନଗରପାଳ ସୀମା ଦାସ, ବାରିପଦା ଓକିଲ ସଂଘର ସମ୍ପାଦକ ବିପ୍ଳବ ବାରିକ,ବାରିପଦା ବ୍ୟବସାୟ ସଂଘର ଉପଦେଷ୍ଟା ତଥା ସାମ୍ବାଦିକ ଅକ୍ଷୟ ଅଗ୍ରୱାଲ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଜିତେନ୍ଦ୍ର ମହାନ୍ତି ପୂର୍ବତନ ଉପ ନଗରପାଳ, ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



କରଞ୍ଜିଆ(ଭାସ୍କର ନ୍ୟୁଜ): ଉଠାଜଳସେଚନ ବିଭାଜନ କରଞ୍ଜିଆ ଆନୁକୁଲ୍ୟ ରେ କରଞ୍ଜିଆ ଏନ୍ ଏ ସି କଲ୍ୟାଣ ମଣ୍ଡପ ଠାରେ ଉଠା ଜଳସେଚନ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀ ଇ ବିକ୍ରମାଦିତ୍ୟ ପାଣିଗ୍ରାହୀ ଙ୍କ ଅଧକ୍ଷତା ରେ ପାଣି ପଂଚାୟତ ପକ୍ଷ ପାଳିତ ହୋଇ ଯାଇଛି। ଏହି ସମାରୋହ ରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗଦେଇ ସମାରୋହକୁ ଉଦ୍ଘାଟନ କରିବା ସହିତ ଉପସ୍ଥିତ ଚାଷୀ ମାନଙ୍କୁ ସରକାର ଙ୍କ ଯୋଜନା ସମ୍ପର୍କ ରେ ଅବଗତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ବେଦବ୍ୟାସ ଭୋଇ,ଉଦ୍ୟାନ ବିଭାଗ ର ଅଧିକାରୀ ଲକ୍ଷ୍ମୀପ୍ରିୟା ନାୟକ, ବରିଷ୍ଠ ଚାଷୀ ତଥା ପାଣି ପଂଚାୟତ ର ସଭାପତି ଭୁବନ ବିହାରୀ ସାହୁ, ସାଂସଦ ଙ୍କ ପ୍ରତିନିଧି ନିହରୀକ। ଦାଶ ପ୍ରମୁଖ ଯୋଗ ଦେଇ ଚାଷୀ ମାନଙ୍କ ନିମନ୍ତେ ଜଳସେଚନ ର ଆବଶ୍ୟକତା ସମ୍ପର୍କ ରେ କହିବା ସହିତ ଏହାର ଶୁ ପରିଚାଳନା ନିମନ୍ତେ ପାଣିପଞ୍ଚାୟତ ର ଭୂମିକା ସଂପର୍କ ରେ ଅବଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚାଷୀ ଭକ୍ତବନ୍ଧୁ ଗିରି, ଚନ୍ଦ୍ର କୁମାର ଲକିତେନ୍ଦୁ ଦାସ , ରଂଜିତ ଖଟୁଆ ପାଣିପଞ୍ଚାୟତ ର ସୁବିଧା କହିବା ସହିତ କେତେକ ପଏଣ୍ଟ ରେ ବିଦ୍ୟୁତ ତାର ଚରିହୋଇଥିବା, ମୋଟର ପୋଡି ଯାଇଥିବା କଥା ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସର ରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତା ର କୃତି ପ୍ରତିଯୋଗୀ ଙ୍କୁ ମୂଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ ଏଥିସହିତ ଶ୍ରେଷ୍ଠ ପାଣିପଞ୍ଚାୟତ ଭାବେ ରରୁଆ ବ୍ଲକ ରଘୁନାଥ ପୁର ପାଣିପଞ୍ଚାୟତ, ହାଲପୁର ପାଣିପଞ୍ଚାୟତ, ବିଶୋଇ ବ୍ଲକ ର ହାଣ୍ଡିଫୁଟା ପାଣିପଞ୍ଚାୟତ, ରଙ୍ଗାମାଟିଆ ପାଣିପଞ୍ଚାୟତ, ଜ। ମଦା ବ୍ଲକ ର ମହେଶ କୁଦର ପାଣିପଞ୍ଚାୟତ, ଧଳପୁର ପାଣିପଞ୍ଚାୟତ,ଓ ଉତ୍ତମ ଚାଷୀ ଭାବେ ରାଜୁ ବାରଖଣ୍ଡିଆ, ଦୁର୍ଗା ମୁର୍ମୁ, ବଙ୍ଗାଳି ହେମ୍ବ୍ରମ ପ୍ରମୁଖ ଙ୍କୁ ଉଠା ଜଳସେଚନ ବିଭାଜନ କରଞ୍ଜିଆ ପକ୍ଷରୁ ପୁରସ୍କାର ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମ କୁ ଉଠା ଜଳସେଚନ ବିଭାଗ ର ସହକାରୀ ଯନ୍ତ୍ରୀ ବିଭୁ ପ୍ରକାଶ ମହାନ୍ତ ପରିଚାଳନା କରିଥିବା ବେଳେ ଉଠାଜଳସେଚନ ବିଭାଜନ କରଞ୍ଜିଆ ର ଅଧିକ୍ଷଣ ଯନ୍ତ୍ରୀ ବିକ୍ରମ। ଦିତ୍ୟ ପାଣିଗ୍ରାହୀ ଧନ୍ୟବାଦ୍ ଦେଇଥିଲେ । କାର୍ଯ୍ୟକ୍ରମରେ ଅଭିମନ୍ୟୁ ମଣ୍ଡଳ, ସତ୍ୟବ୍ରତ ବାରିକ, ଯନ୍ତ୍ରୀ ଅନଳ ସେଠି ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କୁଏତର ସର୍ବୋଚ୍ଚ...

ଶେଖ୍ ମିସାଲ ଅଲ୍ ଅହମ୍ମଦ ଅଲ ଜାବେର ଅଲ ସବା ମଧ୍ୟ ଉପସ୍ଥିତ ଥିଲେ। କୁଏତରେ ଥିବା ଭାରତୀୟ ସମୁଦାୟ ହେଉଛନ୍ତି ବିଶ୍ୱର ସବୁଠାରୁ ବଡ଼ ପ୍ରବାସୀ ଭାରତୀୟ ସମୁଦାୟ। ଦୀର୍ଘ ୪୩ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତରେ ଯାଇଥିବାରୁ ସେଠାରେ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖା ଦେଇଥିଲା। ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ହାଲା ମୋଦୀ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଆୟୋଜନ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେବାପାଇଁ ମୋଦୀ ଭାରତୀୟ ସମୁଦାୟଙ୍କୁ ନିମନ୍ତ୍ରଣ କରିଥିଲେ।

### ମୁଖ୍ୟମନ୍ତ୍ରୀ ରଖିଲେ...

ଏବଂ ଝାରସୁଗୁଡ଼ାରେ ଇଣ୍ଡଷ୍ଟ୍ରିଆଲ ଟାଉନ୍‌ସିପ୍ ପାଇଁ ବି ଦାବି ରଖିଛନ୍ତି। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ୧୦ ହଜାର କୋଟିର ପ୍ୟାକେଜ ଦାବି କରିଥିବା ସୂଚନା ଦେଇଛନ୍ତି। ଏହାଛଡ଼ା ଜଳଜୀବନ ମିଶନ ଅଧୀନରେ ଅଧିକ ଅର୍ଥ ଏବଂ ବାକି ପଡ଼ିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଥିବା ମଧ୍ୟ ସେ କହିଛନ୍ତି। ଏଥିସହ ଶ୍ରୀ ମାଝୀ କହିଥିଲେ ଯେ ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ୨୦ ହଜାର କୋଟି ସହ ୮ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ସେହିପରି ଗତ ୨୪ବର୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ କିଛି ବିକାଶ ହୋଇନଥିବାରୁ ଓଡ଼ିଶାରେ ଏହାର ବିକାଶ ଜରୁରି ବୋଲି ସେ କହିଥିଲେ। ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଯୋଗ ଦେଇଥିଲେ।

### ପୂର୍ବତନ ବିଧାୟକ...

ଘୋଷଣା କରିଥିଲେ। ଅନ୍ୟପକ୍ଷରେ ତାଙ୍କର ମୃତ୍ୟୁ କେମିତି ହେଲା ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ମହାନ୍ତି ଭୁବନେଶ୍ୱରର ଏକ ଗେଷ୍ଟ ହାଉସରେ ରହିଥିଲେ। କିନ୍ତୁ ସେଠାରେ ସେ ଅଚେତ୍ ହୋଇପଡ଼ିଥିଲେ। ଫଳରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ପରୀକ୍ଷାନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ହସ୍ପିଟାଲ ଡାକ୍ତର କହିଛନ୍ତି ଯେ ଶ୍ରୀ ମହାନ୍ତିଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ତେଣୁ ନିୟମ ଅନୁଯାୟୀ ଶବର ବ୍ୟବଚ୍ଛେଦ କରାଯିବ। ଦୁଇଥର ସେ ବିଧାୟକ ହେବାରେ ସଫଳ ହୋଇଥିଲେ। ଭୁବନେଶ୍ୱର ମଧ୍ୟ ଆସନରୁ ୨୦୦୯ ଏବଂ ୨୦୧୪ରେ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୬୪ ମସିହା ଅକ୍ଟୋବର ୩ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ମହାନ୍ତି ଯୁବ ଅବସ୍ଥାରୁ ରାଜନୀତିରେ ସକ୍ରିୟ ଥିଲେ। ୧୯୮୨ରେ ଛାତ୍ର ଜନତାଦଳର ସଚିବ, ୧୯୮୮ରୁ ୧୯୯୨ ପର୍ଯ୍ୟନ୍ତ ଯୁବ ଜନତାଦଳର ସଭାପତି ଏବଂ ୧୯୯୨ରୁ ୧୯୯୮ ପର୍ଯ୍ୟନ୍ତ ବିଜେଡିର ସଚିବ ରହିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ସୁରମା ପାଢ଼ୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେପି ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ସଞ୍ଜୟ ଦାଶବର୍ମା, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ମହାକାଶକୁ ଯିବ 'ନିସାର' ସାଟେଲାଇଟ୍

ନୂଆଦିଲ୍ଲୀ: ୨୦୨୫ ମାର୍ଚ୍ଚରେ ଲଞ୍ଚ୍ ହେବ ଇସ୍ରୋ ଓ ନାସାର ମିଳିତ ମିଶନ୍। ମହାକାଶକୁ ଯିବ ନାସା-ଇସ୍ରୋ ସିନ୍ଥେଟିକ୍ ଆପରଚର୍ ରାଡାର୍ ବା ନିସାର୍ ସାଟେଲାଇଟ୍। ଏଥିପାଇଁ ଖର୍ଚ୍ଚ ହେବ ୫ ହଜାର କୋଟି ଟଙ୍କା। ଭୂପୃଷ୍ଠରେ ପରିବର୍ତ୍ତନ ଉପରେ ନଜର ରଖିବ ଏହି ଆର୍ଥ ଅବଜର୍ଭିଂ ସାଟେଲାଇଟ୍। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଏଝଖଠ ମାର୍କ-୨ ସାଟେଲାଇଟରେ ଏହାକୁ ଲଞ୍ଚ କରିବ ଇସ୍ରୋ। ନିସାର୍ ସାଟେଲାଇଟର ଓଜନ ପ୍ରାୟ ୨.୮ ଟନ୍ ଥିବା ବେଳେ, ଏହା ଭୂପୃଷ୍ଠରୁ ୭୪୭ କିଲୋମିଟର ଉପରେ ଅବସ୍ଥାପିତ ହେବ। ଏଥିପାଇଁ ଗତ ଅକ୍ଟୋବରରେ ଆମେରିକାରୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ ତଥା ସୂକ୍ଷ୍ମ ଯନ୍ତ୍ରାଂଶ ଆସିଥିବା ସୂଚନା ମିଳିଛି। ଏହି ସାଟେଲାଇଟ୍ ଭୂଭାଗ ଓ ବରଫର ପରିବର୍ତ୍ତନକୁ ପ୍ରତି ୧୨ ଦିନରେ ଦୁଇଥର ଲେଖାଏଁ ସ୍କାନ୍ କରିବ ଓ ହାଇରିଜଲ୍ୟୁସନ୍ ଫଟୋ ଉଠାଇବ। ଯାହା ଫଳରେ ଭୂପୃଷ୍ଠ ସଂରଚନାର ପରିବର୍ତ୍ତନ, ବରଫ ତରଳିବା ବା ନୂଆ ତିଆରି ହେବା, ଜୈବ ବିବିଧତା ଆଦି ଉପରେ ନିଖୁଣତାର ସହ ନଜର ରଖି ହେବ। ଅନ୍ଧାର ଓ ଖରାପ ପାଗରେ ବି ଏହା ଭୂପୃଷ୍ଠର ଗୋଟିଏ ଇଞ୍ଚ ଜାଗାରେ କିଛି ପରିବର୍ତ୍ତନ ହେଲେ, ତାକୁ ଚିହ୍ନଟ କରିପାରିବ। ଘଞ୍ଚ ଜଙ୍ଗଲର ଗଛଲତା ଭେଦ କରି ଏହା ମାଟିର ରୂପରେଖ ମ୍ୟାପିଂ କରିପାରିବ। ୩ ବର୍ଷ ପାଇଁ ଏହି ମିଶନ୍ ଯୋଜନା କରିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଏବଂ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା।

## ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ କରିଥିବା ୩ ମାଓବାଦୀ ଗିରଫ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ସୁକୁମା ଜିଲ୍ଲା ପୁଲିସ କୁ ମିଳିଛି ସଫଳତା,ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିବା ୩ଜଣ ମାଓବାଦିଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ ସୀମାନ୍ତ ସୁକୁମା ଜିଲ୍ଲା ଅର୍ଣିନ ପୁର ଥାନା ମୁଲେର ଜଙ୍ଗଲକୁ ଡିଆରଜି, ବସ୍ତର ଫାଇଟର,ଓ ଅନ୍ୟାନ୍ୟ ଯବାନ ମାନେ କୁମ୍ବି ଅପରେସନ ରେ ଯାଇ ଥିଲେ। ଜଙ୍ଗଲ ରେ ତିନିଜଣ ବ୍ୟକ୍ତି ସଂଦେହ ଜନ କ ଅବସ୍ଥା ରେ ବୁଲୁଥିବାର ଦେଖି ସେମାନଙ୍କୁ କାବୁଥିଲେ। ସେମାନଙ୍କ ନିକଟରୁ କିଛି ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଥିବା ବେଳେ ପଚରା ଉଚରା ବେଳେ ଜଣା ପଡିଥିଲା। ସେମାନେ ଦରଭା ମାଓ ଡିଭିଜନର ମାଓ ସଦସ୍ୟ ଯୋଗା ମୁଚାକି (୨୦), କବାସି ଦେବା(୩୫) ଓ ଜଗା କବାସୀ (୪୦) ବୋଲି ଏହା ଜାଣିବା ପରେ ସେ ତିନିଜଣ ଙ୍କୁ ଗିରଫ କରି ସେମାନଙ୍କୁ ଯବାନ ମାନେ କୋର୍ଟ ଚାଲାଣ କରି ଥିବା ଜଣା ପଡିଛି।

## ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା



ପୁରୀ (ଭାସ୍କର ନ୍ୟୁଜ) : ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା । ଆସନ୍ତା ୧ ତାରିଖରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ପରୀକ୍ଷାମୂଳକ ଭାବେ ୩୦ ଓ ୩୧ ରେ ଧାଡି ଦର୍ଶନ ହେବ । ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।ଶ୍ରୀମନ୍ଦିରରେ ଧାଡି ଦର୍ଶନକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଆସନ୍ତା ୧ରୁ ତାରିଖରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନ ପ୍ରକ୍ରିୟା । ୨୭ ଏବଂ ୨୮ ସୁଦ୍ଧା ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ ହୋଇଯିବ । ଗତକାଲି ମୁଖ୍ୟ ପ୍ରଶାସକଙ୍କ ସହ ସମୀକ୍ଷା ସରିଛି । କାମ ସନ୍ତୋଷ ଜନକ ଭାବେ ଚାଲିଛି । ପରୀକ୍ଷାମୂଳକ ଭାବେ ୩୦ ଓ ୩୧ ରେ ଧାଡି ଦର୍ଶନ ହେବ । ୧ ରୁ ନିୟମିତ ଦର୍ଶନ ପ୍ରକ୍ରିୟାକୁ ଆସିବ । ସାତ ପାହାଚ ଦ୍ୱାର ଦେଇ ପ୍ରବେଶ , ଘଣ୍ଟି ଏବଂ ଗାରଦ ଦ୍ୱାର ଦେଇ ପ୍ରସ୍ଥାନ କରିବେ । ଘଣ୍ଟି ଦ୍ୱାରରେ ମହିଳା ଏବଂ ବରିଷ୍ଠ ନାଗରିକ ବାହାରିବେ । ଗାରଦ ଦ୍ୱାରରେ ପୁରୁଷମାନେ ଦର୍ଶନ କରି ବାହାରିବେ ।



ଖୋର୍ଦ୍ଧା ମହୋତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗ, ବାଣପୁର ପକ୍ଷରୁ କର୍ମଶାଳା

## କୋରାପୁଟରୁ ୩୨୫ କେଜି ଗଞ୍ଜେଇ ଜବତ ଘଟଣା, ୨ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ପୋଲିସ ୩୨୫ କେଜି ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, କୋରାପୁଟ ଜିଲ୍ଲା, ସିମିଳିଗୁଡା ଥାନା ଅଂଚଳର ଗୁରୁ ଖୋରା ଏବଂ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅଂଚଳ, ଝାଡ଼ବାନ୍ଧର ରୋହିତ ଜେନା। ଉଲ୍ଲେଖ ଯୋଗ୍ୟ ଯେ, ଉପରୋକ୍ତ ଦୁଇ ଅଭିଯୁକ୍ତ ଏକ ବୋଲେରୋରେ ବେଆଇନ ଗଞ୍ଜେଇ ଭର୍ତ୍ତି କରି ଜଲାପୁଟରୁ ବ୍ରହ୍ମପୁର ଚୋରା ଚାଲାଣ କରୁଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ବଡେଲ ଗ୍ରାମ ପଂଚାୟତ ନିକଟସ୍ଥ ଗୋଡ଼ିପୁଟ ଛକ ନିକଟରେ ପୁଲିସ ଯାଂଚ କରିଥିଲା। ଘଟଣାସ୍ଥଳରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗଞ୍ଜେଇ ଓ ବୋଲେରୋକୁ ଜବତ କରିଛି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସତୀଗୁଡା ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ଚିତ୍ରକୋଣ୍ଡା ମଟିବନ୍ଧ ବିଭାଜନ ପକ୍ଷରୁ ଆଜି ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ରମାକାନ୍ତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀ, ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର, ମାଲକାନଗିରି ବ୍ଲକ ବିଧାୟକ ପ୍ରତିନିଧି ସତ୍ୟଶ୍ୱରଣ ପାଲ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଉଦ୍ୟାନ ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର, ବ୍ଲକ କୃଷି ଅଧିକାରୀ ଫିରୋଜ ବିଡିକା, ସତୀଗୁଡା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଲଳିତ ମୋହନ ବେହେରା ଯୋଗ ଦେଇ ଜଳର ସୁବିନିଯୋଗ,ପାଣି ପଞ୍ଚାୟତର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଏହାକୁ ସୁଦୃଢ଼ କରିବା ପାଇଁ କୃଷକ ମାନଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନର ବିଶେଷତ୍ୱ ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିବା ସହ ଜଳବାୟୁ ପରିବର୍ତ୍ତନ ଅନୁସାରେ ଚାଷ କରିବା ଉପରେ ଗୁରୁତ୍ୱାରୋପ କରି ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବାକୁ ପରାମର୍ଶ ଦେଇଥିଲେ । ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ହୋଇଥିବା ପ୍ରଦର୍ଶନୀ, ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ ଶହ ଟଙ୍କା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରିଥିଲେ । ଏଥିପୂର୍ବରୁ ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ ।

## ପୋଟେରୁ କେନାଲ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



ମାଲକାନଗିରି (ଭାସ୍କର ନ୍ୟୁଜ): ପୋଟେରୁ କେନାଲ ବିଭାଜନ ଏମଭି ୭୯ କାର୍ଯ୍ୟାଳୟ ଠାରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅନୁଷ୍ଠିତ ହୋଇଯାଇଛି। ପୋଟେରୁ କେନାଲ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ସନୋଜ କୁମାର ସାହୁ ଏହି ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ସୁଭାସିନି ସୋଢି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃଷକ ବନ୍ଧୁଙ୍କୁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ଏବଂ ପୋଟେରୁ କେନାଲ ବିଭାଜନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ନିମାଇ ପାଲ ଯୋଗ ଦେଇ ମାଲକାନଗିରି ପାଣି ପଞ୍ଚାୟତର ଉଦ୍ଦେଶ୍ୟ,ଆଭିମୁଖ୍ୟ ଓ ଏହାକୁ ସୁଦୃଢ଼ କରିବା ପାଇଁ କୃଷକ ମାନଙ୍କ ଭୂମିକା ବିଷୟରେ କୃଷକ ଭାଇ ମାନଙ୍କୁ ଅବଗତ କରାଇଥିଲେ। ଏହି ସଭାରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଅପର୍ଣ୍ଣା ମଣ୍ଡଳ,ପୂର୍ବତନ ବିଧାୟକ ମୁକୁନ୍ଦ ସୋଢି, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ, ହର ବିଳାସ ମଣ୍ଡଳ ପ୍ରମୁଖ ଯୋଗ ଦେଇ ପାଣି ପଞ୍ଚାୟତ ପକ୍ଷ ପାଳନର ବିଶେଷତ୍ୱ ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରାଇଥିଲେ । ସମସ୍ତ ଅତିଥି ଗଣ ସମସ୍ତ ପାଣି ପଞ୍ଚାୟତର ସଭ୍ୟ ଓ ସଭ୍ୟା ମାନଙ୍କୁ ସୁଚାରୁ ରୂପେ ପାଣିର ସୁବଣ୍ଟନ କରିବା ସହିତ ଜଳବାୟୁ ପରିବର୍ତ୍ତନ ଅନୁସାରେ ଚାଷ କରିବା ପାଇଁ ଅନୁରୋଧ କରିଥଲେ।ଏହି ସଭାରେ ସରକାରୀ ଉଚ୍ଚ ବିଦ୍ୟାଳୟ, କାଳିମେଳା ଠାରେ ଅନୁଷ୍ଠିତ ହୋଇଥିବା ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ସଭା ପରିଶେଷରେ ପୋଟେରୁ କେନାଲ ଉପ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁନୀତା ପ୍ରଧାନ ମଞ୍ଚ ସଞ୍ଚାଳନ ଏବଂ ଧନ୍ୟବାଦ ଅର୍ପଣ କରି ସଭାଟିକୁ ସମାପନ ଘୋଷଣା କରିଥିଲେ ।

**AFFIDAVIT**

By virtue of an affidavit before the Executive Magistrate, Kendrapara, I Nimain Charan Nayak, aged 59 years, S/o- Late Bhakta Charan Nayak, Vill/Po- Ayeba, PS-Kendrapara Sadar, Dist-Kendrapara, declare that my actual and correct name is Nimain Charan Nayak as per my Aadhar Card and PAN Card. But in my S.B. Account No. 0563010110640 of P.N.B. Chandikhole Branch my name has been wrongly mentioned as Nimain Charan Pattnaik, S/o-Bhakta Pattanaik. That Nimain Charan Nayak, S/o- Late Bhakta Charan Nayak & Nimain Charan Pattnaik, S/o- Bhakta Pattnaik is same and one person in our village and locality. Henceforth I shall be known as Nimain Charan Nayak for all purposes.

**Sd/- Nimain Charan Nayak**

**O-983**

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION,CUTTACK
MAHANADIBIHAR; CUTTACK-753004
Govt. of Odisha e-procurement Notice

**Bid Identification No. rwssctc- 07 /2023-24**

The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

1. Nature of work : PWS Schemes under RWSS , Division, Cuttack.
2. No. of tenders : 2 Nos.
3. Tender Paper Cost : 10000/-
4. Value of Work : 28.21Lakhs to 40.22 Lakhs
5. Class of Contractor : "B"& "C" Class
6. Date and time of availability of bid document in portal : 11 hour of 27.12.24 to 09.01.25 up to 17 hours
7. Date & time of seeking tender clarification : 08.01.25 up to 17 hours
8. Date & time of opening of tender : 10.01.25 at 11:30 Hours in the office of the Superintending Engineer, RWS&S Division, Cuttack
9. Time of completion : 6 months
10. The bidders have to participate in online biding only. Further details can be seen from the website https://www.tendersorissa.gov.in.

**OIPR 25022/11/0008/2425**

Sd/- Superintending Engineer
RWS&S Division, Cuttack

**O-954**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

Letter No. 5859 / Date 17.12.2024

1st Corrigendum to Bid Identification No. Tender Online 07 JJPT of 2024-25 invited this office Letter No. 5621, Dtd. 04.12.2024.

The Change as detailed below are hereby made in the above N.I.T

| Procurement Officer | Bid Identification No. | Availability of Tender on-line for bidding | | | | Last date & time of seeking tender clarification | | Date & Time of opening of Technical Bid | | Financial Bid |
|---|---|---|---|---|---|---|---|---|---|---|
| | | From | | To | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | As earlier | Modified | As earlier | Modified | As earlier | Modified | As earlier | Modified | |
| Superintending Engineer, Rural Works Division, Jajpur. | Tender Online 07 JJPT of 2024-25 | 16.12.2024 at 10.00 AM | 26.12.24 at 10.00 AM | 30.12..2024 up to 5.00 PM | 06.01.2025 up to 5.00 PM | 30.12..2024 up to 1.00PM | 4.01.2025 up to 2.00 PM | 31.12..2024 at 11.30 AM | 07.01.2025 at 11.30 AM | To be Intimated later |

**OIPR 25047/11/0016/2425**

Sd/-Superintending Engineer
R.W. Division, Jajpur

E.Mail – rw_sundargarh@yahoo.co.in

**O-951**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH

E-PROCUREMENT NOTICE
**BID IDENTIFICATION NO. ONLINE-SESNG-20 of 2024-25**

1. Name of the Work :- Road Works
2. Total No. of works :- 1 no Road
3. Estimated cost :- Rs. 16.54 Lakhs
4. Class of contractor :- 'C' & 'D'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh. | Online-SESNG-20 of 2024-25 | 24.12.2024 10.00 A.M | 02.01.2025 6.00 P.M |

Further details can be seen from the website www.tendersorissa.gov.in

**OIPR 25046/11/0024/2425**

Sd/-Superintending Engineer
Rural Works Division, Sundargarh

**B-793**

WORKS DEPARTMENT
OFFICE OF THE CHIEF CONSTRUCTION ENGINEER,
EASTERN CIRCLE (R&B), BALASORE
e-mail: - seec_bls@rediffmail.com
Government of Odisha "e" Procurement Notice
**Bid Identification No.CCEEC- 10/ 2024-25**
**No: 4725 Dt: 20.12.2024**

Nature of work:- **Roads Works**
Number of works **1No Roads Work**
Amount put to Tender: - **Rs. 7,83.58,657**
Class of Contractor: - **"A" Class & "Special" Class**
Date & Time of availability of bid document in the portal: **- Dt.04.01.2025 at 10:00 AM**
Last Date / Time of receipt of bid in the portal: **- Dt.18.01.2025 up to 05:00 PM**
Date of opening of bid : - **Dt.19.01.2025 at 11:00 AM**
Name & address of the Office inviting bid: - **Chief Construction Engineer, Eastern Circle (R&B), Balasore**

The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

**OIPR 34026/11/0007/2425**

Sd/- Chief Construction Engineer
Eastern Circle (R&B) Balasore

# ଜାତୀୟ ଓ ଅନ୍ତର୍ଜାତୀୟ





ନୂଆଦିଲ୍ଲୀ: ରାଜସ୍ଥାନର ଜୈସଲମେରରେ ଅନୁଷ୍ଠିତ ୫୫ ତମ ଜିଏସଟି ପରିଷଦ ବୈଠକରେ ପପକର୍ଣ୍ଣ ଉପରେ ଟିକସ ସମ୍ବନ୍ଧୀୟ ଏକ ନିଷ୍ପତ୍ତି ନିଆଯାଇଛି । ପରିଷଦ ଅନୁଯାୟୀ ଜିଏସ୍ଟି (ଜିଏସ୍‌ଟି ଅନ୍ ପପକର୍ଣ୍ଣ) ର ବିଭିନ୍ନ ସ୍ଲାବରେ ପପକର୍ଣ୍ଣକୁ ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ବର୍ତ୍ତମାନ ଏହାକୁ କିଣିବା ପାଇଁ ଆପଣଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ପପକର୍ଣ୍ଣ ଉପରେ ଗୋଟିଏ ନୁହେଁ ବରଂ ତିନି ପ୍ରକାରର ଜିଏସଟି ହାର ଲାଗୁ କରିବାକୁ ପରିଷଦ ସହମତି ପ୍ରକାଶ କରିଛି । ଏହାର ସ୍ୱାଦ ଅନୁଯାୟୀ ଜିଏସଟି ଲାଗୁ ହେବ । ଯଦି ଆପଣ କିଣୁଥିବା ପପକର୍ଣ୍ଣ ଲୁଣ ଏବଂ ମସଲାର ମିଶ୍ରଣରେ ପ୍ରସ୍ତୁତ ହୋଇ ପ୍ୟାକେଜ୍ ଏବଂ ଲେବଲ୍ ଲାଗୁ ହୋଇନଥାଏ, ତେବେ ଏଥିରେ ୫ ପ୍ରତିଶତ ହାରରେ ଜିଏସ୍ଟି ଲାଗୁ ହେବ । ଅନ୍ୟପଟେ ଯଦି ଲୁଣ ଏବଂ ମସଲା ସହିତ ସମାନ ପପକର୍ଣ୍ଣ ପ୍ୟାକେଜ୍ ଏବଂ ଲେବଲ୍ ସହ ବିକ୍ରି ହୁଏ ତେବେ ଏଥିରେ ଟିକସ ହାର ୫% ପରିବର୍ତ୍ତେ ୧୨%କୁ ବୃଦ୍ଧି ପାଇବ ।

## କୁଏତରେ ଶ୍ରମିକ ଶିବିର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: କୁଏତ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଏତର ମୀନା ଅବଦୁଲ୍ଲା ଅଞ୍ଚଳରେ ଏକ ଶ୍ରମ ଶିବିର ପରିଦର୍ଶନ କରିଛନ୍ତି ଯେଉଁଥିରେ ପାଖାପାଖି ୧୫୦୦ ଭାରତୀୟ ନାଗରିକ କାମ କରୁଛନ୍ତି । ପ୍ରଧାନମନ୍ତ୍ରୀ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଭାରତୀୟ ଶ୍ରମିକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଶ୍ରମ ଶିବିର ଗସ୍ତ ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାକୁ ଦର୍ଶାଉଛି । ଗତ କିଛିବର୍ଷ ମଧ୍ୟରେ ସରକାର ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କ କଲ୍ୟାଣ ପାଇଁ ଇ-ମାଇଗ୍ରେଟ୍ ପୋର୍ଟାଲ, ମଦଦ୍ ପୋର୍ଟାଲ ଏବଂ ଉନ୍ନତ ପ୍ରବାସୀ ଭାରତୀୟ ବୀମା ଯୋଜନା ଭଳି ଅନେକ ଜ୍ଞାନକୌଶଳ ଭିତ୍ତିକ ପଦକ୍ଷେପ ଗ୍ରହଣ କରିଛନ୍ତି ।



## ନୋଏଡାରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ: ନୋଏଡାରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଯାଇଛି । ସେକ୍ଟର ୬୫ରେ ଅବସ୍ଥିତ ଏକ କମ୍ପାନୀରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । ଯେଉଁଥିପାଇଁ ଚାରିଆଡେ ହଇଚଇ ସୃଷ୍ଟି ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଏବଂ ଅଗ୍ନିଶମ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ୧୫ଟି ଅଗ୍ନିଶମ ଟେଣ୍ଡର ଘଟଣାସ୍ଥଳରେ ଉପସ୍ଥିତ ରହି ନିଆଁ ଲିଭାଇବାରେ ବ୍ୟସ୍ତ ଅଛନ୍ତି । ଏହି ଘଟଣା ଯୋଗୁଁ ନିକଟସ୍ଥ କମ୍ପାନୀଗୁଡ଼ିକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି । ଡିସିପି କହିଛନ୍ତି ଯେ ନୋଏଡାର ସେକ୍ଟର ୬୫ ରେ ଥିବା ଏକ ଇଲେକ୍ଟ୍ରୋନିକ୍ସ କମ୍ପାନୀରେ ଅଗ୍ନିକାଣ୍ଡ ଘଟିଛି । ନିଆଁ ଲିଭାଇବା ପାଇଁ ୧୫ ଟି ଅଗ୍ନିଶମ ଗାଡି କାର୍ଯ୍ୟ କରୁଛି ।

## ବାଂଲାଦେଶୀ ଚିହ୍ନଟ ଅଭିଯାନ, ଦିଲ୍ଲୀରୁ ୧୭୫



ନୂଆଦିଲ୍ଲୀ: ବେଆଇନ ଭାବେ ଭାରତରେ ରହୁଥିବା ବାଂଲାଦେଶୀଙ୍କ ବିରୋଧରେ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି । ଆସାମ ଓ ମହାରାଷ୍ଟ୍ର ପରେ ଏବେ ଦିଲ୍ଲୀରେ ବି ବେଆଇନ ବାଂଲାଦେଶୀଙ୍କ ବିରୋଧରେ ଅଭିଯାନ ଆରମ୍ଭ ହୋଇଛି । ବେଆଇନ ବାଂଲାଦେଶୀ ପ୍ରବାସୀଙ୍କ ବିରୋଧରେ ଯାଞ୍ଚ ଅଭିଯାନରେ ଦିଲ୍ଲୀ ପୁଲିସ ଏଭଳି ୧୭୫ ଜଣ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଛି । ରବିବାର ଅଧିକାରୀମାନେ ଏ ନେଇ ସୂଚନା ଦେଇଛନ୍ତି । ଶନିବାର ସନ୍ଧ୍ୟା ୬ଟାରୁ ପୁଲିସ ବାହାର ଦିଲ୍ଲୀ ଅଞ୍ଚଳରେ ୧୨ ଘଣ୍ଟିଆ ଯାଞ୍ଚ ଅଭିଯାନ ଚଳାଇଥିଲା । ବିନା କାଗଜପତ୍ରରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ଅଟକ ରଖିବା ପାଇଁ ପୁଲିସ ଉଦ୍ୟମ ଜୋରଦାର କରିଛି । ବାହ୍ୟ ଦିଲ୍ଲୀରେ ବ୍ୟାପକ ଯାଞ୍ଚ ଅଭିଯାନ ସମୟରେ ୧୭୫ ଜଣଙ୍କୁ ସନ୍ଦିଗ୍ଧ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀ ଭାବେ ଚିହ୍ନଟ କରାଯାଇଛି । ଏହା ପୂର୍ବରୁ ମହାରାଷ୍ଟ୍ର ସରକାର ମଧ୍ୟ ବେଆଇନ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିବା ବିଷୟରେ ଘୋଷଣା କରିଛନ୍ତି । ଏସବୁ ଲୋକମାନଙ୍କ ପାଇଁ ଅବରୋଧ କେନ୍ଦ୍ର ବା ଡିଟେନ୍ସନ ସେଣ୍ଟର ପ୍ରତିଷ୍ଠା ପାଇଁ ଯୋଜନା କରାଯାଉଛି । ସେପଟେ ଆସାମ ପୁଲିସ ଗତ କିଛି ଦିନ ହେଲା ବେଆଇନ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରିଛି ।

## ରାହୁଲଙ୍କୁ ସମନ ଜାରି



ନୂଆଦିଲ୍ଲୀ : ବଢ଼ିଲା ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଅଡୁଆ । ସେ ନିକଟରେ ଜାତି ଜନଗଣନାକୁ ନେଇ ଦେଇଥିବା ଏକ ବିବାଦୀୟ ବୟାନକୁ ନେଇ ଫସିଛନ୍ତି । ତାଙ୍କ ବିରୋଧରେ ଜାରି ହୋଇଛି ସମନ । ବରେଲିର ଏକ ସ୍ୱତନ୍ତ୍ର କୋର୍ଟ ରାହୁଲଙ୍କୁ ଜାନୁଆରୀ ୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଲୋକସଭା ନିର୍ବାଚନ ସମୟରେ କଂଗ୍ରେସ ଦଳ କ୍ଷମତାକୁ ଆସିଲେ ଆର୍ଥିକ ସର୍ଭେ କରାଯିବ ବୋଲି ରାହୁଲ କହିଥିଲେ । ଅଲ ଇଣ୍ଡିଆ ହିନ୍ଦୁ ମହାସଭାର ମଣ୍ଡଳ ସଭାପତି ପଙ୍କଜ ପାଠକ ଏହାକୁ ବିରୋଧ କରିଥିଲେ । ଏହାପରେ ସ୍ପେଶାଲ ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟରେ ରାହୁଲ ଗାନ୍ଧିଙ୍କ ବିରୋଧରେ ମାମଲା ଦାୟର କରିବାକୁ ଆବେଦନ କରିଥିଲେ । କିନ୍ତୁ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ ।

## ଆଜି ନିଯୁକ୍ତି ପତ୍ର ବାଣ୍ଟିବେ ମୋଦୀ

ନୂଆଦିଲ୍ଲୀ : ଭିଡିଓ କନଫରେନ୍ସିଂ ଯୋଗେ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ବେଳକୁ ୭୧ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପତ୍ର ବଂଟନ କରିବେ । ରୋଜଗାର ମେଳା ଅବସରରେ ତାଙ୍କର ଉଦବୋଧନ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ରୋଜଗାର ମେଳା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏକ ବଳିଷ୍ଠ ପଦକ୍ଷେପ । ଏହି ମେଳା ଯୁବ ସମାଜକୁ ରାଷ୍ଟ୍ର ନିର୍ମାଣ ସହ ନିଜକୁ ସଶକ୍ତ କରିବାରେ ବିଶେଷ ସହାୟକ ହେବ । ଦେଶର ୪୫ଟି ସ୍ଥାନରେ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହେବ । କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଲାଗି ଏହି ମେଳା ଅନୁଷ୍ଠିତ ହେଉଛି । ନବ ନିଯୁକ୍ତମାନେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅର୍ଥ ବିଭାଗ ସହ ଅନ୍ୟାନ୍ୟ ବିଭାଗ ଲାଗି କାମ କରିବେ ।

## ଛତିଶଗଡ଼ ଭଲିବଲ୍ ପଦାଧିକାରୀଙ୍କୁ ଭେଟିଲେ ବିଷ୍ଣୁଦେବ

ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ନିଜ ବାସଭବନରେ ଛତିଶଗଡ଼ ଭଲିବଲ ସଂଘର ପଦାଧିକାରୀଙ୍କୁ ଭେଟିଥିଲେ । ଛତିଶଗଡ଼ର ଅଲିମ୍ପିକ୍ ଆସୋସିଏସନ୍ ସଚିବ ବିକ୍ରମ ସିଶୋଦିଆଙ୍କ ନେତୃତ୍ୱରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ଭାରତୀୟ କୁସ୍ତି ମହାସଂଘର ଅଧ୍ୟକ୍ଷ ସଞ୍ଜୟ ସିଂହ ଏବଂ ଛତିଶଗଡ଼ ଅଲିମ୍ପିକ୍ ଆସୋସିଏସନ୍‌ର ପ୍ରଶାନ୍ତ ସିଂ ରଘୁବଂଶୀ ଏବଂ ଛତିଶଗଡ଼ ଭଲିବଲ ସଂଘର ପଦାଧିକାରୀ ମହେଶ ଗାଗଡ଼ା, ମହମ୍ମଦ ଏକ୍ରାମ ଖାନ, ସତ୍ୟେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।



## ତାଲୁର ଗାଁରେ ମହତାରୀ ବନ୍ଦନ ଯୋଜନା ଅନିୟମିତତା ନେଇ ଯାଞ୍ଚ ନିର୍ଦ୍ଦେଶ

ରାୟପୁର: ବସ୍ତର ଜିଲ୍ଲାପାଳ ହରିଶ ଏସ୍ ବସ୍ତର ତାଲୁର ଗ୍ରାମରେ ମହତାରୀ ବନ୍ଦନ ଯୋଜନାରେ ହୋଇଥିବା ଅନିୟମିତତାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି । ଛତିଶଗଡ଼ ମହିଳା ଏବଂ ଶିଶୁ ବିକାଶ ଅଧିକାରୀ ଏହି ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ କହିଛନ୍ତି । ଏହି ଯୋଜନାରେ ବ୍ୟାଙ୍କ ଖାତାଗୁଡ଼ିକୁ ଜବତ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବସ୍ତର ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ଖବର ମିଳିବା ପରେ ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ପ୍ରତି ମାସ ୧ହଜାର ଟଙ୍କା ଲେଖାଏଁ ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ପଠାଯାଉଛି । ଏପରିକି ଏହି ଯୋଜନାରେ ତାଲୁରର ଅଙ୍ଗନବାଡି କର୍ମୀ ବେଦମତୀ ଯୋଶୀଙ୍କ ନାମ ମଧ୍ୟ ସାମିଲ୍ ହୋଇଛି । ବିରେନ୍ଦ୍ର ଯୋଶୀ ନାମକ ଜଣେ ବ୍ୟକ୍ତି ଜାଲିଆତି କରି ଅବୈଧ ଭାବେ ଏହି ସହାୟତା ରାଶିକୁ ନିଜ ଜମା ଖାତାରେ ଜମା କରିଥିବା ପ୍ରମାଣ ମିଳିଛି । ତାଙ୍କ ନାମରେ ଥାନାରେ ମଧ୍ୟ ଏତଲା ଦରଜ ହୋଇଛି ।

## ନିର୍ବାଚନ ନିୟମ ସଂଶୋଧନକୁ ନେଇ ଗର୍ଜିଲେ ଖଡ୍‌ଗେ

ନୂଆଦିଲ୍ଲୀ : କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କେନ୍ଦ୍ର ସରକାରଙ୍କ ନିର୍ବାଚନ ନିୟମ ପରିବର୍ତ୍ତନକୁ ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ମୋଦି ସରକାରଙ୍କ ଏହି ପଦକ୍ଷେପ ସମ୍ବିଧାନ ଓ ଗଣତନ୍ତ୍ର ଉପରେ ସିଧାସଳଖ ଆକ୍ରମଣ । ସରକାର ନିର୍ବାଚନ ସଞ୍ଚାଳନ ନିୟମ ୧୯୬୧ରେ ସଂଶୋଧନ କରି ସିସିଟିଭି ଫୁଟେଜ୍, ୱେବକାଷ୍ଟିଂ ଓ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂ ଭଳି ଇଲେକ୍ଟ୍ରୋନିକ୍ ଡକ୍ୟୁମେଣ୍ଟର ସାର୍ବଜନିକ ନିରୀକ୍ଷଣ ନିଷିଦ୍ଧ କରିଛନ୍ତି । ଖଡଗେ ଏହାକୁ ନିର୍ବାଚନ ଆୟୋଗଙ୍କ ସଂସ୍ଥାଗତ ଅଖଣ୍ଡତାକୁ ସମାପ୍ତ କରିବା ପାଇଁ ଏକ 'ବ୍ୟବସ୍ଥିତ ଷଡ଼ଯନ୍ତ୍ର' ବୋଲି କହିଛନ୍ତି । ଏନେଇ ଖଡଗେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଏକ ପୋଷ୍ଟ କରିଛନ୍ତି । ସେ ଲେଖିଛନ୍ତି ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଉପରେ ପ୍ରହାର କରିବା ମୋଦି ସରକାରରେ ପ୍ରଥମ ଥର ନୁହେଁ । ଖଡଗେ ଅଭିଯୋଗ କରିଛନ୍ତି ଯେ ପ୍ରଥମେ ସରକାର ଚୟନ କମିଟିରୁ ଭାରତର ମୁଖ୍ୟ ନ୍ୟାୟାଧୀଶ (ସିଜେଆଇ)ଙ୍କୁ ହଟାଇ ଦେଇଥିଲେ, ଯିଏ ନିର୍ବାଚନ ଆୟୋଗଙ୍କ ନିଯୁକ୍ତି କରୁଥିଲେ । ଏବେ ସରକାର ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ନିର୍ବାଚନ ସୂଚନାକୁ ଜନତାଙ୍କନିମନ୍ତେ ଲୁଚେଇବା ଆରମ୍ଭ କରିଛନ୍ତି ।



କଂଗ୍ରେସ ସଭାପତି ଖଡଗେ ଦାବି କରିଛନ୍ତି ଯେ ଅତୀତରେ କଂଗ୍ରେସ ଦ୍ୱାରା କରାଯାଇଥିବା ଗୁରୁତର ଅଭିଯୋଗଗୁଡିକୁ ନିର୍ବାଚନ ଆୟୋଗ ଅଣଦେଖା କରିଛନ୍ତି, ଯେଉଁଥି ପାଇଁ ଆୟୋଗଙ୍କ ସ୍ୱାଧୀନତା ଉପରେ ପ୍ରଶ୍ନ ଉଠୁଛି । ଖଡଗେ କହିଛନ୍ତି ନିର୍ବାଚନ ଆୟୋଗଙ୍କ ଅଖଣ୍ଡତାକୁ ସମାପ୍ତ କରିବା ପାଇଁ ମୋଦି ସରକାରଙ୍କ ଏହା ସୁଚିନ୍ତିତ ଷଡ଼ଯନ୍ତ୍ର । ଏହା ଗଣତନ୍ତ୍ର ଓ ସମ୍ବିଧାନର ମୂଳ ସଂରଚନାକୁ ଦୁର୍ବଳ କରିବାର ଏକ ପ୍ରୟାସ । କଂଗ୍ରେସ ପାର୍ଟି ଏହା ବିରୋଧରେ ସବୁ ପ୍ରକାର ଉଦ୍ୟମ କରିବ ବୋଲି ସେ ସତର୍କ କରିଛନ୍ତି । ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହା କେବେବି ସ୍ୱୀକାର ଯୋଗ୍ୟ ନୁହେଁ ବୋଲି କହିଥିବା ବେଳେ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହି ପଦକ୍ଷେପ ନିର୍ବାଚନ ପାରଦର୍ଶିତାର ବିରୋଧାଚାରଣ କରୁଛି ଓ ଯେ କୌଣସି ମତେ ଏହାକୁ ରୋକାଯିବ । କଂଗ୍ରେସ ନେତା କେ.ସି.ବେଣୁଗୋପାଳ କହିଛନ୍ତି ଯେ ଏପର୍ଯ୍ୟନ୍ତ ନିର୍ବାଚନ ଆୟୋଗଙ୍କ ଆଚରଣ ଆପାରଦର୍ଶୀ ଓ ସରକାରଙ୍କ ସମର୍ଥକ ଭାବେ ରହିଛି । ସେ କହିଛନ୍ତି ଯେ ନିର୍ବାଚନ ଆୟୋଗ ନିଜ କର୍ତ୍ତବ୍ୟ ପାଳନ କରିବା ଦରକାର ଓ ନିରପେକ୍ଷ ଭାବେ କାମ କରିବା ଉଚିତ । ଉଲ୍ଲେଖଯୋଗ୍ୟ ଯେ ସରକାର ନିର୍ବାଚନ ସଞ୍ଚାଳନ ନିୟମ ୧୯୬୧ରେ ସଂଶୋଧନ କରିଛନ୍ତି । ଏଥିରେ ସିସିଟିଭି ଫୁଟେଜ, ୱେବକାଷ୍ଟିଂ ଓ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂ ଭଳି କିଛି ଇଲେକ୍ଟ୍ରୋନିକ ଡକ୍ୟୁମେଣ୍ଟର ସାର୍ବଜନିକ ନିରୀକ୍ଷଣକୁ ରୋକି ଦିଆଯାଇଛି । ନିର୍ବାଚନ ନିୟମରେ ସଂଶୋଧନ ପଛରେ ସରକାର ଏହା ଦ୍ୱାରା ସିସିଟିଭି ଫୁଟେଜ ଏବଂ ୱେବକାଷ୍ଟିଂର ଦୁରୁପଯୋଗକୁ ରୋକା ଯାଇ ପାରିବ ବୋଲି ତର୍କ ଦେଇଛନ୍ତି ।

# ବାଣିଜ୍ୟ



ନୂଆଦିଲ୍ଲୀ: ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିର୍ବାଚିତ ହେବାର କିଛି ଦିନ ମଧ୍ୟରେ ବିଶ୍ୱର ସବୁଠୁ ଲୋକପ୍ରିୟ କ୍ରିପ୍ଟୋକରେନ୍ସି ବିଟ୍‌କଏନ୍ ଦାମ୍ ଦ୍ରୁତ ଗତିରେ ବଢ଼ିଥିଲା । କିଛି ଦିନ ତଳେ ତାହାର ଦାମ୍ ୧ ଲକ୍ଷ ୬ ହଜାର ଡଲାରରୁ ଅଧିକ ହୋଇଯାଇଥିଲା । ମାତ୍ର ଆମେରିକାର ଫେଡେରାଲ୍ ରିଜର୍ଭ (ରିଜର୍ଭ ବ୍ୟାଙ୍କ ଭଳି ସଂସ୍ଥା)ର ମୁଖ୍ୟ ଜେରୋମି ପାୱେଲ୍‌ଙ୍କ ଏକ ମନ୍ତବ୍ୟ ପରେ ବିଟ୍‌କଏନ୍‌ର ଭବିଷ୍ୟତକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେଇଛି । ତାହାର ପ୍ରଭାବରେ ଏହାର ଦାମ୍ ୯୩,୬୩୭ ଡଲାରକୁ ଖସିଆସିଛି । ଆମେରିକାର ଏକ ବିଟକଏନ୍ ଭଣ୍ଡାର ଗଠନ କରିବ ବୋଲି ଚର୍ଚ୍ଚା ହେଉଥିଲା । ଟ୍ରମ୍ପ୍ ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ସେହି ଭଣ୍ଡାର ଗଠନ କରାଯିବ ବୋଲି କୁହାଯାଉଥିଲା । ମାତ୍ର ସେଭଳି କୌଣସି ଯୋଜନା କିମ୍ବା ସମ୍ଭାବନା ନାହିଁ ବୋଲି ପାୱେଲ ଗତ ବୁଧବାର ସ୍ପଷ୍ଟ କରିବା ପରେ ବିଟ୍‌କଏନ୍ ଦାମ୍ ହ୍ରାସ ପାଉଛି ।

## ଆର୍‌ଏସ୍‌ପିର ଏଚ୍‌ଏସ୍‌ଏଲ୍ ସିପିଏଫ୍ ଟ୍ରଷ୍ଟ ସହ ବୋଲାଣି ପିଏଫ୍ ଟ୍ରଷ୍ଟର ମିଶ୍ରଣ ନେଇ ବୈଠକ

ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନାର ହିନ୍ଦୁସ୍ତାନ ଷ୍ଟିଲ ଲିମିଟେଡ୍ କଣ୍ଟ୍ରିବ୍ୟୁଟରି ଭବିଷ୍ୟନିଧି ପାଣ୍ଠି ଟ୍ରଷ୍ଟ ସହିତ ବୋଲାଣି ପିଏଫ ଟ୍ରଷ୍ଟର ୨୦୨୫ ଜାନୁଆରୀ ୧ ତାରିଖରୁ ମିଶ୍ରଣ ନିମନ୍ତେ ବହୁ ପ୍ରୟାସ ଦ୍ୱାରା ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ (ସିପିଏଫସି), ନୂଆଦିଲ୍ଲୀଙ୍କ ଠାରୁ ଅନୁମୋଦନ ଲାଭ ହୋଇଛି । ଏହି ଦୁଇ ଟ୍ରଷ୍ଟର ବିଲୟ ପାଇଁ ରୂପରେଖ ପ୍ରସ୍ତୁତ ନିମନ୍ତେ ବିତ୍ତ ଓ ଲେଖା ବିଭାଗର 'ଚିନ୍ତନ' ସମ୍ମିଳନୀ ହଲରେ ଡିସେମ୍ବର ୧୮ ତାରିଖରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଉଭୟ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି ଯୋଗ ଦେଇଥିଲେ । ଏହି ଅବସରରେ ଉଦବୋଧନ ଦେଇ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତଥା ଏଚଏସଏଲସିପିଏଫର ଅଧ୍ୟକ୍ଷ ଏ କେ ବେହୁରିଆ କହିଥିଲେ ଯେ ଆମର ସମସ୍ତ କର୍ମଚାରୀଙ୍କ ପାଇଁ ଏହି ପରିବର୍ତ୍ତନ ସୁଗମ ଏବଂ ଲାଭଦାୟକ ହେବ ବୋଲି ଆମେ ପ୍ରତିଶ୍ରୁତିବଦ୍ଧ । ଉତ୍ସଗୁଡିକୁ ମିଶ୍ରଣ କରି, ଆମେ ଆମର କର୍ମଚାରୀଙ୍କ ଦୀର୍ଘକାଳୀନ ସଞ୍ଚୟ ପାଇଁ ଅଧିକ ସୁରକ୍ଷା ଏବଂ ଅଭିବୃଦ୍ଧି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ମିଶ୍ରଣରେ ଆର୍ଥିକ ସ୍ଥିରତା, ଭବିଷ୍ୟନିଧି ହିତାଧିକାରୀଙ୍କ ପାଇଁ ଉତ୍ତମ ରିଟର୍ଣ୍ଣ ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ହେବ ବୋଲି ସେ କହିଛନ୍ତି । କାର୍ଯ୍ୟକାରିତାର ସୂଚାରୁ ସମ୍ପାଦନା ଏବଂ ବୈଧାନିକ ଆବଶ୍ୟକତା ଗୁଡିକର ଅନୁପାଳନ ଉପରେ ଧ୍ୟାନ କେନ୍ଦ୍ରିତ ସହକାରେ ଏହି ମିଶ୍ରଣ ପାଇଁ ଏକ ବିସ୍ତୃତ ରୂପରେଖ ଉପରେ ବ୍ୟାପକ ଭାବରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବୋଲାଣି ଲୌହ ଖଣିର କର୍ମଚାରୀଙ୍କ ପାଇଁ ମିଶ୍ରଣ ପରବର୍ତ୍ତୀ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ବିତ୍ତ ଓ ଲେଖା-ଭବିଷ୍ୟନିଧି ପାଣ୍ଠିର ଏଜିଏମ ଏନସି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



## ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରି ୪୪ ଉପଭୋକ୍ତା ପୁରସ୍କୃତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟିପିସିଓଡିଏଲ୍ ପକ୍ଷରୁ ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ୍ ମାଧ୍ୟମରେ ଠିକ୍ ସମୟରେ ଦେୟ ଦେଉଥିବା କଟକର ୪୪ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଛି । ଏହି ସ୍କିମ୍‌ରେ ଯେଉଁ ଉପଭୋକ୍ତାମାନେ ଠିକ୍ ସମୟରେ ଓ ଡିଜିଟାଲ୍ ମାଧ୍ୟମରେ ବିଲ୍ ପ୍ରଦାନ କରିଥିଲେ ସେମାନେ ଲକି ଡ୍ର'ରେ ଆକର୍ଷଣୀୟ ପୁରସ୍କାର ଜିତିଛନ୍ତି । ନିକଟରେ କଟକ ଠାରେ ଭାଗ୍ୟଶାଳୀ ବିଜେତାଙ୍କୁ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଛି । ଏହି ସ୍କିମ୍‌ର ଅଂଶ ସ୍ୱରୂପ ଉପଭୋକ୍ତାମାନେ ୪ ପ୍ରତିଶତର ଡିଜିଟାଲ୍ ରିହାତି ଭଳି ଅତିରିକ୍ତ ସୁବିଧା ଓ ଠିକ୍ ସମୟରେ ବିଲ୍ ପୈଠ ପାଇଁ ୟୁନିଟ୍ ପିଛା ୧୦ ପଇସାର ତ୍ୱରିତ ରିହାତି ପାଇପାରୁଛନ୍ତି ।

## ଓଏସିସ୍ ଫର୍ଟିଲିଟି ଭୁବନେଶ୍ୱର ପକ୍ଷରୁ ସଫଳତା ଓ ବେବି ସାୱାର କାର୍ଯ୍ୟକ୍ରମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ପ୍ରଜନନ ସେବା ପ୍ରଦାନକାରୀ ଅଗ୍ରଣୀ ଓଏସିସ୍ ଫର୍ଟିଲିଟି ପକ୍ଷରୁ ଏକ ଡବଲ ଉତ୍ସବ ପାଳନ ଘୋଷଣା କରାଯାଇଛି । ତାହା ହେଉଛି ପ୍ରାୟ ୪୦୦୦ ସନ୍ତାନହୀନ ଦମ୍ପତି ସଫଳତାର ସହ ଚିକିତ୍ସା କରିବା ଏବଂ ଏକ ଆନନ୍ଦଦାୟକ ବେବି ସାୱାର କାର୍ଯ୍ୟକ୍ରମ ଆୟୋଜନ କରିବା ଯାହା ପ୍ରଜନନ ଚିକିତ୍ସା ଏବଂ ଯତ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଉଛି । ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ଏହାର ଅତ୍ୟାଧୁନିକ ପ୍ରଜନନ ସେବା ଏବଂ ରୋଗୀ କୈନ୍ଦ୍ରୀକ ଆଭିମୁଖ୍ୟ ଦ୍ୱାରା ସ୍ଥାନୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି ଏବଂ ଆଖପାଖ ଅଞ୍ଚଳର ଦମ୍ପତିଙ୍କ ବିଶ୍ୱାସ ହାସଲ କରିଛି । ପ୍ରତିଷ୍ଠା ପରଠାରୁ ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ପ୍ରାୟ ୪୦୦୦ ସନ୍ତାନହୀନ ଦମ୍ପତି ସଫଳ ଚିକିତ୍ସା କରି ଅନେକ ଦମ୍ପତିଙ୍କୁ ଆଇଭିଏଫ୍, ଆଇସିଏସ୍‌ଆଇ, ସିଏପିଏ-ଆଇଭିଏମ୍, ପିଜିଟି, ଇଆରଏ, ଟେସା ଭଳି ଉନ୍ନତ ପଦ୍ଧତି ଏବଂ ମାଇକ୍ରୋଫ୍ଲୁଇଡିକ୍ସ ଭଳି ବିଭିନ୍ନ ଶୁକ୍ରାଣୁ ଚୟନ ପଦ୍ଧତି ସହିତ ଓଓସାଇଟ୍ ଏବଂ ଶୁକ୍ରାଣୁ କ୍ରାୟୋପ୍ରିଜର୍ଭେସନ୍ ଏବଂ ପ୍ରଜନନ ବୃଦ୍ଧିକାରୀ ଅସ୍ତ୍ରୋପଚାର ମାଧ୍ୟମରେ ସେମାନଙ୍କ ପିତାମାତା ହେବା ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରିଛି । ୧୦୦୦୦ ଆଇଭିଏଫ୍ ଲ୍ୟାବ୍ ଏବଂ ଅନ୍ତର୍ଜାତୀୟ ମାନର ଉପକରଣ ସମେତ ଅତ୍ୟାଧୁନିକ ସୁବିଧା ଥିବା ଏହି କେନ୍ଦ୍ରର ନେତୃତ୍ୱ ଅଭିଜ୍ଞ ପ୍ରଜନନ ବିଶେଷଜ୍ଞ ଏବଂ ଏକ ସହାୟକ ଦଳ ନେଉଛନ୍ତି । ବିଗତ ବର୍ଷକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ରୋଗୀଙ୍କୁ ସର୍ବୋତମ ଫଳାଫଳ ପ୍ରଦାନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି ଯାହା ଗର୍ଭାବସ୍ଥା ଚିକିତ୍ସାରେ ଚମତ୍କାର ସଫଳତା ହାସଲ କରିଛି । କେନ୍ଦ୍ରର ସମର୍ପଣ ଏବଂ ଦକ୍ଷତା ଏହାକୁ ପ୍ରଜନନ ଯତ୍ନ କ୍ଷେତ୍ରରେ ଏକ ବିଶ୍ୱସ୍ତ ନାମରେ ପରିଣତ କରିଛି ଯାହା ଅନେକ ଜଟିଳ ପ୍ରଜନନ ଚିକିତ୍ସାର ସଫଳ ରୂପାୟନ ଦ୍ୱାରା ପ୍ରମାଣିତ ହୋଇଛି । ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟିର କ୍ଲିନିକାଲ ହେଡ୍ ତଥା ଫର୍ଟିଲିଟି ସ୍ପେସାଲିଷ୍ଟ ଡାକ୍ତର ପ୍ରଶାନ୍ତ କୁମାର ନାୟକ କହିଛନ୍ତି ଓଏସିସ୍ ଫର୍ଟିଲିଟିରେ ଏହା ଆମ ପାଇଁ ଗର୍ବର ମୁହୂର୍ତ୍ତ । ସ୍ଥାନୀୟ ସମୁଦାୟକୁ ସର୍ବୋଚ୍ଚ ପ୍ରଜନନ ଚିକିତ୍ସା ଯୋଗାଇବା ପାଇଁ ସମର୍ପଣ ଆମେ ହାସଲ କରିଥିବା ସଫଳତାରେ ପ୍ରତିଫଳିତ ହୋଇଛି । ଗୁଣବତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଉନ୍ନତ ପ୍ରଜନନ ଯତ୍ନକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମେ ପ୍ରୟାସ କରୁଛୁ । ଆଗାମୀ ଦିନରେ ଓଏସିସ୍ ଫର୍ଟିଲିଟି ଏହାର ବ୍ୟାପକତା ଏବଂ ପ୍ରଭାବକୁ ଆହୁରି ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ଆମର ନୂତନ ସେବା ଆରମ୍ଭ କରିବା ଏବଂ ଭାରତରେ ଅତିରିକ୍ତ କେନ୍ଦ୍ର ଖୋଲିବାକୁ ଯୋଜନା ରହିଛି ଯାହାଦ୍ୱାରା ଅଧିକ ବ୍ୟକ୍ତି ଏବଂ ପିତାମାତା ଚାହୁଁଥିବା ଦମ୍ପତିଙ୍କ ପାଇଁ ଉନ୍ନତ ପ୍ରଜନନ ସେବା ଉପଲବ୍ଧ ହେବ ।

## ଷ୍ଟୋଭ୍‌କ୍ରାଫ୍ଟ ଲିମିଟେଡକୁ ଆଇକିଆ ଦ୍ୱାରା ଗ୍ଲୋବାଲ୍ ସପ୍ଲାଇ ପାର୍ଟନର ଭାବେ ଚୟନ

ମୁମ୍ବାଇ: ରୋଷେଇ ଘର ଓ ହୋମ୍ ଆପ୍ଲାଏନ୍ସ ଓ କୁକ୍‌ୱେୟାର କ୍ଷେତ୍ରରେ ଅଗ୍ରଣୀ ନାମ ଷ୍ଟୋଭକ୍ରାଫ୍ଟ ଲିମିଟେଡକୁ ବିଶ୍ୱପ୍ରସିଦ୍ଧ ରିଟେଲ କମ୍ପାନୀ ଆଇକିଆ ପକ୍ଷରୁ ବିଶ୍ୱ ଯୋଗାଣ ସହଯୋଗୀ ଭାବେ ମନୋନୀତ କରାଯାଇଛି । ଏହି ଭାଗିଦାରୀର ଏକ ଅଂଶ ଭାବରେ ଷ୍ଟୋଭକ୍ରାଫ୍ଟ ୨୦୨୬ରୁ ଆଇକିଆର ଗ୍ଲୋବାଲ ନେଟୱାର୍କ ଅଫ୍ ଷ୍ଟୋର ମାଧ୍ୟମରେ ବିକ୍ରି ହେବାକୁ ଥିବା ରନ୍ଧନ ସାମଗ୍ରୀ ଗୁଡିକର ଏକ ସ୍ୱତନ୍ତ୍ର ଶୃଙ୍ଖଳା ବିକଶିତ କରିବ । ଏହି ଯୋଗାଣ ଭାଗିଦାରୀ ପାଇଁ ଷ୍ଟୋଭକ୍ରାଫ୍ଟ ଏହାର ହାରୋହଲ୍ଲୀ କ୍ୟାମ୍ପସରେ ୧,୮୦,୦୦୦ ବର୍ଗଫୁଟର ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରୁଛି । ଏହି ସୁବିଧା ଆଇକିଇର ବିଶ୍ୱସ୍ତରୀୟ ମାନଦଣ୍ଡପୂରଣ କରିବ, ସର୍ବୋତମ ଉତ୍ପାଦନ ଅଭ୍ୟାସ ଏବଂ ଉନ୍ନତ ଯୋଗାଣ ଶୃଙ୍ଖଳା ପ୍ରକ୍ରିୟାକୁ ସମନ୍ୱିତ କରିବ । ଷ୍ଟୋଭକ୍ରାଫ୍ଟର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି ଯେ, ଆଇକିଆ ସହ ଭାଗିଦାରୀ ଷ୍ଟୋଭକ୍ରାଫ୍ଟର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ ପ୍ରତିନିଧିତ୍ୱ କରୁଛି, ଯାହା ଏହାର ବିଶ୍ୱସ୍ତରୀୟ ପାଦ ବିସ୍ତାର କରିବା ଏବଂ ଅନ୍ତର୍ଜାତୀୟ ବଜାରରେ ଆମର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆମର ରଣନୈତିକ ଲକ୍ଷ୍ୟ ସହିତ ଯୋଡ଼ିହୋଇଛି । ଘରୋଇ ବଜାରରେ, ଏହା ପ୍ରସିଦ୍ଧ କବୁତ ବ୍ରାଣ୍ଡ ଅଧୀନରେ ଏହାର ଉତ୍ପାଦ ବିକ୍ରି କରେ ଯାହା ବର୍ତ୍ତମାନ ଭାରତୀୟ ରୋଷେଇ ଘରେ ଘରେ ପରିଚିତ ଏବଂ ଦେଶବ୍ୟାପୀ ୧,୨୫,୦୦୦ ରୁ ଅଧିକ ରିଟେଲ ଷ୍ଟୋର, ୨୦୦ ସ୍ୱତନ୍ତ୍ର ଆଉଟଲେଟ ଏବଂ ସମସ୍ତ ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ । ଏହାବ୍ୟତୀତ ଷ୍ଟୋଭକ୍ରାଫ୍ଟର ଅନେକ ଆଗାମୀ ଲଂଚ ଅଛି, ଯେଉଁଥିରେ ଫ୍ୟାନ୍, ବ୍ୟକ୍ତିଗତ ଗ୍ରୁମିଂ ପ୍ରଡକ୍ଟ, ୱେଲନେସ୍ ସଲ୍ୟୁସନ୍ ଏବଂ କାର୍ କେୟାର ଆଇଟମ୍ ଅନ୍ତର୍ଭୁକ୍ତ, ଯାହା ବିଭିନ୍ନ ଗ୍ରାହକ ସେଗମେଟ୍‌କୁ ପୂରଣ କରିଥାଏ ।

## ନୂଆବର୍ଷରୁ ଇଲେକ୍ଟ୍ରିକ ସ୍କୁଟରର ମୂଲ୍ୟ ବଢାଇବ ଆଥର୍




ନୂଆଦିଲ୍ଲୀ: ଆଥର୍ ନୂଆବର୍ଷରୁ ଇଲେକ୍ଟ୍ରିକ ସ୍କୁଟରର ମୂଲ୍ୟ ବଢାଇବ । କମ୍ପାନୀ ଏହାର ୪୫୦S, ୪୫୦X ଏବଂ ୪୫୦ ଆପେକ୍ସ ମଡେଲର ମୂଲ୍ୟ ବୃଦ୍ଧି କରିବ । ଏହାର ମୂଲ୍ୟ ୩୦୦୦-୬,୦୦୦ ଟଙ୍କା ବୃଦ୍ଧି ପାଇବ । ଯଦି ଆପଣ ଏବେ ଏକ ନୂତନ ଇଲେକ୍ଟ୍ରିକ୍ ସ୍କୁଟର କିଣିବାକୁ ଯୋଜନା କରୁଛନ୍ତି, ତେବେ ଆପଣ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆଥରର ନୂତନ ସ୍କୁଟର କିଣି ପାରିବେ ଏବଂ ଅତିରିକ୍ତ ମୂଲ୍ୟ ଦେବାକୁ ଏଡ଼ାଇ ପାରିବେ । ଆଥର୍ ୪୫୦ ମଡେଲରେ ଦୁଇଟି ବ୍ୟାଟେରୀ ପ୍ୟାକ୍ ଅଛି । ଯେଉଁଥିରେ ୨.୯ କିଲୋୱାଟ ଏବଂ ୩.୭କିଲୋୱାଟ ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ମୂଲ୍ୟ ୧.୪୧ ଲକ୍ଷ ଏବଂ ୧.୫୫ ଲକ୍ଷ ଟଙ୍କା ରହିଛି । ଆଥର୍ ୪୫୦ଏକ୍ସରେ ସିଟ୍ ଉଚ୍ଚତା ୭୮୦ ମିମି । ଏହି ସ୍କୁଟର ଫାଷ୍ଟ ଚାର୍ଜର ସହିତ ୪ ଘଣ୍ଟା ୩୦ ମିନିଟରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଯାଏ । ସ୍କୁଟରର ମୂଳ ମଡେଲ ୧.୪୨ ଲକ୍ଷ ଏକ୍ସ-ଶୋ'ରୁମରେ ଉପଲବ୍ଧ । ଆଥରର ଏହି ସ୍କୁଟରର ଓଜନ ୧୦୮ କିଲୋଗ୍ରାମ, ଯେଉଁ କାରଣରୁ ଘରର ମହିଳା ଏବଂ ବୃଦ୍ଧ ଲୋକମାନେ ମଧ୍ୟ ଏହାକୁ ସହଜରେ ଚଲାଇ ପାରିବେ । ଏହି ସ୍କୁଟରଟି ୬୪୦୦ ୱାଟ ପାୱାର ମୋଟର ସହିତ ଆସିଥାଏ । ଏହାପୂର୍ବରୁ ଆଥର୍ ଏହାର ସ୍କୁଟର ରିଜଟା ମୂଲ୍ୟ ବୃଦ୍ଧି କରିବାକୁ ଘୋଷଣା କରିଥିଲା । କମ୍ପାନୀ ଅନୁଯାୟୀ ଏହି ସ୍କୁଟରର ମୂଲ୍ୟ ୪୦୦୦ ରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯିବ । ନୂତନ ମୂଲ୍ୟ ଜାନୁଆରୀ ୧, ୨୦୨୫ରୁ କାର୍ଯ୍ୟକାରୀ ହେବ ।



ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲୀୟ ଗଣମାଧ୍ୟମ ଭାରତୀୟ ଟିମ ପଛରେ ଲାଗି ଯାଇଛନ୍ତି। ଅଷ୍ଟ୍ରେଲିଆ ଗଣମାଧ୍ୟମ ଜଣଙ୍କ ପରେ ଜଣେ ଭାରତୀୟ ଖେଳାଳିଙ୍କୁ ଟାର୍ଗେଟ କରି ମାନସିକ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ପ୍ରଥମେ ବିରାଟ କୋହଲି ପରେ ରବୀନ୍ଦ୍ର ଜାଡେଜାଙ୍କୁ ଅଷ୍ଟ୍ରେଲୀୟ ଗଣମାଧ୍ୟମ ବିବାଦ ମଧ୍ୟକୁ ଟାଣିଥିଲା। ଏବେ ଅଷ୍ଟ୍ରେଲିଆ ମିଡିଆର ଟାର୍ଗେଟକୁ ଆସିଛନ୍ତି ଭାରତୀୟ ଟିମର ଦ୍ରୁତ ବୋଲର ଆକାଶ ଦୀପ। ଶନିବାର ମେଲବର୍ଣ୍ଣ ପଡ଼ିଆରେ ଜାଡେଜା କୁଆଡ଼େ ଇଂରାଜୀରେ କୌଣସି ପ୍ରଶ୍ନର ଉତ୍ତର ଦେଇ ନଥିବା ଅଭିଯୋଗ କରି ଅଷ୍ଟ୍ରେଲିଆ ପ୍ରେସ ବିବାଦ ସୃଷ୍ଟି କରିଥିଲା। ଏବେ ଆକାଶ ଦୀପଙ୍କ କ୍ଷେତ୍ରରେ ମଧ୍ୟ ସମାନ ସ୍ୱର ବ୍ୟବହାର କରିଛି। ରବିବାର ଅଭ୍ୟାସ ପରେ ମେଲବର୍ଣ୍ଣ ପଡ଼ିଆରେ ଆକାଶ ଦୀପ ଗଣମାଧ୍ୟମଗୁଡ଼ିକର କିଛି ପ୍ରଶ୍ନର ଉତ୍ତର ଦେଇଥିଲେ। ଆକାଶ ଦୀପ ଇଂରାଜୀରେ ସେତେଟା ଭଲ ଭାବେ କହିବା ଶିଖି ନାହାନ୍ତି। ତେଣୁ ସେ କୌଣସି ପ୍ରଶ୍ନର ଉତ୍ତର ଇଂରାଜୀରେ ଦେଇ ନଥିଲେ। କିନ୍ତୁ ଅଷ୍ଟ୍ରେଲୀୟ ମିଡିଆ ଆଉଟଲେଟ ଚ୍ୟାନେଲ ୭ ଦାବି କରିଛି ଯେ ଆକାଶ ଦୀପ ଇଂରାଜୀରେ ନ କରିବା ପଛରେ ଭାରତୀୟ ଟିମ ରହିଛି। ଭାରତୀୟ କ୍ୟାମ୍ପ ହିଁ ତାଙ୍କୁ ଇଂରାଜୀରେ ଉତ୍ତର ନ ଦେବାକୁ କହିଥିବା ଉକ୍ତ ନ୍ୟୁଜ ସଂସ୍ଥା ଦାବି କରିଛି। ସଂସ୍ଥା ଆହୁରି କହିଛି ଯେ ଭାରତୀୟ ରିପୋର୍ଟରମାନେ ମଧ୍ୟ ଅଷ୍ଟ୍ରେଲିଆର ସାମ୍ବାଦିକମାନଙ୍କୁ ସେମାନଙ୍କ ପ୍ରଶ୍ନରେ କୌଣସି ପ୍ରକାରର ସହାୟତା କରି ନଥିଲେ। ଆମେ ପଚାରିଥିବା ପ୍ରଶ୍ନ ବଦଳରେ ଆକାଶ ଦୀପଙ୍କୁ ଆଉ କିଛି ପଚରାଯାଇଥିଲା ବୋଲି ନ୍ୟୁଜ ସଂସ୍ଥା କହିଛି। ଏହାକୁ ନେଇ ନୂଆ ବିବାଦ ଦେଖିବାକୁ ମିଳିଛି। ଏହା ପଛରେ ଭାରତୀୟ ଟିମର ହାତ ରହିଥିବା ମଧ୍ୟ ଚ୍ୟାନେଲ ୭ର କମେଣ୍ଟେଟର ସାଇମନ କାଟିଚ ଅଭିଯୋଗ କରିଛନ୍ତି।

## ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍

# ବାଂଲାଦେଶକୁ ହରାଇ ଭାରତ ଚାମ୍ପିଅନ୍




ମୁମ୍ବାଇ: ପ୍ରଥମଥର ପାଇଁ ଅଣ୍ଡର ୧୯ ମହିଳା ଟି-୨୦ ଏସିଆ କପ ଖେଳା ଯାଉଥିବା ବେଳେ ଭାରତ ନୂଆ ବିଜେତା ହୋଇଛି। ଫାଇନାଲରେ ଭାରତୀୟ ମହିଳା କ୍ରିକେଟ ଟିମ ବାଂଲାଦେଶକୁ ୪୧ରେ ପରାସ୍ତ କରିଦେଇଛି। କିଛି ଦିନ ତଳେ ପୁରୁଷ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ବାଂଲାଦେଶ ଚମତ୍କାର ଢଙ୍ଗରେ ଭାରତକୁ ହରାଇ ଦେଇଥିଲେ। ହେଲେ ଅଣ୍ଡର ୧୯ ଭାରତୀୟ ମହିଳା ଦଳ ଚାମ୍ପିୟନ ହୋଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ ଭାରତ ପକ୍ଷରୁ ଓପନର ଗୋଙ୍ଗାଡି ତ୍ରିଶା ୪୭ ବଲରେ ୫୨ ରନର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ମିଳିଛି। କ୍ୱାଲଲମପୁରରେ ଖେଳାଯାଉଥିବା ଅଣ୍ଡର ୧୯ ଏସିଆ କପ ଫାଇନାଲରେ ଟସ୍ ହାରି ପ୍ରଥମ ବ୍ୟାଟିଂ କରୁଥିବା ଭାରତ ପାଇଁ ତ୍ରିଶା ୫୨ ରନର ଇନିଂସ ଖେଳିଥିବା ବେଳେ ଅନ୍ୟ କେହି ବି ବଡ଼ ସ୍କୋର କରିପାରି ନଥିଲେ। ଅଧିନାୟକ ନିକି ପ୍ରସାଦ ୧୨, ମିତାଲୀ ବିନୋଦ ୧୭ ଓ ଶେଷ ଭାଗରେ ଆୟୁଶି ଶୁକ୍ଲା ୧୦ ରନ କରିବାରୁ ଭାରତୀୟ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୭ ରନ କରିଥିଲା। ବାଂଲାଦେଶ ପକ୍ଷରୁ ଫରଜାନା ଇସମିନ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ନିଶିତା ଅକତର ନିଶି ଦୁଇଟି ଓ ହବିବା ଇସଲାମ ଗୋଟିଏ ସଫଳତା ପାଇଥିଲେ। ୧୧୮ ରନର ଟାର୍ଗେଟ ପାଇଥିବା ବାଂଲାଦେଶ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଫାହୋମିଦା ଛୋୟା ୧୮ ଜୁରିୟା ଫିରୋଦଶ ୨୨ ରନକୁ ଛାଡ଼ି ଦେଲେ ବାଂଲାଦେଶର ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇ ନଥିଲେ। ଶେଷରେ ବାଂଲାଦେଶ ୧୮.୩ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ୪୧ ରନରେ ମ୍ୟାଚକୁ ଜିତି ଅଣ୍ଡର ୧୯ ମହିଳା ଟି-୨୦ର ନୂଆ ବିଜେତା ହୋଇଛି। ଭାରତ ପକ୍ଷରୁ ଆୟୁଶି ଶୁକ୍ଲା ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ପରୁନିକା ସିସୋଦିଆ ଓ ସୋନମ ଯାଦବ ୨ଟି ଲେଖାଏ ସଫଳତା ପାଇଛନ୍ତି। ବାଂଲାଦେଶର ନିଶିତା(୧) ରନ ଆଉଟ ହୋଇଥିବା ବେଳେ ଭିଜେ ଜୋଶିତା ଗୋଟିଏ ୱିକେଟ ନେଇଛନ୍ତି।

## ବର୍ଡର-ଗାଭାସ୍କର ଟ୍ରଫି

# ଭାରତକୁ ଝଟ୍‌କା, ରୋହିତ ଆହତ



ସିଡନୀ: ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଆହତ ହୋଇଛନ୍ତି। ରବିବାର ଅଭ୍ୟାସ ସମୟରେ ରୋହିତଙ୍କ ଆଣ୍ଠୁରେ ଆଘାତ ଲାଗିଛି। ରୋହିତ ଥ୍ରୋ ଡାଉନ ସ୍ପେଶାଲିଷ୍ଟଙ୍କ ସହିତ ଅଭ୍ୟାସ କରୁଥିଲେ, ଯେତେବେଳେ ବଲ ତାଙ୍କ ପ୍ୟାଡ ଛୁଇଁ ଆଣ୍ଠୁକୁ ଆଘାତ କରିଥିଲା। ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ମ୍ୟାଚ ଡିସେମ୍ବର ୨୬ରୁ ମେଲବୋର୍ନରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବର୍ତ୍ତମାନ ୧-୧ରେ ବରାବର ହୋଇଛି। ଆଗାମୀ ଟେଷ୍ଟ ମ୍ୟାଚ ଜିତିବା ଏବଂ ସିରିଜରେ ଅଗ୍ରଣୀ ହାସଲ କରିବାକୁ ଭାରତୀୟ ଦଳ ଆଖି ଆଗରେ ରହିବ। ରୋହିତଙ୍କ ପୂର୍ବରୁ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ମଧ୍ୟ ଅଭ୍ୟାସ ସମୟରେ ଆହତ ହୋଇଥିଲେ। ସୋସିଆଲ ମିଡିଆରେ ରୋହିତଙ୍କ ଫଟୋ ଭାଇରାଲ ହେଉଛି ଯେଉଁଥିରେ ସେ ଆଣ୍ଠୁରେ ବରଫ ପ୍ୟାକ ଲଗାଉଥିବାର ନଜର ଆସିଛନ୍ତି। ରୋହିତ ଏହି ସିରିଜରେ ଫର୍ମ ଫେରି ପାଇବା ପାଇଁ ସଂଘର୍ଷ କରୁଛନ୍ତି। ରୋହିତଙ୍କ ଆଘାତ କେତେ ଗମ୍ଭୀର ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ, କିନ୍ତୁ ଅଭ୍ୟାସ ସମୟରେ ତାଙ୍କୁ ଯନ୍ତ୍ରଣା ଅନୁଭବ କରୁଥିବା ଦେଖାଯାଇଥିଲା। ଏଥି ସହ ରାହୁଲଙ୍କ ଆଘାତ ସମ୍ପର୍କରେ କୌଣସି ସ୍ପଷ୍ଟତା ନାହିଁ ଏବଂ ସେ କାହିଁକି ଡାକ୍ତରୀ ସାହାଯ୍ୟ ଲୋଡିଛନ୍ତି ସେନେଇ ଟିମ ମ୍ୟାନେଜମେଣ୍ଟ ମଧ୍ୟ କୌଣସି ବିବୃତ୍ତି ଦେଇନାହାଁନ୍ତି।

# ଅଶ୍ୱିନ୍‌ଙ୍କୁ ମୋଦୀଙ୍କ ଚିଠି




ନୂଆଦିଲ୍ଲୀ : ବ୍ରିସବେନରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚ ପରେ ଭାରତୀୟ ଦଳର ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅବସର ନେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଅଶ୍ୱିନଙ୍କ ଅବସର କଥା କେହି ଆଶା କରିନଥିଲେ। ଟେଷ୍ଟରେ ଭାରତ ପାଇଁ ସର୍ବାଧିକ ୱିକେଟ ନେଇଥିବା ବୋଲରଙ୍କ ତାଲିକାରେ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସମସ୍ତେ ଅଶ୍ୱିନଙ୍କୁ ତାଙ୍କ ଭବିଷ୍ୟତ ଜୀବନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଭାରତୀୟ କ୍ରିକେଟରେ ଅଶ୍ୱିନଙ୍କ ଅବଦାନକୁ ମନେ ରଖିଛନ୍ତି। ଅଶ୍ୱିନଙ୍କ ପାଇଁ ମୋଦି ଏକ ଚିଠି ଲେଖିଛନ୍ତି ଯେଉଁଥିରେ ସେ ଅଫ ସ୍ପିନରଙ୍କ ପ୍ରତିବଦ୍ଧତାକୁ ଅଭିବାଦନ ଜଣାଇଛନ୍ତି। ମୋଦି ଅଶ୍ୱିନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ଏବଂ ତାଙ୍କୁ ଭାରତର ଜଣେ ମହାନ ଖେଳାଳି ବୋଲି ବର୍ଣ୍ଣନା କରିଛନ୍ତି। ଟି-୨୦ ବିଶ୍ୱକପ-୨୦୨୨ରେ ପାକିସ୍ତାନ ବିପକ୍ଷରେ ଲେଗ ସାଇଡରେ ୱାଇଡ ବଲ ସହିତ ଅଶ୍ୱିନଙ୍କ ଚମତ୍କାରିତାକୁ ମୋଦି ବିଶେଷ ପ୍ରଶଂସା କରିଥିଲେ। ମୋଦି ଲେଖିଛନ୍ତି ଯେ ଅଶ୍ୱିନଙ୍କ ଅବସରକୁ କେହି ଆଶା କରିନନ ଥିଲେ, କିନ୍ତୁ ତାଙ୍କର ଏହି ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୋଦି ଲେଖିଛନ୍ତି, ଯେଉଁ ସମୟରେ ସମସ୍ତେ ସର୍ବାଧିକ ଅଫ ସ୍ପିନ ଆଶା କରୁଥିଲେ, ଆପଣ କେରମ ବଲ ବୋଲିଂ କରି ବୋଲ୍ଡ କରିଦେଲେ। ତଥାପି ସମସ୍ତେ ଜାଣନ୍ତି ଯେ ଏହା ମଧ୍ୟ ଆପଣଙ୍କ ପାଇଁ ଏକ କଷ୍ଟସାଧ ନିଷ୍ପତ୍ତି ହୋଇଥଲା। ବିଶେଷ କରି ଜଣେ ଖେଳାଳି ଭାବରେ ଆପଣ କେରମ ବଲ ବୋଲିଂ କରିଥିଲେ। ମୋଦି ଲେଖିଛନ୍ତି, କଠିନ ପରିଶ୍ରମ, ଦକ୍ଷତା ଏବଂ ଦଳକୁ ଅନ୍ୟ ସବୁ ଜିନିଷରେ ସ୍ଥାନିତ କରି କ୍ୟାରିୟରର ଶେଷରେ ମୋର ଅଭିନନ୍ଦନ ଗ୍ରହଣ କର। ତୁମେ ଅବସର ନେବାବେଳେ ତୁମର ଜର୍ସି ନମ୍ବର ୯୯କୁ ବହୁତ ମିସ୍ କରାଯିବ।

## ଜାଡେଜାଙ୍କୁ ଅଷ୍ଟ୍ରେଲିଆ ମିଡିଆର ଟାର୍ଗେଟ

# ବାତିଲା ହେଲା ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ ମ୍ୟାଚ୍




ନୂଆଦିଲ୍ଲୀ : ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଭାରତୀୟ କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ହିନ୍ଦୀ ପ୍ରେସ କନଫରେନ୍ସ ବିବାଦ ପରେ ଏକ ନୂଆ ମୋଡ ନେଇଛି। ଜାଡେଜାଙ୍କୁ ଅଷ୍ଟ୍ରେଲିଆ ମିଡିଆ ଟାର୍ଗେଟ କରିବା ପରେ ଦୁଇ ଦେଶର ସାମ୍ବାଦିକଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଭାରତ-ଅଷ୍ଟ୍ରେଲିଆ ବର୍ଡର ଗାଭାସ୍କର ଟେଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ମେଲବର୍ଣ୍ଣରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଭାରତ ଶନିବାର ଠାରୁ ମେଲବର୍ଣ୍ଣରେ ଅଭ୍ୟାସ ଆରମ୍ଭ କରିଛି। ଅଭ୍ୟାସ ପରେ ଶନିବାର ମେଲବର୍ଣ୍ଣ ପଡ଼ିଆରେ ଜାଡେଜା କିଛି ରିପୋର୍ଟରଙ୍କୁ ବାଇଟ ଦେଇଥିଲେ। ତେବେ ଅଷ୍ଟ୍ରେଲିଆ ମିଡିଆ ଅଭିଯୋଗ କରିଛି ଯେ ଜାଡେଜା ଇଂରାଜୀରେ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଦେଇଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ଭାରତୀୟ ଗଣମାଧ୍ୟମର ପ୍ରତିନିଧି ଓ ଟିମ ଇଣ୍ଡିଆର ମ୍ୟାନେଜର ଏହାକୁ ଖଣ୍ଡନ କରି ଚାଲିଛନ୍ତି। ଏହାକୁ ନେଇ ମେଲବର୍ଣ୍ଣରେ ବିବାଦ ସୃଷ୍ଟି ହୋଇଥିଲା। ଏଥିପାଇଁ ଦୁଇ ଦେଶର ରିପୋର୍ଟରଙ୍କ ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ତେଣୁ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଆୟୋଜନ କରାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ରିପୋର୍ଟ ଅନୁସାରେ, ଭାରତର ବ୍ୟାକରୁମ ଟିମ ସହ ଭାରତରୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନେ ପ୍ରେସ ମ୍ୟାଚକୁ ବୟକଟ କରିବାକୁ ନିଷ୍ପତ୍ତି ନେଇଥିଲେ। ରବିବାର ମଧ୍ୟାହ୍ନ ସମୟରେ ଦୁଇ ଦେଶ ମଧ୍ୟରେ ପ୍ରେସ ମ୍ୟାଚ୍ ଖେଳାଯିବାର ଥିଲା। ଜାଡେଜାଙ୍କ ସହ ଅଷ୍ଟ୍ରେଲିଆ ମିଡିଆ କରିଥିବା ବ୍ୟବହାର ପାଇଁ ମେଲବର୍ଣ୍ଣର ଜଙ୍କସନ ଓଭାଲରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଭାରତୀୟ ଗଣମାଧ୍ୟମର ପ୍ରତିନିଧି ବୟକଟ କରିଥିଲେ। ପ୍ରଥମେ ଭାରତୀୟ ଟିମର ମିଡିଆ ମ୍ୟାନେଜର ନିଜ ନାଁକୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ପ୍ରତ୍ୟାହାର କରି ନେଇଥିଲେ। ଏହାପରେ ଆଉ କିଛି ସଦସ୍ୟ ମଧ୍ୟ ସମାନ ପଦକ୍ଷେପ ନେଇଥିଲେ। ଫଳରେ ବାଧ ହୋଇ କ୍ରିକେଟ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ବାତିଲ କରିଛି।

# ବିଜୟ ହଜାରେ ଟ୍ରଫିରେ ରେକର୍ଡ କଲେ ବୈଭବ



ନୂଆଦିଲ୍ଲୀ: ଭାରତର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ବିଜୟ ହଜାରେ ଟ୍ରଫିରେ ଏକ ରେକର୍ଡ କରିଛନ୍ତି। ବିହାର ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଅବସରରେ ସେ ଏହି ରେକର୍ଡ କରିଛନ୍ତି । ଭାରତର ସର୍ବକନିଷ୍ଠ ଖେଳାଳି ଭାବେ ବୈଭବ ଲିଷ୍ଟ-ଏ କ୍ରିକେଟ ଖେଳିଛନ୍ତି । ଅଲୀ ଆକବରଙ୍କ ରେକର୍ଡକୁ ବୈଭବ ଭାଙ୍ଗିଛନ୍ତି । ୧୯୯୯ରେ ୧୪ ବର୍ଷ ୫୧ ଦିନରେ ଅଲୀ ଲିଷ୍ଟ-ଏ କ୍ରିକେଟରେ ପଦାର୍ପଣ କରିଥିଲେ । ଏବେ ବୈଭବ ୧୩ ବର୍ଷ ୨୬୯ ଦିନରେ ଏହି ରେକର୍ଡ ଅତିକ୍ରମ କରିଛନ୍ତି । ଏହା ପୂର୍ବରୁ ବୈଭବ ୧୯ ବର୍ଷରୁ କମ କ୍ରିକେଟ ଓ ରଣଜୀ ଟ୍ରଫିରେ ମଧ୍ୟ କମ ବୟସରେ ପଦାର୍ପଣ କରିଥିଲେ । ତେବେ ଲିଷ୍ଟ ଏ ଆରମ୍ଭ ତାଙ୍କ ପକ୍ଷେ ଏତେଟା ଉତ୍ସାହଜନକ ରହି ନାହିଁ । ବୈଭବ ମାତ୍ର ୨ଟି ବଲ ଖେଳି ଆଉଟ ହୋଇ ଯାଇଥିଲେ । ବିହାର ପ୍ରଥମେ ବ୍ୟାଟିଂ କରି ୪୬.୪ ଓଭରରେ ୧୯୬ ରନ କରି ଅଲଆଉଟ ହୋଇ ଯାଇଥିଲା । ଜବାବରେ ମଧ୍ୟପ୍ରଦେଶ ୨୫.୧ ଓଭରରେ ୬ ୱିକେଟରେ ଲକ୍ଷ୍ୟ ହାସଲ କରି ନେଇଥିଲା । ହର୍ଷ ଗୱାଲୀ ୮୩ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଆଇପିଏଲ ମେଗା ନିଲାମରେ ବୈଭବଙ୍କୁ ରାଜସ୍ଥାନ ରୟାଲ୍ସ ୧.୧୦ କୋଟି ଟଙ୍କାରେ ନେବା ପରେ ସେ ଚର୍ଚ୍ଚାକୁ ଆସିଥିଲେ ।

# ଭାରତ ଗସ୍ତ ପାଇଁ ଇଂଲଣ୍ଡ ଦଳ ଘୋଷଣା




ଲଣ୍ଡନ: ଜାନୁଆରୀ ୨୨ରୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟି-୨୦ ଏବଂ ଦିନିକିଆ ସିରିଜ ଖେଳାଯିବ। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ ଏଥିପାଇଁ ଦଳ ଘୋଷଣା କରିଛନ୍ତି। ଦଳ ଅଧିନାୟକତ୍ୱ ଜୋସ ବଟଲରଙ୍କୁ ଦିଆଯାଇଛି। ବଟଲର ଜଣେ ଅଭିଜ୍ଞ ଖେଳାଳି ଏବଂ ଅନେକ ଥର ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜୋଫ୍ରା ଆର୍ଚର ଉଭୟ ଦିନିକିଆ ଏବଂ ଟି-୨୦ ଦଳର ଅଂଶ। ଗୁସ ଆଟକିନ୍ସନ ମଧ୍ୟ ଉଭୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଦଳ ହ୍ୟାରି ବ୍ରୁକ ଏବଂ ବେନ ଡକେଟ ଉପରେ ମଧ୍ୟ ଆତ୍ମବିଶ୍ୱାସ ପ୍ରକାଶ କରିଛି।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ।ଏହା ୬ ଫେବୃଆରୀରୁ ଆରମ୍ଭ ହେବ। ଦିନିକିଆ ସିରିଜ ପାଇଁ ଇଂଲଣ୍ଡରେ ଅଭିଜ୍ଞ ବୋଲର ଜୋଫ୍ରା ଆର୍ଚର ଏବଂ ମାର୍କ ଉଡ, ଜାମି ସ୍ମିଥ ଏବଂ ଆଦିଲ ରସିଦଙ୍କୁ ସାମିଲ କରାଯାଇଛି। ରସିଦ ଅନେକ ଥର ଇଂଲଣ୍ଡ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଫିଲ ସଲ୍ଟ ମଧ୍ୟ ଦଳର ଏକ ଅଂଶ। ଜାମି ଓଭରଟନ ଏବଂ ସାକିବ ମେହମୁଦ ମଧ୍ୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଇଂଲଣ୍ଡର ଟି-୨୦ ଦଳ ମଧ୍ୟ ବହୁତ ଶକ୍ତିଶାଳୀ। ଏହି ସିରିଜରେ ବଟଲର ମଧ୍ୟ ଅଧିନାୟକ ହେବେ। ତୀରନ୍ଦାଜ ଉଭୟ ଟି-୨୦ ଏବଂ ଦିନିକିଆ ସିରିଜରେ ଖେଳିବେ। ଜ୍ୟାକବ୍ ବୈଥେଲ ଟି-୨୦ ସିରିଜ ପାଇଁ ଏକ ସୁଯୋଗ ପାଇଛନ୍ତି। ସେ ଜଣେ ଚମତ୍କାର ଖେଳାଳି ଏବଂ ଦୃଢ ପ୍ରଦର୍ଶନ ଦ୍ୱାରା ସେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ବ୍ରୁକ ଏବଂ ବେନ ଡକେଟ ଟି-୨୦ ସିରିଜର ଅଂଶ। ସେ ଦିନିକିଆରେ ମଧ୍ୟ ଖେଳିବେ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ଟି ଦିନିକିଆ ଏବଂ ୫ ଟି-୨୦ ମ୍ୟାଚ ଖେଳାଯିବ। ଟି-୨୦ ସିରିଜର ପ୍ରଥମ ମ୍ୟାଚ ୨୨ ଜାନୁଆରୀରେ କୋଲକାତାରେ ଖେଳାଯିବ। ଏହି ସିରିଜର ଶେଷ ମ୍ୟାଚ ଫେବୃଆରୀ ୨ରେ ମୁମ୍ବାଇରେ ଖେଳାଯିବ। ଏହା ପରେ ଫେବୃଆରୀ ୬ରୁ ଫେବୃଆରୀ ୧୨ ପର୍ଯ୍ୟନ୍ତ ଏକ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆ ନାଗପୁରରେ, ଦ୍ୱିତୀୟ ଦିନିକିଆ କଟକ ଏବଂ ତୃତୀୟ ଦିନିକିଆ ଅହମ୍ମଦାବାଦରେ ଅନୁଷ୍ଠିତ ହେବ। ଇଂଲଣ୍ଡ ଦିନିକିଆ ଦଳ – ଜୋସ ବଟଲହ (ଅଧିନାୟକ), ଜୋଫ୍ରା ଆର୍ଚର, ଗୁସ ଆଟକିନ୍ସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଇଡନ କାର୍ସେ, ବେନ ଡକେଟ, ଜାମି ଓଭରଟନ, ଜାମି ସ୍ମିଥ, ଲିଆମ ଲିଭିଙ୍ଗଷ୍ଟୋନ, ଆଦିଲ ରସିଦ, ଜୋ ରୁଟ, ସାକିବ ମହମୁଦ , ଫିଲ ସଲ୍ଟ, ମାର୍କ ଉଡ୍। ଇଂଲଣ୍ଡ ଟି-୨୦ ଦଳ : ଜୋସ ବଟଲର (ଅଧିନାୟକ), ରେହାନ ଅହମ୍ମଦ, ଜୋଫ୍ରା ଆର୍ଚର, ଗୁସ ଆଟକିନ୍ସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରେଡେନ କାର୍ସେ, ବେନ ଡକେଟ, ଜାମି ଓଭରଟନ, ଜାମି ସ୍ମିଥ, ଲିଆମ ଲିଭିଙ୍ଗଷ୍ଟୋନ, ଆଦିଲ ରସିଦ, ସାକିବ ମହମୁଦ, ଫିଲ ସଲ୍ଟ, ମାର୍କ ଉଡ୍।

## ଓପି ଜିନ୍ଦଲ ମେମୋରିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସାନବଡ଼ବିଲ ଫୁଟବଲ୍ କ୍ଲବ୍ ଚାମ୍ପିଅନ୍, ଅସେଇକଳା ରନର୍ସଅପ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ସିଆଳିଯୋଡ଼ାଠାରେ ଅବସ୍ଥିତ ଜିନ୍ଦଲ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ନବମ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସାନବଡ଼ବିଲ ଫୁଟବଲ୍ କ୍ଲବ ବିଜୟୀ ହୋଇଛି। ଫାଇନାଲ ମ୍ୟାଚ ସାନବଡ଼ବିଲ ଫୁଟବଲ କ୍ଲବ ଓ ଅସେଇକଳା ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ସାନବଡବିଲର ଖେଳାଳି ମାର୍ଶାଲ ପୂର୍ତ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ମିଳିଥିବା ବେଳେ ସର୍ବାଧିକ ଗୋଲ ପାଇଁ ସାନବଡ଼ବିଲର ଅମିତ ବେହେରାଙ୍କୁ ପୁରସ୍କାର ମିଳିଛି। ସିଆଳିଯୋଡ଼ା ଫୁଟବଲ କ୍ଲବ ଓ ବିଲେଇପଦା ଫୁଟବଲ କ୍ଲବ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚର ଉଦଘାଟନୀ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପ ଜିଲ୍ଲାପାଳ ଶ୍ରୀ ଉମାକାନ୍ତ ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେଓଝର ପଞ୍ଚାୟତର ସରପଞ୍ଚ ଶ୍ରୀ ଧ୍ରୁବ ଚରଣ ନାଏକ, ବୀରକଳା ପଞ୍ଚାୟତର ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, କାଣ୍ଡ୍ରା ପଞ୍ଚାୟତର ସମିତି ସଭ୍ୟ ସୋମନାଥ ମହାନ୍ତ, ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଦିମ ସଂସ୍କୃତିର ସାଧାରଣ ସମ୍ପାଦକ ଡକ୍ଟର ରୁଦ୍ରମଣି ପାତ୍ର ଓ କାଣ୍ଡ୍ରା ପଞ୍ଚାୟତର ନାଏବ ସରପଞ୍ଚ ମଙ୍ଗୁ ଚାତାର ଯୋଗ ଦେଇଥିଲେ। ସେହିପରି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ ଜିନ୍ଦଲ ପେଲେଟ ପ୍ଲାଣ୍ଟର ୟୁନିଟ ହେଡ୍ ପୁରୁଷୋତ୍ତମ ଏମ ଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସଆର ହେଡ୍ ଉର୍ଜିଲ ଲାକ୍ରା ଓ ଚିଫ୍ ମେଡିକାଲ ଅଫିସର ଡକ୍ଟର ରାମାନନ୍ଦ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ।

ଗତ ୧୯ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା । ଏଥିରେ ଦେଓଝର, ବୀରକଳା, କାଣ୍ଡ୍ରା, ଅସେଇକଳା ଓ ଚମକପୁର ଅଞ୍ଚଳର ୪୦ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଦେଖିବା ପାଇଁ ବହୁ ଫୁଟବଲ୍ ପ୍ରେମୀ ଉପସ୍ଥିତ ଥିଲେ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଆଥଲେଟିକ ମିଟ୍ ହରିଶଙ୍କର ଚାମ୍ପିଅନ

ତିହିଡି (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ(ବିଏନଏମଏ) ମହାବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଆଥଲେଟିକ ମିଟ-୨୦୨୪ରେ ବଡ଼ ସଫଳତା ହାସଲ କରିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏହି ଆଥଲେଟିକ ମିଟରେ ମୋଟ ୨୮ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିଏନଏମଏ ମହାବିଦ୍ୟାଳୟ ଯୁକ୍ତ ତିନି ୨ୟ ବର୍ଷ ଛାତ୍ର ହରିଶଙ୍କର ପାଣିଗ୍ରାହୀ ଚାମ୍ପିୟନ ହୋଇ ସଫଳତା ଅର୍ଜନ କରିବା ସହ ମହାବିଦ୍ୟାଳର ଗୌରବ ବଢ଼ାଇ ପାରିଛନ୍ତି। ଏଥିସହ ମହାବିଦ୍ୟାଳୟ ଆଥଲେଟିକ



ମିଟରେ ୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ହାସଲକରି ସୁନାମ ଆଣିପାରିଛି। ଏହି ଆଥଲେଟିକ ମିଟକୁ ବିଶ୍ୱବିଦ୍ୟାଳୟର ଉପ କୁଳପତି ଡ଼. ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ବିଏନଏମଏ କଲେଜର ଅଧକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱ ଓ ଆଥଲେଟିକ ମ୍ୟାନେଜର ଅଧ୍ୟାପକ ପ୍ରଦୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କଲେଜର ମୋଟ ୧୬ଜଣ ଛାତ୍ର ଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ୨ଶହ, ୪ଶହ, ୮ଶହ ମିଟର ଦୌଡ଼, ଡିସକଶ ଏବଂ ହାମର ଥ୍ରୋ, ହାଇ ଜମ୍ପ, ଲଙ୍ଗଜମ୍ପ, ଶହେ ଓ ୪ଶହ ମିଟର ରିଲେ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ହରିଶଙ୍କର ପାଣିଗ୍ରାହୀ, ସୁଭଦ୍ରା ମୁଦୁଲି,ଇତିରେଖା ବାରିକ, ତୁଳସୀ କୁଅଁର, ମଧୁସ୍ମିତା ନାୟକ, ଅଙ୍କିତା ସାମଲ, ବିଶ୍ୱଜିତ ସାହୁ,ସଂଗ୍ରାମ ଦାସ, ଶୁଭାଶିଷ ସାହୁ, ଶୁଭମ କୁମାର ନାୟକ, ଶୁଭଙ୍କର ଦାସ, ସର୍ବେଶ୍ୱର ଦାସ, ଅନୀଲ କୁମାର ବେହେରା, ସଞ୍ଜୟ ଦାସ,ପ୍ରୀତମ କୁମାର ସାହୁ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।।



ଗଳା କର୍କଟ ଅତ୍ୟନ୍ତ ବିପଜ୍ଜନକ । ଏହି କର୍କଟ ଗଳାରେ ଓ ଆପଣଙ୍କ ସ୍ୱରରେ ମୃଦୁ ସଙ୍କେତ ଦେଇଥାଏ । ଯେକୌଣସି ବ୍ୟକ୍ତିଙ୍କର ନାକ ଅବରୋଧ, ଗଳା କିମ୍ବା କାନରେ ଯନ୍ତ୍ରଣା, ବେକରେ ଫୁଲିଯିବା, ଖାଦ୍ୟ ଗିଳିବାରେ ଅସୁବିଧା, ସ୍ୱରରେ ଗର୍ଜନ, ଓଜନ ହ୍ରାସ, ତେବେ ଏହି ଲକ୍ଷଣଗୁଡ଼ିକୁ କଦାପି ଅଣଦେଖା କରନ୍ତୁ ନାହିଁ । ଏକ ସପ୍ତାହ ମଧ୍ୟରେ ଭଲ ନ ହେଲେ, ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଯଦି ଗଳାରେ ଘଟୁଥିବା ସମସ୍ୟା ଚିହ୍ନଟ ହୁଏ ତେବେ ଗଳା କର୍କଟ ରୋଗର ଚିକିତ୍ସା ସମ୍ଭବ । ଗଳା କ୍ୟାନସରର ଏହି ଲକ୍ଷଣକୁ କଦାପି ହାଲୁକା ଭାବେ ଗ୍ରହଣ କରାଯିବା ଉଚିତ୍ ନୁହେଁ । ଗଳା କର୍କଟ ରୋଗର ଲକ୍ଷଣ ଅନ୍ୟ ରୋଗ ହେତୁ ମଧ୍ୟ ଦେଖା ଦେଇପାରେ, କିନ୍ତୁ ଯଦି ଏହି ଲକ୍ଷଣଗୁଡିକ କ୍ରମାଗତ ଭାବରେ ୨-୩ ସପ୍ତାହ ପର୍ଯ୍ୟନ୍ତ ଦେଖାଯାଏ ଏବଂ ସମୟ ସହିତ ଅବସ୍ଥା ଖରାପ ହୁଏ, ତେବେ ସେମାନଙ୍କୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ଗଳା କର୍କଟ ସହିତ ଜଡିତ ବିଭିନ୍ନ ପ୍ରକାରର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ଡାକ୍ତର ମଳିକ ସୂଚନା ଦେଇଛନ୍ତି। କ୍ରମାଗତ ସ୍ୱରରେ ପରିବର୍ତ୍ତନ: ଯଦି କ୍ରମାଗତ ସ୍ୱରରେ ପରିବର୍ତ୍ତନ ଦେଖାଯାଏ, ତେବେ ଏହା ଗଳା କର୍କଟର ଲକ୍ଷଣ ହୋଇଥାଏ କରେ । ଶୁଖିଲା ଗଳା: ଯଦି ଆପଣଙ୍କର ଗଳା ଶୁଖିଯାଉଛି ଓ ସାଧାରଣ ଚିକିତ୍ସା ଦ୍ୱାରା ମଧ୍ୟ ଭଲ ହେଉନାହିଁ, ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ । ଗିଳିବାରେ ସମସ୍ୟା: ଯଦି ଖାଦ୍ୟ ଗିଳିବାରେ ଅସୁବିଧା ହୁଏ ତେବେ ଏହା ଟ୍ୟୁମରର ଲକ୍ଷଣ ହୋଇପାରେ ।



## କୃଷକ ଦିବସ



ପ୍ରତିବର୍ଷ ଡିସେମ୍ବର ୨୩ ତାରିଖରୁ ଜାତୀୟ 'କୃଷକ ଦିବସ' ରୂପେ ପାଳନ କରାଯାଇଥାଏ । କୃଷକ ହେଉଛନ୍ତି ଆମ ଦେଶ ପ୍ରଗତିର ମାଧ୍ୟମ । କୃଷକ ନଥିଲେ ଦେଶରେ ଉନ୍ନତି ହୋଇପାରିବ ନାହିଁ । କୃଷକମାନେ ହେଉଛନ୍ତି ଆମ ଦେଶରେ ଖାଦ୍ୟଦାତା । ସେ ଜୀବର ଜୀବନଦାତା । କୃଷକର ବିକାଶ ଦିଗରେ ଦୃଷ୍ଟି ଦେବା ଏହି ଦିବସର ଶ୍ରେଷ୍ଠ କର୍ତ୍ତବ୍ୟ । କୃଷକ ଏବଂ କୃଷିର ଉନ୍ନତି କରିବା ଦିଗରେ ଜନ-ସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ କୃଷକ ଦିବସକୁ ପାଳନ କରାଯାଏ କୃଷକ ଦିବସରେ ଏହି ଖାଦ୍ୟ ଜୀବନଦାତାଙ୍କ ପ୍ରତି ଆମ ସମସ୍ତଙ୍କର ଅନୁରାଗ ରହୁ ଏହା ହିଁ କାମନା।

## ମୋ ନାଁରେ ମିଛ ପ୍ରଚାର ହେଉଛି
## ଅଲ୍ଲୁ ଅର୍ଜୁନ

ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ । ପୁଷ୍ପା-୨ ଦଳାଚକଟା ବିବାଦରେ ଛନ୍ଦି ହୋଇଛନ୍ତି ଅଲ୍ଲୁ। ସେ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ଅଲ୍ଲୁ ଅର୍ଜୁନ ପ୍ରତିକ୍ରିୟାରେ କହିଛନ୍ତି, ମୋ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଉଛି। ଅନେକ ମିଛ କଥା ପ୍ରଚାର ହେଉଛି। ଯାହା ଘଟିଗଲା ସେଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦଳାଚକଟା ସମ୍ପୂର୍ଣ୍ଣ ରୂପେ ଏକ ଦୁର୍ଘଟଣା। ପୀଡ଼ିତାଙ୍କ ପରିବାର ସହ ସମବେଦନା ରହିଛି ବୋଲି ସୁପରଷ୍ଟାର ଅଲୁ ଅର୍ଜୁନ ପ୍ରକାଶ କରିଛନ୍ତି। କହିବାକୁ ଗଲେ ଡିସେମ୍ବର ୪ରେ, ପୁଷ୍ପା-୨ ସ୍କ୍ରିନିଂ ବେଳେ ହାଇଦ୍ରାବାଦର ସା ଥିଏଟର ନିକଟରେ ଦଳାଚକଟା ହୋଇଥିଲା। ଏଥିରେ ରେବଥି ନାମକ ଜଣେ ୩୯ ବର୍ଷ ବୟସ୍କା ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏପରିକି ତାଙ୍କର ୮ ବର୍ଷର ପୁଅ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ମହିଳାଙ୍କ ପରିବାର ଲୋକେ ଡିସେମ୍ବର ୫ରେ ଅଲ୍ଲୁ ଅର୍ଜୁନଙ୍କ ସହ ସୁରକ୍ଷା ଦଳ ଏବଂ ଥିଏଟର ମ୍ୟାନେଜମେଣ୍ଟଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଗିରଫ କରିଥିଲା। ଗିରଫ ହେବାର ୪ ଘଣ୍ଟା ପରେ ତେଲଙ୍ଗାନା ହାଇକୋର୍ଟ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ।



## ଅଭିନୟ ଜଗତକୁ ବାଏ ବାଏ କଲେ କୀର୍ତ୍ତି

ବିବାହ ପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ସାଉଥ୍ ଅଭିନେତ୍ରୀ କୀର୍ତ୍ତି ସୁରେଶ। ସେଇଟି ହେଲା ଅଭିନୟ ଦୁନିଆକୁ ବାଏ ବାଏ କରିବା। ଏକଥା ଆମେ କହୁନାହୁଁ। ବରଂ ସୋସିଆଲ ମିଡିଆରେ ଖବର ଭାଇରାଲ ହେଉଛି। ତାଙ୍କ ପାଖରେ ଏବେ ମାତ୍ର ୨ ଫିଲ୍ମ ଅଛି, ଯେଉଁଥିରେ ରିଭଲଭର ରିଟା ଏବଂ କନ୍ନିବେଦୀ ସାମିଲ ଅଛି। ଏହି ଫିଲ୍ମ ପରେ ସେ କୌଣସି ଫିଲ୍ମ ସାଇନ କରିନାହାନ୍ତି। ଏଣୁ ସେ ଅଭିନୟରୁ ବିରତି ନେବେ ବୋଲି କୁହାଯାଉଛି। କହିରଖୁଛୁ, କୀର୍ତ୍ତି ନିଜର ସ୍କୁଲ ବେଳର ପ୍ରେମିକ ଆଣ୍ଟନୀ ଥାଟିଲଙ୍କୁ ଗୋଆରେ ବିବାହ କରିଛନ୍ତି। ହିନ୍ଦୁ ସହ ଖ୍ରୀଷ୍ଟିଆନ୍ ରୀତିନୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହରେ ପରିବାରଲୋକଙ୍କ ସହ ସାଥୀ କଳାକାର ଯୋଗ ଦେଇଥିଲେ। ଏହାର ଅନେକ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଥିଲା। ପ୍ରଶଂସକମାନେ ଅଭିନେତ୍ରୀଙ୍କୁ ଶୁଭେଚ୍ଛା ଜଣେଇଥିଲେ।





## ୨୦୨୫ରେ ସାତଫେରା ନେବେ କ୍ରୀତି

ବଲିଉଡ ଅଭିନେତ୍ରୀ କ୍ରୀତି ସାନନ ଆସନ୍ତା ୨୦୨୫ରେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି । କ୍ରୀତି ବ୍ୟବସାୟୀ କବୀର ବାହିୟାଙ୍କୁ ବିବାହ କରିବେ। ନିକଟରେ ଏକ ବିବାହ ଅନୁଷ୍ଠାନରେ କବୀରଙ୍କ ସହିତ କ୍ରୀତିଙ୍କୁ ଦେଖିବାକୁ ମିଳିଥିଲା । ଭାଇରାଲ୍ ହୋଇଥିବା ଏକ ଫଟୋରେ ଗାଢ଼ ଗୋଲାପୀ ରଙ୍ଗର ଶାଢ଼ିରେ କ୍ରିତି କବୀରଙ୍କ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରୁଥିବାର ଦେଖିବାକୁ ମିଳିଥିଲା । ସୋସିଆଲ୍ ମିଡିଆରେ ଏହି ଫଟୋ ଭାଇରାଲ୍ ହେବା ପରେ କମେଣ୍ଟ ବକ୍ସ ବିଭିନ୍ନ ମନ୍ତବ୍ୟରେ ଭରିଯାଇଛି। ଅନେକଙ୍କ ମତରେ ଆସନ୍ତା ୨୦୨୫ରେ କ୍ରୀତି ବିବାହ ମଣ୍ଡପରେ ବସିବାକୁ ଯାଉଛନ୍ତି । କିଛି ମାସ ତଳେ ଏକ ସାକ୍ଷାତକାରରେ କ୍ରୀତି କହିଥିଲେ ଠିକ୍ ସମୟ ଅସିଲେ ସେ ବିବାହ କରିବେ । ବୋଧହୁଏ ସେହି ସମୟ ଆସିଯାଇଛି ବୋଲି ତାଙ୍କ ପ୍ରଶଂସକମାନେ କହୁଛନ୍ତି । ଅଳ୍ପଦିନ ତଳେ ଗ୍ରୀସରେ କ୍ରିତିଙ୍କ ଜନ୍ମଦିନ ଧୁମଧାମରେ ପାଳନ କରିଥିଲେ କବୀର । ତାହା ପରଠାରୁ ଏ ଦୁହିଁଙ୍କ ସଂପର୍କ ନେଇ ବହୁତ ଚର୍ଚ୍ଚା ହେଉଛି । ସତରେ କେବେ ବିବାହ କରିବାକୁ ଯାଉଛନ୍ତି ତାହା ଆଗାମୀ ସମୟ ହିଁ କହିବ ।

## ଶୀତଦିନେ କେମିତି ନେବେ କେଶର ଯତ୍ନ

*ଶୀତଦିନେ ତ୍ୱଚା ଭଳି କେଶ ମଧ୍ୟ ରୁକ୍ଷ ହୋଇଯାଏ। ତେଣୁ ଏହାର ଉପଯୁକ୍ତ ଯତ୍ନ ନେବାକୁ ହେବ। ଏଥିପାଇଁ ଜାଣି ରଖନ୍ତୁ କିଛି ଟିପ୍ସ...*

■ କେଶକୁ ହେଲ୍‌ଦି ରଖିବା ପାଇଁ ହେଲେ ବାଲାନ୍ସ ଡାଏଟ୍ ସହ ନ୍ୟୁଟ୍ରିସନ୍ ସପ୍ଲିମେଣ୍ଟ ମଧ୍ୟ ଆବଶ୍ୟକ। ଭିଟାମିନ୍ ଏ କେଶ ମୂଳକୁ ମଶ୍ଚରାଇଜ୍ କରି ରଖିଥାଏ। ତେଣୁ ଗାଜର, ପାଳଙ୍ଗ ଓ ଶାକରକନ୍ଦ ଆଦି କେଶ ପାଇଁ ବହୁତ ଭଲ। ଲେମ୍ବୁ, କମଳା ଆଦି ଖଟା ଫଳରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ରହିଥାଏ, ଯାହା କେଶକୁ ମଜବୁତ କରେ। ତେଣୁ ବିଭିନ୍ନ ପ୍ରକାର ସବୁଜ ପନିପରିବା ଓ ଫଳ ଅଧିକ ଖାଆନ୍ତୁ।

■ ଶୀତଦିନେ କେଶ ମୂଳ ଅଧିକ ଶୁଷ୍କ ହୋଇଯାଏ। ତେଣୁ ସପ୍ତାହକୁ ଥରେ କିମ୍ବା ୨ଥର ଉଷୁମ ତେଲ ମାଲିସ କରନ୍ତୁ। ଭୃଙ୍ଗରାଜ, ଅଁଳା, ବ୍ରାହ୍ମି ଓ ରାଇସ୍ ବ୍ରାନ୍ ତେଲ କେଶରେ ଲଗାଇପାରିବେ। ଟି ଟ୍ରି, ରୋଜ୍‌ମେରୀ ଭଳି ତେଲକୁ ନଡ଼ିଆତେଲ କିମ୍ବା ଅନ୍ୟ ତେଲରେ ମିଶାଇ ଲଗାନ୍ତୁ।

■ ସପ୍ତାହକୁ ଥରେ ଡିପ୍ କଣ୍ଡିସନିଂ ଟ୍ରିଟ୍‌ମେଣ୍ଟ କରନ୍ତୁ। ରୂପି ଦୂରକରିବା ପାଇଁ ଆଣ୍ଟି ଡାନ୍‌ଡ୍ରପ୍ ହେୟାର ମାସ୍କ ଲଗାନ୍ତୁ। କେଶ ଅଧିକ ଝଡୁଥିଲେ କେଶ ମୂଳରେ ନିୟମିତ ମାଲିସ୍ କରନ୍ତୁ।

■ କେଶ ଅଧିକ ରୁକ୍ଷ ଓ ଖରାପ ହୋଇଗଲେ ହେୟାର ମାସ୍କ ନିଶ୍ଚୟ ଲଗାନ୍ତୁ। ଏହା କେଶକୁ ପୋଷଣ ଦେବା ସହ କେଶ ଝଡ଼ିବା ରୋକିଥାଏ।

■ ଶୀତଦିନେ ଅଧିକ ଥର ଶାମ୍ପୁ କରନ୍ତୁ ନାହିଁ। ଏହାଦ୍ୱାରା କେଶର ପ୍ରାକୃତିକ କୋମଳତା କମିଯାଇଥାଏ। କେଶର ଆବଶ୍ୟକତା ଅନୁସାରେ ସପ୍ତାହକୁ ଥରେ କିମ୍ବା ୨ଥର ଧୁଅନ୍ତୁ। ସାମ୍ପୁ କରିବା ପରେ କଣ୍ଡିସନିଂ ନିଶ୍ଚୟ କରନ୍ତୁ।

■ ଅତ୍ୟଧିକ ଥଣ୍ଡା ପ୍ରଭାବରେ କେଶ ଅଧିକ ଶୁଷ୍କ ହୋଇଯାଏ। ତେଣୁ ଏଭଳି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ କେଶକୁ ଭଲଭାବେ ଘୋଡ଼ାଇ ବାହାରକୁ ଯାଆନ୍ତୁ। ଏହାଦ୍ୱାରା କେଶ ମୁଲାୟମ ଓ ସୁସ୍ଥ ରହେ।

■ ଶୀତଦିନେ ଗରମ ପାଣିରେ ସ୍ନାନ କରିବାକୁ ଭଲଲାଗେ। କିନ୍ତୁ ଏହା କେଶ ପାଇଁ କ୍ଷତିକାରକ। ଗରମ ପାଣି ପ୍ରଭାବରେ କେଶର ପ୍ରାକୃତିକ ତୈଳ ଅଂଶ ନଷ୍ଟ ହୋଇଯାଏ। ଫଳରେ କେଶ ରୁକ୍ଷ ଓ ଖରାପ ଦେଖାଯାଏ। ତେଣୁ କେଶକୁ ଅଳ୍ପ ଉଷୁମପାଣିରେ ଧୁଅନ୍ତୁ।



Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଜୟପୁର, (ଭାସ୍କର ନ୍ୟୁଜ): ରବିବାର ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜୟପୁର ଯାଦବ ଭବନ ଠାରେ ଆୟୋଜିତ କରାଯାଇଥିଲା। ରାଜ୍ୟ ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘର କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସହିତ ସେମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସରକାର ପୂରଣ କରୁ ନଥିବା ନେଇ ସମସ୍ତ ଉପସ୍ଥିତ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଦାଶ ଏନେଇ ପୁଣିଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦରକାର ସ୍ଥଳେ ଆନ୍ଦୋଳନକୁ ଅହ୍ଲାଇବା ନେଇ ସୂଚନା ଦେଇଥିଲେ। ଜିଲ୍ଲାରେ ଆସନ୍ତା ଜାନୁଆରୀ ୫ରେ ଜିଲ୍ଲା ସମ୍ମିଳନୀ କରିବା ନିମନ୍ତେ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜେନ୍ଦ୍ର ନାରାୟଣ ପାଢ଼ୀ, ପ୍ରମୋଦ କୁମାର ଭୂୟାଁ, ନିରଞ୍ଜନ ପଣ୍ଡା, ବାଳ ଗୋପାଳ ମିଶ୍ର, ରାଜିବ କୁମାର ପ୍ରଧାନ, ତ୍ରିନାଥ ପଣ୍ଡା, ଲଙ୍କେଶ୍ୱର ରାଓ ପାନାଡା, ନାଗେଶ୍ୱର ରାଓ ପ୍ରତୀକ ମିଶ୍ର, ପଦ୍ମ ଚରଣ ସାହୁ, ସାନ୍ତନୁ ଜେନା, ପୀତାମ୍ବର ହନ୍ତାଳ, ସଞ୍ଜିବ କୁମାର ଦାଶ, ଗୋପାଳ ରାଉତ ସମେତ ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। ପରିଶେଷରେ ସଭାପତି ଦାଶ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆଇଏମ୍ଏସଟି ଉଚ୍ଚ ବିଦ୍ୟାଳୟର ୪୯ ତମ ବାର୍ଷିକ ଉତ୍ସବ ପାଳନ




ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସହର ତଥା ଏହି ଜିଲ୍ଲାର ସର୍ବପୁରାତନ ଏବଂ ବୃହତ୍ତମ ଇଂଲିଶ ମିଡିୟମ ସ୍କୁଲ, ଆଇଏମ୍ଏସଟି, ନର୍ସରୀ ଏବଂ ହାଇସ୍କୁଲର ୪୯ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହରେ ମାଲକାନଗିରି ଜିଲ୍ଲାର ଉପ-ଜିଲ୍ଲାପାଳ ଦୁର୍ଯୋଧନ ଭୋଇ ମୁଖ୍ୟ ଅତିଥି ଏବଂ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏସ,ପି) ତପନ ନାରାୟଣ ରଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ପାଠ ପ୍ରତି ଅଧିକ ଧ୍ୟାନ ଦେବା, ଉତ୍ତମ ଚରିତ୍ର ଗଠନ ପାଇଁ ଯତ୍ନବାନ ହେବା, ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ, ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଦେଶକୁ ଉନ୍ନତି ପଥରେ ଆଗେଇ ନେବାପାଇଁ ଉଦ୍‌ବୋଧନ ଦେଇଥିଲେ। ଭୋଇ ଗଳ୍ପ ମାଧ୍ୟମରେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଏବଂ ସେମାନଙ୍କ ସଫଳତା ପଛରେ ଥିବା କାହାଣୀ ଗୁଡ଼ିକର ଉଦାହରଣ ଦେଇ, ସେମାନଙ୍କ ଜୀବନୀ ଠାରୁ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରବନ୍ଧ, ସଙ୍ଗୀତ, ବାଦବିବାଦ, ବକ୍ତୃତା, ଚିତ୍ରାଙ୍କନ, ଫେନ୍ସି ଡ୍ରେସ୍, ରାଇମ୍ସ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିଥିବା ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଯଥାକ୍ରମେ ପୁଷ୍ପାମଞ୍ଜରୀ ଦେବୀ, ଶିବପ୍ରସାଦ କିର୍ତ୍ତନୀୟା, ସୁବାସ ଭଟ୍ଟାଚାର୍ଯ୍ୟ, ବିଜୟ କୁମାର ପୁହାଣ,ଏମ ନନ୍ଦିନୀ ଏବଂ ପ୍ରଶାନ୍ତ ଶତପଥୀଙ୍କୁ ମଧ୍ୟ ଅତିଥି ମାନଙ୍କ ଦ୍ୱାରା ଉପବିତ ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇ ଥିଲା। ବିଦ୍ୟାଳୟର ବିଭିନ୍ନ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମସ୍ତପ୍ରକାର ସାହାଯ୍ୟ ସହଯୋଗ କରିଥିଲେ। ସର୍ବଶେଷରେ ସ୍କୁଲର ଭାଇସ ପ୍ରୀନ୍ସିପାଲ ସୁଧାମଣି ତାଣ୍ଡି ଧନ୍ୟବାଦ ଦେବା ସହ ସମବେତ ଜାତୀୟ ସଙ୍ଗୀତ ଗାନ ସହିତ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା।

# କେନ୍ଦୁଝରରେ ତିବ୍ବତ ୟୁଥ୍ କଂଗ୍ରେସ ରାଷ୍ଟ୍ରୀୟ ବାଇକ୍ ଯାତ୍ରା




କେନ୍ଦୁଝର, (ଭାସ୍କର ନ୍ୟୁଜ): ରାଜ୍ୟର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ତିବ୍ବତୀୟାନମାନଙ୍କୁ ତିବ୍ବତରେ ଚିନ ଦ୍ୱାରା ହେଉଥିବା ଅନ୍ୟାୟ ବିଷୟରେ ଅବଗତ କରାଇବା ଓ ସେମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ବାଇକ ରାଲି ଗତକାଲି କେନ୍ଦୁଝର ଦେଇ ରାଉରକେଲା ଅଭିମୁଖେ ଯାତ୍ରା କରିଛି। ଭାରତର ଉତ୍ତର ସୀମାକୁ ଲାଗି ରହିଥିବା ବୌଦ୍ଧ ଧର୍ମାବଲମ୍ବୀ ତିବ୍ବତ ଦେଶ ଏକ ସ୍ୱାଧୀନ ରାଷ୍ଟ୍ର, ଯାହାକୁ ଅବୈଧ ଭାବରେ ଗତ ୧୯୫୯ ମସିହାରୁ ଚୀନ ଦଖଲ କରିଛି। ଚୀନ ସରକାର ତିବ୍ବତର ସାହିତ୍ୟ, ସଂସ୍କୃତି, ଚିକିତ୍ସାପଦ୍ଧତି, ସଭ୍ୟତା ଓ ଜନ ଚେତନାକୁ ନଷ୍ଟ କରିବା ନିମନ୍ତେ ଭରପୁର ପ୍ରୟାସ ଚଳାଇଛି। ଏଥିପାଇଁ ତିବ୍ବତଲୋକଙ୍କୁ ଜୋରଜବରଦସ୍ତ ନିଜ ସ୍ଥାନରୁ ନେଇ ଅନ୍ୟ ରାଜ୍ୟଗୁଡ଼ିକରେ ରଖାହେଉଛି। ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ବିଭିନ୍ନ ରାଜ୍ୟରୁ ଆଣି ତିବ୍ବତ କ୍ଷେତ୍ରରେ ଥଇଥାନ କରାଇ ଚୀନ ସେନାବାହିନୀ ଦ୍ୱାରା ସେମାନଙ୍କ ସହ ଜୋରଜବରଦସ୍ତ ତିବ୍ବତ ଝିଅମାନଙ୍କୁ ବିବାହ କରି ଦିଆହେଉଛି। ତିବ୍ବତ ପିଲାମାନଙ୍କୁ ଛୋଟବେଳୁ ଜୋର ଜବରଦସ୍ତ ଉଠାଇ ନିଆଯାଇ ବୋର୍ଡି ସ୍କୁଲମାନଙ୍କରେ ଭର୍ତ୍ତି କରାଯାଉଛି। ଚୀନରେ ନିର୍ମାଣାଧୀନ ଏକ ବିଶାଳ ନଦୀବନ୍ଧ ଯୋଜନା ଉଭୟ ଭାରତ ଓ ତିବ୍ବତ ପାଇଁ ବିପଦ ବୋଲି ସେମାନେ କହିଥିଲେ। ଏହି ବନ୍ଧ ଭାଙ୍ଗିଗଲେ କିମ୍ବା ଆକ୍ରୋଶମୂଳକ ଭାବେ ନଦୀଜଳ ଛଡ଼ାଗଲେ ତିବ୍ବତ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ରହିଛି ବୋଲି ସେମାନେ କହିଥିଲେ। ସେମାନଙ୍କୁ କୌଣସି ଆନ୍ତର୍ଜାତିକ ସମୁଦାୟ, ପ୍ରେସ, ମାନବାଧିକାର ସଙ୍ଗଠନମାନଙ୍କୁ ତିବ୍ବତୀୟ କ୍ଷେତ୍ରକୁ ଯିବା ନିମନ୍ତେ ଅନୁମତି ଦିଆଯାଉ ନାହିଁ। ଏପରିକି ଏଠାରେ ଥିବା ବୌଦ୍ଧ ମଠସବୁକୁ ଭାଙ୍ଗିଦେବା ସହ ଲାମା ମାନଙ୍କୁ ଜେଲରେ ଭର୍ତ୍ତି କରାଯାଇ ତିବ୍ବତର ସାମାଜିକ, ଆଧ୍ୟାତ୍ମିକ, ରାଜନୈତିକ ପରିସ୍ଥିତିକୁ ଗୋଳିଆ କରି ପୃଥିବୀପୃଷ୍ଠରୁ ତିବ୍ବତକୁ ଲୋପ କରିଦେବା ନିମନ୍ତେ ଚୀନ ଯୋଜନା ଚଳାଇଛି। ତିବ୍ବତର ଜନଗଣ ପରମ ପାବନ ଦଲାଇଲାମାଙ୍କ ନେତୃତ୍ୱରେ ଭାରତର ହିମାଚଳ ପ୍ରଦେଶ ଅନ୍ତର୍ଗତ ଧର୍ମଶାଳାରେ ବିସ୍ଥାପିତ ତିବ୍ବତ ସରକାର ମାଧ୍ୟମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରହୁଥିବା ତିବ୍ବତୀ ଜନତା ଓ ଭାରତ ବାହାରେ ରହୁଥିବା ଆମ ଲୋକମାନଙ୍କୁ ନେଇ ସ୍ୱାଧୀନତା ଆନ୍ଦୋଳନ ଚଳାଇ ରଖିଛି। ମହାତ୍ମା ଗାନ୍ଧୀଙ୍କ ମାର୍ଗରେ ପଣ୍ଡିତ ଜବାହରଲାଲ ନେହରୁ, ଡ. ରାମମନୋହର ଲୋହିଆ, ଲୋକନାୟକ ଜୟପ୍ରକାଶ ନାରାୟଣ, ରବି ରାୟ ପ୍ରମୁଖଙ୍କ ନେତୃତ୍ୱରେ ଭାରତୀୟମାନେ ଯେଭଳି ସମର୍ଥନ ଦେଇଛନ୍ତି, ସେଥିପ୍ରତି ଏହି ବାଇକର ଟିମ ପକ୍ଷରୁ ଧନ୍ୟବାଦ ଦେବା ସହ ଭାରତୀୟ ବିଶେଷ କରି ଓଡ଼ିଶାବାସୀ କମ୍ୟୁନିଷ୍ଟ ଚୀନର ବିସ୍ତାରବାଦୀ ଚରିତ୍ରକୁ ବିରୋଧ କରିବାକୁ ତିବ୍ବତୀ ୟୁଥ୍ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି। ଅରୁଣାଚଳ ପ୍ରଦେଶର ତିବ୍ବତ ସୀମା ବୁମଲାରୁ ବାହାରିଥିବା ବାଇକରମାନେ ସାରା ଭାରତ ଭ୍ରମଣ କରିବାର ଯୋଜନା କରିଛନ୍ତି। ଏହି ଯାତ୍ରୀ ଦଳରେ ତିବ୍ବତ ୟୁଥ୍ କଂଗ୍ରେସର ସଭାପତି ଗୋମୋ ଧୁଣ୍ଡୁପଙ୍କ ନେତୃତ୍ୱରେ ସେରିଂ ଚୋମେଲ, ତେଞ୍ଜିନ ଲୋବସାଙ୍ଗ, ସେରିଙ୍ଗ ଦୋର୍ଜି, ରିଗଜେନ ଲାହାଙ୍ଗ, ଫୁଣ୍ଟସେକ ଦୟା ଭୂଟିଆ, ଥୁନଲେ ନାମଗ୍ୟାଲ, ସୋହିୟାଲ, ତେନଜିନ ଫାଲଗେ, ତେନଜିନ ଥାରପା, କର୍ମା ସେରିଙ୍ଗ ଭୁଟିଆ, ସେୱାଙ୍ଗ ଗ୍ୟାଲପୋ, ଦୱା, କର୍ମା ତାଶି, ରିନଜିନ ତଣ୍ଡୁପ, ସେରିଙ୍ଗ ୱାଙ୍ଗଡୁ, କର୍ମା ସୋନମ ରାବତେନ ପ୍ରମୁଖ ଭାରତର ୨୦ଟି ରାଜ୍ୟର ୧୫ ହଜାର କିଲୋମିଟର ଯାତ୍ରା କରି ଜନ ସଚେତନତା ସୃଷ୍ଟି କରି ଚାଲିବାର ଯୋଜନା ରଖିଛନ୍ତି। ଏହି ତିବ୍ବତୀୟ ବାଇକରମାନେ କେନ୍ଦୁଝରର ଥାନା ଛକ ନିକଟରେ ଶୀତବସ୍ତ୍ର ବିକ୍ରୟ କରୁଥିବା ତିବ୍ବତୀଆନ ବଜାରରେ ସଚେତନତା ସୃଷ୍ଟି କରିବା ପରେ ରାଉରକେଲାକୁ ବାଇକ ଯାତ୍ରା କରିଛନ୍ତି।

# ଟାଲେଣ୍ଟ ପ୍ରତିଯୋଗିତା ଉଦ୍‌ଘାଟିତ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ମିନାକ୍ଷୀ ନଗର ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ତିନିଦିନ ଧରି ଆୟୋଜିତ ହେଉଥିବା ଭାସ୍କର ଜାଭିୟର୍ସ ଟାଲେଣ୍ଟ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବହୁ ପ୍ରତିଯୋଗିତାରେ ଗଞ୍ଜାମ ସମେତ ଓଡ଼ିଶା, ଛତିଶଗଡ଼, ୱେଷ୍ଟ ବେଙ୍ଗଲ, ହରିୟାଣା, ଉତ୍ତରପ୍ରଦେଶ, ଆଦି ବହୁ ଜାଭିୟର୍ସ ସ୍କୁଲ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରୁପ ସଙ୍ଗୀତ, ହାସ୍ୟ ଅଭିନୟ, ଚିତ୍ରାଙ୍କନ, ଫ୍ୟାସନ ଶୋ, ନୃତ୍ୟରେ ଛାତ୍ରଛାତ୍ରୀ ମାନେ ଉତ୍ସାହ ସହ ସାମିଲ ହୋଇଥିଲେ। ଏହି ଅବସରରେ ବିଚାରକ ରୂପେ ପୁଷ୍ପାଞ୍ଜଳି ମହାପାତ୍ର, ମିହିର ତ୍ରିପାଠୀ, ସୁଧାଂଶୁ ରଥ, ଉଜ୍ଜଳ ସାହୁ, ଗୋପୀନାଥ ବେହେରା, ମନିଷା କୁମାରୀ ପଣ୍ଡା, ସତ୍ୟନାରାୟଣ ଦାସ, ମଧୁସୂଦନ ମିଶ୍ର, ଅଶୋକ ବ୍ରହ୍ମା , ଶିବ ଶଙ୍କର ଷଡ଼ଙ୍ଗୀ, ଡା. ଚନ୍ଦନ ଗନ୍ତାୟତ, ପ୍ରଭାତ କୁମାର ପାତ୍ର, କ୍ରିଷ୍ଣା ଡିକେ, ସୁଧାଂଶୁ ଶତପଥୀ, ଗୁରୁ ଶ୍ରୀ ନାରାୟଣ ମହାରଣା, ଡ.ଚାନ୍ଦୁ ବହିଡ଼ାର, ଡ. ଶାରଦା ପ୍ରସାଦ ସାହୁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ରୂପେ ଜାଭିୟର୍ସ ନିର୍ଦ୍ଦେଶକ ଡ. ପିସି ମହାନ୍ତି, ମୁକେଶ ସରାଫ, ସମ୍ପାଦିକା ପ୍ରିୟମ୍ବଦା ଦାସ, ସ୍କୁଲ ଅଧ୍ୟକ୍ଷ ପ୍ରଫେସର କେସି ପଣ୍ଡା ନିର୍ଦ୍ଦେଶକ ଡ. ଗୋରାଶଙ୍କର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଯୋଜନାମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଡ କି ଏସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାଷ୍ଟର ଅଫ ସେରମୋନି ଇଂ କୁନାଲ କୌଶିକ ପଣ୍ଡା କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ସୁଚନା ଦେଇଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଆଉ କର୍ମଚାରୀ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ସହଯୋଗ କରିଥିଲେ।

# ଉପକୂଳର ସୁରକ୍ଷା ପାଇଁ ଗୋଷ୍ଠୀଭିତ୍ତିକ ପଦକ୍ଷେପକୁ ଗୁରୁତ୍ୱ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଓଡ଼ିଶାର ଉପକୂଳ ବିଷୟ ବସ୍ତୁ ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ତିନି ଦିନିଆ ଓଡ଼ିଶା ପରିବେଶ କଂଗ୍ରେସ ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓଡ଼ିଶା ଉପକୂଳର ପ୍ରାକୃତିକ ସମ୍ପଦ ଓ ପରିବେଶକୁ ସୁରକ୍ଷା ଦେବାପାଇଁ ଗୋଷ୍ଠୀ ଭିତ୍ତିକ ପଦକ୍ଷେପ ଜରୁରୀ ବୋଲି କହିଥିଲେ। ଜଳବାୟୁ ପରିବର୍ତ୍ତନ ଓ ବିକାଶ ପ୍ରକ୍ରିୟା ଆମ ଉପକୂଳ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ତଥା ଗବେଷଣା ସଂସ୍ଥାମାନଙ୍କ ଭିତରେ ସମନ୍ୱୟ ପ୍ରତିଷ୍ଠା କରି ଏହାର ମୁକାବିଲା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ କହିଥିଲେ, ଅର୍ଥନୈତିକ ବିକାଶ ଓ ପରିବେଶ ଭିତରେ ସନ୍ତୁଳନର ଅଭାବ ଆଜି ପରିସ୍ଥିତିକୁ ବିଗାଡି ହେଉଛି ଏବଂ ସାଧାରଣ ଜନତା ସଜାଗ ନହେଲେ ଭବିଷ୍ୟତରେ ପରିସ୍ଥିତି ଆହୁରି ଜଟିଳ ହେବ। ଏହି ଅବସରରେ ଏକ ଖୋଲା ଅଧିବେଶନକୁ ସଞ୍ଚାଳନ କରି ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ କହିଥିଲେ, ଓଡ଼ିଶାର ସମୃଦ୍ଧ ଉପକୂଳକୁ ରକ୍ଷା କରିବା ପାଇଁ ସାଧାରଣ ଜନତା, ସାମାଜିକ କର୍ମୀ ଏବଂ ଅନୁଷ୍ଠାନଗୁଡିକର ସମ୍ପୃକ୍ତି ଓ ଗବେଷଣା ତଥା ବୈଷୟିକ ସଂସ୍ଥାମାନଙ୍କ ସହାୟତାରେ ଉପକୂଳ ସୁରକ୍ଷା ଯୋଜନା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଦିଆଯିବ। ପରିବେଶ କଂଗ୍ରେସର ଉପାଧ୍ୟକ୍ଷ ଡ.ଜୟକୃଷ୍ଣ ପାଣିଗ୍ରାହୀ ଉପକୂଳର ଜୈବ ବିବିଧତା, ଚିଲିକା ହ୍ରଦ ଉପରେ ପ୍ରସ୍ତାବିତ ଉପକୂଳ ଜାତୀୟ ରାଜପଥର କୁପ୍ରଭାବ, ବନ୍ଦର ଶିଳ୍ପ, ମତ୍ସ୍ୟଜୀବୀମାନଙ୍କ ସମସ୍ୟା, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦିକୁ ନେଇ ୧୬ ଦଫା ପ୍ରସ୍ତାବ ଉପସ୍ଥାପନ କରିଥିଲେ ଯାହା ସଭାରେ ଗୃହୀତ ହୋଇଥିଲା। ଚଳିତ ବର୍ଷର ସୁଧାଂଶୁ ଭୂଷଣ ଗ୍ରୀନ କର୍ପୋରେଟ ପୁରସ୍କାର ମହାନଦୀ କୋଲ୍ଡ ଫିଲ୍ଡକୁ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ ଦେବାସିଷ ଆଚାର୍ଯ୍ୟ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ ଶରତ କୁମାର ପାଲିତା, ଡ ସୁଧାଂଶୁ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ପରିବେଶ କଂଗ୍ରେସର ସମ୍ପାଦକ ଭୃଗୁ ବଳିପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ବର୍ଷ ପାଇଁ ୧୬ ତମ ପରିବେଶ କଂଗ୍ରେସ ର ବିଷୟ ବସ୍ତୁ 'ମହିଳା ଓ ପରିବେଶ,' ରହିବ ବୋଲି ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତୃଣମୂଳସ୍ତରରେ ୧୫ରୁ ଊର୍ଦ୍ଧ୍ୱ ପରିବେଶ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଖରୀରେ ବୁଡି ବାଳକର ମୃତ୍ୟୁ

କଣାସ, (ଭାସ୍କର ନ୍ୟୁଜ): କଣାସ ଥାନା କଣାସ ଗ୍ରାମର କପିଳେଶ୍ୱର ଦାସଙ୍କ ସାତବର୍ଷର ପୁତ୍ର ଆଜି କଣାସ ବଡ ପୋଖରୀରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନା ଅନୁସାରେ ରବିବାର ସକାଳୁ ସତ୍ୟଜିତ ପୋଖରୀକୁ ମୁହଁ ଧୋଇବାକୁ ଯାଇଥିବା ବେଳେ ଗୋଡ ଖସିଯାଇଥିଲା। ଫଳରେ ସେ ପୋଖରୀର ଗଭୀର ଜଳକୁ ମଧ୍ୟକୁ ଚାଲିଯାଇଥିଲା ବହୁ ସମୟ ଧରି ସତ୍ୟଜିତ ଘରକୁ ନ ଫେରିବାରୁ ପରିବାର ଲୋକ ପୋଖରୀ ମଧ୍ୟରେ ଖୋଜାଖୋଜି କରି ସତ୍ୟଜିତର ନିସ୍ତେଜ ଶରୀର ଉଦ୍ଧାର କରିଥିଲେ। ତାଙ୍କୁ କାଳବିଳମ୍ବ ନକରି ତୁରନ୍ତ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ସତ୍ୟଜିତର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଖେଳିଯିବା ଫଳରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଖଡୁରା ସମାଜର ଦୁଇଦିନିଆ ରାଜ୍ୟ ସମ୍ମିଳନୀ

## ସଂଗଠିତ ହେଲେ ଜାତି ବିକଶିତ ହୋଇ ପାରିବ : ମନ୍ତ୍ରୀ ବିଭୁତି ଜେନା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଯେଉଁ ଜାତି ଯେତେ ସଙ୍ଗଠିତ ସେହି ଜାତି ସେତେ ବିକଶିତ। ବିଶ୍ୱ ନିୟନ୍ତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘଣ୍ଟ ସେବକ ଖଡୁରା ଜାତିର ଇତିହାସ ଯେତିକି ପ୍ରାଚୀନ ସେତିକି ସମୃଦ୍ଧ। ଗଞ୍ଜାମ ଜିଲ୍ଲାରୁ ଖଡୁରା ଜାତିର ଉତ୍ପତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ହିଁ ଜାତିର ମୌଳିକ ବୃତ୍ତି କଂସା, ପିତଳ ବାସନକୁସନ ବିକ୍ରିବଟା କେବଳ ବୃତ୍ତିରେ ସୀମିତ ରହିନି ବରଂ ଠାକୁରଙ୍କ ଯୋଗାଣି, ଜାନିଯାତ୍ରା ଠାରୁ ଆରମ୍ଭ କରି ଲୋକଙ୍କ ଜୀବନ ପାଇଁ ଆବଶ୍ୟକ ବସ୍ତୁ ଏହି ଜାତି ଦ୍ୱାରା ସମ୍ଭବପର ବୋଲି ସ୍ଥାନୀୟ ଅପ୍ସରା ରୋଡ଼ ତ୍ରିମୂର୍ତ୍ତି ଗାର୍ଡେନ ଠାରେ ଆୟୋଜିତ ନିଖିଳ ଉତ୍କଳ ଖଡୁରା ସମାଜର ଦୁଇଦିନିଆ ରାଜ୍ୟ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଜେନା ମତବ୍ୟକ୍ତ କରିଛନ୍ତି। ଏହାସହ ତାରାତାରିଣୀଠାରେ ଖଡୁରା ସମାଜର ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ କରାଯାଇଥିବା ଅନୁରୋଧକୁ ମନ୍ତ୍ରୀ ମଞ୍ଜୁରୀ କରିବେ ବୋଲି କହିଥିଲେ। ସମାଜର ରାଜ୍ୟ ସଭାପତି ଗିରିଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖଡୁରା ଜାତିର ଏହିଭଳି ମହାସମ୍ମିଳନୀ ଆୟୋଜନ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ସମାବେଶରେ ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ଜାତି ଭାଇ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଜାତିର ବହୁ ପ୍ରତିଭାବାନ ବ୍ୟକ୍ତିବିଶେଷ, ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖଡୁରା ସମାଜର ସ୍ମରଣୀକା ଓ କ୍ୟାଲେଣ୍ଡରକୁ ମନ୍ତ୍ରୀ ଜେନା ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷ ବଳଶେଖର ନାୟକ, ସମାଜର ଉପସଭାପତି ଟହଲ ସାହୁ, ଉପସଭାପତି ପି କେ. ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, କୋଷାଧ୍ୟକ୍ଷ ଦେବରାଜ ନାୟକ ଓ ସମ୍ମିଳନୀ ଆବାହକ ଯୋଗେନ୍ଦ୍ର ନାୟକ ମଞ୍ଚାସୀନ ଥିଲେ।

# କେନ୍ଦୁଝରରେ ଖାଦ୍ୟ ବ୍ୟଞ୍ଜନ ପସରା



କେନ୍ଦୁଝର, (ଭାସ୍କର ନ୍ୟୁଜ): ରବିବାର ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ଏକ ଦିବସୀୟ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି ଖାଦ୍ୟ ମେଳାକୁ ରୋଟାରୀ ଗ୍ରୀନ କ୍ଲବ୍‌ର ସଭାପତି ତଥା ମହାବିଦ୍ୟାଳୟର ଗଭର୍ଣୀ ବଡିର ସଦସ୍ୟ ସୁଧାଂଶୁ ଶେଖର ପଟ୍ଟନାୟକ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ନାଏକ, ପ୍ରଶାସନିକ ଅଧିକାରୀ ପ୍ରଫେସର ଲଳିତ ରଞ୍ଜନ ସାହୁ, ପ୍ରଫେସର ବିଷ୍ଣୁ ଚରଣ ଦାସ, ପ୍ରଫେସର ରାମଚନ୍ଦ୍ର ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ଲକ୍ଷ୍ମୀଲତା ହୋଙ୍କ ନେତୃତ୍ୱରେ ବିଭାଗର ଅଧ୍ୟାପିକା ସସ୍ମିତା ସାହୁ, କ୍ଷମାମୟୀ ନାୟକ, ପ୍ରିୟଙ୍କା ଦାସ, କଳ୍ପଲତା ଦାସ ଓ ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଥଣ୍ଡା-ଗରମ ପାନୀୟ, ପରମ୍ପାରିକ ମିଷ୍ଟାନ୍ନ, ଫାଷ୍ଟଫୁଡ୍, ଚଟପଟା, ଆଦିବାସୀ ସମ୍ପ୍ରଦାୟ ଖାଦ୍ୟ, ଆମିଷ ଓ ନିରାମିଷ ପ୍ରଭୃତି ୨୮ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ଷ୍ଟଲ୍ ବସେଇ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କ ଉଦ୍ଦେଶ୍ୟରେ ସ୍ୱଳ୍ପ ମୂଲ୍ୟରେ ବିକ୍ରୟ କରିଥିଲେ। ବିଶେଷ ଭାବରେ ଛାତ୍ରୀମାନେ ବାଜରା, ମାଣ୍ଡିଆ, ଯୋଅ ଏବଂ କାଙ୍ଗୁ ଚାଉଳ ପ୍ରଭୃତିକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥିଲେ। ଗୃହବିଜ୍ଞାନ ବିଭାଗର ଦିବ୍ୟଦର୍ଶିନୀ, ସ୍ୱାଗତିକା, ହରପ୍ରିୟା, ପଦ୍ମିନୀ, ଲକ୍ଷ୍ମୀ, ସ୍ନେହା, ଖୁଲଣା,ବର୍ଷା ପ୍ରିୟଙ୍କା, ସୁଶ୍ରୀ, ଶ୍ରୁତିଲିଶା, ଯଶମତି, ଜୟଶ୍ରୀ, ସାନନ୍ଦା, ଜ୍ୟୋତିର୍ମୟୀ, ସ୍ପନ୍ଦନିକା, ମୋନାଲି, ସୋନମ, ଚପଳା, ସ୍ମୃତି ପ୍ରଜ୍ଞା, ଶୁଭଶ୍ରୀ ଏବଂ ସଂଘମିତ୍ରା ପ୍ରମୁଖେ ସ୍ୱାସ୍ଥ୍ୟକର ସୁସ୍ୱାଦୁ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସମସ୍ତ କର୍ମଚାରୀ ଓ ଅନ୍ୟୁନ ୨୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଛାତ୍ରୀ ବିଭିନ୍ନ ପ୍ରକାରର ସୁଆଦିଆ ଖାଦ୍ୟ ଖାଇବାର ନିଆରା ମଜା ନେଇଥିଲେ ।

# ଫକିର ହରିଚନ୍ଦନ ଥିଲେ ଆଧୁନିକ କଣାସର ନିର୍ମାତା



କଣାସ, (ଭାସ୍କର ନ୍ୟୁଜ): ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଓ ଫକିର ହରିଚନ୍ଦନ ଫାଉଣ୍ଡେସନ, ଦୟା ସାହିତ୍ୟ ସଂସଦ ଏବଂ ନାନକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସହ ଭାଗିଦାରିରେ ସ୍ୱର୍ଗତ ଫକିର ହରିଚନ୍ଦନଙ୍କ ଜନ୍ମ ଶତବାର୍ଷିକି ଉତ୍ସବ ନାନକେରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅଧ୍ୟାପକ ଶଶାଙ୍କ ଚୂଡାମଣୀ, ସହଦେବ ଜୟସିଂହ, ବିଶିଷ୍ଟ କବି ଓ ସାହିତ୍ୟିକ ରକ୍ଷକ ନାୟକ, ବିଶିଷ୍ଟ ସାହିତ୍ୟ ଓ ଆଲୋଚକ ଡାକ୍ତର ମିହିର କୁମାର ସାହୁ, ବିଶିଷ୍ଟ ସାହିତ୍ୟ ଓ ଆଲୋଚକ ଅଧ୍ୟାପକ ଡାକ୍ତର ମୃତ୍ୟୁଞ୍ଜୟ ରଥ ଅତିଥୀଭାବେ ଯୋଗଦେଇ ସ୍ୱର୍ଗତ ଫକିର ହରିଚନ୍ଦନଙ୍କ ବହୁମୂଖୀ ପ୍ରତିଭା ସର୍ମ୍ପକରେ ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେସଙ୍ଗେ ସ୍ୱର୍ଗତ ହରିଚନ୍ଦନ ଆଧୁନିକ କଣାସର ନିର୍ମାତା ଥିଲେ ବୋଲି କହିଥିଲେ। ଏହି ଅବସରରେ ପତ୍ରିକା ଦର୍ଧିଚି ଉନ୍ମୋଚନ କରାଯିବା ସହିତ ଡାକ୍ତର ସୁଦର୍ଶନ ବଳିୟାରସିଂହଙ୍କୁ ଫକିର ହରିଚନ୍ଦନ ସେବା ସମ୍ମାନ ଓ ବଶୀଂଧର ଜଗଦେବଙ୍କୁ ଫକିର ହରିଚନ୍ଦନ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ହରିଚନ୍ଦନଙ୍କ ଜ୍ୟେଷ୍ଠ ପୁତ୍ର ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଶାଦ ହରିଚନ୍ଦନ, ବଶୀଂଧର ଜଗଦେବ ଓ ଡାକ୍ତର ସୁଦର୍ଶନ ବଳିୟାରସିଂହ ସ୍ମୃତିଚାରଣ କରି ତାଙ୍କ ପ୍ରତିଭାମୟ ଜୀବନ ସର୍ମ୍ପକରେ ଅବଗତ କରାଇଥିଲେ। ଉତ୍ସବର ସଂଯୋଜନା କରିଥିଲେ ସୁଶାନ୍ତ କୁମାର ନରେନ୍ଦ୍ର, ଅତିଥୀ ପରିଚୟ ପ୍ରଦାନ କରିଥିଲେ ଡାକ୍ତର ହେମନ୍ତ କୁମାର ଛୋଟରାୟ କବିତା ପାଠୋତ୍ସବର ସଂଯୋଜନା କରିବା ସହ ୫୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ ତମ ବାର୍ଷିକ ଉତ୍ସବ




ତାଳଚେର, (ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦେଉଳବେଡ଼ା କୋଲିୟରୀର ୩୧ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି ରୂପେ ତାଳଚେର ଉପଖଣ୍ଡର ଉପଜିଲ୍ଲାପାଳ ମାନନୀୟ ଶ୍ରୀଯୁକ୍ତ ସମୀର କୁମାର ଜେନା ଉପସ୍ଥିତ ରହି ଶିଶୁ ଭାଇଭଉଣୀ ଏବଂ ଅଭିଭାବକମାନଙ୍କୁ ଜୀବନରେ ଶିଶୁ ମନ୍ଦିର ଦ୍ୱାରା ଦିଆଯାଉଥିବା ନୈତିକ ଓ ଆଧାତ୍ମିକ ଶିକ୍ଷାକୁ ଗ୍ରହଣ କରି ଭବିଷ୍ୟତ ଗଠନ ନିମନ୍ତେ ପ୍ରେରିତ କରିଥିଲେ। ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଆଶିଷ ରଞ୍ଜନ, ଲିଙ୍ଗରାଜ କ୍ଷେତ୍ରର ଏସ.ଓ ମାନିଙ୍ଗ ଉପସ୍ଥିତ ଥିଲେ। ମୂଖ୍ୟ ବକ୍ତା ରୂପେ ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ରର ସହ ମନ୍ତ୍ରୀ ମାନନୀୟ ଶ୍ରୀଯୁକ୍ତ ହେମନ୍ତ କୁମାର ପାଣିଗ୍ରାହୀ ଶିଶୁମାନଙ୍କୁ ଦେଶ ଗଠନରେ ଭାରତୀୟତା ର ମନୋଭାବ ରଖି କାର୍ଯ୍ୟ କରିବାର ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସଭାପତି ହେମନ୍ତ କୁମାର ଶତପଥୀ ସଭାର ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ସରୋଜ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ବାର୍ଷିକ କାର୍ଯ୍ୟ ଯୋଜନାର ବିବରଣୀକୁ ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ ପାଠ କରି ସମସ୍ତଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ସମସ୍ତ ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଓ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଉତ୍ସବ ପରିଚାଳିତ ହୋଇଥିଲା। ବାର୍ଷିକ ଉତ୍ସବରେ ଅଭିଭାବକମାନଙ୍କର ପ୍ରତିଯୋଗିତାର ପୁରସ୍କାର ଓ ମୂଖ୍ୟମନ୍ତ୍ରୀ ଶିକ୍ଷା ବୃତ୍ତି ଓ ମୂଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଥିବା ୧୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଅକ୍ଷୟ କୁମାର ଦାସ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଆଶା କୁମାରୀ ଛାତ୍ରଛାତ୍ରୀମାନଙ୍କ ସୁସ୍ଥ ଜୀବନ କାମନା କରିବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା। କେତେକ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ମାଧ୍ୟମରେ ଶାରୀରିକ ବ୍ୟାୟାମ ତଥା ଯୋଗ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଛାତ୍ର ଓ ଶିକ୍ଷକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ୨ୟ ବାର୍ଷିକ କ୍ରୀଡାଦିବସ ପାଳିତ

ତାଳଚେର, (ଭାସ୍କର ନ୍ୟୁଜ୍) : କେନ୍ଦ୍ରୀୟ ବିଦ୍ୟାଳୟ ଏମସିଏଲ ଜଗନ୍ନାଥ କ୍ଷେତ୍ର ଠାରେ ବିଦ୍ୟାଳୟର ୨ୟ ବାର୍ଷିକ କ୍ରୀଡା ଦିବସ ୨୦୨୪-୨୫, ହର୍ଷୋଲ୍ଲାସ ସହକାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଏବଂ ମାନସିକ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଧାରଣ ପରିଚାଳକ ତଥା ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଦାସ, ଦ୍ୱିତୀୟ ଡାନ୍ ବ୍ଲାକ୍ ବେଲ୍ଟ (ଜାପାନ)ବାସୁଦେବ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଆଶା କୁମାରୀ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ କୁନି କୁନି ଛାତ୍ରଛାତ୍ରୀମାନେ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ ଏବଂ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କ୍ରୀଡ଼ା ଦିବସରେ ୧୦୦ ମି ଲମ୍ବ ଦୌଡ଼, ଲମ୍ବ ଡିଆଁ, ବସ୍ତା ଦୌଡ଼ ଏବଂ ଅନ୍ୟାନ୍ୟ ଖେଳ ଅନ୍ତର୍ଭୁକ୍ତ ରହିଥିଲା। କେତେକ ତାଲିମପ୍ରାପ୍ତ ଲୋକ ମାର୍ଶାଲ ଆର୍ଟ, କରାଟେ କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହିଭଳି ଏକ ଉପାଦେୟ କ୍ରୀଡ଼ା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବେଶ କୌତୁହଳ ଏବଂ ଉତ୍ସାହ ଦେଖିବାକୁ ମିଳିଥିଲା। ସମସ୍ତ ଛାତ୍ରଛାତ୍ରୀ ବେଶ ଉତ୍ସାହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଅଦିନିଆ ବର୍ଷା ଉଜାଡ଼ିଦେଲା ଚାଷୀଙ୍କ ଭାତହାଣ୍ଡି



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଅଦିନିଆ ବର୍ଷା ଯୋଗୁଁ ଭଞ୍ଜନଗର ଉପଖଣ୍ଡର ଭଞ୍ଜନଗର, ଜଗନ୍ନାଥ ପ୍ରସାଦ ଏବଂ ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପ୍ରଭାବିତ ହୋଇଛି ହଜାର ହଜାର ଏକର ଜମିର ଧାନଫସଲ। ଜମିରେ କଟାହୋଇ ପଡ଼ିଥିବା ଧାନଫସଲ, ଏବେ ପାଣିରେ ଭିଜୁଛି। ନଷ୍ଟ ହେବାକୁ ଯାଉଛି ଗଦା ହୋଇଥିବା ଫସଲ। ସେପଟେ ପ୍ରଶାସନ ପକ୍ଷରୁ କୁହାଯାଇଛି, ସରକାରୀ ନିୟମ ପ୍ରକାରେ ବ୍ୟବସ୍ଥା କରାଯିବ। ଅଦିନିଆ ବର୍ଷା ଯୋଗୁଁ ଭଞ୍ଜନଗର ଉପଖଣ୍ଡ ଅଞ୍ଚଳର ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକରେ ଏଭଳି କରୁଣ ପରିସ୍ଥିତି ଦେଖାଯାଇଛି। ତିନିଦିନ ଧରି ଲଗାଣ ବର୍ଷା ଯୋଗୁଁ, ପାଚିଲା ଧାନ ସବୁ ପାଣିରେ ଭିଜିଲା। ଏବେ ପରିସ୍ଥିତି ଏମିତି ହୋଇଛି ଯେ ଭିଜି ରହିଥିବା ଧାନକୁ ଜମିରୁ ଅମଳ କରିବା ଆଉ ସମ୍ଭବ ହେବନି। ଯଦିଓ କୌଣସିମତେ ଅମଳ ହେବ, କିନ୍ତୁ ତାହା ଆଉ ବ୍ୟବହାର ଯୋଗ୍ୟ ହେବନାହିଁ। ଏଣୁ ଚାଷୀକୂଳ ଏବେ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି, ବର୍ଷାକୁ ନେଇ ଅମଳ ସମୟରେ କିଭଳି ସତର୍କ ରହିବାକୁ ହେବ, ସେ ନେଇ କୃଷି ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଗଲା ନାହିଁ। କୃଷି ବିଭାଗର ଅଧିକାରୀ ମାନଙ୍କ, ଦେଖା ମିଳିଲାନାହିଁ। ଅନ୍ୟପକ୍ଷରେ ସରକାରଙ୍କ ନିର୍ଦ୍ଦେଶ ଆସିଲେ, କ୍ଷୟକ୍ଷତି ବାବଦରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ କହିଛନ୍ତି। ତେବେ ଏଭଳି ପରିସ୍ଥିତି ପ୍ରତି ସରକାରଙ୍କ ପକ୍ଷରୁ ଗଭୀର ଅନୁଧ୍ୟାନ କରି ଚାଷୀଙ୍କୁ ସହାୟତା ଯୋଗାଇ ଦେବା ନିହାତି ଜରୁରୀ ତା' ନହେଲେ ଚାଷୀଙ୍କ ମନୋବଳ ଭାଙ୍ଗିପଡ଼ିବା ସହ କୃଷି କ୍ଷେତ୍ରରେ ଏକ ବଡ ସଂକଟ ଦେଖାଦେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

# କମାରିଆରେ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ




ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅଧୀନ କମାରିଆ ବଜାରରେ ଆସନ୍ତା ଜାନୁଆରୀ ୧ ତାରିଖରେ ଦୁର୍ଗା ମେଡ଼ିସିନ ଷ୍ଟୋର ଏବଂ ସମ୍ବାଦ ଆମ ଓଡ଼ିଶା ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ସମାଜସେବୀ ସୁନୀଲ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ଅନାଦି ବେହେରା, ସମାଜସେବୀ ଅଶୋକ ନାୟକ, ରମଣ ରାଉତ, ଶଚିକାନ୍ତ ବେହେରା, ପ୍ରଦୀପ ବାରିକ, ବିକାଶ ମହାନ୍ତି, ହରିହର ନାୟକ, ନିରଂଜନ ତ୍ରିପାଠୀ, ଅରୁଣ ସେଠୀ, ଶକ୍ତିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ରକ୍ତଦାନ ଶିବିରକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ରକ୍ତ ବିନା କାହାରିକୁ ମରିବାକୁ ଦିଆଯିବ ନାହିଁ ବୋଲି ଆଲୋଚନା ହୋଇଥିଲା। ଶେଷରେ ସମ୍ବାଦ ଆମଓଡ଼ିଶା ତିହିଡ଼ି ଶାଖା ଆବାହକ ପ୍ରଭାତ କୁମାର ରାଉଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଓଡିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ନିଆଳି, (ଭାସ୍କର ନ୍ୟୁଜ): ପ୍ରାଚୀ ସାହିତ୍ୟ ସମିତି, ନିଆଳି ସୌଜନ୍ୟରେ ବିଶିଷ୍ଟ କଥାଶିଳ୍ପୀ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀ ଓଡିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ଶ୍ରୀ ରାଧାକାନ୍ତ ମଠ, ନୂଆଗାଁ, ନିଆଳି ଠାରେ ସମିତିର ସଭାପତି ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାରସ୍ୱତ ସଭାରେ ସମ୍ମାନିତ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ବିବରଣୀ ପାଠ କରିଥିଲେ। ଶତାଧିକ ସମ୍ବାଦିକା ଡକ୍ଟର ଶକୁନ୍ତଳା ବଳିଆରସିଂହ, ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ମଠର ମହନ୍ତ ବିଦ୍ୟାକୃଷ୍ଣ ଦାସ ମହାରାଜ, ଡାକ୍ତର ରାମ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ନାରାୟଣ ବେହେରା ପ୍ରମୁଖ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରି ଓଡିଆ ସାହିତ୍ୟକୁ ମହାପାତ୍ର ନୀଳମଣି ସାହୁଙ୍କ ଅବଦାନ ଶୀର୍ଷକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଅବଦୁଲ ବାରୀ ସଂଯୋଜନା କରିଥିଲେ ଓ ଗାଳ୍ପିକ ସନାତନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ପ୍ରାଧ୍ୟାପକ ଡ. ରାମଚନ୍ଦ୍ର ପଣ୍ଡା, ସମାଜସେବୀ ସଞ୍ଜୟ ବରାଳ, ନାଟ୍ୟକାର ଚିତ୍ତରଞ୍ଜନ ଦାସ, ପ୍ରଧାନ ଶିକ୍ଷକ ବାରିକ, ଅଧ୍ୟାପିକା ଡକ୍ଟର ସସ୍ମିତା ନାୟକ, ଗାଳ୍ପିକ ପ୍ରଦୀପ ମହାପାତ୍ର, ଅଧ୍ୟାପିକା ଅନୁରାଧା ମହାପାତ୍ର, ଜନଲେଖାର ସମ୍ପାଦକ ସଞ୍ଜୟ ପାତ୍ର, ସମାଜସେବୀ ତ୍ରିଲୋଚନ ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

## ଦେଶୀବିଦେଶୀ ମଦ ଜବତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଧୀନ କାନପୁର ଛକରୁ ପୁଲିସ ରବିବାର ଚୋରା ଦେଶୀବିଦେଶୀ ମଦ ଜବତ କରିଛି। ସୂଚନା ଯୋଗ୍ୟ ବିଶେଷ ସୂତ୍ରରୁ ଖବର ପାଇଁ ଭଦ୍ରକ ଜିଲ୍ଲାର ପୀରହାଟ ଥାନା ଅଧିନ କାନପୁର ଛକରୁ ସ୍ଥାନୀୟ ପୋଲିସ ଅଞ୍ଚଳରେ ଚଢ଼ାଉ କରିଥିଲା। ଫଳରେ ପୁଲିସ ବହୁ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଜଣକୁ ପୁଲିସ ଗିରଫ କରିଛି। ଏ ସମ୍ପର୍କରେ ୨୭୪/୨୪ ରେ ଏକ ମକଦ୍ଦମା ରୁଜୁ କରି କାନପୁର ଗ୍ରାମର ଅପର୍ଣ୍ଣ ବେହେରା ଓରଫ ମଞ୍ଜୁ ନାମକ ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣାଯାଇଛି ଯେ, ଶନିବାର ପୀରହାଟ ପୁଲିସ ଚଢ଼ାଉ କରି ବିଦେଶୀ ମଦ ୧୬ ବୋତଲ ଓ ଦେଶୀ ଆସ୍କାଫଟି ୩୩ ବୋତଲ ଜବତ କରିଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ବ୍ରଜରାଜନଗର ଅଞ୍ଚଳର ସର୍ବବୃହତ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ମଣ୍ଡଳିଆ ସ୍ଥିତ ଭିଏସଏସ ଷ୍ଟାଡିୟମରେ ଅନୁଷ୍ଠିତ ହେଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱ ତଥା କ୍ରୀଡ଼ା ବିଭାଗ ମୁଖ୍ୟ ଉପସଭାପତି ସୁମିତ ତିର୍କିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ଦୁଇ ଦିବସୀୟ କ୍ରୀଡ଼ା ଉତ୍ସବ ସମାପନ ସମାରୋହରେ ଓଡ଼ିଶା ରାଜ୍ୟ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟର କ୍ରୀଡ଼ା ବିକାଶ ସହ ସର୍ବାଙ୍ଗୀନ ବିକାଶ ପାଇଁ ସମୁଚିତ ସହଯୋଗ କରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଅତିଥି ପୂଜାରୀ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିଅନ ହେଇଥିବା ଯୁକ୍ତ ଦୁଇ ତଥା ଯୁକ୍ତ ତିନି ବାଳକ ଏବଂ ବାଳିକା ବିଭାଗର ଛାତ୍ର ଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ ମଧ କରିଥିଲେ। ସମାରୋହରେ ଏମସିଏଲ ଇବ ଭେଲି ଏରିଆ ମହାପ୍ରବନ୍ଧକ ଏକେ ପାଣ୍ଡେ ତଥା ମହାବିଦ୍ୟାଳୟ ଅବସର ପ୍ରାପ୍ତ ଅଧକ୍ଷ ଡ. ବିଶ୍ୱଜିତ ଖମାରୀ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ସଭାକୁ ସମ୍ବୋଧିତ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାପନ ସମାରୋହରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁରେଶ ହରିପାଲ, କଲେଜ ଅବସର ପ୍ରାପ୍ତ ପ୍ରାଧ୍ୟାପକ ରବି ନାରାୟଣ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ ପ୍ରମୁଖଙ୍କ ସମେତ ଅନ୍ୟ ଅତିଥି ମଞ୍ଚାସିନ ରହିଥିଲେ। କ୍ରୀଡ଼ା ବିଭାଗ ଉପ ସଭାପତି ଅଧ୍ୟାପିକା ଡକ୍ଟର ଋତୁପର୍ଣ୍ଣା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ଯୁକ୍ତ ତିନି ବାଳିକା ବିଭାଗରେ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ରୀ କାଜଲ କୁମାରୀ ଏବଂ ଯୁକ୍ତ ତିନି ବାଳକ ବିଭାଗରେ ପ୍ରଥମବର୍ଷ କଳା ଛାତ୍ର ଗୋବିନ୍ଦକୁମାର ସା ଚାମ୍ପିଅନ ହୋଇଛନ୍ତି। ସେହିପରି ଯୁକ୍ତ ଦୁଇ ବାଳିକା ବିଭାଗରେ ପ୍ରଥମ ବର୍ଷ ବାଣିଜ୍ୟ ବିଭାଗ ଛାତ୍ରୀ ଖୁସିକୁମାରୀ ରାମ ଚାମ୍ପିଅନ ହେଇଥିବା ବେଳେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳାଛାତ୍ର ନିଖିଲ ରାୟ ଚାମ୍ପିଅନ ହୋଇ ମହାବିଦ୍ୟାଳୟରେ ପ୍ରଶଂସାର ପାତ୍ର ହୋଇଛନ୍ତି।

## ଶିକ୍ଷକମାନଙ୍କ ପାଇଁ ଇଂରାଜୀ ଭାଷା ସମୃଦ୍ଧିକରଣ ପାଠ୍ୟକ୍ରମ



ବାରିପଦା, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ଶରତ୍ ଚନ୍ଦ୍ର ବିଦ୍ୟାପୀଠ, ବାରିପଦାରେ ୧୬ ଡିସେମ୍ବରରୁ ୨୦ ଡିସେମ୍ବର ୨୦୨୪ ଯାଏଁ ଇଂରାଜୀ ଭାଷା ସମୃଦ୍ଧିକରଣ ପାଠ୍ୟକ୍ରମର (ELEC) ଦ୍ୱିତୀୟ ସାମ୍ନାସାମ୍ନି କାର୍ଯ୍ୟଶାଳା ସଫଳତାର ସହ ପରିସମାପ୍ତ ହୋଇଛି। ଏଥିରେ ମୟୁରଭଞ୍ଜର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ପ୍ରାୟ ୪୦ଜଣ ମୂଳ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏହାର ପ୍ରଥମ ଦିନରେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଉଦ୍‌ଘାଟିତ କରିଥିଲେ। ଏହା ସହିତ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ଜିଲ୍ଲା ପାଠ୍ୟକ୍ରମ ସମନ୍ୱୟକାରୀ ଶୈଳବାଳା ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଦ୍ୱାରା ନିର୍ଦ୍ଦେଶିତ ଜୟଚନ୍ଦ୍ର ବେହେରା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ମେଣ୍ଟରମାନଙ୍କ ଯୋଗଦାନ ପାଠ୍ୟକ୍ରମ ଅନୁସାରେ, ଚାରିଜଣ ମେଣ୍ଟର ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମେଣ୍ଟରମାନେ ହେଲେ ଉଦଲା ବ୍ଲକ୍‌ର ରବିକାନ୍ତ ମହାପାତ୍ର, କରଞ୍ଜିଆ ବ୍ଲକ୍‌ର ମଙ୍ଗୁଲୁ ପତ୍ର, କୁଲିଆନା ବ୍ଲକ୍‌ର ରଞ୍ଜନ କୁମାର ଶାଉ ଓ ବାଲେଶ୍ୱରର ରେମୁଣା ବ୍ଲକ୍‌ର ତୁଳସୀ ପ୍ରସାଦ ଦାସ। ଆଜିମ ପ୍ରେମଜି ବିଶ୍ୱବିଦ୍ୟାଳୟର ଯୋଗଦାନ ୪ର୍ଥ ଦିନରେ, ଆଜିମ ପ୍ରେମଜି ବିଶ୍ୱବିଦ୍ୟାଳୟ, ବ୍ୟାଙ୍ଗାଲୋରର ଅଧାପିକା ଡ. ଅନୁପମା ରାଜ କାର୍ଯ୍ୟକ୍ରମ ସ୍ଥଳୀକୁ ଗସ୍ତ କରିଥିଲେ। ସେ କହିଲେ, 'ଏହା କୌଣସି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନୁହେଁ ଏକ ଭାଷା ସମୃଦ୍ଧିକରଣ କୋର୍ସ ଯାହା ଶିକ୍ଷକମାନଙ୍କୁ ନିର୍ଭୀକ ଭାବରେ ଇଂରାଜୀରେ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ କରିବା ପାଇଁ ଆଜିମ ପ୍ରେମଜି ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଛି।' ଏହି କୋର୍ସ ୯ସପ୍ତାହ ଧରି ଚାଲିବ। ପ୍ରଥମ ସାମ୍ନା-ସାମ୍ନି ପ୍ରଶିକ୍ଷଣ ୧୮ ନଭେମ୍ବରରୁ ୨୨ ନଭେମ୍ବର ୨୦୨୪ ଯାଏଁ ଦେଶର ଅନେକ ସ୍ଥାନରେ ଆୟୋଜିତ ହୋଇଥିଲା। ଏହି କୋର୍ସରେ ମୋଟ ୫୦୦ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି ଓ ୬୧ ମେଣ୍ଟର ତାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ୧୦ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଚାଲିଛି, ଯାହାରେ ବାରିପଦା, ଝାରସୁଗୁଡ଼ା, ଭବାନୀପାଟଣା, ଜୟପୁର, ଭୁବନେଶ୍ୱର, କଟକ, ଖଲିକୋଟ, ବାଲେଶ୍ୱର, ବରଗଡ଼, ଓ ଅନୁଗୁଳ ରହିଛି। ସମସ୍ତ ସ୍ଥାନର କାର୍ଯ୍ୟକ୍ରମକୁ ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁମିତା ଦାସ ଓ ଆଜିମ ପ୍ରେମଜି ବିଶ୍ୱବିଦ୍ୟାଳୟର ପ୍ରାଚାର୍ଯ୍ୟମାନେ ନିରୀକ୍ଷଣ କରୁଛନ୍ତି। କାର୍ଯ୍ୟକ୍ରମ ଶେଷ ପରେ, ଅଂଶଗ୍ରହଣକାରୀ ଶିକ୍ଷକମାନଙ୍କୁ ଡିଜିଟାଲ୍ ପ୍ରମାଣପତ୍ର ଦିଆଯିବ।

## ବିଜ୍ଞାନ ଓ ଖାଦ୍ୟ ମେଳା ଅନୁଷ୍ଠିତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ଅଙ୍କୁରା ସ୍ଥିତ ଶିମିଳିପାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ରବିବାର ଦିନ ସକାଳ ଆଠ ଘଟିକାରେ ଅନୁଷ୍ଠାନର ଚେୟାରମ୍ୟାନ ଦଶରଥ ମହାନ୍ତଙ୍କ ଦ୍ୱାରା ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଦିବସୀୟ ବିଜ୍ଞାନ ଓ ଖାଦ୍ୟ ମେଳା ଉଦଘାଟିତ ହୋଇଯାଇଛି। ଏହି ଏକ ଦିନିଆ ବିଜ୍ଞାନ ଓ ଖାଦ୍ୟ ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ଓ କୁନିକୁନି ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରା ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟର ଷ୍ଟଲ ବସାଇଥିଲେ। ଏହି ଷ୍ଟଲରୁ ଖାଦ୍ୟ କିଣି ନିମନ୍ତ୍ରିତ ଅତିଥିମାନଙ୍କ ସହ ଛାତ୍ର ଛାତ୍ରୀଙ୍କ ଅଭିଭାବକମାନେ ଖାଦ୍ୟର ମାନ ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାଦଡିହାର ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥି, ସମ୍ମାନିତ ଅତିଥି ଭାବେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା, ନୂଆଁଗା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେଶ କୁମାର ବେହେରା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ପ୍ରକଳ୍ପର ବିଚାରକ ଭାବେ ଗାଲୁସାହି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ନାରାୟଣ ସାହୁ , ସି.ଆର.ସି.ସି ପ୍ରଦୀପ ପାତ୍ର, ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଲେବ ଆସିଷ୍ଟାଣ୍ଟ ବେଣୁଧର ମହାନ୍ତ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରିଥିଲେ। ବିଜ୍ଞାନ ପ୍ରକଳ୍ପର ସହାୟକ ଭାବେ ଶିମିଳିପାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଜିତେନ୍ଦ୍ର ମହାନ୍ତ, ମନୋଜ ମହାନ୍ତ, ପ୍ରୀୟମ୍ବଦା ମିଶ୍ର କୁନି ବୈଜ୍ଞାନିକ ମାନଙ୍କୁ ତାଙ୍କର ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ। ଖାଦ୍ୟ ମେଳାର ସହାୟକ ଭାବେ ଭଗବତୀ ନାଏକ, ପ୍ରତିମା ମହାନ୍ତ, ମୀରା ସୋନାର, ନମିତା ମହାନ୍ତ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରସସୁନ୍ଦର କରିବା ପାଇଁ ସହକାରୀ ଅଧକ୍ଷା ବିଷ୍ଣୁପ୍ରିୟା ବେହେରା, ପ୍ରୀୟମ୍ବଦା ମିଶ୍ର, ଈଶ୍ୱର ଚନ୍ଦ୍ର ଗିରି ଓ ପ୍ରତିଭା ବାରିକଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ବିଜ୍ଞାନ ପ୍ରକଳ୍ପ ମଧ୍ୟରୁ ବରିଷ୍ଠ ବର୍ଗରେ ଚନ୍ଦ୍ରୟାନ ପ୍ରକଳ୍ପ, ସୂର୍ଯ୍ୟ ଶକ୍ତି ଜଳସେଚନ ପ୍ରକଳ୍ପ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗର ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ, ବଳକା ଜଳରେ ଚିକିତ୍ସା ପ୍ରକଳ୍ପ, ବର୍ଷାରୁ ସଫା ଲୁଗା ସୁରକ୍ଷା ଆଦି ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏପରି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଅଭିଭାବକମାନେ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଲଘୁଚାପ ବର୍ଷାରେ ବ୍ୟାପକ ଫସଲ ନଷ୍ଟ

କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍): ଅଦିନିଆ ଲଘୁଚାପ ବର୍ଷା ପ୍ରଭାବରେ ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ରାମଲେଙ୍କା, ବଜ୍ରକୋଟ, ମାଲୁଦ ବୁଦ୍ଧିବର, ସିଆଳ, ସିଆଣ୍ଡି ଓ ବଡଝଡ଼ ପଞ୍ଚାୟତରେ ମୁଗ, ବିରି, କୋଳଥ, ପନିପରିବା ଓ ଚିନାବାଦାମ ଫସଲ ବ୍ୟାପକ ପରିମାଣରେ ନଷ୍ଟ ହୋଇଛି। ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ବୁଣା ଯାଇଥିବା ଚିନାବାଦାମ ଜମିରେ ପାଣି ଜମି ଥିବାବେଳେ ଅମଳ ହେବାକୁ ଥିବା ଧାନ ପାଣିରେ ଭାସୁଛି। ଫଳରେ ଧାର କରଜ କରି ଚାଷ କରିଥିବା ଚାଷୀ ମୁଣ୍ଡରେ ଚଡକ କିପରି ସୁଝିବ ଋଣ। ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁଁ ଧାନ ଫସଲ ହାନି ସାଙ୍ଗକୁ ଲଘୁଚାପ ବର୍ଷାରେ ଚିନାବାଦାମ ନଷ୍ଟ ହୋଇ ବୋଝ ସାଙ୍ଗକୁ ନଳିତାବିଡା ସଦୃଶ୍ୟ। ତେଣୁ ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସାହାୟତା ରାଶି ପ୍ରଦାନ କରିବାକୁ କୃଷ୍ଣପ୍ରଶାଦ କୃଷକ ସଂଗଠକ ଦୀପକ ଜେନା ଓ ଅଞ୍ଚଳ ବାସି ଦାବିକରିଛନ୍ତି।

## ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସ୍ମରଣ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସ୍ମୃତିଚାରଣ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ପଲ୍ଲୀ ପ୍ରକୃତି ଓ ଗ୍ରାମୀଣ ଜୀବନ ତାଙ୍କ ରଚନାରେ ବେଶ ଜୀବନ୍ତ ହୋଇ ଉଠେ। ଶିଶୁ ସାହିତ୍ୟକୁ ପ୍ରଭାବଶାଳୀ କରିବାରେ ତାଙ୍କ ଅନବଦ୍ୟ ଅବଦାନ ଚିର ପ୍ରେରଣାଦାୟୀ।

## କଥାକାର ମହାପାତ୍ର ନୀଳମଣି ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଥାକାର ମହାପାତ୍ର ନୀଳମଣି ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ପ୍ରଖ୍ୟାତ କଥାକାର ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଉପନ୍ୟାସ, ଗଳ୍ପ ତଥା ପ୍ରବନ୍ଧ ଆଦି ରଚନା କରି ସେ ଓଡ଼ିଆ ସାହିତ୍ୟର ଗରିମା ବୃଦ୍ଧି କରିଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ।

## ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ କ୍ରୀଡ଼ା ଉତ୍ସବ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ୪୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡଃ କାନନବାଳା ନାୟକଙ୍କ ସଭାପିତ୍ୱରେ ଆୟୋଜିତ ଉଦ୍‌ଘଟନୀ ସଭାରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପାଠପଢ଼ା ସହିତ କ୍ରୀଡ଼ାର ଗୁରୁତ୍ୱ ରହିଛି ବୋଲି କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ସହ-ଶିକ୍ଷାଅଧିକାରୀ ଖଗେଶ୍ୱର ନାୟକ ଯୋଗଦେଇ କ୍ରୀଡ଼ା ଶୃଙ୍ଖଳା ଛାତ୍ରଛାତ୍ରୀଙ୍କ ଉତମ ଚରିତ୍ର ଗଠନର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ଦାସ, ଲକ୍ଷ୍ମୀନାରାୟପୁର ପଞ୍ଚାୟତର ସମିତିସଭ୍ୟ ଫନିନ୍ଦ୍ର ବେହେରା ଯୋଗଦେଇ ସୁସ୍ଥ ଓ ନିରୋଗ ଶରୀର ଗଠନ ପାଇଁ କ୍ରୀଡ଼ାର ଗୁରୁତ୍ୱ ରହିଛି ବୋଲି କହିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସୀମାରାଣୀ ନାୟକ ଓ ସୁଶ୍ରୀ ସଙ୍ଗିତା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମାର୍ଚ୍ଚିଙ୍ଗ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ଲେଜିମ୍ ଡ୍ୟାନ୍ସ ଓ ସ୍ୱାଗତ ସଙ୍ଗୀତ ମନୋମୁଗ୍ଧକର ଥିଲା। ମୌସୁମୀ ନାୟକ ମଞ୍ଚ ପରିଚାଳନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଞ୍ଜନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ମଧ ବରିଷ୍ଠ ଓ କନିଷ୍ଠ ବର୍ଗରେ ଦୌଡ଼ା, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ୍‌ଥ୍ରୋ, ଅଖାଦୌଡ଼, ଆଳୁ ଚାମଚ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା, ପ୍ରଭାତି ପାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବେବିନା ଭୂୟାଁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

## ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲଙ୍କ ୮୯ତମ ଜନ୍ମ ଜୟନ୍ତୀ ପାଳିତ

ଡେରାବିଶ(ଭାସ୍କର ନ୍ୟୁଜ): ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ୮୯ତମ ଜନ୍ମଜୟନ୍ତୀ ଗତକାଲି ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ କାକଟିଆ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟ ପରିସରେ ଡେରାବିଶ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ପରେ ସନ୍ଧ୍ୟାରେ ବ୍ଲକ ଅନ୍ତର୍ଗତ କୁଶିଆପାଳ ପଂଚାୟତ ସ୍ଥିତ ପ୍ରଭୁ ଲଛମନଜୀଉଙ୍କ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା । ଏହି ସ୍ମୃତିସଭା ଦୀପଦାନ କାର୍ଯ୍ୟକ୍ରମରେ ୧୪ ନଂ ଜୋନ୍ ଜିଲ୍ଲା ପରିଷଦ ପ୍ରାର୍ଥୀ ଅରବିନ୍ଦ ମଲିକ, ଖମୋଳ ସରପଂଚ ତୃପ୍ତିମୟୀ କର, କାଉପଡ଼ା ସରପଂଚ ପ୍ରତାପ ବେହେରା, ବରିଷ୍ଠ ବିଜେଡ଼ି ନେତା ମନିନ୍ଦ୍ର ପ୍ରସାଦ ରଥ, ଦେବରାଜ ମହାପାତ୍ର, ଶ୍ରୀମନ୍ତ ରାଉତରାୟ, କୃଷ୍ଣଚନ୍ଦ୍ର ବଳ, ପ୍ରିତିରଞ୍ଜନ ପରିଡ଼ା, ବଟକୃଷ୍ଣ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ହାତୀ ଆଳ ଦେଖାଇ ରାତିସାରା ବିଦ୍ୟୁତ୍ କାଟ୍

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି,ବଡଝରା, ବସୋଇ, କଙ୍କିଲି, କାଟେଣୀ ଆଦି କେତେକ ଅଞ୍ଚଳରେ ଆଜକୁ ୩ଦିନ ଧରି ରାତିସାରା ବିଦ୍ୟୁତ୍ କାଟ ହେଉଥିବାରୁ ଉପଭୋକ୍ତାଙ୍କର ଚିନ୍ତା ବଢ଼ାଇବା ସାଙ୍ଗକୁ ଅସନ୍ତୋଷ ପ୍ରକାଶ ପାଇଛି ।ଅଞ୍ଚଳରେ କିଛି ବର୍ଷ ଧରି ବଣୁଆ ହାତୀ ମାନେ ଉପଦ୍ରବ କରି ଚାଲିଥିବା ବେଳେ, ସେଥିପାଇଁ ଲୋକଦେଖାଣିଆ ଭାବେ ଅଧିକାଂଶ ଦିନ ମାନଙ୍କରେ ହାତୀ ପାହାଡ଼ରେ ଥିଲେ ମଧ୍ୟ ରାତି ଲାଇନ କାଟି ଦିଆଯାଉଛି ।ହାତୀ ନଥାଇ ମଧ୍ୟ ଅଞ୍ଚଳରେ ହାତୀ ମାନଙ୍କ ଉପଦ୍ରବ ଯୋଗୁଁ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଥିବା ବେଳେ ଏହାକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି । ହାତୀ ମାନେ ବିଦ୍ୟୁତ୍ ଆଘାତ ନପାଇବା ପାଇଁ ବିଦ୍ୟୁତ୍ ବିଭାଗ ହେଉ କିମ୍ବା ବନ ବିଭାଗ କର୍ମଚାରୀ ହେଉ ନିଜର ଦୋଷ ଛଡ଼ାଇବାକୁ ଏହି ବ୍ୟତିକ୍ରମ ହେଉଛି । ଅଞ୍ଚଳରେ ୩ଦିନ ଧରି ରାତି ୯ ଟା ବାଜିଲେ ବିଦ୍ୟୁତ୍ ସରୋବରାହ ବନ୍ଦ କରାଯାଇ ସକାଳ ୬ ଟା ପର୍ଯ୍ୟନ୍ତ କଟାଯାଉଛି । ଯାହା ଫଳରେ ଉପଭୋକ୍ତା ମାନେ ତୀବ୍ର ଅସନ୍ତୋଷ କରିଛନ୍ତି । ହାତୀ ସମସ୍ୟା ଆଳରେ ବିଦୁତ୍ କଟା ଯାଉଥିବାରୁ ଅଞ୍ଚଳ ବାସୀ ରାତିସାରା ଅନ୍ୟାନ ବିପଦରେ ରହିବାକୁ ପଡୁଛି । ବିଦ୍ୟୁତ୍ କାଟ ହେଉଥିବାରୁ ଘନ ଅନ୍ଧାରରେ ହାତୀ ମାନେ ଗାଁ ଗହଳିରେ ପଶି କ୍ଷୟକ୍ଷତି କରିବା ଆଶଙ୍କା ରହିଛି । ଏହା ସହିତ ଗାଁ ଗହଳି ମାନଙ୍କରେ ପିଲାଙ୍କ ପାଠ ପଢ଼ା ଓ ଖାଇବା ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ହଜାର ସଂଖ୍ୟକ ବିଦ୍ୟୁତ୍ ଉପଭୋକ୍ତା ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି, ରାତିରେ ଲାଇନ କାଟ ଏବଂ ଦିନରେ ଯାନ୍ତ୍ରିକ ତ୍ରୁଟିକୁ ସଜାଡ଼ିବା ନିମନ୍ତେ ଲାଇନ କାଟକୁ ନେଇ ଉପଭୋକ୍ତା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଏଭଳି ପଦକ୍ଷେପକୁ ନିନ୍ଦା କରିବାସହିତ ଏଥିପ୍ରତି ବିଭାଗୀୟ ସୁଧାର ଆଣିବାକୁ ସର୍ବସାଧାରଣରେ ଦାବି ରଖଛନ୍ତି ।

## ନିତ୍ୟ ସଂଧ୍ୟା ଆରତୀର ବାର୍ଷିକ ମହୋତ୍ସବ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମହୋଦଧି ଭଗବାନଙ୍କ ନିତ୍ୟ ସଂଧ୍ୟା ଆରତୀର ୧୯ତମ ବାର୍ଷିକ ମହୋତ୍ସବ ଆସନ୍ତା ଜାନୁଆରୀ ୯ତାରିଖ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଯାଉଛି । ପୁରୀ ପୀଠାଧୀଶ ଶଙ୍କରାଚାର୍ଯ୍ୟଙ୍କ ସାନିଧ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଦଶ ହଜାର ଭକ୍ତଙ୍କ ସମାଗମ ହେବା ସହିତ ସାଧୁ ସନ୍ଥ ମହନ୍ତ,ଗଜପତି ମହାରାଜା, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ବିଭିନ୍ନ ଦଳର ସୁପ୍ରତିଷ୍ଠିତ ରାଜନେତା, ପ୍ରବାସୀ ଭାରତୀୟଙ୍କ ସହ ବିଭିନ୍ନ ଆଧାତ୍ମିକ ସଂସ୍ଥାର ପ୍ରମୁଖ, ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ଯୋଗଦେବେ । ମହୋତ୍ସବ ପ୍ରାତଃ ସଂକୀର୍ତ୍ତନ ରୁ ଆରମ୍ଭ ହୋଇ, ମଧାହ୍ନ ରେ ସୁନ୍ଦର କାଣ୍ଡ ପାଠ ଓ ଅପରାହ୍ନ ୪ ଟାରୁ ୭ଟା ପର୍ଯ୍ୟନ୍ତ ମହୋତ୍ସବ ଓ ମହା ଆରତୀ ଅନୁଷ୍ଠିତ ହେବା ନେଇ ଶ୍ରୀ ମହୋଦଧି ଆରତୀ ସଞ୍ଚାଳନ ସମିତିର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଛନ୍ତି । ସମସ୍ତ ବିଭାଗର ସହଯୋଗ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ବୈଠକ ହେବା ସହ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗ ସେମାନଙ୍କୁ ନ୍ୟସ୍ତ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏସ ପି ବିନୀତ ଅଗ୍ରୱାଲଙ୍କ ସମେତ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

## ବିଜାଡ଼ିହିକୁ ହରାଇ ଜସୱିନ୍ ଏକାଦଶ ଚାମ୍ପିୟନ୍

ବ୍ରଜରାଜନଗର (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୌଡ଼ମାଲ ପଞ୍ଚାୟତ ଠିଆବେଣ୍ଟା ଗ୍ରାମ ଠାରେ ୨ ତମ ଝରିଆ ଗୌଡ଼ ସମାଜ ପକ୍ଷରୁ ପାଞ୍ଚ ଦିନିଆ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ସମୁଦାୟ ୧୬ଟି ଦଳ ପ୍ରତିଯୋଗିତାରେ ଭାଗ ନେଇ ଥିଲେ । ଫାଇନାଲ ଖେଳ ବିଜାଡ଼ିହି ସହିତ ଜସୱିନ୍ ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜସୱିନ୍ ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୯୩ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ବିଜାଡ଼ିହି ଦଳ ୭ ଓଭର ୩ ବଲରେ ସମସ୍ତ ୱିକେଟ୍ ହରାଇ ୫୫ ରନ ସଂଗ୍ରହ କରି ପରାଜୟ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ କେତକୀ ଖଣ୍ଡା, ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ,ସୁରେଶ ମେହେର,ଶରତ ରଣା,ସମାଜ ସେବୀ ଗଦାଧର ସାଏ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜେତା ଦଳକୁ ନଗଦ ୨୫,୦୦୦ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୧୮,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ ଜସୱିନ୍ ଦଳର ପପୁ,ମ୍ୟାନ ଅଫ ଦି ସିରିଜ୍ ଭାବେ ଜସୱିନ୍ ଦଳର ଆକାଶ,ବେଷ୍ଟ ଫିଲଡର ଭାବେ ଜସୱିନ୍ ଦଳର ସମୀର,ବେଷ୍ଟ ବୋଲର ଜସୱିନ୍ ଦଳର ମୋହନ,ବେଷ୍ଟ ୱିକେଟ୍ କିପର ଜସୱିନ୍ ଦଳର ପପୁ ଙ୍କୁ ପୁରସ୍କୃତ କରାଯାଇଥିଲା । ସୁରୁ ସାହୁ ଓ ଆନନ୍ଦ କଟାର ଫାଇନାଲ ଖେଳ ପରିଚାଳନା କରିଥିବା ବେଳେ ମନୋଜ ସା ସ୍କୋରର ଦ୍ୱାୟିତ୍ୱ ତୁଲାଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଗୋକୁଳାନନ୍ଦ ଭଇଁଷା ଯୋଗ ଦେଇଥିଲେ । ଭାଗିରଥି ପୁଝାରୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆୟୋଜକ ଖରିଆ ଗୌଡ଼ ସମାଜର ଅନିଲ ବଗର୍ତ୍ତି, ଲଳିତ ସା, ମନୋଜ ରାଉତ, ଜିତୁ ସା, ପ୍ରଭାକର ସା, ରାମଦେବ ସା, ରୋସନ ସା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଦିବାସୀ ସେଙ୍ଗେଲ୍ ଅଭିଯାନରେ ବିଜୟ ଦିବସ ପାଳିତ



ବାରିପଦା(ଭାସ୍କର ନ୍ୟୁଜ୍): ଖୁଣ୍ଟା ବ୍ଲକର ଅଁଳାଶୁଳି ଗ୍ରାମରେ ବିଜୟ ଦିବସ ପାଳନ କରାଯାଇଛି। କପ୍ତିପଦା ସବଡ଼ିଭିଜନ କମିଟି ଓ ଖୁଣ୍ଟା ବ୍ଲକ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଅଦିବାସୀ ସେଂଗେଲ୍ ଅଭିଯାନ ଏବଂ ମାତୃଭୂମୀ, ମାତୃଭାଷା ବିଜୟ ଦିବସ ପାଳନ କରାଯାଇଛି ।କପ୍ତିପଦା ସବଡ଼ିଭିଜନ ସଭାପତି ଭୋଲାନାଥ ହାଁସଦା ସାର୍ବଜନୀନ ଦେଶଧାନୀ ଦିବସ ପାଳନକୁ ଏକ ସଂକେତ ଆଗକୁ ନେଇ ଆହ୍ୱାନ କରିଥିଲେ। ସାନ୍ତାଳୀ ଭାଷାର ତାରିକିତ ସଂଗ୍ରାମୀ ଈଶ୍ୱର ଚନ୍ଦ୍ର ସୋରେନଙ୍କ ସହ ଏହି ସଭାରେ ସାଲଖାନ ମୁର୍ମୁ ଓ ବୀର ସିଦ୍ଧ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ଫୁଲ ମାଳ ଅର୍ପଣ କରାଯାଇଥିଲା।ଏହି ସଭାରେ ଅଁଳାଶୁଳି ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ କପ୍ତିପଦା ସବଡ଼ିଭିଜନ ସଭାପତି ଉଦୟ ନାଥ ହେମ୍ବ୍ରମ ସଭାପତିତ୍ୱ କରିଥିଲେ। ସମାରୋହରେ କପ୍ତିପଦା, ଉଦଳା ଏବଂ ଗୋପବନ୍ଧୁନଗର ବ୍ଲକ ସଭାପତିମାନେ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିଗଣ ବିଶେଷ ଭାବେ ସହଯୋଗ କରିଥିଲେ।ସାନ୍ତାଳ ହୁଲ୍ ଆରମ୍ଭ କରି ୨୨ ଡିସେମ୍ବର ୧୮୫୫ ରେ ସାନ୍ତାଳ ପାର୍ଗାନା ସଂଗ୍ରାମ ତାରିଖ ଦେଖାଯାଇଛି, ଯାହାର ଏହି ଦିନଟି ସାନ୍ତାଳୀ ଭାଷାର ଅଧିକାର ଲାଗି ସଂଗ୍ରାମୀ ସଂଘର୍ଷ ପରିଣତ ହୋଇଥିଲା। ସମାରୋହର ଶେଷରେ, କପ୍ତିପଦା ସବଡ଼ିଭିଜନ ସଂପାଦକ ମାଧବ ଚନ୍ଦ୍ର ସୋରେନ ଧନ୍ୟବାଦ ଜଣାଇ ସଭା ସମାପ୍ତ କରିଥିଲେ।

## ଓଡ଼ିଶା ସାମ୍ବାଦିକ ୟୁନିଅନର ପ୍ରତିଷ୍ଠା ଦିବସ ସମାରୋହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରୋଟେକ୍ସନ୍ , ପେନସନ, ଏବଂ ଆକ୍ରେଡେସନ ଦାବିରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବା ଓୟୁଜେର ୫୩ତମ ପ୍ରତିଷ୍ଠା ଦିବସ ସମାରୋହ ଭୁବନେଶ୍ୱର ଜୟଦେବ ଭବନରେ ପାଳିତ ହୋଇଛି । ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସାମ୍ବାଦିକତା ଏକ ବୃତ୍ତି ନୁହେଁ ବରଂ ଏହାକୁ ଏକ ପ୍ରବୃତ୍ତି ଭାବି ସାମ୍ବାଦିକମାନେ କାମ କରିବା ଦରକାର ବୋଲି ଆଇନ୍ ମନ୍ତ୍ରୀ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟପଟେ ନିକଟ ଭବିଷ୍ୟତରେ ଓଡ଼ିଶା ସରକାର ଗୋଟିଏ ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣନ୍ତୁ ଏବଂ ସେଥି ପାଇଁ ଯାହା ଆବଶ୍ୟକୀୟ ସେଥିପାଇଁ ମୁଁ ନିଜେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ କିଛି ଯୁବ ସାମ୍ବାଦିକଙ୍କ ସମେତ ଅନେକ ଜିଲ୍ଲାରୁ ଆସିଥିବା ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା ।

## ମସ୍ତିଷ୍କାଘାତ ସମ୍ପର୍କିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ୍): ବ୍ରହ୍ମାକୁମାରୀଜ୍ ସବ୍‌ଜୋନ୍ ମୁଖ୍ୟାଳୟ ଝାଞ୍ଜିରୀମଙ୍ଗଳା ସ୍ଥିତ ପ୍ରଭୁ ସମର୍ପଣ ଭବନ ହଲ୍‌ରେ ରାଜଯୋଗିନୀ ଡଃ. ବ୍ର.କୁ. କମଲେଶ ଦୀଦୀଜୀ ଏବଂ ବ୍ର.କୁ. ସୁଲୋଚନା ଦୀଦୀଙ୍କ ତତ୍ତ୍ୱାବଧାନରେ ମସ୍ତିଷ୍କାଘାତ ସଚେତନତା ଶିବିରର ଅନୁଷ୍ଠିତ ହୋଇଯାଇଛି । ଡକ୍ଟର ଶୁଭେନ୍ଦୁ ଶେଖର ପଣ୍ଡା ଦୃଶ୍ୟ ଶ୍ରାବ୍ୟ (ବୃତ୍ତ ଚିତ୍ର) ମାଧ୍ୟମରେ ମସ୍ତିଷ୍କାଘାତର କାରଣ, ଲକ୍ଷଣ ଏବଂ ନିବାରଣ ବିଷୟରେ ଆଲୋକପାତ କରିଥିଲେ। ଶିବିରରେ (ଅବିରତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଚାପ୍ ସାବିତ୍ରୀ ନାୟକ, ମୁଲତା ଜେନା, ବିଶ୍ୱଚିତ୍ ନାୟକ ଯୋଗ ଦେଇଥିଲେ। ଏହି ଶିବିରରେ କଟକର ସମସ୍ତ ସମର୍ପିତ ଭାଇ ଭଉଣୀମାନଙ୍କ ସହିତ ନିୟମିତ କ୍ଲାସ କରୁଥିବା ବ୍ରହ୍ମାକୁମାର-କୁମାରୀ ଭାଇ ଭଉଣୀମାନେ ଅନେକ ସଂଖ୍ୟାରେ ଯୋଗ ଦେଇ ଦେଇଥିଲେ।

## ଗୁଆଲସିଂ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ପରିସରରେ ଆଜି ବ୍ଲକସ୍ତରୀୟ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତରୁ ମୋଟ ୧୨୭ ଜଣ ବ୍ୟକ୍ତି ସେମାନଙ୍କ ଅଭିଯୋଗ ପଞ୍ଜିକୃତ କରିଥିଲେ। ଏହି ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତ ଆବାସ ଓ ରେସନ କାର୍ଡ ଏବଂ ପାନୀୟ ଜଳ ଇତ୍ୟାଦି ସମ୍ପର୍କିତ ଅଭିଯୋଗ ରହିଥିଲା । ଏହି ଶିବିରରେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ, ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ, ବିଡିଓ ନମିତା ବାରିକ, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରା, ସିଡିପିଓ ହରପ୍ରୀୟା ଦେବୀ, ବ୍ଲକ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ଯନ୍ତ୍ରୀ ଅନୀଲ କୁମାର ମହାନ୍ତିଙ୍କ ସମେତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବସଙ୍ଗଠକ ଦିଲ୍ଲୀପ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଜନ ଅଭିଯୋଗ ଶୁଣାଣି ଶିବିର ପରିଚାଳନାରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ଯୁବ ସ୍ୱେଚ୍ଛାସେବୀ ମାନେ ଓ ଗ୍ରାମବାସୀ ବୃନ୍ଦ ଶାନ୍ତିଶୃଙ୍ଖଳାର ସହିତ ସହଯୋଗ କରିଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣକାରୀ ବିଦେଶୀ ଦମ୍ପତିଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ନେହେରୁ ସେବା ସଂଘ ଭବାନୀପାଟଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କଳାହାଣ୍ଡି ତରଫରୁ ଭବାନୀପାଟଣାରୁ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଇଟାଲୀର ଦମ୍ପତି ଲୁସିଆନା ରୋସି ଓ ଲୁଇଗୀ ରୋସୋ ଏବଂ ଝିଅ ପ୍ରତୀକ୍ଷାକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଦ୍ୱାରା ବିଦେଶୀ ଦମ୍ପତି ଏବଂ ପୋଷ୍ୟ ସନ୍ତାନ ଝିଅ ପ୍ରତୀକ୍ଷାକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରକାଶ ଥାଉକି ପୋଷ୍ୟ ସନ୍ତାନ ଝିଅ ପ୍ରତୀକ୍ଷାକୁ ସେପ୍ଟେମ୍ବର ୨୧ ତାରିଖ ୨୦୧୬ ମସିହାର ଇଟାଲୀର ଏହି ଦମ୍ପତି ନିଜର ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିନେଇଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ କରିବାର ୮ ବର୍ଷ ପରେ ବିଦେଶରୁ ନିଜର




ଜନ୍ମ ମାଟି କଳାହାଣ୍ଡିକୁ ପ୍ରତୀକ୍ଷା ନିଜର ମା' ବାପା ସହିତ ମିଶି ଆସିଥିବାରୁ ଖୁସି ଅନୁଭବ କରିଛି ଓ ଇଟାଲୀରେ ଭଲରେ ରହି ପାଠ ପଢୁଥିବା କହିଥିଲେ । ଇଟାଲୀର ଏହି ଦମ୍ପତି ଝିଅ ପ୍ରତୀକ୍ଷାକୁ ପାଇ ବହୁତ ଖୁସି ବିଶେଷ କରି କଳାହାଣ୍ଡି ଆସିଥିବାରୁ ଏବଂ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାରୁ ଜିଲ୍ଲା ପ୍ରଶାସନ ଓ ନେହେରୁ ସେବା ସଂଘକୁ ପ୍ରଶଂସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସି.ଡବ୍ଲୁ.ସି.ର ଅଧ୍ୟକ୍ଷ ରୂପ କିଶୋର ହୋତା, ପୂର୍ବତନ ସି.ଡବ୍ଲୁ.ସି. ର ଅଧ୍ୟକ୍ଷ ଅଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଲୋକ ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ମମତା ଦାସ୍, ଡି.ସି.ପି.ୟୁ. ରାଜଲକ୍ଷ୍ମୀ, ଓମ୍ ପ୍ରକାଶ ଅଗ୍ରୱାଲ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟ ର ପ୍ରୋଗ୍ରାମ ଅଫିସର ଅଂଶୁମାନବାବୁ ପରିଚାଳନା କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ପ୍ରସ୍ତୁତ ବୈଠକ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ଜାନୁଆରୀରେ ହେବାକୁ ଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରପ୍ରାପ୍ତ ବିଡିଓ ସିଧେଶ୍ୱର ମେହେର, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ତହସିଲଦାର ଅରୁଣ ବର୍ଗେ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, କର୍ଲାମୁଣ୍ଡା 'କ' ଜୋନ ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ 'ଖ' ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ସମିତି ସଂଘ ସଭାପତି ନିମାଇଁ ଚରଣ ବେହେରା, ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୋହିତ ରଣା ଓ ଗୋପମଣୀ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ସାହୁ ଯୋଗ ଦେଇଥିଲେ ଶାନ୍ତି ଶୃଙ୍ଖଳାରେ କିପରି ମହୋତ୍ସବ ପାଳନ ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଉତ୍ସବ ପାଳନ ନେଇ ବିଭିନ୍ନ ବିଭାଗ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏପରିକି ଉତ୍ସବ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏପରିକି ଉତ୍ସବରେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦିଆଯିବ ବୋଲି ଆଲୋଚନା ହୋଇଥିଲା । ଅନ୍ୟପକ୍ଷେ ବୈଠକରେ ପ୍ରଦୀପ କୁମାର ମାଝୀ, ଅବସର ପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ପବିତ୍ର ମୋହନ ପଶା, ରେଙ୍ଗାଲି ସିଆରସିସି ଉଜ୍ୱଳ କୁମାର ସାହୁ, ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ସେକ୍ସନ ଅଫିସର ଶିବା ନନ୍ଦ ପାତ୍ର, ଆଇସିଡିଏସ ସୁପର ଭାଇଜର କୁସୁମ ମଞ୍ଜରୀ ପଣ୍ଡା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀ, ଯନ୍ତ୍ରୀ ଅନୁସାୟା ଭଞ୍ଜ, ଫାଣ୍ଡି ଅଧିକାରୀ ଥବିର ବରିହା, ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରମୋଦ କୁମାର ପାତ୍ର, ସମାଜ ସେବୀ ପ୍ରଦୀପ କୁମାର ସାହୁ, ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶସ୍ୱିନୀ ଧରୁଆ, ସାପଲହରା ସରପଞ୍ଚ ରାଜେଶ୍ୱରୀ ସେନାପତି, ରିଂଜା ସମିତି ସଭ୍ୟ ଆନନ୍ଦ ନାଗ,ସ. ମାଲପଡା ସମିତି ସଭ୍ୟ ଗୋଲାପ ଶଙ୍କର ସାହୁ ସାମ୍ବାଦିକ ପ୍ରଦୀପ କୁମାର ସାହୁ, ନବୀନ କୁମାର ସାହୁ, ଗୋପବନ୍ଧୁ ସାହୁଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

### ବରଗଛରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ୩ ଅଭିଯୁକ୍ତ କୋର୍ଟଚାଲାଣ

ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ବଜାରପଡ଼ିଆ ବରଗଛରେ ଗତ ୧୨ତାରିଖ ଦିନ ଏକ ଯୁବକଙ୍କ ଝୁଲନ୍ତା ଶବ ଠାବ ହୋଇଥିଲା । ଏନେଇ ପରିବାର ଲୋକେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେସ୍ ନଂ ୨୧୪/୧୩-୧୨-୨୪ ୟୁ/ଏସ-୧୦୩(୧)/୩-(୫)ବି ଏନ୍ ଏସ୍ କେସ ରୁଜୁ କରି ଶବ ଜବତ ସହ ବ୍ୟବଚ୍ଛେଦ କରିଥିଲା । ଶେଷରେ ପୋଲିସର ତଦନ୍ତ ଭିତରେ ଏହା ଏକ ସୁକଳ୍ପିତ ହତ୍ୟା ହୋଇଥିବା ସୁରାଗ ପାଇଥିଲା । ଶେଷରେ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ପୋଲିସ ସଫଳ ହୋଇଛି । ଅଭିଯୁକ୍ତ ୩ଜଣ ହେଲେ ଦଶପୁର ଗ୍ରାମର ଅଖିଳ ସା (୩୫) ମଧୁ ସା( ୨୮) ଓ ଲେଡେର ଗ୍ରାମର ସନ୍ତୋଷ ସା( ୬୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତିନି ଜଣ ମିଶି ଯୁବକ ଜଣକଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା କୁ ଦଶପୁର ଫାଣ୍ଡି ନିକଟରେ ଥିବା ବଜାରପଡିଆର ଏକ ବରଗଛରେ ବେକରେ ଗାମୁଛା ଲଗେଇ ଝୁଲାଇ ଦେଇଥିଲେ । ମୃତକ ନୂଆପଡା ଜିଲ୍ଲା ଖରିଆର ଥାନା କୁର୍ଲୁଭଟା ଗ୍ରାମର ଝଜସା । ସୂଚନାମତେ ସେ ଦଶପୁର ଫାଣ୍ଡି କଲୋନୀପଡା ର କନ୍ଦର୍ପ ସା ଙ୍କ ଝିଅ ଅପୁଛା ସା କୁ ବିବାହ କରିଥିଲେ । ପୂର୍ବରୁ ୮ବର୍ଷ ହେବ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଛାଡ ପତ୍ର ହୋଇଥିବା ବେଳେ ନିଜ ପୂର୍ବ ସ୍ତ୍ରୀ ଅପୁଛା ନିଜ ବାପ ଘରେ ନିଜ ଦୁଇ ଗୋଟି ଝିଅକୁ ସାଙ୍ଗରେ




ରହୁଥିଲା । ପରେ ଅନ୍ୟ ଜଣକ ସାଙ୍ଗରେ ଅପୁଛାର ବାହାହୋଇଥିଲା ଯାହାକି ତାହାର ମଧ୍ୟ ଦୁଇ ଗୋଟି ସନ୍ତାନ ରହିଛି । ଅପୁଛା ଅନ୍ୟତ୍ର ବିବାହ କରିବାକୁ ନେଇ, ତା ପୂର୍ବ ସ୍ୱାମୀ ଝଜ ସା ଝିଅର ବାପ ଘରକୁ ଆସି ବାରମ୍ବାର ଗାଳିଗୁଲଜ ଓ ଧମକ ଚମକ ଦେଉଥିଲା । ଅନ୍ୟପକ୍ଷରେ ଦଶପୁର ଗାଁ କୁ ଲକ୍ଷ୍ମୀ ପୂଜା ମୃତକ ଜଣକ ଦେଖିବା ବାହାନରେ ଆସିଥିଲା । ସେହି ମଧ୍ୟ ରାତ୍ରିରେ ଉଭୟ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତିଶୋଧ ପରାୟଣ ହୋଇ ଝଜ ସା ଙ୍କୁ ତିନି ଜଣ ବୀଭତ୍ସ ଭାବରେ ହତ୍ୟା କରିଥିଲେ । ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ବରଗଛ ମୂଳରେ ବେକରେ ଗାମୁଛା ଲଗେଇ ଝୁଲେଇଦେଇ ଚମ୍ପଟ ମାରିଥିଲେ । ଗୋଲାମୁଣ୍ଡା ଓ ଦଶପୁର ପୋଲିସ ଏକ ଟିମ ଗଠନ କରି ତିନି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମା ସେଠ ସୂଚନା ଦେଇଛନ୍ତି ।

**ସତ ଖୋଜୁଛି ଯୋଜନା !**

## ତ୍ରୁଟିପୂର୍ଣ୍ଣ ଆଧାରକାର୍ଡ ପାଇଁ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧ

ଧର୍ମଗଡ଼,(ଭାସ୍କର ନ୍ୟୁଜ): ଭୋଟ ପରିଚୟ କାର୍ଡ ଓ ଆଧାରକାର୍ଡ ମଧ୍ୟରେ ଜନ୍ମ ତାରିଖରେ ତ୍ରୁଟି । ଏହି ଦ୍ୱନ୍ଦ୍ୱ ଭିତରେ ଛନ୍ଦି ହୋଇପଡିଛନ୍ତି ଜଣେ ବୃଦ୍ଧ । ବୃଦ୍ଧ ଅବସ୍ଥାରେ ବି ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ଏବେ ଅପରାହ୍ନ ବୟସ ହେଲେ ଆଧାର କାର୍ଡ କହୁଛି ସେ ମଧ୍ୟମ ବୟସର ଯୁବକ । ଅନ୍ୟପଟେ ଭୋଟର ପରିଚୟପତ୍ରରେ ସେ ଜଣେ ବାର୍ଦ୍ଧକ୍ୟ ଭତ୍ତା ପାଇବା ଯୋଗ୍ୟ ହିତାଧିକାରୀ ।ଏଭଳି ଘଟଣା ସାମ୍ନାକୁ ଆସିଛି -ଧର୍ମଗଡ଼ ଏନଏସି ଅଧିନ ୧୩ୱାର୍ଡ ର -ଗୋପବନ୍ଧୁ ନଗର (ବାଘମାରୁପଡା)ତ୍ରିନାଥ ବଗର୍ତ୍ତି ।ତାଙ୍କ କହିବା ମୋତେ ବର୍ତ୍ତମାନ ବୟସ ୬୫ବର୍ଷ । ଏପରିକି ଭୋଟର ପରିଚୟ ପତ୍ରରେ ୬୩ବର୍ଷ ହେଲାଣି । ହେଲେ ଆଧାରକାର୍ଡ ଅନୁଯାୟୀ ବର୍ତ୍ତମାନ ବୟସ ୫୯ବର୍ଷ ଛୁଇଁଛି । ଏଣେ ତାଙ୍କ ପରିବାର ସାନ ଭାଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ସାରିଲେଣି । ତ୍ରୁଟି ପୂର୍ଣ୍ଣ ଆଧାର କାର୍ଡ ସତେ ଯେମିତି ତାଙ୍କ ପାଇଁ ବାଧକ ସାଜିଛି । ଖଣ୍ଡେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଏନଏସି କାର୍ଯ୍ୟାଳୟ ଯାଇଯାଇ ପାଦର ଚପଲ ଛିଡି ଗଲାଣି ବୋଲି କହିଛନ୍ତି । କେବଳ ଅଧିକାରୀଙ୍କ ଗୋଟାଏ କଥା ବୟସ ହୋଇନି -ବାର୍ଦ୍ଧକ୍ୟ ଭତ୍ତା ମିଳିବ ନାହିଁ । ଏ କଥା ଶୁଣି ତାଙ୍କ ମନରେ ବେଶୀ ଆଘାତ ଲାଗେ । ତାଙ୍କ ଠାରୁ ୫ବର୍ଷ ର ଛୋଟ ଭାଇ ଭଉଣୀ ମାନେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ସାରିଲେଣି ଅଥଚ ତାଙ୍କ ଭାଗ୍ୟରେ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ସହାୟତା ଦୂରେଇ ରହିଛି । ଏହି ଅପରାହ୍ନ ବୟସରେ ସେ ବଞ୍ଚିବାକୁ ସଂଘର୍ଷ



କରୁଛନ୍ତି । ସକାଳ ପାହିଲେ ପାନା ପେଚକସ ହାତ ମୁଠାରେ ଧରି ତୁଣ୍ଡ ପାଇଁ ଆହାର ଯୋଗାଡ଼ କରୁଛନ୍ତି । ଗୋଟେ ସାଇକେଲ ଦୋକାନରେ ଫିଟର କାମ କରି ଯାହା ପାଆନ୍ତି ସେଥିରେ ତାଙ୍କ ଚୁଲିରେ ନିଆଁ ଲାଗେ । ଏଭଳି ସ୍ଥଳେ ବୟସ ହୋଇଥିଲେ ହିଁ ତ୍ରୁଟି ପୂର୍ଣ୍ଣ ଆଧାର କାର୍ଡ ଯୋଗୁ ଭତ୍ତା ଖଣ୍ଡେ ପାଇବାରୁ ବଞ୍ଚିତ ହୋଇ ପଡିଛନ୍ତି । ତାଙ୍କ ଦୁଃଖ ଏନଏସିଅଧ୍ୟକ୍ଷ ଙ୍କ ଠାରୁ ଅଧିକାରୀ -ନେତା ମନ୍ତ୍ରୀଙ୍କୁ ଗୁହାରି କରି ଶେଷରେ ହତାଶ ହୋଇ ପଡିଥିବା କହିଛନ୍ତି । ତୁରନ୍ତ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବାସ୍ତବିକ ପରଖିବା ଓ ତାର ବିକଳ୍ପ ବ୍ୟବସ୍ଥା ହାତକୁ ନେଇ ତ୍ରିନାଥ ବଗର୍ତ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା ବ୍ୟବସ୍ଥା କରିବାକୁ ପଡ଼ାବାସୀଙ୍କ ଦାବି ହେଉଛି ।ଏନେଇ ଏନଏସି କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇନଥିଲା ।

### ଚାଷ ଜମିରେ ବାର୍‌ହା ଉପଦ୍ରବ

## ଚିନ୍ତାରେ ଚାଷୀ

ନର୍ଲା(ଭାସ୍କର ନ୍ୟୁଜ) : ଅଦିନିଆ ବର୍ଷା ସହିତ ବାରାହା ଉପଦ୍ରବ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି । ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ସତ୍ତ୍ୱେ ଅତି କଷ୍ଟରେ ଧାନ ଚାଷ କରିଥିଲେ । ନର୍ଲା ବ୍ଲକ୍ ଅନ୍ତର୍ଗତ ରୁପ୍ରାରୋଡ, ବଲବସର୍ପୁ, ସରିଆଁ, ଉଳିକୁପା ଅଞ୍ଚଳର ଚାଷୀମାନଙ୍କ ଅଭିଯୋଗ ହେଲା ପ୍ରତିଦିନ ରାତିରେ ନିକଟସ୍ଥ ଜଙ୍ଗଲରୁ ବାରାହା ପଲ ଆସି ଅମଳ ହେବାକୁ ଥିବା ଧାନ ବିଲରେ ପଶି, ପାଚିଲା ଧାନକୁ ଖାଇବା ସହିତ ଦଳି ମକଚି ନଷ୍ଟ କରୁଛନ୍ତି । ସ୍ଥାନୀୟ ଅଞ୍ଚଳର ଚାଷୀ ବିଭାଗୀୟ ଅଧିକାରୀମାନଙ୍କୁ ଏ ବିଷୟରେ ଜଣାଇବା ସହ ଏହି ଅଞ୍ଚଳକୁ ଯାଇ କ୍ଷୟ କ୍ଷତିର ଆକଳନ କରିବା ସହିତ କ୍ଷତି ପୂରଣ ଦେବା ପାଇ ସାଧାରଣରେ ଦାବି ହେଉଛି ।

## ଶାସ୍ତ୍ରୀ ସ୍ୱରୂପ ବିଦ୍ୟାନିକେତନର ବାର୍ଷିକ ଉତ୍ସବ

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସହର ଉପକଣ୍ଠ ଆଦର୍ଶ ନଗର ଠାରେ ଥିବା ଶାସ୍ତ୍ରୀ ସ୍ୱରୂପ ବିଦ୍ୟାନିକେତନର ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ୨୦ ତାରିଖ ଶୁକ୍ରବାର ଅପରାହ୍ନରେ ଭବାନୀପାଟଣା ପୋଲିସ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବରିଷ୍ଠ ଶିକ୍ଷାବିତ୍ ଜୟରାମ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ବିଶିଷ୍ଟ ସମାଜସେବୀ ଡା. ହେମାଙ୍ଗିନୀ ମେହେର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜକାନ୍ତ ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାନିକେତନର ଚେୟାରପର୍ସନ ନମିତା ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି ମଞ୍ଚରେ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେବାକୁ ଯାଇ ମୁଖ୍ୟ ଅତିଥି ଡା. ମେହେର ତାଙ୍କ ଅଭିଭାଷଣରେ ଶିକ୍ଷାଲାଭ ପାଇଁ




କଠୋର ପରିଶ୍ରମ, ନିଷ୍ଠା ଓ ଏକାଗ୍ରତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଲେ ଯୋଗ ଓ ପ୍ରାଣାୟମ ହିଁ ଛାତ୍ରଛାତ୍ରୀମାନଙ୍କ ମନରେ ଏକାଗ୍ରତା ଜାଗ୍ରତ ପାଇଁ ସହାୟକ ହୋଇଥାଏ । ଏହି ଅବସରରେ ଅତିଥିମାନେ ବିଦ୍ୟାନିକେତନର ବାର୍ଷିକ କ୍ରୀଡା ଉତ୍ସବର ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପରେ ପରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅଭିଭାବକ, ନିମନ୍ତ୍ରିତ ଅତିଥି ଓ ସହପାଠୀମାନଙ୍କୁ ପ୍ରତିକୂଳ ପାଗରେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖି ପାରିଥିଲେ । ବିଦ୍ୟାନିକେତନର ଶିକ୍ଷକ ଶିକ୍ଷୟିତ୍ରୀ, ମିନାକ୍ଷୀ ସାହୁ, ପୁଣ୍ୟ ନିଆଳ,ଶୁଭସ୍ମିତା ପାଢୀ, ବିନୋଦ ବିଭାର, ବାନ୍ଧବୀ ରାଉତ, ଜ୍ୟୋତିର୍ମୟୀ ବିଶି, ବିଶ୍ୱ ମାଝୀ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ


ଭବାନୀପାଟଣା (ଭାସ୍କର ନ୍ୟୁଜ୍): ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକର ପ୍ରାୟ ୨୬୦ ଜଣ ପ୍ରତିଯୋଗୀ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ତର୍କରେ ଶ୍ରିଶାନ୍ତ ମହଲା, କଣ୍ଠ ସଂଗୀତରେ ହସିନା ମାଝୀ, ଚିତ୍ରାଙ୍କନରେ ମାଧୁରୀ ମାଝୀ, କବିତା ଆବୃତ୍ତିରେ ଅର୍ଚ୍ଚିତା ବାଗ, କବିତା ରଚନାରେ ଚାନ୍ଦିନୀ ନାଏକ, ଗଳ୍ପ ଲିଖନରେ ସୁଧାଂଶୁ ଭୋଇ, ସାଧାରଣ ଜ୍ଞାନ ପରୀକ୍ଷାରେ କପିଳେଶ୍ୱର ବଗର୍ତ୍ତି, ବୁଦ୍ଧିପରୀକ୍ଷାରେ ଲିପି କମ୍ପ, ଏକକ ଅଭିନୟରେ ଭାରତୀ ସାହୁ, ଏକକ ନୃତ୍ୟରେ ନାବ୍ୟା ପଟେଲ ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଷ୍ଟାର ପତାକା ଉତ୍ତୋଳନ ସହ ଜିଲ୍ଲା ସଭାପତି ସନ୍ତୋଷ କୁମାର ରଥ ଶିଶୁ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥଲେ । ପରେ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ





ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଯୋଗ ଦେଇଥିଲେ । ରାଜ୍ୟ ଓଷ୍ଟା ଉପ ସଭାପତି ସାରଙ୍ଗଧର ଠାକୁର, ରାଜ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । ଜିଲ୍ଲା ସଭାପତି ଶ୍ରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଓଷ୍ଟା ସମ୍ପାଦକ ପ୍ରଭାତ କୁମାର ରଥ ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ରିଖିରାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବାଞ୍ଛାନିଧି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ନାଏକ ଓ ବି. ମୂରଲୀଧର ଆଚାରିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ପ୍ରଦୀପ୍ତ କୁମାର ପଣ୍ଡା, ବିଷ୍ଣୁ ଗୌଡ଼, ଚନ୍ଦ୍ର ମେହେର, ସୂର୍ଯ୍ୟ ଠାକୁର, ହର ପ୍ରସାଦ ଦାଶ, ବିକ୍ରମ ଗୌଡ଼, ନନ୍ଦ ସାହୁ, ଲଳିତ ସାହୁ, ପୂର୍ଣ୍ଣଚନ୍ଦ୍ର ଚଣ୍ଡୀ ଓ ମେଦିନୀପୁର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ରାମ ପ୍ରଧାନ, ଜଗଦୀଶ ଭାଟି, ଭକ୍ତ ନାଏକ , ସୁଧୀର ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଶିଫଳ


**ସୋମବାର, ୨୩ ଡିସେମ୍ବର ୨୦୨୪**




**ମେଷ:** ଆଜି ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ । ସ୍ୱାସ୍ଥ୍ୟ ଭଲ ହେବ । ଚାକିରିରେ ପଦୋନ୍ନତିର ସମ୍ଭାବନା ରହିଛି । କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ । ପରିବାରରେ ଆନନ୍ଦର ବାତାବରଣ ରହିବ ।




**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ । ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ । ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ ।




**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ ।




**କର୍କଟ :** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ । ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ । ଆପଣଙ୍କର ବ୍ୟବସାୟ ବଢ଼ିବ । ବାଣିଜ୍ୟ ଅଂଶଗ୍ରହଣ ଲାଭବାନ ହେବ । ସୁଧ ଇତ୍ୟାଦିରୁ ଆୟ ଅର୍ଥରେ ପରିପୂର୍ଣ୍ଣ ହେବ ।




**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ । ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ । ପରିବାରରେ ଏକ ଆନ୍ତରିକ ପରିବେଶ ରହିବ । ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ ।




**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ । ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ । ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ । ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ । ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ମନରେ ଭୟ ରହିବ ।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ । ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି । ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ । ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ । ଦୋଷତ୍ରୁଟି ଅନୁଭବ କରିବେ ।



**ବିଛା:** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ । ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ । ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ । ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ । ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ ।




**ଧନୁ :** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ । ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ । ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ । ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ ।




**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ । ସେମାନଙ୍କ ଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ । ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ । ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ । ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ । ଆଜି ଆପଣ ବହୁତ ଭାବପ୍ରବଣ ହେବେ ।



**ମୀନ:** ଆଜି ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ । ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ । ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ । ଏକ ଭ୍ରମଣ ଯାଇପାରନ୍ତି । ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ । ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ ।



ପ୍ରସ୍ତୁତିରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯